# ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ଜାନୁୟାରୀ ୭/୨୦୨୧ (୧୬ ପୃଷ୍ଠା) | Sambalpur, Thursday, January 7/2021 | ★★

୧୬ଶ ଭାଗ ୩୩୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-





**ପୋଲୋସାକଙ୍କୁ ଗୁରୁଦାୟିତ୍ୱ**
ପୁରୁଷ କ୍ରିକେଟ ଟେଷ୍ଟରେ ପ୍ରଥମ ମହିଳା ଭାବେ ମ୍ୟାଚ ଅଫିସିଆଲ ଦାୟିତ୍ୱ ନିର୍ବାହ କରିବେ ଅଷ୍ଟ୍ରେଲିଆର କ୍ଲେୟାର ପୋଲୋସାକ। **୧୩**

**୧୪** **ପରିଣୀତିଙ୍କ ଦେଶୀ ଷ୍ଟାଇଲ**
ବଲିଉଡ୍ ଅଭିନେତ୍ରୀ ପରିଣୀତି ଚୋପ୍ରା ଇନ୍‌ଷ୍ଟାରେ ଶେୟାର କରିଥିବା ଦେଶୀ ଢଙ୍ଗରେ ଆଖୁ ଖାଇବା ଶିଖୁଥିବା ଫଟୋଟିକୁ ଢେର ପ୍ରଶଂସା ମିଳିଛି।




# ଆର୍‌ଏସ୍‌ପିରେ ଗ୍ୟାସ୍ ଲିକ୍

## ୪ ଠିକା ଶ୍ରମିକଙ୍କ ମୃତ୍ୟୁ

- ୩ ଆଇସିୟୁରେ ଚିକିତ୍ସାଧୀନ
- ୨ ଅଧିକାରୀ ନିଲମ୍ବିତ

**ରାଉରକେଲା ଅଫିସ/ ସୁନ୍ଦରଗଡ଼ (ଡି.ଏନ୍.ଏ.), ୬।୧**

ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ (ଆର୍‌ଏସ୍‌ପି) କୋଲ୍ କେମିକାଲ ଡିଭିଜନରେ ବୁଧବାର ସକାଳେ ଗ୍ୟାସ୍ ଲିକ୍ ହୋଇଛି। ଫଳରେ ସେଠାରେ କାର୍ଯ୍ୟରତ ୪ଜଣ ଠିକା ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୬ଜଣ ଅସୁସ୍ଥ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ଜଣଙ୍କୁ ଆଇସିୟୁରେ ରଖାଯାଇଛି। ମୃତକମାନେ ହେଲେ ରାଉରକେଲା ସେକ୍ଟର ୧ ଏଚ୍ ବ୍ଲକ ବାସିନ୍ଦା ବ୍ରହ୍ମାନନ୍ଦ ପଣ୍ଡା(୫୧), ଲାଠିକଟା ବ୍ଲକ କୁର୍ଲାମୁଣ୍ଡା ଗାଁର ଅଭିମନ୍ୟୁ ସା(୩୩), ଫର୍ଟିଲାଇଜର କନଷ୍ଟ୍ରକଶନ କଲୋନୀ ବାସିନ୍ଦା ରବୀନ୍ଦ୍ର ସାହୁ(୫୯) ଓ ସେହି କଲୋନୀର ଗଣେଶ ଚାନ୍ଦ ପହିଲ(୫୫)। କର୍ତ୍ତବ୍ୟରେ ଅବହେଳା କରିଥିବା ୨ ବିଭାଗୀୟ ଅଧିକାରୀ ଡିଜିଏମ୍ ଗୋପବନ୍ଧୁ ବାରିକ ଓ ନଭେନ୍ଦୁ ଦାସଙ୍କୁ ଆରଏସ୍‌ପି କର୍ତ୍ତୃପକ୍ଷ ନିଲମ୍ବନ କରିଛନ୍ତି। ପ୍ରତ୍ୟେକ ମୃତକଙ୍କ ପରିବାରକୁ କ୍ଷତିପୂରଣ ବାବଦରେ ଆରଏସ୍‌ପି ପକ୍ଷରୁ ପ୍ରାଥମିକ ପର୍ଯ୍ୟାୟରେ ଅଢେଇ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ସେହିପରି ଅନ୍ତିମ ସଂସ୍କାର ପାଇଁ ୧୦ ହଜାର ଟଙ୍କା ଲେଖାଏ ଦିଆଯାଇଛି।




ଷ୍ଟାର କନ୍‌ଷ୍ଟ୍ରକଶନ କମ୍ପାନୀ ଅଧୀନରେ କାମ କରୁଥିବା ୧୦ ଠିକା ଶ୍ରମିକ କୋଲ୍ କେମିକାଲ ଡିଭିଜନ (ସିସିଡି) ଗ୍ୟାସ୍ ମିକ୍ସିଂ ଟ୍ୟାଙ୍କ ଖାଲି କରିବା କାମରେ ନିୟୋଜିତ ଥିଲେ। ୪ ଠିକା ଶ୍ରମିକ କାମ କରୁଥିବାବେଳେ ଅନ୍ୟ ୬ଜଣ ସହଯୋଗ ପାଇଁ ସେଠାରେ ଉପସ୍ଥିତ ଥିଲେ। ତେବେ ୪ ଶ୍ରମିକ ବୋଲ୍ଟ ଖୋଲିବାବେଳେ ବିଷାକ୍ତ କାର୍ବନ ମନୋକ୍ସାଇଡ୍ ଗ୍ୟାସ୍ ଲିକ୍ ହୋଇଥିଲା। ଫଳରେ ୧୦ଜଣଯାକ ଅସୁସ୍ଥ ହୋଇପଡ଼ିଥିଲେ। ସେମାନଙ୍କୁ କାରଖାନା ଭିତରେ ଥିବା ଫାଷ୍ଟଏଡ୍ ସେଣ୍ଟରକୁ ଚିକିତ୍ସା ନିମନ୍ତେ ନିଆଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ ଇସ୍ପାତ ଜେନେରାଲ ହସ୍‌ପିଟାଲ (ଆଇଜିଏଚ୍)କୁ ସ୍ଥାନାନ୍ତର କରାଯାଇ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ୪ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ଖବର ପ୍ରଘଟ ହେବା ପରେ ଆଇଜିଏଚ୍‌ରେ ଶ୍ରମିକମାନଙ୍କ ସମ୍ପର୍କୀୟଙ୍କ ଭିଡ଼ ଜମିଥିଲା। ବିଭିନ୍ନ ଶ୍ରମିକ ସଙ୍ଗଠନର ନେତା ପହଞ୍ଚିଥିଲେ। ସୁରକ୍ଷା ଅଭାବ ଓ ଆରଏସ୍‌ପି କର୍ତ୍ତୃପକ୍ଷଙ୍କ ଅବହେଳା ପାଇଁ ୪ ଶ୍ରମିକଙ୍କ ଜୀବନ ଅକାରଣେ ଚାଲିଗଲା। ମୃତକଙ୍କ ପରିବାରକୁ ନିୟମାନୁସାରେ କ୍ଷତିପୂରଣ ସହ ଉତ୍ତରାଧିକାରୀଙ୍କୁ ନିଯୁକ୍ତି ଦେବାକୁ ସେମାନେ ଦାବି କରିଥିଲେ। ଏହି ଘଟଣାରେ ଆର୍‌ଏସ୍‌ପି ସିଇଓ ଦୀପକ ଚଟରାଜ ଗଭୀର ଶୋକବ୍ୟକ୍ତ କରିଛନ୍ତି। ମୃତାହତଙ୍କ ପରିବାରକୁ ଯଥାସମ୍ଭବ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହାସହ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

## ମୁଖ୍ୟମନ୍ତ୍ରୀ, ଅନ୍ୟ ନେତାଙ୍କ ଶୋକ

**ଭୁବନେଶ୍ୱର,୬।୧(ବ୍ୟୁରୋ)**

ରାଉରକେଲା ଷ୍ଟିଲ ପ୍ଲାଣ୍ଟରେ ଗ୍ୟାସ ଲିକ୍ ଯୋଗୁ ୪ଜଣଙ୍କ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ ଯୋଗେ ଗଭୀର ଶୋକବ୍ୟକ୍ତ କରିଛନ୍ତି। ମୃତକଙ୍କ ପରିବାରବର୍ଗଙ୍କୁ ଏହି ଦୁଃଖରୁ ବାହାର କରିବା ଲାଗି ସେ ପ୍ରାର୍ଥନା କରିଛନ୍ତି। ଏହାସହ ଘଟଣାରେ ଗୁରୁତର ହୋଇଥିବା ଶ୍ରମିକଙ୍କ ଆରୋଗ୍ୟ କାମନା କରିଛନ୍ତି। ଅନ୍ୟପକ୍ଷେରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ମୃତ ଶ୍ରମିକମାନଙ୍କ ପାଇଁ ଗଭୀର ଶୋକବ୍ୟକ୍ତ କରିବା ସହିତ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ, ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି, ଯୋଜନା ବୋର୍ଡ ଉପାଧକ୍ଷ ସଞ୍ଜୟ ଦାସବର୍ମା ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

# ପେଟ୍ରୋଲ ୨୭, ଡିଜେଲ ୨୬ ପଇସା ବଢ଼ିଲା

**ନୂଆଦିଲ୍ଲୀ/ଭୁବନେଶ୍ୱର,୬।୧**

ପ୍ରାୟ ୨୯ ଦିନ ପରେ ବୁଧବାର ତେଲ ଦର ବୃଦ୍ଧି ପାଇଛି। ଭୁବନେଶ୍ୱରରେ ଲିଟର ପିଛା ପେଟ୍ରୋଲ ୨୭ ପଇସା ବଢ଼ି ୮୪.୬୧ ଟଙ୍କା ଛୁଇଁଛି। ଅପରପକ୍ଷରେ ଡିଜେଲ ଦର ୨୬ ପଇସା ଉଚ୍ଚରେ ରହିବା ଯୋଗୁ ଦର ୮୦.୭୪ ଟଙ୍କା ରହିଛି। କରୋନା ମହାମାରୀ ଯୋଗୁ ଲୋକମାନେ ସଙ୍କଟ ସମୟ ଦେଇ ଗତି କରୁଛନ୍ତି। ଏହି ସମୟରେ ଦର ବୃଦ୍ଧି ଖାଉଟିଙ୍କ ଉପରେ ବୋଝ ଉପରେ ନଳିତାବିଡ଼ା ଭଳି ହୋଇଛି। ଏହାକୁ ନେଇ ଖାଉଟିଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତୈଳ ବିପଣନ କମ୍ପାନୀଗୁଡ଼ିକ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ନୂଆଦିଲ୍ଲୀରେ ବୁଧବାର ପେଟ୍ରୋଲର ଲିଟର ପିଛା ଦର ୮୩.୯୭ ଟଙ୍କା ଛୁଇଁଛି। ଫଳରେ ଏହା ରେକର୍ଡ ଉଚ୍ଚ ସ୍ତର ଟପିବାକୁ ବସିଲାଣି। ନୂଆଦିଲ୍ଲୀରେ ପେଟ୍ରୋଲ ୨୬ ପଇସା ବଢି ୮୩.୯୭ ଟଙ୍କା ରହିଛି। ସେହିଭଳି ଡିଜେଲ ୨୫ ପଇସା ଉର୍ଦ୍ଧ୍ୱରେ ରହିବା ☞ପୃଷ୍ଠା-୪

# ଅନ୍‌ଲାଇନରେ ମାଟ୍ରିକ ଫର୍ମ ପୂରଣ

**ଜାନୁୟାରୀ ୧୦ରୁ ଫେବୃୟାରୀ ୨ ଯାଏ ଚାଲିବ**

**ଭୁବନେଶ୍ୱର, ୬।୧(ବ୍ୟୁରୋ)**

ଆସନ୍ତା ୮ ତାରିଖରୁ କେବଳ ଦଶମ ଓ ଦ୍ୱାଦଶ ଶ୍ରେଣୀ ପାଇଁ ସ୍କୁଲ ଖୋଲିବ। ମେ’ ୩ରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହେବ। ତେବେ ମାଟ୍ରିକ ପରୀକ୍ଷା ଫର୍ମ ପୂରଣ ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି। କରୋନା ମହାମାରୀ ଭିତରେ ଚଳିତବର୍ଷ ଫର୍ମ ପୂରଣ ଅନ୍‌ଲାଇନରେ ହେବ ବୋଲି କୁହାଯାଇଛି। ବିଜ୍ଞପ୍ତି ଅନୁସାରେ, ଜାନୁୟାରୀ ୧୦ରୁ ଫେବୃୟାରୀ ୨ ଯାଏ ଅନ୍‌ଲାଇନରେ ଫର୍ମ ପୂରଣ ପ୍ରକ୍ରିୟା ଚାଲିବ। ଉଭୟ ରେଗୁଲାର ଓ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀ ଅନ୍‌ଲାଇନରେ ଫର୍ମ ପୂରଣ କରିବେ। ରେଗୁଲାର, ଏକ୍ସ-ରେଗୁଲାର, କରେସ୍‌ପଣ୍ଡେନ୍ସ ରେଗୁଲାର ଓ ଏକ୍ସ-କରେସ୍‌ପଣ୍ଡେନ୍ସ ରେଗୁଲାର ପରୀକ୍ଷା ପାଇଁ ୧୦ ତାରିଖ ପୂର୍ବାହ୍ନ ୧୦ଟାରୁ ଫର୍ମ ପୂରଣ ଆରମ୍ଭ ହେବ। ତେବେ ବିନା ☞ପୃଷ୍ଠା-୪

# ନକଲି ପନିର ପରେ ଚା’



କଟକ ମୁକାମେଶ୍ୱର ଅଞ୍ଚଳର ଏକ ଗୋଦାମରୁ ଜବତ ନକଲି ଚା’।

**କଟକ ଅଫିସ/କଟକ ସଦର, ୬।୧**

ବର୍ଷବର୍ଷ ଧରି ସହରରେ ନକଲି ସାମଗ୍ରୀର ଚାଲିଥିବା କାରବାର ଏବେ ଧୀରେ ଧୀରେ ପଦାକୁ ଆସୁଛି। ନକଲି ମସଲା, ଘିଅ, ସସ୍, ସିମେଣ୍ଟ, ପନିର ପରେ ଏବେ ନକଲି ଚା’ପତି ବିକ୍ରି କରାଯାଉଥିବା ଜଣାପଡ଼ିଛି। କଟକ ସଦରଥାନା ଅନ୍ତର୍ଗତ ମୁକାମେଶ୍ୱର ଅଞ୍ଚଳର ଏକ ଚା’ ଗୋଦାମରେ ବୁଧବାର ପୋଲିସ ଚଢ଼ାଉ କରି ପ୍ରାୟ ୪୫ କୁଇଣ୍ଟାଲ ନକଲି ଚା’ ଜବତ କରିଛନ୍ତି। ବିଭିନ୍ନ ପ୍ରକାର ଶୁଖିଲା ପତ୍ର ଅପମିଶ୍ରଣ କରାଯାଇ ନକଲି ଚା’ ପ୍ରସ୍ତୁତ କରାଯିବା ସହ ବିଭିନ୍ନ ନାମୀଦାମୀ ବ୍ରାଣ୍ଡରେ ଏହାକୁ ପ୍ୟାକିଂ କରାଯାଇ କଟକ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବିକ୍ରି

**ସଦର ଥାନା ଅଞ୍ଚଳରୁ ୪୫ କୁଇଣ୍ଟାଲ ଜବତ**

କରାଯାଉଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ପୋଲିସ କହିଛି। ଏହି ନକଲି ଚା’ପତି ଗୋଦାମର ମାଲିକ କେନ୍ଦ୍ରାପଡ଼ା ଜିଲା ରାଜନଗର ଅଞ୍ଚଳର ସୁରେଶ ଚନ୍ଦ୍ର ବିଶ୍ୱାଳଙ୍କ ବିରୋଧରେ ପୋଲିସ ଏକ ମାମଲା(ନଂ.୧୬/୨୧) ରୁଜୁ କରି ତାଙ୍କୁ ଗିରଫ କରିଛି। ସୁରେଶ କିପରି ଭାବରେ କଟକ ତଥା ବିଭିନ୍ନ ଅଞ୍ଚଳରେ ଅପମିଶ୍ରିତ ଚା’ ପତି ବିକୁଥିଲେ ସେନେଇ ସଦର ଥାନା ଅଧିକ ଖୋଳତାଡ଼ ଜାରି ରଖିଛି।

ମିଳିଥିବା ସୂଚନା ଅନୁସାରେ, ଅଭିଯୁକ୍ତ ସୁରେଶ ପୂର୍ବରୁ ମାଲଗୋଦାମ ଥାନାରେ କିଛିବର୍ଷ କାର୍ଯ୍ୟ କରିଥିଲେ। ପରେ ସେ ମୁକାମେଶ୍ୱର ଅଞ୍ଚଳରେ ଏକ ୪ ବଖରା ଘର ଭଡ଼ାନେଇ ସେଠାରେ ଏହି ନକଲି ଚା’ପତି ☞ପୃଷ୍ଠା-୪

## ଲିଙ୍ଗରାଜ ମନ୍ଦିର: ନେଗେଟିଭ ରିପୋର୍ଟ ଜରୁରୀ ନୁହେଁ



**ଭୁବନେଶ୍ୱର, ୬।୧(ବ୍ୟୁରୋ)**

ଶ୍ରୀଲିଙ୍ଗରାଜ ମନ୍ଦିରକୁ ପ୍ରବେଶ ପାଇଁ ଏଣିକି କରୋନା ପରୀକ୍ଷା ଜରୁରୀ ନୁହେଁ। ବିନା ନେଗେଟିଭ ରିପୋର୍ଟରେ ମଧ୍ୟ ପ୍ରଭୁ ଲିଙ୍ଗରାଜଙ୍କ ଦର୍ଶନ କରିପାରିବେ ଭକ୍ତ। ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ତରଫରୁ ଏହି ନିଷ୍ପତ୍ତି ନିଆଯାଇଛି। ଏନେଇ ବୁଧବାର ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

ପ୍ରାଣୀଙ୍କ ମିଥ୍ୟାଚାର, ମିଳନ ଓ ନିଶାଭ୍ୟାସ


# ୬୯% ଭାରତୀୟ ଟିକା ନେବାକୁ ଅମଙ୍ଗ

- ଆଶଙ୍କାରେ ୫୫% ସ୍ୱାସ୍ଥ୍ୟକର୍ମୀ: ସର୍ଭେ
- ପିଲାଙ୍କୁ ଟିକା ଦେବାକୁ ଚାହୁଁନାହାନ୍ତି ଅଭିଭାବକ

**ନୂଆଦିଲ୍ଲୀ,୬।୧**

ଭାରତର ସିରମ୍ ଇନ୍‌ଷ୍ଟିଚ୍ୟୁଟ ପ୍ରସ୍ତୁତ କୋଭିଶିଲ୍ଡ ଏବଂ ଭାରତ ବାୟୋଟେକ୍‌ର କୋଭାକ୍ସିନ୍ ଟିକାକୁ ଜରୁରୀ ବ୍ୟବହାର ପାଇଁ ମଞ୍ଜୁରୀ ମିଳିବା ପରେ ଜାନୁୟାରୀ ୧୩ରୁ ଟିକାକରଣ ଆରମ୍ଭ ଲାଗି ଯୋଜନା ପ୍ରସ୍ତୁତ କରାଯାଇଛି। ତେବେ ଟିକାକୁ ନେଇ ୬୯ ପ୍ରତିଶତ ଭାରତୀୟଙ୍କ ମନରେ ସନ୍ଦେହ ରହିଛି। ସେଥିପାଇଁ ସେମାନେ ଟିକା ନେବା ପାଇଁ ଅନିଚ୍ଛା ପ୍ରକାଶ କରିଛନ୍ତି। ଲୋକାଲ ସର୍କଲ ନାମକ ଏକ ଅନ୍‌ଲାଇନ ପ୍ଲାଟଫର୍ମ ପକ୍ଷରୁ କରାଯାଇଥିବା ସର୍ଭେରୁ ଏହା ଜଣାପଡ଼ିଛି। ଡିସେମ୍ବରରେ ଏହି ସର୍ଭେ କରାଯାଇଥିଲା।

୫୫% ସ୍ୱାସ୍ଥ୍ୟକର୍ମୀ ଟିକା ନେବାକୁ ନେଇ ଆଶା ଆଶଙ୍କାରେ ରହିଛନ୍ତି। ମୁଖ୍ୟତଃ ଟିକାର ପାର୍ଶ୍ୱ ପ୍ରତିକ୍ରିୟା ନେଇ ଲୋକଙ୍କ ମଧ୍ୟରେ ଶଙ୍କା ରହିଥିବା ରିପୋର୍ଟରେ କୁହାଯାଇଛି। ୨୬ ପ୍ରତିଶତ ଲୋକ ଟିକା ବଜାରକୁ ଆସିଲେ ନେବାକୁ କହିଛନ୍ତି। ସେହିପରି ୨୬ ପ୍ରତିଶତ ଅଭିଭାବକ ସେମାନଙ୍କ ପିଲାଙ୍କୁ କରୋନା ଟିକା ଦେବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ୫୬% ଅଭିଭାବକ କହିଛନ୍ତି, ସେମାନେ ତିନିମାସ କିମ୍ବା ତା’ଠାରୁ ଅଧିକ ସମୟ ଅପେକ୍ଷା କରିବେ। ଏହାର ଫଳାଫଳ ସମ୍ପର୍କିତ ତଥ୍ୟ ଆଧାରରେ ସେମାନେ ପିଲାଙ୍କୁ ଟିକା ଦେବେ କି ନାହିଁ ସେ ସମ୍ପର୍କରେ ନିଷ୍ପତ୍ତି ନେବେ ବୋଲି କହିଛନ୍ତି। ☞ପୃଷ୍ଠା-୪

## ରାଜ୍ୟରେ କରୋନା ମୃତ୍ୟୁ ଶୂନ

**‘ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ଟିକା ବାଧ୍ୟତାମୂଳକ ନୁହେଁ’**

**ଭୁବନେଶ୍ୱର, ୬।୧(ବ୍ୟୁରୋ)**

ସବୁ ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ କୋଭିଡ୍ ଟିକା ବାଧ୍ୟତାମୂଳକ ନୁହେଁ। ଯେଉଁ ସ୍ୱାସ୍ଥ୍ୟକର୍ମୀ ଚାହିଁବେ ସେମାନଙ୍କୁ ଟିକା ଦିଆଯିବ। ଯେଉଁମାନେ ଚାହିଁବେନି ସେମାନେ ଟିକା ନେବେ ନାହିଁ। ଟିକା ଗ୍ରହଣ କରିବା ସମ୍ପୂର୍ଣ୍ଣ ଇଚ୍ଛାଧୀନ ବୋଲି ଡିଏମ୍‌ଇଟି ଡା. ସିବିକେ ମହାନ୍ତି କହିଛନ୍ତି। ସେ କହିଛନ୍ତି, ରାଜ୍ୟରେ ଆଉ ୧୦ଦିନ ମଧ୍ୟରେ କରୋନା ଟିକା ପହଞ୍ଚିବ। କେନ୍ଦ୍ର ସ୍ୱାସ୍ଥ୍ୟ ସଚିବଙ୍କ ସୂଚନାନୁଯାୟୀ ପହଞ୍ଚିବାର ୨ ଦିନ ମଧ୍ୟରେ ଟିକାକରଣ ହେବ। ଟିକାକରଣ ପାଇଁ ଆମେ ପ୍ରସ୍ତୁତ ରହିଛୁ। ବର୍ତ୍ତମାନ ସୁଦ୍ଧା ଯେଉଁ ଦୁଇଟି ଟିକା ଆସିଛି, ତାହାକୁ ୨ଟି ଡୋଜ୍‌ରେ ଦିଆଯିବ। ପ୍ରଥମ ଡୋଜ୍ ଦେବାର ୨୮ ଦିନ ପରେ ଦ୍ୱିତୀୟ ଡୋଜ୍ ଦିଆଯିବ ବୋଲି ଡା. ମହାନ୍ତି ସୂଚନା ଦେଇଛନ୍ତି। ସେପଟେ କରୋନା ☞ପୃଷ୍ଠା-୪




# ‘ଖାଦ୍ୟରେ ବିଷ ଦେଇଥିଲେ’

**ଅଭିଯୋଗ ଆଣିଲେ ଇସ୍ରୋ ଓଡ଼ିଆ ବୈଜ୍ଞାନିକ**

**ଭୁବନେଶ୍ୱର,୬।୧(ବ୍ୟୁରୋ)**

ଭାରତୀୟ ମହାକାଶ ଗବେଷଣା ସଂଗଠନ(ଇସ୍ରୋ)ରେ କାର୍ଯ୍ୟରତ ବରିଷ୍ଠ ଓଡ଼ିଆ ବୈଜ୍ଞାନିକ ତଥା ଅହମ୍ମଦାବାଦସ୍ଥିତ ସ୍ପେସ୍ ଆପ୍ଲିକେଶନ ସେଣ୍ଟରର ପୂର୍ବତନ ନିର୍ଦ୍ଦେଶକ ତପନ ମିଶ୍ର ଏକ ଗୁରୁତର ଅଭିଯୋଗ ସାମ୍ନାକୁ ଆଣିଛନ୍ତି। ୩ବର୍ଷ ପୂର୍ବେ ତାଙ୍କୁ ଖାଦ୍ୟରେ ବିଷ ଦେଇ ମାରିବାକୁ ଉଦ୍ୟମ କରାଯାଇଥିଲା। ଆଉ ଏହା ବାଙ୍ଗାଲୋରସ୍ଥିତ ଇସ୍ରୋ ମୁଖ୍ୟ କାର୍ଯ୍ୟାଳୟରେ ଏକ ପଦୋନ୍ନତି ସାକ୍ଷାତକାର ସମୟରେ କରାଯାଇଥିଲା। ତାଙ୍କୁ ମାରାତ୍ମକ ଆର୍ସେନିକ୍ ଟ୍ରାଇଅକ୍ସାଇଡ୍ ବିଷ ଦିଆଯାଇଥିଲା। କେବଳ ଏତିକି ନୁହେଁ, ଘରକୁ ସାପ ପଠାଯାଇ ତାଙ୍କୁ ମାରିବାକୁ ଉଦ୍ୟମ ହୋଇଥିବା ମିଶ୍ର ଅଭିଯୋଗ କରିଛନ୍ତି। ମଙ୍ଗଳବାର ସେ ଫେସ୍‌ବୁକରେ ‘ଲଙ୍ଗ୍ କିପ୍ ସିକ୍ରେଟ୍’ ଶୀର୍ଷକ ଏକ ପୋଷ୍ଟରେ ଏ ସମ୍ପର୍କରେ ଉଲ୍ଲେଖ କରିଛନ୍ତି।



ତପନ ମିଶ୍ର

୨୦୧୭ ମେ’ ୨୩ ରେ ଇସ୍ରୋ ମୁଖ୍ୟାଳୟରେ ପଦୋନ୍ନତି ସାକ୍ଷାତକାର ଚାଲିଥିଲା। ସାକ୍ଷାତକାର ପାଇଁ ଆସିଥିବାବେଳେ ତାଙ୍କୁ ଖାଦ୍ୟରେ ବିଷ ଦେଇ ହତ୍ୟା କରିବାକୁ ଯୋଜନା ହୋଇଥିଲା। ହେଲେ କିଏ ଓ କାହିଁକି ତାଙ୍କୁ ମାରିବାକୁ ଚେଷ୍ଟା କରିଥିଲା ସେ ସମ୍ପର୍କରେ ସେ ଜାଣି ନ ଥିବା କହିଛନ୍ତି। ମଧ୍ୟାହ୍ନଭୋଜନ ପରେ ଖାଇଥିବା ଦୋସା ଓ ଚଟଣିରେ ବିଷାକ୍ତ କେମିକାଲ ଆର୍ସେନିକ୍ ଟ୍ରାଇଅକ୍ସାଇଡ୍ ମିଶା ଯାଇଥିବା ସେ ସନ୍ଦେହ କରିଛନ୍ତି। ଏହି କେମିକାଲ ରଙ୍ଗହୀନ, ସ୍ୱାଦହୀନ ଓ ଗନ୍ଧହୀନ ହୋଇଥିବାରୁ ସନ୍ଦେହ ଘେରକୁ ଆସି ନ ଥିଲା। ମାତ୍ର ଖାଦ୍ୟ ଭଲ ନ ଲାଗିବାରୁ ସେ କମ୍ ଖାଇଥିଲେ। ସୌଭାଗ୍ୟବଶତଃ ଏଥିପାଇଁ ତାଙ୍କ ଜୀବନ ତ ବଞ୍ଚିଯାଇଥିଲା, ☞ପୃଷ୍ଠା-୪

ଧରିତ୍ରୀ
DHARITRI
ଗୁରୁବାର, ୭ ଜାନୁୟାରୀ, ୨୦୨୧

## ସଞ୍ଜୀୟ ରାଉତଙ୍କ ସ୍ତ୍ରୀଙ୍କୁ ଇଡିର ସମନ

**ମୁମ୍ବାଇ:** ପିଏମ୍‌ସି ବ୍ୟାଙ୍କ ୪,୩୦୦ କୋଟି ଟଙ୍କା ମନି ଲଣ୍ଡରିଂ ମାମଲାରେ ଶିବସେନା ନେତା ସଞ୍ଜୟ ରାଉତଙ୍କ ସ୍ତ୍ରୀ ଭର୍ଷା ରାଉତଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ସମନ ଜାରି କରିଛି। ଜାନୁୟାରୀ ୧୧ରେ ଇଡି ଦ୍ୱିତୀୟ ପର୍ଯ୍ୟାୟ ଜେରା କରିବ। ଭର୍ଷାଙ୍କୁ ଜାନୁୟାରୀ ୪ରେ ପ୍ରଥମ ପର୍ଯ୍ୟାୟ ପଚରାଉଚରା କରାଯାଇ ବୟାନ ରେକର୍ଡ କରାଯାଇଥିଲା।



### ସଂକ୍ଷେପରେ

## ଅନୁପ୍ରବେଶ ଅପେକ୍ଷାରେ ୪୦୦ ଆତଙ୍କବାଦୀ

**ଜମ୍ମୁ,୬।୧:** ଶୀତଋତୁରେ ଜମ୍ମୁ-କଶ୍ମୀରେ ପ୍ରବେଶ କରିବା ଲାଗି ନିୟନ୍ତ୍ରଣ ରେଖା (ଏଲ୍‌ଓସି) ଆରପଟେ ଥିବା ଲଞ୍ଚ୍‌ପ୍ୟାଡ୍‌ଗୁଡ଼ିକରେ ପ୍ରାୟ ୪୦୦ ଆତଙ୍କବାଦୀ ପ୍ରସ୍ତୁତ ହୋଇ ରହିଛନ୍ତି। ଆତଙ୍କବାଦୀଙ୍କୁ ଭାରତ ଭିତରକୁ ପଠାଇବା ଲାଗି ପାକିସ୍ତାନର ଏକ ଉଦ୍ୟମ ବିଫଳ ହେବା ପରେ ସେମାନେ ସୁଯୋଗ ଅପେକ୍ଷାରେ ଅଛନ୍ତି। ଶୀତଦିନେ ଆତଙ୍କବାଦୀଙ୍କୁ ଜମ୍ମୁ-କଶ୍ମୀରେ ଅନୁପ୍ରବେଶ କରାଇବା ପାଇଁ ପାକିସ୍ତାନ ପ୍ରତିବର୍ଷ ଉଦ୍ୟମ କରିଥାଏ। ସୀମାରେ କଡ଼ା ପ୍ରହରା ଯୋଗୁ ୨୦୨୦ରେ ଅନୁପ୍ରବେଶ ଯଥେଷ୍ଟ ହ୍ରାସ ପାଇଛି।

## ଟିଆର୍‌ପି ଦୁର୍ନୀତି: ଅର୍ଣ୍ଣବଙ୍କ ବିରୋଧରେ ରହିଛି ପ୍ରମାଣ



**ମୁମ୍ବାଇ,୬।୧:** ଟେଲିଭିଜନ ରେଟିଂ ପଏଣ୍ଟ (ଟିଆର୍‌ପି) ଦୁର୍ନୀତି ମାମଲାରେ ରିପବ୍ଲିକ୍ ଟିଭି ଏବଂ ଏହାର ଏଡିଟରଇ-ଇନ୍-ଚିଫ୍ ଅର୍ଣ୍ଣବ ଗୋସ୍ୱାମୀଙ୍କ ବିରୋଧରେ କେତେକ ପ୍ରମାଣ ମିଳିଥିବା ମୁମ୍ବାଇ ପୋଲିସ ବୁଧବାର ବମ୍ବେ ହାଇକୋର୍ଟଙ୍କୁ କହିଛି। ସେଥିପାଇଁ କୌଣସି କାର୍ଯ୍ୟାନୁଷ୍ଠାନରୁ ସୁରକ୍ଷା ଦିଆଯିବାକୁ ପୋଲିସ ବିରୋଧ କରିଛି। ତେବେ ମାମଲାର ପରବର୍ତ୍ତୀ ଶୁଣାଣି ଜାନୁୟାରୀ ୧୫କୁ ଧାର୍ଯ୍ୟ ହୋଇଥିବାରୁ ସେ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ପାଇଁ ପୋଲିସ ନିଷ୍ପତ୍ତି ନେଇଛି। କେତେକ ଟେଲିଭିଜନ ଚ୍ୟାନେଲ୍ ବିଜ୍ଞାପନରୁ ଅଧିକ ଆୟ କରିବା ଲାଗି ଟିଆର୍‌ପିରେ ଜାଲିଆତି କରୁଥିବା ବ୍ରଡ୍‌କାଷ୍ଟ ଅଡିଏନ୍ସ ରିସର୍ଚ୍ଚ କାଉନସିଲ୍ (ବିଏଆର୍‌ସି) ଗତବର୍ଷ ଅଭିଯୋଗ କରିବା ପରେ ଘଟଣା ପଦାକୁ ଆସିଥିଲା।

## କରୋନାରେ ୫୦ ଶିକ୍ଷକ ସଂକ୍ରମିତ

**ବେଙ୍ଗାଲୁରୁ, ୬।୧:** ନୂଆବର୍ଷଠାରୁ କର୍ଣ୍ଣାଟକରେ ସ୍କୁଲ ଖୋଲା ଯାଇଥିବାବେଳେ କରୋନା ସଂକ୍ରମଣ ଚିନ୍ତା ବଢ଼ାଇଛି। ମଙ୍ଗଳବାର ରାଜ୍ୟର ବିଭିନ୍ନ ସ୍ଥାନରୁ ୫୦ରୁ ଊର୍ଦ୍ଧ୍ୱ ଶିକ୍ଷକଙ୍କ କୋଭିଡ୍ ଟେଷ୍ଟ ରିପୋର୍ଟ ପଜିଟିଭ୍ ବାହାରିଛି। ଅଧିକ ସଂକ୍ରମଣ ଭୟରେ ଅନେକ ସ୍କୁଲକୁ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଛି। ବେଲଗାଭିରେ ସର୍ବାଧିକ ୨୨ ଜଣ ଆକ୍ରାନ୍ତ ହୋଇଥିବାବେଳେ ସେମାନେ ଘରେ କ୍ୱାରାଣ୍ଟାଇନରେ ରହିଛନ୍ତି। ସେହିପରି ଚିତ୍ରଦୁର୍ଗା, ବୋଲେଗାଓଁ, ଚିକ୍କାମାଗାଲୁର ଆଦି ଅଞ୍ଚଳ ସ୍କୁଲର ଶିକ୍ଷକ ମଧ ଆକ୍ରାନ୍ତ ହୋଇଛନ୍ତି। ଟେଷ୍ଟ ରିପୋର୍ଟ ନେଗେଟିଭ ଆସିଥିବା ଶିକ୍ଷକ ଦଶମ ଶ୍ରେଣୀ ପିଲାଙ୍କୁ ପଢ଼ାଇବେ ବୋଲି ଅନୁମତି ମିଳିଛି।

## ମଡର୍ନା ଡୋଜ ନଷ୍ଟ କଲେ ଫାର୍ମାସିଷ୍ଟ

**ୱିସକନସିନ୍, ୬।୧:** କୋଭିଡ୍-୧୯ ଟିକା ମଡର୍ନା ମଣିଷ ଶରୀରର ଡିଏନ୍‌ଏରେ ପରିବର୍ତ୍ତନ କରାଉଥିବା କହି ୫ ଶହ ଡୋଜ ନଷ୍ଟ କରିଛନ୍ତି ଆମେରିକାର ଜଣେ ଫାର୍ମାସିଷ୍ଟ। ଘଟଣାରେ ୱିସକିନସନର ଷ୍ଟିଭେନ ବ୍ରାଣ୍ଡେନ ବର୍ଗଙ୍କୁ ପୋଲିସ ଗିରଫ କରିଛି। ଏହି ଭାକ୍ସିନ ଅସୁରକ୍ଷିତ ଥିବାରୁ ସେ ଏହାକୁ ନଷ୍ଟ କରିଦେଇଥିବା କୋର୍ଟରେ କହିଛନ୍ତି।

## ଭିସା କଟକଣା ହଟାଇବାକୁ ବାଇଡେନ୍‌ଙ୍କୁ ଅନୁରୋଧ

**ୱାଶିଂଟନ୍, ୬।୧:** ଆମେରିକାସ୍ଥିତ ପ୍ରମୁଖ ଭାରତୀୟ ମୂଳ ବ୍ୟବସାୟୀ ଗୋଷ୍ଠୀ ଏଚ୍-୧ବି ଭିସା ଉପରୁ କଟକଣା ହଟାଇବାକୁ ନବ ନିର୍ବାଚିତ ରାଷ୍ଟ୍ରପତି ଜୋ ବାଇଡେନଙ୍କୁ ଅନୁରୋଧ କରିଛନ୍ତି। ଏଥିସହ ଆମେରିକାରେ ଉଚ୍ଚ ଶିକ୍ଷା ପାଇଁ ଶିକ୍ଷାର୍ଥୀଙ୍କୁ ଗ୍ରୀନ କାର୍ଡ ଏବଂ ଆଇଟି ପ୍ରଫେସନାଲ ଚାହିଦା ପୂରଣ ପାଇଁ ଗଣିତ ଡିଗ୍ରୀ ପ୍ରଦାନ ଲାଗି ମଧ ନିବେଦନ କରିଛନ୍ତି। ଆମେରିକାର ବିଦାୟୀ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଡିସେମ୍ବର ୩୧ରେ ଏଚ୍ ୧ ଭିସା କଟକଣାକୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବଢ଼ାଇଥିଲେ। ଏହ ଦ୍ୱାରା ୨୦୨୧ ପାଇଁ ଭିସା ପାଇଥିବା ଭାରତୀୟ ଆଇଟି ପ୍ରଫେସନାଲମାନେ ଅସୁବିଧାରେ ପଡ଼ୁଛନ୍ତି।

# ରତନ ଟାଟାଙ୍କ କାର୍‌କୁ ଜରିମାନା



**ମୁମ୍ବାଇ, ୬।୧:** ଟ୍ରାଫିକ୍ ନିୟମ ଉଲ୍ଲଂଘନ କରିବା ଅଭିଯୋଗରେ ମୁମ୍ବାଇ ପୋଲିସ ଟାଟା ସନ୍ସ ଚେୟାରମ୍ୟାନ ରତନ ଟାଟାଙ୍କ ନିକଟକୁ ଇ-ଚାଲାଣ ପଠାଇଛି। ରତନ ଟାଟା ଏଭଳି ନିୟମ ଭାଙ୍ଗିବା ଚର୍ଚ୍ଚାର ବିଷୟ ପାଲଟିଥିବାବେଳେ ଯାଞ୍ଚ ପରେ ପ୍ରକୃତ ଘଟଣା ସାମ୍ନାକୁ ଆସିଛି। ତଦନ୍ତରୁ ଜଣାପଡ଼ିଛି, ଜଣେ ମହିଳା ତାଙ୍କ କାର୍‌ରେ ରତନ ଟାଟାଙ୍କ ଗାଡ଼ି ନମ୍ବର ପ୍ଲେଟ ଲଗାଇଥିଲେ। ମୁମ୍ବାଇ ରାସ୍ତାରେ ଟ୍ରାଫିକ ନିୟମ ଭାଙ୍ଗିବା ଯୋଗୁ ଉକ୍ତ ନମ୍ବରରେ ପଞ୍ଜୀକରଣ ହୋଇଥିବା ଠିକଣାରେ ପୋଲିସ ଇ-ଚାଲାଣ ପଠାଇଥିଲା। ସିସିଟିଭି କ୍ୟାମେରା ଯାଞ୍ଚ ପରେ କାର୍‌ଟିକୁ ଜଣେ ମହିଳା ଚଲାଉଥିବା ଜଣାପଡ଼ିଥିଲା। ପୋଲିସ ସମ୍ପୃକ୍ତ ମହିଳାଙ୍କୁ ପଚରାଉଚରା କରିଥିଲା। ମହିଳାଙ୍କ କହିବା ଅନୁଯାୟୀ, ଜଣେ ଜ୍ୟୋତିଷ ତାଙ୍କୁ ଏକ ସ୍ୱତନ୍ତ୍ର ନମ୍ବର ଥିବା ଗାଡ଼ି ଚଲାଇଲେ ଶୁଭ ବୋଲି କହିଥିଲେ।

# ୪ ମତ୍ସ୍ୟଜୀବୀଙ୍କୁ ବଞ୍ଚାଇଲେ ଛାତ୍ର

**ଥିରୁଭାନନ୍ତପୁରମ୍, ୬।୧:** ଆରବ ସାଗରରେ ବୁଡ଼ି ଯାଉଥିବା ୪ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କରି ହିରୋ ପାଲଟିଛନ୍ତି କେରଳର ଜଣେ ଇଞ୍ଜିନିୟରିଂ ଛାତ୍ର, ଦେବଙ୍ଗ ସୁବିଲ। ଏଥିପାଇଁ ତାଙ୍କୁ ଚାରିଆଡୁ ପ୍ରଶଂସାର ସୁଅ ଛୁଟିଛି। ଥ୍ରିଶୁରର ନାଟିକା ଉପକୂଳରେ ବୁଧବାର ଏକ ଡଙ୍ଗା ନିଖୋଜ ହୋଇଯିବା ପରେ ଉଦ୍ଧାର କାର୍ଯ୍ୟ ପାଇଁ ନିୟୋଜିତ କର୍ମୀ ଚିନ୍ତାରେ ପଡ଼ିଥିଲେ। ୧୯ ବର୍ଷୀୟ ଦେବଙ୍ଗ ସହାୟତା କରିବାକୁ ଆଗେଇ ଆସିଥିଲେ। ସେ ସମୁଦ୍ର ମଧ୍ୟକୁ ଏକ ଡ୍ରୋନ ପଠାଇଥିଲେ। ଏହାର କ୍ୟାମେରା ତାଙ୍କ ଫୋନ ସହ ସଂଯୋଗ ହୋଇଥିଲା। ଜଣେ ମତ୍ସ୍ୟଜୀବୀଙ୍କୁ ସେ ଫୋନରେ



ଦେଖିବା ପରେ ଉଦ୍ଧାରକାରୀ ଟିମ୍ ବୋଟ ସହ ସେଠାରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଥିଲେ।

# ଅଙ୍ଗନୱାଡ଼ି କର୍ମୀଙ୍କୁ ଗଣବଳାତ୍କାର ପରେ ହତ୍ୟା

**ଲକ୍ଷ୍ନୌ, ୬।୧(ପି.ଟି.)**

- ମନ୍ଦିର ମହନ୍ତ ଫେରାର
- ୨ ଅଭିଯୁକ୍ତ ଗିରଫ
- ଏସ୍‌ଏଚ୍‌ଓ ନିଲମ୍ବିତ



ଉତ୍ତରପ୍ରଦେଶର ବୁଦାଉଁ ଜିଲାରେ ଜଣେ ୫୦ ବର୍ଷୀୟ ଅଙ୍ଗନୱାଡ଼ି କର୍ମୀଙ୍କୁ ଗଣବଳାତ୍କାର କରାଯିବା ସହ ବୀଭତ୍ସ ଭାବେ ହତ୍ୟା କରାଯାଇଛି। ଏହି ଘଟଣାରେ ମନ୍ଦିରର ଜଣେ ମହନ୍ତ ଓ ତାଙ୍କର ଦୁଇ ସହଯୋଗୀ ସମ୍ପୃକ୍ତ ଥିବା ପୋଲିସ କହିଛି। ଶବ ବ୍ୟବଚ୍ଛେଦ ରିପୋର୍ଟରୁ ଗଣବଳାତ୍କାର ସ୍ପଷ୍ଟ ହୋଇଥିବାବେଳେ ମଙ୍ଗଳବାର ରାତିରେ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ତେବେ ମୁଖ୍ୟ ଅଭିଯୁକ୍ତ ମହନ୍ତ ଜଣକ ଫେରାର ହୋଇଯାଇଛନ୍ତି। ପୀଡ଼ିତାଙ୍କ ଗୋଡ଼ ଓ ପଞ୍ଜରା ହାଡ଼ ଭାଙ୍ଗିଥିବାବେଳେ ଗୁପ୍ତାଙ୍ଗରେ କ୍ଷତ ସୃଷ୍ଟି ହୋଇଛି।

ଏଭଳି ବୀଭତ୍ସ ଘଟଣା ରବିବାର ଘଟିଥିବାବେଳେ ଶବ ଘରେ ପହଞ୍ଚିବା ପରେ ଘଟଣା ଲୋକଲୋଚନକୁ ଆସିଥିଲା ଓ ଦୁଇଦିନ ପରେ ଏତଲା ଦାଏର ହୋଇଥିଲା। ଘଟଣାକୁ ନେଇ ରାଜନୈତିକ ମହଲରେ ଜୋର୍‌ଦାର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହାକୁ ୨୦୧୨ର ନିର୍ଭୟା ମାମଲା ସହ ତୁଳନା କରି କଂଗ୍ରେସ ଉତ୍ତରପ୍ରଦେଶ ସରକାରଙ୍କୁ ସମାଲୋଚନା କରିଛି। ଘଟଣା ସମ୍ପର୍କରେ ଉଚ୍ଚ ପଦାଧିକାରୀଙ୍କୁ ଜଣାଇବା ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବିଳମ୍ବ ପାଇଁ ଉଘାଇତି ଥାନାର ଷ୍ଟେଶନ ହାଉସ୍ ଅଫିସରଙ୍କୁ ନିଲମ୍ବନ କରାଯାଇଛି।

ରବିବାର ମହିଳା ଜଣକ ପୂଜା କରିବା ପାଇଁ ମନ୍ଦିର ଯାଇଥିଲେ। ପରେ ତାଙ୍କର ମୃତଦେହ ରହସ୍ୟମୟ ସ୍ଥିତିରେ ମିଳିଥିଲା। ମନ୍ଦିରର ମହନ୍ତ ଓ ତାଙ୍କ ସହଯୋଗୀ ମହିଳାଙ୍କୁ ବଳାତ୍କାର ପରେ ହତ୍ୟା କରିଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ସେମାନଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ ହେବା ସହ ମହନ୍ତଙ୍କୁ ଗିରଫ ଲାଗି ୪ଟି ଟିମ୍ ଗଠନ କରାଯାଇଛି। ଜାତୀୟ ମହିଳା କମିଶନ ଗଣମାଧ୍ୟମ ରିପୋର୍ଟରୁ ଏ ସମ୍ପର୍କରେ ଜାଣିବା ପରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କୁ ପତ୍ର ଲେଖି ତୁରନ୍ତ ଘଟଣାରେ ହସ୍ତକ୍ଷେପ କରିବା ଲାଗି କହିଛି। ଖୁବ୍‌ଶୀଘ୍ର ମହିଳା କମିଶନ ସଦସ୍ୟମାନେ ପୀଡ଼ିତାଙ୍କ ପରିବାର ସଦସ୍ୟ ଓ ପୋଲିସ ଅଧିକାରୀଙ୍କୁ ଭେଟିବେ ବୋଲି ଜଣାପଡ଼ିଛି।

# 'ଲଭ୍ ଜିହାଦ' ଆଇନର ବୈଧତା ପରଖିବେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୬।୧(ଆଇଏଏନ୍‌ଏସ୍)**

- ସ୍ଥଗିତାଦେଶ ଦେବାକୁ ମନା କଲେ
- ୟୁପି, ଉତ୍ତରାଖଣ୍ଡକୁ ନୋଟିସ



ଉତ୍ତରପ୍ରଦେଶ ଓ ଉତ୍ତରାଖଣ୍ଡରେ 'ଲଭ୍ ଜିହାଦ' ଆଇନ ଉପରେ ସ୍ଥଗିତାଦେଶ ଦେବାକୁ ସୁପ୍ରିମକୋର୍ଟ ବୁଧବାର ମନା କରିଦେଇଛନ୍ତି। ଉକ୍ତ ଆଇନ ବିରୋଧରେ ପିଟିଶନ୍‌ର ଶୁଣାଣି କରି ସର୍ବୋଚ୍ଚ ଅଦାଲତ ଉପରୋକ୍ତ ଦୁଇ ରାଜ୍ୟକୁ ନୋଟିସ ଜାରି କରିଛନ୍ତି। ତେବେ ଆଇନର ବୈଧତାକୁ ଯାଞ୍ଚ କରିବା ଲାଗି ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ଏ.ଏସ୍. ବୋପାନ୍ନା ଏବଂ ଭି. ରାମସୁବ୍ରମଣ୍ୟମ୍‌ଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଜି ହୋଇଛନ୍ତି।

ଭିନ୍ନ ସମ୍ପ୍ରଦାୟରେ ବିବାହ ନାଁରେ ବେଆଇନ ଧର୍ମାନ୍ତରୀକରଣ ବା ତଥାକଥିତ 'ଲଭ୍ ଜିହାଦ'କୁ ରୋକିବା ପାଇଁ ଉତ୍ତରପ୍ରଦେଶ ସରକାର ଅଧ୍ୟାଦେଶ ଆଣିଥିବାବେଳେ ଉତ୍ତରାଖଣ୍ଡରେ ଆଇନ ଲାଗୁ ହୋଇଛି। ଏହାର ବ୍ୟବସ୍ଥାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ୍ ଦାଏର ହୋଇଥିଲା। 'ଉତ୍ତରପ୍ରଦେଶ ବେଆଇନ ଧର୍ମ ପରିବର୍ତ୍ତନ ନିଷେଧ ଅଧ୍ୟାଦେଶ, ୨୦୨୦' ଏବଂ ଉତ୍ତରାଖଣ୍ଡ ଧର୍ମ ସ୍ୱାଧୀନତା ଆଇନ, ୨୦୧୮'ର ବୈଧତାକୁ ପରଖିବା ଲାଗି ସର୍ବୋଚ୍ଚ ଅଦାଲତ ରାଜି ହେବା ସହ ଦୁଇ ରାଜ୍ୟ ସରକାରଙ୍କୁ ୪ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ ନୋଟିସ ଦେଇଛନ୍ତି।

ଉପରୋକ୍ତ ଆଇନରେ ଥିବା ବ୍ୟବସ୍ଥାକୁ ଅତ୍ୟାଚାର ଏବଂ ଆପତ୍ତିଜନକ ବୋଲି ପିଟିଶନର ବିଶାଲ ଠାକ୍‌ରେ ଏବଂ ଏନ୍‌ଜିଓ ସିଟିଜେନ୍ସ ଫର୍ ଜଷ୍ଟିସ୍ ଆଣ୍ଡ ପିସ୍ ପକ୍ଷରୁ କୁହାଯାଇଥିଲା। ଏହା ଗୋପନୀୟତା ମୌଳିକ ଅଧିକାର ଏବଂ ଧର୍ମୀୟ ସ୍ୱାଧୀନତାର ଉଲ୍ଲଂଘନ କରୁଥିବା ପିଟିଶନରେ ଉଲ୍ଲେଖ କରାଯାଇଥିଲା। ଉକ୍ତ ଆଇନକୁ ଚ୍ୟାଲେଞ୍ଜ କରି ହାଇକୋର୍ଟଗୁଡ଼ିକରେ ପିଟିଶନ ବିଚାରାଧୀନ ରହିଛି। ତେଣୁ ଆବେଦନକାରୀ ସୁପ୍ରିମକୋର୍ଟ ଆସିବା ପରିବର୍ତ୍ତେ ପ୍ରଥମେ ସମ୍ପୃକ୍ତ ରାଜ୍ୟ ହାଇକୋର୍ଟକୁ ଯିବା ପାଇଁ ଖଣ୍ଡପୀଠ କହିଥିଲେ।



**ଶ୍ରୀନଗର:** ପର୍ଯ୍ୟଟକମାନେ ତୁଷାରାବୃତ୍ତ ଡାଲ୍ ହ୍ରଦରେ ଏକ ବୋଟରେ ଯାଉଛନ୍ତି।

## ରାସାୟନିକ ଅସ୍ତ୍ର ହାତଉଛନ୍ତି ଆତଙ୍କବାଦୀ

**ନୂଆଦିଲ୍ଲୀ, ୬।୧**

ଆତଙ୍କବାଦୀଙ୍କ ନିକଟରେ ଘାତକ ରାସାୟନିକ ଅସ୍ତ୍ର ପହଞ୍ଚିବା ଚିନ୍ତା ବଢ଼ାଇଛି। ଜାତିସଂଘର ସୁରକ୍ଷା ପରିଷଦ ବୈଠକରେ ମଙ୍ଗଳବାର ଏ ନେଇ ଭାରତ ଉଦ୍‌ବେଗ ପ୍ରକାଶ କରିବା ସହ ଏହା ବିରୋଧରେ ବିଶ୍ୱସ୍ତରୀୟ କାର୍ଯ୍ୟାନୁଷ୍ଠାନ ପାଇଁ ଆହ୍ୱାନ ଦେଇଛି। ଆତଙ୍କବାଦୀ ଗୋଷ୍ଠୀ ସିରିଆରେ ଦୀର୍ଘ ଦଶନ୍ଧି ଧରି ଚାଲିଥିବା ବିବାଦର ସୁଯୋଗ ନେଇ ସମଗ୍ର ଅଞ୍ଚଳ ପାଇଁ ବିପଦ ସୃଷ୍ଟି କରିଛନ୍ତି। ସିରିଆରେ ରାସାୟନିକ ଅସ୍ତ୍ର ବ୍ୟବହାର କରାଯାଇଥିଲା ବୋଲି ଭାରତ ପ୍ରତିନିଧି ଟି. ଏସ୍. ତିରୁମୂର୍ତ୍ତି କହିଛନ୍ତି। ଏଭଳି ଗୋଷ୍ଠୀ ବିରୋଧରେ ଲଢ଼େଇରେ ସାମାନ୍ୟ ଅବହେଳା ପୂରା ବିଶ୍ୱ ପାଇଁ ବିପଜ୍ଜନକ। ଆଇଏସ୍‌କୁ ସିରିଆର ଅନେକ ଅଞ୍ଚଳରୁ ବେଦଖଲ କରାଯାଇଥିଲେ ମଧ ତାହା ଏବେ ବି ସକ୍ରିୟ ଅଛି।



ଟି. ଏସ୍. ତିରୁମୂର୍ତ୍ତି

# କୃଷି ଆଇନ ବିରୋଧରେ ଆବେଦନର ଶୁଣାଣି ୧୧ରେ

**ନୂଆଦିଲ୍ଲୀ, ୬।୧(ପି.ଟି.)**

ନୂଆ କୃଷି ଆଇନକୁ ଚ୍ୟାଲେଞ୍ଜ କରି ଦାଏର ଏକାଧିକ ପିଟିଶନର ଶୁଣାଣି ୧୧ ତାରିଖରେ କରିବାକୁ ସୁପ୍ରିମକୋର୍ଟ ବୁଧବାର କହିଛନ୍ତି। ଏଥିସହିତ ଦିଲ୍ଲୀ ସୀମାରେ ଚାଷୀ ଆନ୍ଦୋଳନକୁ ନେଇ ଦେଖାଦେଇଥିବା ସମସ୍ୟା ଉପରେ ଆବେଦନର ମଧ ସେହିଦିନ ଶୁଣାଣି ହେବ। ଆନ୍ଦୋଳନର ସମାଧାନ ଲାଗି ସରକାର ଓ ଚାଷୀଙ୍କ ମଧ୍ୟରେ ଆଲୋଚନା ଜାରି ରହିଥିବା କେନ୍ଦ୍ର ସୁପ୍ରିମକୋର୍ଟଙ୍କୁ ଜଣାଇଥିଲା। ଆନ୍ଦୋଳନକୁ ନେଇ କୌଣସି ଅଗ୍ରଗତି ହୋଇ ନ ଥିବା ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଅନୁଭବ କରିଥିଲେ। ଉଭୟ ପକ୍ଷ ଖୁବ୍‌ଶୀଘ୍ର ସମାଧାନରେ ପହଞ୍ଚିବାର ଯଥେଷ୍ଟ ସମ୍ଭାବନା ଥିବା ଆର୍ଟର୍ନି ଜେନେରାଲ କେ.କେ. ବେଣୁଗୋପାଳ କହିଥିଲେ। ଆଲୋଚନା ଜାରି ରହିଥିବାରୁ ୮ ତାରିଖରେ ଶୁଣାଣି ରଖାଯିବା ଉଚିତ ନୁହେଁ ବୋଲି ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ। ଫଳରେ ପରବର୍ତ୍ତୀ ଶୁଣାଣି ୧୧ ତାରିଖକୁ ଧାର୍ଯ୍ୟ ହୋଇଥିଲା।

# ପୂର୍ବତନ ଟିଡିପି ମନ୍ତ୍ରୀ ଗିରଫ

**ହାଇଦ୍ରାବାଦ, ୬।୧**

### ୩ ଭାଇଙ୍କୁ ଅପହରଣ ଅଭିଯୋଗ



ଭୂମା ଅଖିଳ ପ୍ରିୟା

ଜମି ବିବାଦକୁ ନେଇ ୩ ଭାଇଙ୍କୁ ଅପହରଣ କରିଥିବା ଅଭିଯୋଗରେ ବୁଧବାର ଆନ୍ଧ୍ରପ୍ରଦେଶର ଜଣେ ପୂର୍ବତନ ଟିଡିପି ମନ୍ତ୍ରୀଙ୍କୁ ଗିରଫ କରାଯାଇଛି। ୨୦୦ କୋଟି ଟଙ୍କାର ଏକ ଜମି ବାବଦକୁ ନେଇ ପୂର୍ବତନ ମନ୍ତ୍ରୀ ଭୂମା ଅଖିଳ ପ୍ରିୟା ତାଙ୍କ ଭାଇମାନଙ୍କୁ ମଙ୍ଗଳବାର ରାତିରେ ଅପହରଣ କରାଇଥିଲେ। ସେମାନଙ୍କ ମଧ୍ୟରେ ପୂର୍ବତନ ହକି ଖେଳାଳି ପ୍ରଭିନ୍ ରାଓ ଅଛନ୍ତି। ଏହି ଅପହରଣ ସହ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନେ ହେଲେ ଭୂମାଙ୍କ ସ୍ୱାମୀ ଭାର୍ଗବ ରାମ, ତାଙ୍କ ବାପାଙ୍କ ଘନିଷ୍ଠ ସହଯୋଗୀ ଏ.ଭି. ସୁବ୍ବା ରେଡ୍ଡୀ ଏବଂ ବରିଷ୍ଠ ଟିଡିପି ନେତା ଭୂମା ନାଗି ରେଡ୍ଡୀ।

ପୋଲିସ କହିବା ଅନୁଯାୟୀ ୧୦-୧୫ ଜଣ ନିଜକୁ ଆୟକର ଅଧିକାରୀ ପରିଚୟ ଦେଇ ମଙ୍ଗଳବାର ରାତି ୭ଟାରେ ଅପହୃତଙ୍କ ହାଇଦ୍ରାବାଦସ୍ଥିତ ଘରେ ପ୍ରବେଶ କରିଥିଲେ। ସେମାନେ ଜାଲ୍ ୱାରେଣ୍ଟ ଦେଖାଇ କିଛି ସମୟ ଚଢ଼ାଉ କରିବା ପରେ ତିନି ଭାଇଙ୍କୁ ସାଙ୍ଗରେ ନେଇଯାଇଥିଲେ। ଅପହରଣକାରୀମାନେ ପରିବାରର ଅନ୍ୟ ସଦସ୍ୟମାନଙ୍କୁ ଅନ୍ୟ ଏକ କୋଠରୀରେ ତାଲା ପକାଇଦେଇଥିଲେ। ପୋଲିସ ଅପହରଣକାରୀମାନଙ୍କୁ ଧରିବା ସହ ଅପହୃତ ୩ ଭାଇଙ୍କୁ ଉଦ୍ଧାର କରିଥିଲା।

# 'ସର୍ଜିକାଲ ଷ୍ଟ୍ରାଇକ୍‌ର ଅତ୍ୟଧିକ ପ୍ରଚାର କରିଥିଲେ ମୋଦି'

**ନୂଆଦିଲ୍ଲୀ, ୬।୧**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାକିସ୍ତାନ ଉପରେ ୨୦୧୬ରେ ଭାରତୀୟ ସେନାର ସର୍ଜିକାଲ ଷ୍ଟ୍ରାଇକ୍‌ର ବହୁଳ ପ୍ରଚାର କରିଥିଲେ ବୋଲି 'ଦି ପ୍ରେସିଡେନ୍ସିଆଲ ଇୟର୍ସ' ପୁସ୍ତକରେ ଉଲ୍ଲେଖ କରିଛନ୍ତି ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ। ଏଭଳି ପ୍ରଚାରର କୌଣସି ଆବଶ୍ୟକତା ନ ଥିଲା। ପାକିସ୍ତାନର ଆକ୍ରୋଶ ଓ କାର୍ଯ୍ୟକଳାପ ବିରୋଧରେ ସୀମାନ୍ତରେ ଭାରତୀୟ ସେନା ପକ୍ଷରୁ ଏଭଳି ଷ୍ଟ୍ରାଇକ୍ ସାଧାରଣ କଥା। ଏହି ଅପରେଶନ୍ ଉପରେ ଅଧିକ ମାତ୍ରାରେ ଆଲୋଚନା ଆମକୁ କୌଣସି ସୁଫଳ ଦେଇନାହିଁ ବୋଲି ପ୍ରଣବ ବହିରେ ଲେଖିଛନ୍ତି। ସେ ଆହୁରି ଲେଖିଛନ୍ତି ଯେ, ତତ୍କାଳୀନ ପାକିସ୍ତାନ ପ୍ରଧାନମନ୍ତ୍ରୀ ନୱାଜ ସରିଫଙ୍କ ଝିଅର ଜନ୍ମଦିନରେ ଯୋଗଦେବା ପାଇଁ ମୋଦିଙ୍କ ଲାହୋର ଗସ୍ତ ମଧ ଅନାବଶ୍ୟକ ଥିଲା। ପାକିସ୍ତାନ ଓ ଭାରତ ସମ୍ପର୍କ ସୁଧାରିବା ପାଇଁ ଏହା କୌଣସି ପ୍ରକାରେ କାମରେ ଲାଗି ନ




ଥିଲା ଏବଂ ପାକିସ୍ତାନ ପକ୍ଷରୁ ଏହାକୁ ଅଣଦେଖା କରାଯାଇଥିଲା। ଶପଥ ଗ୍ରହଣ ଉତ୍ସବରେ ସାର୍କ ନେତାଙ୍କୁ ନିମନ୍ତ୍ରଣ କରିବା ଏକ ଭଲ ପଦକ୍ଷେପ ଥିଲା ବୋଲି ପ୍ରଣବ ଉଲ୍ଲେଖ କରିଛନ୍ତି। ପ୍ରଣବ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଭିନ୍ନ ଭିନ୍ନ ଆଦର୍ଶର ପ୍ରଧାନମନ୍ତ୍ରୀଙ୍କ ସଂସ୍ପର୍ଶରେ ଆସିଥିଲେ, ଯାହା ତାଙ୍କୁ ଭଲ ଅନୁଭୂତି ଦେଇଥିଲା।

# ୭ ରାଜ୍ୟକୁ ବ୍ୟାପିଲାଣି ବାର୍ଡ ଫ୍ଲୁ

**ନୂଆଦିଲ୍ଲୀ,୬।୧**

କରୋନା ସଙ୍କଟ ଟଳି ନ ଥିବାବେଳେ ଦେଶରେ ଆରମ୍ଭ ହୋଇଯାଇଛି ବାର୍ଡ ଫ୍ଲୁ। ମଧ୍ୟପ୍ରଦେଶ, କେରଳ, ଗୁଜରାଟ, ହରିୟାଣା, ହିମାଚଳପ୍ରଦେଶ, ପଞ୍ଜାବ, ରାଜସ୍ଥାନ ଆଦି ରାଜ୍ୟକୁ ଏହି ରୋଗ ବ୍ୟାପିବା ସହ ହଜାର ହଜାର ପକ୍ଷୀ ମଲେଣି। ଏଚ୍‌୫ଏନ୍‌୧ ଆଭିଆନ୍ ଇନ୍‌ଫ୍ଲୁଏଞ୍ଜା ଜଣାପଡ଼ିବା ପରେ କେନ୍ଦ୍ର ସରକାର ସମ୍ପୃକ୍ତ ରାଜ୍ୟଗୁଡ଼ିକୁ ସତର୍କ କରାଇଦେଇଛନ୍ତି। ଏହି ଫ୍ଲୁ ଯେପରି ଅଧିକ ନ ବ୍ୟାପେ ସେଥିପାଇଁ ପଦକ୍ଷେପ ନେବାକୁ ରାଜ୍ୟଗୁଡ଼ିକୁ କୁହାଯାଇଛି। କେରଳ ସରକାର ବାର୍ଡ ଫ୍ଲୁକୁ ରାଜ୍ୟ ବିପର୍ଯ୍ୟୟ ଘୋଷଣା କରିବା ସହ ପକ୍ଷୀ ମରା ଅଭିଯାନ ଆରମ୍ଭ କରିଛନ୍ତି। କେରଳର ଅଲାପୁଝା ଏବଂ କୋଟ୍ଟାୟମ ଜିଲା ଓ ହରିୟାଣାର ପଞ୍ଚକୁଲାକୁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ବିଶେଷଜ୍ଞ ଟିମ୍ ପଠାଇଛି। ପଞ୍ଚକୁଲାରେ ୧୦ ଦିନ ମଧ୍ୟରେ ୪ ଲକ୍ଷରୁ ଅଧିକ ପକ୍ଷୀଙ୍କ ମୃତ୍ୟୁ ଘଟିଛି। ହିମାଚଳପ୍ରଦେଶରେ ୨,୩୦୦ରୁ ଅଧିକ ବିଦେଶୀ ପକ୍ଷୀଙ୍କ ମୃତ୍ୟୁ ହେଲାଣି। ସେଠାରେ ପଲ୍‌ଟ୍ରି ସାମଗ୍ରୀ ପରିବହନ ବନ୍ଦ କରାଯାଇଛି। ବାର୍ଡ ଫ୍ଲୁକୁ ଦୃଷ୍ଟିରେ ରଖି ଉତ୍ତରପ୍ରଦେଶ, ଝାଡ଼ଖଣ୍ଡ, ତାମିଲନାଡୁ ଏବଂ କର୍ଣ୍ଣାଟକ ରାଜ୍ୟ ସରକାରଙ୍କ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।

- ପଞ୍ଚକୁଲାରେ ୪ ଲକ୍ଷ ପକ୍ଷୀ ମୃତ
- ୨ ରାଜ୍ୟରେ କେନ୍ଦ୍ରୀୟ ଟିମ୍
- କେରଳରେ ପକ୍ଷୀମରା ଅଭିଯାନ ଆରମ୍ଭ



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୮,୭୨,୦୧,୯୭୪ | ୧୮,୮୩,୦୩୭ | ୬,୧୭,୫୩,୭୧୪ |
| ଭାରତ | ୧,୦୩,୮୮,୦୬୧ | ୧,୫୦,୨୨୨ | ୧,୦୦,୦୯,୪୮୩ |
| ଓଡ଼ିଶା | ୩,୩୦,୯୨୧ | ୧୮୮୭(+୫୩) | ୩,୨୭,୦୦୮ |

ବୁଧବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ପୁଣି ଗାଈ ପାଟିରେ ଫୁଟିଲା ବୋମା

**ବ୍ରହ୍ମପୁର ଅଫିସ,୬।୧:** ଗଞ୍ଜାମ ଜିଲାରେ ପୁଣି ଏକ ଗାଈ ପାଟିରେ ବୋମା ଫୁଟିଛି। ଗତ ସୋମବାର ଖଲ୍ଲିକୋଟ ଥାନା ଅଞ୍ଚଳରେ ବାରହା ଶିକାର ଉଦ୍ଦେଶ୍ୟରେ ବିଲରେ ରଖାଯାଇଥିବା ବୋମା ଖାଇଦେବାରୁ ଏକ ଗାଈର ମୃତ୍ୟୁ ଘଟିଥିଲା। ବୁଧବାର ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ କୁକୁଡାଖଣ୍ଡି ଇନ୍ଦିରାଆବାସ ସାହିରେ ଏପରି ଘଟଣାର ପୁନରାବୃତ୍ତି ଘଟିଛି। ବାରହା ଶିକାର ପାଇଁ ବୁଦାମୂଳେ ରଖାଯାଇଥିବା ବୋମା ଗାଈ ଖାଇଦେବାରୁ ତାହା ଫୁଟିଯାଇଛି। ଗାଈଟି ଗୁରୁତର ହୋଇଛି। ଖବରପାଇ ସଦର ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସ୍ଥାନୀୟ ପ୍ରାଣୀ ଚିକିତ୍ସାଳୟର ଏକ ଟିମ୍ ଗାଈଟିର ଚିକିତ୍ସା କରୁଛନ୍ତି। ଏ ନେଇ ଗାଈ ମାଲିକ ପ୍ରଶାନ୍ତ ଦଳାଇ ଜଣେ ବ୍ୟକ୍ତିଙ୍କ ନାମରେ ଥାନାରେ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ବ୍ୟକ୍ତି ଜଣକ ବାରହା ଶିକାର ଉଦ୍ଦେଶ୍ୟରେ ବାରିପଟେ ବୁଦାମୂଳେ ବୋମା ରଖିଥିଲେ ବୋଲି ଏତଲାରେ ଦର୍ଶାଯାଇଛି। ଏହାକୁ ଭିତ୍ତିକରି ନଂ.୮/୨୧ରେ ଏକ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ସନ୍ତୋସିନୀ ଓରାମ ସୂଚନା ଦେଇଛନ୍ତି। ଅଭିଯୁକ୍ତ ଫେରାର ଥିବା ସୂଚନା ମିଳିଛି।

### ଚାଷୀଙ୍କୁ ଦଳିଦେଲା ହାତୀ

**କାମାକ୍ଷାନଗର, ୬।୧(ଡି.ଏନ.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ ଅଧୀନ କନ୍ତିଓକାଟେଣୀ ଗ୍ରାମର ଚାଷୀ ଭୁବନା ବେହେରାଙ୍କ ହାତୀ ଆକ୍ରମଣରେ ବୁଧବାର ମୃତ୍ୟୁ ଘଟିଛି। ସେ ଗାଁ ପାଖ ଜମିକୁ ନଡ଼ା ବାନ୍ଧିବାକୁ ଯାଉଥିବାବେଳେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀଟି ତାଙ୍କୁ ଶୁଣ୍ଢରେ ଟେକିନେଇ କଚାଡ଼ି ଦେବା ପରେ ଦଳିଦେଇଥିଲା। ଘଟଣାସ୍ଥଳରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ସେହିପରି ଅନ୍ୟ ଜଣେ ଚାଷୀ ଯଦୁ ସାହୁ ମଧ ହାତୀ ଆକ୍ରମଣରେ ଗୁରୁତର ହୋଇଛନ୍ତି। ତାଙ୍କୁ ଢେଙ୍କାନାଳ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ବନ ବିଭାଗ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ଅଞ୍ଚଳରେ ହାତୀ ଉପଦ୍ରବ ବଢ଼ିବାରେ ଲାଗିଛି। ବ୍ୟାପକ ଧନଜୀବନ ହାନି ହେଉଛି। ଏହାକୁ ନେଇ ଜନଅସନ୍ତୋଷ ତେଜିବାରେ ଲାଗିଛି।

### ୩୦ ହଜାର ଲାଞ୍ଚନେଇ ଧରାପଡ଼ିଲେ ସ୍ୱାସ୍ଥ୍ୟକର୍ମୀ

**ଭବାନୀପାଟଣା,୬।୧(ଡି.ଏନ୍.ଏ.):** କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ଦୁଆରସୁନି ଉପସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟକର୍ମୀ ଅନିଲ କୁମାର ସେନାପତି ୩୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ବୁଧବାର ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ଭବାନୀପାଟଣା ଯମୁନାସାଗର ଗ୍ରାମର ଉପେନ୍ଦ୍ର ବେହେରାଙ୍କ ସ୍ତ୍ରୀଙ୍କୁ ଆଶାକର୍ମୀ କରାଇ ଦେବାକୁ ସେନାପତି ୩୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ସମ୍ପର୍କରେ କଳାହାଣ୍ଡି ଭିଜିଲାନ୍ସ ବିଭାଗ ନିକଟରେ ଉପେନ୍ଦ୍ର ଅଭିଯୋଗ କରିଥିଲେ। ବୁଧବାର ସେନାପତି ବାହାରେ ଲାଞ୍ଚ ଟଙ୍କା ଗ୍ରହଣ କରୁଥିଲେ। ପୂର୍ବରୁ ଜଗି ରହିଥିବା ଭିଜିଲାନ୍ସ ବିଭାଗ ଅଧିକାରୀମାନେ ତାଙ୍କୁ ଗିରଫ କରି ୩୦ ହଜାର ଟଙ୍କା ଜବତ କରିଛନ୍ତି। ସ୍ୱାସ୍ଥ୍ୟକର୍ମୀଙ୍କୁ ଭବାନୀପାଟଣା ଭିଜିଲାନ୍ସ କାର୍ଯ୍ୟାଳୟକୁ ଆଣି ପଚରାଉଚୁରା ଜାରି ରଖିଛି। ଭିଜିଲାନ୍ସ ବିଭାଗ ପକ୍ଷରୁ ମାମଲା (ନଂ.୧/୨୧) ରୁଜୁ ହୋଇଛି।

# ଟିକାକରଣ ପାଇଁ ଓଡ଼ିଶା ପ୍ରସ୍ତୁତ

**ଭୁବନେଶ୍ୱର, ୬।୧(ବ୍ୟୁରୋ)**

**କୋଭିଡ୍ ସମୀକ୍ଷା**
- ଆଉ ୨ ମାସ ସତର୍କ ରହିବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ
- ଟିକାକୁ ନେଇ ଭ୍ରାନ୍ତଧାରଣା ଦୂର କରିବାକୁ ସଚେତନତା ଉପରେ ଗୁରୁତ୍ୱ
- ଶୂନ ହେଲା କୋଭିଡ୍ ମୃତ୍ୟୁ



ବର୍ତ୍ତମାନ ରାଜ୍ୟରେ ବ୍ୟବସାୟିକ ପ୍ରତିଷ୍ଠାନ ଠାରୁ ଆରମ୍ଭ କରି ଧର୍ମାନୁଷ୍ଠାନ ଆଦି ସମ୍ପୂର୍ଣ୍ଣ ଭାବେ ଖୋଲିଥିବା ବେଳେ ଖୁବ୍‌ଶୀଘ୍ର ଶିକ୍ଷାନୁଷ୍ଠାନ ଖୋଲିବାକୁ ଯାଉଛି। ଆଗାମୀ ୨ ମାସ ଆମକୁ ସତର୍କତାର ସହ ଚଳିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିବେଦନ କରିଛନ୍ତି। ରାଜ୍ୟରେ କୋଭିଡ୍ ପରିସ୍ଥିତି ଓ ଟିକାକରଣ ସମ୍ପର୍କରେ ସମୀକ୍ଷା କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଇଂଲଣ୍ଡ ତଥା ୟୁରୋପରେ କୋଭିଡ୍‌ର ଦ୍ୱିତୀୟ ପର୍ଯ୍ୟାୟ ସଂକ୍ରମଣ ଆରମ୍ଭ ହୋଇଯାଇଛି। କେତେକ ଦେଶରେ ଲକ୍‌ଡାଉନ ପୁଣି ଲାଗୁ କରାଗଲାଣି। ଏଭଳି ସମୟରେ ଅଧିକ ସତର୍କତାର ସହ କୋଭିଡ୍ ଗାଇଡ୍‌ଲାଇନ ପାଳନ କରିବାକୁ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସମସ୍ତଙ୍କ ସହଯୋଗରେ କୋଭିଡ୍ ସଂକ୍ରମଣକୁ ସଫଳ ଭାବେ ବର୍ତ୍ତମାନ ପର୍ଯ୍ୟନ୍ତ ନିୟନ୍ତ୍ରଣ କରାଯାଇ ପାରିଛି। ଅଧିକାଂଶ ଜିଲା ଗ୍ରୀନ୍ ଜୋନ୍‌ରେ ରହିଥିବା ବେଳେ ତୀବ୍ର ସଂକ୍ରମଣ ପର୍ଯ୍ୟାୟ ପାର ହୋଇଯାଇଛୁ। ଏହି ସଫଳତା ପାଇଁ କଠିନ ପରିଶ୍ରମ କରିଥିବା ସ୍ୱାସ୍ଥ୍ୟକର୍ମୀ, ଡାକ୍ତର ଏବଂ ଆଗଧାଡିରେ ରହି କାର୍ଯ୍ୟ କରୁଥିବା ସମସ୍ତ କୋଭିଡ୍ ଯୋଦ୍ଧାଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି। ଖୁବ୍‌ଶୀଘ୍ର ଏ ପରିସ୍ଥିତିରୁ ଆମେ ମୁକୁଳି ପାରିବା ବୋଲି ଆଶାବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, କୋଭିଡ୍ ଟିକା ଲୋକଙ୍କ ଭିତରେ ବିପୁଳ ଆଶା ସଞ୍ଚାର କରିଛି। ଏହି ଟିକା ଉତ୍ପାଦନରେ ଭାରତ ପୃଥିବୀରେ ଆଗୁଆ ଦେଶ ହୋଇଛି। ଟିକାକରଣ କାର୍ଯ୍ୟକ୍ରମକୁ ସଫଳ ଭାବରେ କାର୍ଯ୍ୟକାରୀ କରିବା ପାଇଁ ଓଡ଼ିଶା ସମ୍ପୂର୍ଣ୍ଣ ପ୍ରସ୍ତୁତ। ତେଣୁ ଟିକାକରଣକୁ ନେଇ ଲୋକଙ୍କ ମଧ୍ୟରେ ଥିବା ଭ୍ରାନ୍ତଧାରଣା ଦୂର କରିବା ପାଇଁ ବ୍ୟାପକ ସଚେତନତା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଟିକାକରଣ ଚଳିତବର୍ଷର ସବୁଠାରୁ ବଡ଼ କାର୍ଯ୍ୟକ୍ରମ ହେବ। ଏହାକୁ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ସେ ପ୍ରଶାସନକୁ ପରାମର୍ଶ ଦେଇଛନ୍ତି। ସେହିପରି ଜୀବନଜୀବିକା କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଛନ୍ତି। ତଥାପି ଦୁର୍ବଳ ଶ୍ରେଣୀର ଲୋକଙ୍କ ଜୀବିକା ସୁରକ୍ଷା କରିବା ପାଇଁ ବହୁତ କିଛି କରିବାକୁ ଅଛି ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଧାର୍ଯ୍ୟଲକ୍ଷ୍ୟ ପୂରଣ କରିବା ଦିଗରେ କାର୍ଯ୍ୟ କରିବାକୁ ପ୍ରଶାସନକୁ ପରାମର୍ଶ ଦେଇଛନ୍ତି। ଆଗାମୀ ମାସରେ ଏ ସମ୍ପର୍କରେ ନିଜେ ସମୀକ୍ଷା କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି, କୋଭିଡ୍ ନିୟନ୍ତ୍ରଣରେ ରାଜ୍ୟ ବହୁତ ଭଲ ସ୍ଥିତିରେ ରହିଛି। ସକ୍ରିୟ ରୋଗୀଙ୍କ ସଂଖ୍ୟା ୨ ହଜାର ମଧ୍ୟରେ ସୀମିତ ରହିଛି। ଜୀବନଜୀବିକା କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଜିଲାପାଳମାନଙ୍କୁ ପରାମର୍ଶ ଦିଆଯାଇଛି। ଟିକାକରଣ ଓ କୋଭିଡ୍ ପରିସ୍ଥିତି ସମ୍ପର୍କରେ ବିସ୍ତୃତ ସୂଚନା ଦେଇ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର କହିଛନ୍ତି, ରାଜ୍ୟରେ ଆରୋଗ୍ୟ ହାର ବର୍ତ୍ତମାନ ପ୍ରାୟ ୯୯ ପ୍ରତିଶତରେ ପହଞ୍ଚିଥିବା ବେଳେ ମଙ୍ଗଳବାର ଠାରୁ ରାଜ୍ୟରେ କୋଭିଡ୍‌ରେ କୌଣସି ରୋଗୀଙ୍କ ମୃତ୍ୟୁ ହୋଇ ନାହିଁ ବୋଲି ସେ ସୂଚନା ଦେଇଛନ୍ତି।

ତୃତୀୟ ପର୍ଯ୍ୟାୟ ସେରୋ ସର୍ଭେ ରିପୋର୍ଟ ମଧ୍ୟ ଅତ୍ୟନ୍ତ ଉତ୍ସାହଜନକ ରହିଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୭୦ ଲକ୍ଷ ଲୋକଙ୍କର କୋଭିଡ୍ ପରୀକ୍ଷା କରାଯାଇଛି। ଟିକାକରଣ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି, କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁସାରେ ଉଭୟ ଘରୋଇ ଓ ସରକାରୀ କ୍ଷେତ୍ରରେ କାର୍ଯ୍ୟରତ ୩ ଲକ୍ଷ ୨୮ ହଜାର ୫୬୦ ଜଣ ସ୍ୱାସ୍ଥ୍ୟକର୍ମୀଙ୍କ ଟିକାକରଣ ପାଇଁ ତାଲିକା ପ୍ରସ୍ତୁତ ହୋଇଥିବା ବେଳେ ପୋଲିସ, ମ୍ୟୁନିସିପାଲିଟି କର୍ମଚାରୀ ଏବଂ କୋଭିଡ୍ କାର୍ଯ୍ୟରେ ନିୟୋଜିତ ରାଜସ୍ୱ ବିଭାଗର କର୍ମଚାରୀମାନଙ୍କ ତାଲିକା ପ୍ରସ୍ତୁତି ଚାଲିଛି। ଉଭୟ ରାଜ୍ୟ ଓ ଜିଲାସ୍ତରୀୟ ଷ୍ଟିୟରିଂ କମିଟି ବୈଠକ ସମ୍ପୂର୍ଣ୍ଣ ଶେଷ ହୋଇଛି ବୋଲି ମହାପାତ୍ର ସୂଚନା ଦେଇଛନ୍ତି।

ବୈଠକରେ ଉଚ୍ଚ ଶିକ୍ଷା ବିଭାଗ ସଚିବ, ସ୍କୁଲ ଓ ଗଣଶିକ୍ଷା ବିଭାଗ ସଚିବ ସ୍କୁଲ ଏବଂ କଲେଜ ଖୋଲିବା ସମ୍ପର୍କରେ ଏସ୍‌ଓପି ବିଷୟ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି। ଏହି ବୈଠକରେ ଉନ୍ନୟନ କମିଶନର, କୃଷି ଉତ୍ପାଦନ କମିଶନର, ବିଭିନ୍ନ ବିଭାଗର ପ୍ରମୁଖ ସଚିବମାନେ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ।

# ପଡ଼ିରହିଛି ଅସୁସ୍ଥ ଦନ୍ତା



ଅସୁସ୍ଥ ହାତୀ।

**ବନ୍ତଲା, ୬।୧(ଡି.ଏନ.ଏ.)**

ଅନୁଗୋଳ ବନଖଣ୍ଡ ଅନ୍ତର୍ଗତ ବନ୍ତଲା ରେଞ୍ଜ ଅଧୀନ ବାଘୁଆପାଟ -ଭୁଗପାଳ ନିକଟରେ ବୁଧବାର ଅପରାହ୍ନରେ ଅସୁସ୍ଥ ହୋଇ ତଳେ ପଡ଼ିଥିବା ଏକ ଦନ୍ତାହାତୀକୁ ଠାବ କରାଯାଇଛି। ବନ୍ତଲା ରେଞ୍ଜ ଅଧିକାରୀ, ପ୍ରାଣୀ ବିଭାଗ ଡାକ୍ତର ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଖବର ଲେଖାଯିବା ସୁଦ୍ଧା ହାତୀର ଚିକିତ୍ସା ଆରମ୍ଭ ହୋଇନାହିଁ। ମଙ୍ଗଳବାର ରାତିରୁ ହାତୀଟି ଅସୁସ୍ଥ ହୋଇ ପଡ଼ିରହିଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି। ଅନ୍ୟପଟେ ବନ୍ୟପ୍ରାଣୀ ଶିକାର ଲାଗି ବିଛା ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଦନ୍ତା ଗୁରୁତର ହୋଇଥିବା ସନ୍ଦେହ କରାଯାଉଛି। ଏ ନେଇ ଡିଏଫ୍‌ଓ ପ୍ରସନ୍ନ ବେହେରା କହିଛନ୍ତି, ରେଞ୍ଜ ଅଧିକାରୀ ଓ ପ୍ରାଣୀ ବିଭାଗର ଡାକ୍ତରଙ୍କୁ ଘଟଣାସ୍ଥଳକୁ ପଠାଯାଇଛି। ହାତୀର ଚିକିତ୍ସା ଲାଗି ଆବଶ୍ୟକ ପଦକ୍ଷେପ ନିଆଯାଉଛି।

# ବିବାହରେ ପ୍ରତିବନ୍ଧକ ଧର୍ମ: ଯୁବକଙ୍କ ଆତ୍ମହତ୍ୟା

**ସୁଇସାଇଡ୍ ନୋଟ୍ ଜବତ, ଥାନାରେ ମାମଲା**

**ରେଢ଼ାଖୋଲ,୬।୧(ଡି.ଏନ୍.ଏ.):** ଭିନ୍ନ ଧର୍ମର ଯୁବତୀଙ୍କୁ ଭଲ ପାଇ ବିବାହ କରିବାକୁ ଚାହୁଁଥିବା ଜଣେ ଯୁବକ ବିଫଳ ହୋଇ ଶେଷରେ ଆତ୍ମହତ୍ୟା ଭଳି ଚରମ ପଥ ବାଛି ନେଇଛନ୍ତି। ସେ ହେଲେ ବୀରେନ୍ଦ୍ର ଷଡ଼ଙ୍ଗୀ (୨୩)। ସମ୍ବଲପୁର ଜିଲା ଚାରମାଳ ଗ୍ରାମରେ ଘଟିଥିବା ଏହି ଦୁଃଖଦ ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ବୁଧବାର ସକାଳେ ବୀରେନ୍ଦ୍ର ଶୋଇବାଘରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ପରିବାର ଲୋକେ ଦେଖି ଚାରମାଳ ଥାନାକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରି ରେଢାଖୋଲ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏକ ଶୋକାକୁଳ ପରିବେଶରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ପୋଲିସ ଏକ ସୁଇସାଇଡ୍ ନୋଟ ଜବତ କରିଛନ୍ତି। ସେଥିରେ ତାଙ୍କ ମୃତ୍ୟୁ ପାଇଁ କେହି ଦାୟୀ ନୁହନ୍ତି ବୋଲି ଲେଖାଯାଇଥିବା ଥାନା ଅଧିକାରୀ ବସନ୍ତ କୁମାର ଦଲାଇ କହିଛନ୍ତି। ବୀରେନ୍ଦ୍ରଙ୍କ ବାପା ଗୋପବନ୍ଧୁ ଷଡ଼ଙ୍ଗୀଙ୍କ ଲିଖିତ ଅଭିଯୋଗ ପରେ ପୋଲିସ ଆଇପିସି ଦଫା ୩୪୧, ୩୪୨, ୩୦୬, ୫୦୬ରେ ଯୁବତୀଙ୍କ ପରିବାର ଲୋକଙ୍କ ନାମରେ ମାମଲା (ନଂ.୨/୨୧) ରୁଜୁକରି ତଦନ୍ତ କରୁଛି।

ଅଭିଯୋଗ ଅନୁଯାୟୀ ବୀରେନ୍ଦ୍ର ଚାରମାଳ ଅଞ୍ଚଳର ଜଣେ ମୁସଲିମ ଯୁବତୀଙ୍କୁ ଭଲ ପାଉଥିଲେ। ସେମାନେ ପରସ୍ପରକୁ ବିବାହ କରିବାକୁ ଚାହୁଁଥିଲେ। କିନ୍ତୁ ଏହାକୁ ଉଭୟ ପରିବାର ସ୍ୱୀକୃତି ଦେଇ ନ ଥିଲେ। ଇତିମଧ୍ୟରେ ଯୁବତୀଙ୍କ ବିବାହ ଅତ୍ୟତ୍ର ସ୍ଥିର ହେବାରୁ ବୀରେନ୍ଦ୍ର ମାନସିକ ଭାରସାମ୍ୟ ହରାଇଥିଲେ। ଏପରିକି ଗତ ମାସରେ ସେ ଭେଟିବା ପାଇଁ ଯୁବତୀଙ୍କ ଘରକୁ ଯାଇଥିବା ବେଳେ ତାଙ୍କ ପରିବାର ଲୋକେ ମାଡ଼ ମାରିବା ସହ ଉଭୟଙ୍କ ମୋବାଇଲ ଫୋନ ଭାଙ୍ଗି ଦେଇଥିଲେ। ଏହାକୁ ନେଇ ଉଭୟ ପରିବାର ମଧ୍ୟରେ ମତଭେଦ ରହିଥିଲା। ଯୁବତୀଙ୍କ ପରିବାରର ନିର୍ଯାତନା ଯୋଗୁ ବୀରେନ୍ଦ୍ର ମାନସିକ ଭାରସାମ୍ୟ ହରାଇ ଏଭଳି ଚରମ ନିଷ୍ପତ୍ତି ନେଇଥିବା ଗୋପବନ୍ଧୁ ଅଭିଯୋଗରେ ଦର୍ଶାଇଛନ୍ତି।

# ରବିବାର ଶିକ୍ଷାନୁଷ୍ଠାନ ନ ଖୋଲିବାକୁ ଦାବି

**ଭୁବନେଶ୍ୱର, ୬।୧(ବ୍ୟୁରୋ)**

ଆସନ୍ତା ୮ ତାରିଖରୁ ରାଜ୍ୟରେ ସ୍କୁଲ ଖୋଲିବ। ସବୁଦିନ ପାଠ ପଢ଼ାଇବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ରବିବାର ପାଠ ପଢ଼ାକୁ ଶିକ୍ଷକମାନେ ନାପସନ୍ଦ କରିଛନ୍ତି। ସରକାରଙ୍କ ସ୍କୁଲ ଖୋଲିବା ନିଷ୍ପତ୍ତିକୁ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ସ୍ୱାଗତ କରିଛି। ରବିବାର ଗୋଟିଏ ଦିନ ଶିକ୍ଷାନୁଷ୍ଠାନ ବନ୍ଦ କରିବାକୁ ମଞ୍ଚ ଦାବି କରିଛି। କୋଭିଡ୍ ମହାମାରୀ ଯୋଗୁ ଦୀର୍ଘଦିନ ଧରି ସ୍କୁଲ ଓ କଲେଜ ବନ୍ଦ ହୋଇଥିଲେ ମଧ୍ୟ ଶିକ୍ଷକମାନେ କୋଭିଡ୍ କାର୍ଯ୍ୟ କରିବା ସହିତ ଅନ୍‌ଲାଇନ ଶିକ୍ଷାଦାନ ଜାରି ରଖିଥିଲେ। ବର୍ତ୍ତମାନର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଶିକ୍ଷକମାନେ ଯଥା ସମ୍ଭବ ପିଲାମାନଙ୍କୁ ଶିକ୍ଷାଦାନ କରି ପରୀକ୍ଷା ପାଇଁ ପ୍ରସ୍ତୁତ କରିବାକୁ ସଙ୍କଳ୍ପବଦ୍ଧ। କିନ୍ତୁ ସପ୍ତାହରେ ମାତ୍ର ଗୋଟିଏ ଦିନ ଛୁଟି ଦିଆ ନ ଗଲେ ଏହା ଶିକ୍ଷକ ତଥା ଛାତ୍ରୀଛାତ୍ରଙ୍କ ମାନସିକ ସନ୍ତୁଳନ ନଷ୍ଟ କରିବ। ଯୁକ୍ତ ଦୁଇ ଓ ଯୁକ୍ତ ତିନି ଶ୍ରେଣୀରେ ୧୦୦ ମାର୍କ ସିଲାବସ ସାରିବା ପାଇଁ ୧୦୦ ଦିନିଆ କାର୍ଯ୍ୟ ଦିବସର ଆବଶ୍ୟକତା ଅନୁଭବ ହେଉ ନାହିଁ। ଏହାଛଡ଼ା ଜାନୁୟାରୀ ୩ରେ ପ୍ରକାଶିତ ବିଜ୍ଞପ୍ତିରେ ଉଚ୍ଚଶିକ୍ଷା ବିଭାଗ ରବିବାର ଅନୁଷ୍ଠାନ ବନ୍ଦ କରିବାକୁ ନିଷ୍ପତ୍ତି ନେଇଥିବା ବେଳେ ଗଣଶିକ୍ଷା ବିଭାଗ ଜାନୁୟାରୀ ୨ରେ ଶିକ୍ଷାନୁଷ୍ଠାନ ଖୋଲିବାକୁ ଘୋଷଣା କରିଛି। ଏହାଦ୍ୱାରା ଉଭୟ ବିଭାଗ ମଧ୍ୟରେ ସମନ୍ୱୟ ନ ଥିବା ସ୍ପଷ୍ଟ ବାରି ହେଉଛି। ଯେଉଁ ଅନୁଷ୍ଠାନରେ ଯୁକ୍ତ ଦୁଇ ଓ ଯୁକ୍ତ ୩ ମିଳିତ ଭାବେ ଶିକ୍ଷାଦାନ କରାଯାଉଛି ସେଠାରେ ଶିକ୍ଷକମାନେ ଦ୍ୱନ୍ଦ୍ୱରେ ପଡୁଛନ୍ତି। ଜାନୁୟାରୀରୁ ଏପ୍ରିଲ ପହିଲା ମଧ୍ୟରେ ଛାତ୍ରୀଛାତ୍ରମାନଙ୍କ ପାଠ୍ୟଖସଡ଼ା ସାରିବା ପାଇଁ ଶିକ୍ଷକମାନେ ବଦ୍ଧପରିକର। ଏହାଛଡ଼ା ପ୍ରଶ୍ନପତ୍ର ଢାଞ୍ଚା କିପରି ହେବ ଓ କେତେ ମାର୍କର ସଂକ୍ଷିପ୍ତ ପ୍ରଶ୍ନ ଓ କେତେ ମାର୍କର ଦୀର୍ଘ ପ୍ରଶ୍ନ ରହିବ ତାହା ବିଭାଗ ଶୀଘ୍ର ଘୋଷଣା କଲେ ସେହି ଅନୁଯାୟୀ ଛାତ୍ରୀଛାତ୍ରଙ୍କୁ ପ୍ରସ୍ତୁତ କରିବା ସହଜ ହେବ ବୋଲି ମିଳିତ ମଞ୍ଚ ପକ୍ଷରୁ କୁହାଯାଇଛି। ସପ୍ତାହରେ କେବଳ ଗୋଟିଏ ଦିନ ଛୁଟି ଦେବାକୁ ମିଳିତ ମଞ୍ଚ ପକ୍ଷରୁ ଆବାହକ ଗୋଲକ ନାୟକ, ପ୍ରକାଶ ଚନ୍ଦ୍ର ମହାନ୍ତି, ପବିତ୍ର ମହଲା, ଗଗନ ବେଉରା, ବିନୋଦ ପାଣିଗ୍ରାହୀ ପ୍ରମୁଖ ଦାବି କରିଛନ୍ତି।




କେନ୍ଦ୍ର ସରକାରଙ୍କ ନୂତନ କୃଷି ଆଇନକୁ ବିରୋଧ କରି ଓଡ଼ିଶା ପ୍ରଦେଶ ଫିଶରମ୍ୟାନ୍ କଂଗ୍ରେସ ପକ୍ଷରୁ ବୁଧବାର ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ଧାରଣା ଦିଆଯାଇଛି।

# ମହାପ୍ରଭୁଙ୍କ ବନକଲାଗି

## ୪ ଘଣ୍ଟା ବନ୍ଦ ରହିଲା ଦର୍ଶନ



**ପୁରୀ ଅଫିସ, ୬।୧**

ସର୍ବସାଧାରଣ ଦର୍ଶନର ଚତୁର୍ଥ ଦିନରେ ବୁଧବାର ମହାପ୍ରଭୁଙ୍କର ବନକଲାଗି ନୀତି ଅନୁଷ୍ଠିତ ହୋଇଛି। ଶ୍ରୀମନ୍ଦିର ମଧ୍ୟାହ୍ନ ଧୂପ ପରେ ଦତ୍ତମହାପାତ୍ର ସେବକମାନେ ରତ୍ନବେଦିରେ ମହାପ୍ରଭୁଙ୍କୁ ବନକଲାଗି କରିଥିଲେ। ଶ୍ରୀବିଗ୍ରହଙ୍କର ଅଧର ପୋଛା ପରେ ବନକଲାଗି ନୀତି ହୋଇଥିଲା। ଏଥିପାଇଁ ଦତ୍ତମହାପାତ୍ର ସେବକମାନେ ବନକ ପ୍ରସ୍ତୁତ କରିଥିଲେ। ପ୍ରାୟ ୪ଘଣ୍ଟା ଧରି ଏହି ନୀତି କାର୍ଯ୍ୟ ଚାଲିଥିଲା। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ବୁଧବାର ପହୁଡ଼ ଆଳତି ପରେ ଅପରାହ୍ନ ପ୍ରାୟ ୨ଟା ୩୦ରୁ ୬ଟା ୩୦ ମିନିଟ୍ ପର୍ଯ୍ୟନ୍ତ ୪ଘଣ୍ଟା ସାଧାରଣ ଦର୍ଶନ ବନ୍ଦ ରହିଥିଲା। ଗୁପ୍ତ ନୀତି ସମୟରେ ଦାରୁଦିଅଁଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କୁ ଅନୁମତି ମିଳି ନ ଥିଲା। ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର ସରିବା ପରେ ପୁଣି ସ୍ୱାଭାବିକ ଦର୍ଶନ ଆରମ୍ଭ ହୋଇଥିଲା। ଉଲ୍ଲେଖଯୋଗ୍ୟ, କସ୍ତୁରୀ, କର୍ପୂର, ହେଙ୍ଗୁଳ ଓ ହରିତାଳର ଏକ ମିଶ୍ରଣରେ ବନକ ପ୍ରସ୍ତୁତ କରାଯାଏ। ଏହାକୁ ଶ୍ରୀମୁଖରେ ଲଗାଇବା ପରେ ମହାପ୍ରଭୁ ଆହୁରି ଅଧିକ ଆକର୍ଷଣୀୟ ଲାଗନ୍ତି। ଶ୍ରୀମନ୍ଦିର ପ୍ରଥା ଅନୁଯାୟୀ ପ୍ରତ୍ୟେକ ବୁଧବାର କିମ୍ବା ଗୁରୁବାର ଏହି ଗୁପ୍ତ ନୀତି ସମ୍ପନ୍ନ ହୋଇଥାଏ।




କ'ଣ ଆପଣ ଏବେ ବି ଇମ୍ୟୁନିଟି ବଢ଼ାଇବା ପାଇଁ ନୂଆ ନୂଆ ପ୍ରୟୋଗ କରୁଛନ୍ତି ?
ବୁଦ୍ଧିମାନ୍ ହୁଅନ୍ତୁ ଓ କେବଳ ତାହାକୁ ବାଛନ୍ତୁ ଯାହାର ପରିଣାମ ବିଶ୍ୱସନୀୟ ଓ ପ୍ରମାଣିତ ହୋଇଥିବ
JOLLY
ତୁଳସୀ 51 ଡ୍ରପ୍‌ସ
ଲାବ୍ ପ୍ରମାଣିତ ଇମ୍ୟୁନିଟି ବର୍ଦ୍ଧକ
www.jollypharmaindia.com 0161-520-1588


# ବାପାଙ୍କୁ ନ ଜଣାଇ ଝିଅ ବିବାହ

**ଢେଙ୍କାନାଳ ଅଫିସ, ୬।୧**

- ନାବାଳିକାଙ୍କୁ ଉଦ୍ଧାର କଲା ଚାଇଲ୍ଡ ଲାଇନ
- ସିଡବ୍ଲ୍ୟୁସିରେ ହାଜର, ରେକର୍ଡ ହେଲା ବୟାନ

ବାପାଙ୍କୁ ନ ଜଣାଇ ପରିବାର ସମ୍ପର୍କୀୟ କରିଦେଇଥିଲେ ନାବାଳିକା ଝିଅର ବିବାହ। ଏହାର ପ୍ରତିବାଦ କରି ଥାନାର ଦ୍ୱାରସ୍ଥ ହୋଇଛନ୍ତି ବାପା। ପୋଲିସ ସହାୟତାରେ ଚାଇଲ୍ଡ ଲାଇନ୍ ବିବାହିତା ନାବାଳିକାଙ୍କୁ ଉଦ୍ଧାର କରିଛନ୍ତି। ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ମହାବିରୋଡ ଫାଣ୍ଡି ଅଞ୍ଚଳରେ ଘଟିଥିବା ଏଭଳି ଏକ ଘଟଣାକୁ ନେଇ ଏବେ ସବୁଠି ଚର୍ଚ୍ଚା।

ଅଭିଯୋଗ ଅନୁଯାୟୀ, ନାବାଳିକାଙ୍କ ବୟସ ୧୬। ବାପାଙ୍କୁ ନ ଜଣାଇ କେତେଜଣ ସମ୍ପର୍କୀୟ ତାଙ୍କର ବିବାହ କରିଦେଇଥିଲେ। ଏହାର ତୀବ୍ର ପ୍ରତିବାଦ କରିବା ସହ ଥାନାର ଦ୍ୱାରସ୍ଥ ହୋଇଥିଲେ ବାପା। ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ସେ ନିବେଦନ କରିଥିଲେ। ସୂଚନା ପାଇ ଢେଙ୍କାନାଳ ଚାଇଲ୍ଡ ଲାଇନ ସଦସ୍ୟ ନାବାଳିକାଙ୍କୁ ଉଦ୍ଧାର କରି ବୁଧବାର ଜିଲା ଶିଶୁ ମଙ୍ଗଳ ସମିତି (ସିଡବ୍ଲ୍ୟୁସି) ନିକଟରେ ହାଜର କରାଇଥିଲେ। ସେଠାରେ ନାବାଳିକା ଏବଂ ତାଙ୍କ ସମ୍ପର୍କୀୟଙ୍କ ବୟାନ ରେକର୍ଡ କରାଯାଇଛି। ନାବାଳିକାଙ୍କୁ ମା' ଏବଂ ତାଙ୍କ ମାମୁଙ୍କ ହେପାଜତରେ ଛଡ଼ାଯାଇଛି। ବିବାହ କରିଥିବା ଯୁବକ ଫେରାର ଅଛନ୍ତି। ଏ ସଂକ୍ରାନ୍ତରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ କୁହନ୍ତି, ତଦନ୍ତ ପରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ସିଡବ୍ଲ୍ୟୁସି ଅଧ୍ୟକ୍ଷ ପ୍ରତାପ ଆଚାର୍ଯ୍ୟ କୁହନ୍ତି, ବିବାହ ସମୟର ଫଟୋ ଯାଞ୍ଚ କରାଯାଇଛି। ଅଭିଯୁକ୍ତଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଏସ୍‌ପିଙ୍କୁ ଲିଖିତ ଭାବେ ଜଣାଯିବ।

# ମାହାଙ୍ଗା ଡବଲ ମର୍ଡର: ଆଉ ଜଣେ ଗିରଫ

**ନିଶ୍ଚିନ୍ତକୋଇଲି/ସାଲେପୁର, ୬।୧(ସ୍ୱ.ପ୍ର/ଡି.ଏନ୍.ଏ.)**

- ଗିରଫ ସଂଖ୍ୟା ୫ ହେଲା
- ମାଡ଼ ମାରିଥିବାରୁ ପ୍ରତିଶୋଧ ନେଇଛି: ମୁଖ୍ୟ ଅଭିଯୁକ୍ତ



ଗିରଫ ଅଭିଯୁକ୍ତଙ୍କୁ ବୁଧବାର ପୋଲିସ କୋର୍ଟକୁ ନେଉଛି।

କଟକ ଜିଲା ମାହାଙ୍ଗା ବ୍ଲକର ପୂର୍ବତନ ଅଧ୍ୟକ୍ଷ ତଥା ସାଲେପୁର ଭାଜପା ପ୍ରଭାରୀ କୁଳମଣି ବରାଳ ଓ ତାଙ୍କ ସହଯୋଗୀ ଦିବ୍ୟସିଂହ ବରାଳଙ୍କୁ ହତ୍ୟା ଘଟଣାରେ ଗ୍ରାମାଞ୍ଚଳ ପୋଲିସ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଝଁକୁଟି ଗ୍ରାମର କୈଳାସ ଚନ୍ଦ୍ର ଖଟୁଆ। ମଙ୍ଗଳବାର ୪ଜଣଙ୍କୁ ଗିରଫ କରାଯାଇଥିଲା। ସେମାନେ ହେଲେ ମୁଖ୍ୟ ଅଭିଯୁକ୍ତ ଝଁକୁଟିର ପଞ୍ଚାନନ ସେଠୀ(୨୮), କୈଳାସଙ୍କ ପୁଅ ଅରବିନ୍ଦ ଖଟୁଆ(୨୭), ନୃତାଙ୍ଗ ଗ୍ରାମର କ୍ଷୀତିଶ ଆଚାର୍ଯ୍ୟ(୪୫) ଓ ଲଳିତ ମୋହନ ବରାଳ(୭୫)। ମାହାଙ୍ଗା ଥାନା ଅଧୀନ ନୃତାଙ୍ଗସ୍ଥିତ ଝଁକୁଟି ନିକଟରେ ଗତ ୨ ତାରିଖରେ ଘଟିଥିବା ଏହି ଡବଲ ମର୍ଡର ଘଟଣାରେ ଗିରଫ ସଂଖ୍ୟା ୫କୁ ବୃଦ୍ଧି ପାଇଛି। ଘଟଣାରେ ଆହୁରି ୮ଜଣ ଅଭିଯୁକ୍ତ ରହିଛନ୍ତି। ସେଥିମଧ୍ୟରେ ରହିଛନ୍ତି ଆଇନମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନା। ୫ ଅଭିଯୁକ୍ତଙ୍କୁ ବୁଧବାର ସନ୍ଧ୍ୟାରେ ସାଲେପୁର ଜେଏମ୍‌ଏଫ୍‌ସି କୋର୍ଟରେ ହାଜର କରାଯାଇଥିଲା। ସେଠାରେ ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ସାଲେପୁର ନିକଟ ଶିଶୁଆ ସବ୍‌ଜେଲକୁ ପଠାଇ ଦିଆଯାଇଛି। କୋର୍ଟଚାଲାଣ ପୂର୍ବରୁ ମୁଖ୍ୟ ଅଭିଯୁକ୍ତ ପଞ୍ଚାନନ ସେଠୀଙ୍କୁ ହତ୍ୟାର କାରଣ ପଚରାଯିବାରୁ ସେ କହିଛନ୍ତି ଯେ, ଘଟଣାର ୭ଦିନ ପୂର୍ବରୁ କୁଳମଣି ଓ ତାଙ୍କ ପୁଅ ରମାକାନ୍ତ ଘରେ ପଶି ତାଙ୍କୁ ଉଲଗ୍ନ କରି ମାଡ଼ ମାରିଥିଲେ। ତେଣୁ କୁଳମଣିଙ୍କୁ ହତ୍ୟା କରି ତାହାର ପ୍ରତିଶୋଧ ନେଇଥିବା ପଞ୍ଚାନନ କହିଛନ୍ତି।

କୁଳମଣିଙ୍କ ପୁଅ ରମାକାନ୍ତ ବରାଳଙ୍କ ଅଭିଯୋଗ କ୍ରମେ ମାହାଙ୍ଗା ଥାନାରେ ମନ୍ତ୍ରୀ ଜେନାଙ୍କ ସମେତ ୧୩ ଜଣଙ୍କ ନାମରେ ଆଇପିସି ଦଫା ୧୨୦-ବି, ୧୪୭, ୧୪୮, ୧୪୯, ୩୦୨, ୫୦୬ ଏବଂ ଆର୍ମ୍ସ ଆକ୍ଟ ୨୫ ଓ ୨୭ ଅନୁଯାୟୀ ୫/୨୧ ନମ୍ବରରେ ଏକ ମାମଲା ରୁଜୁ ହୋଇଛି। ପୋଲିସର ୫ଟି ଟିମ୍ ବିଭିନ୍ନ ଜାଗାରେ ଚଢାଉ କରି ଆଜି ପର୍ଯ୍ୟନ୍ତ ମାତ୍ର ୫ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୋଲିସ୍ ଟିମ୍ ଚଢାଉ ଜାରି ରଖିଥିବା ଗ୍ରାମାଞ୍ଚଳ ଅତିରିକ୍ତ ଏସ୍‌ପି ପ୍ରଦ୍ୟୁମ୍ନ କୁମାର ଜେନା କହିଛନ୍ତି। ଅପରପକ୍ଷରେ ଅଭିଯୋଗକାରୀ ରମାକାନ୍ତ ବରାଳଙ୍କ ଜୀବନ ବିପଦରେ ଥିବା ସେ ପୋଲିସକୁ ଜଣାଇଛନ୍ତି। ତାଙ୍କ ବାପା କୁଳମଣି ପଞ୍ଚାୟତର ବିଭିନ୍ନ ସରକାରୀ ଯୋଜନାରେ ହେଉଥିବା ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରିଥିବାରୁ ସେ ରାଜନୈତିକ ଆକ୍ରୋଶର ଶିକାର ହୋଇଛନ୍ତି ବୋଲି ରମାକାନ୍ତ କହିଛନ୍ତି। ଏନେଇ ଭାଜପା ପକ୍ଷରୁ ଅଭିଯୁକ୍ତ ମନ୍ତ୍ରୀ ଜେନାଙ୍କ ବହିଷ୍କାର ଏବଂ ଗିରଫ ଦାବିରେ ରାଜ୍ୟ ବ୍ୟାପୀ ଆନ୍ଦୋଳନ ଓ ପ୍ରତିବାଦ ଜାରି ରହିଛି। ଭାଜପା ରାଜ୍ୟ ପ୍ରଭାରୀ ଡି. ପୁରୁନ୍ଦେଶ୍ୱରୀ ଗୁରୁବାର କୁଳମଣିଙ୍କ ପରିବାରବର୍ଗଙ୍କୁ ଭେଟିବା କାର୍ଯ୍ୟକ୍ରମ ରହିଛି। କଂଗ୍ରେସ ମଧ୍ୟ ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାକୁ ନେଇ ଆନ୍ଦୋଳନ କରିଛି।

**ଆଜିର ମନ୍ତବ୍ୟ**

ଆନ୍ଦୋଳନରତ ଚାଷୀ ଆଲୋଚନା ବେଳେ କୃଷି କ୍ଷେତ୍ରରେ ସଂସ୍କାର ପାଇଁ ଅଣାଯାଇଥିବା ଆଇନର ଉଦ୍ଦେଶ୍ୟ ବୁଝି ସମାଧାନରେ ପହଞ୍ଚିବେ।
**– ନରେନ୍ଦ୍ର ସିଂ ତୋମାର, କେନ୍ଦ୍ର କୃଷିମନ୍ତ୍ରୀ**


## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ସିପୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

**(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)**

**ମୁରୁକି ହସା ହସଇ ଯେ
ଠକଙ୍କ ଗୁରୁ ଗୋସେଇଁ ସେ।**

ଯେଉଁମାନେ ମୁରୁକି ହସା ଦେଇଥାନ୍ତି ସେମାନେ ଅନ୍ତଃ କପଟୀ ହୋଇଥାନ୍ତି। ତାଙ୍କର ମନ ଆଦୌ ଖୋଲା ନ ଥାଏ। ଏହି ଧରଣର ବ୍ୟକ୍ତି ସମସ୍ତଙ୍କୁ ଠକିବାରେ ବା ଚିତା କାଟିବାରେ ସିଦ୍ଧହସ୍ତ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ମଳି ସଙ୍ଗେ ନ କର କଳି,
ମାଘ ଗଲେ ଫଗୁଣକୁ ପଡ଼ିବ ଝଡ଼ି।**

ସାଧାରଣତଃ ଶୀତଦିନେ ଅତ୍ୟଧିକ ଥଣ୍ଡା ଲାଗୁଥିବାରୁ ଅନେକେ ଭଲ କରି ଗାଧୁଆ ପାଧୁଆ କରିପାରିନଥାନ୍ତି। ଫଳସ୍ୱରୂପ ଦେହହାତରେ ମଳି ଜମିଯାଇଥାଏ। ତେବେ ଫଗୁଣ ମାସକୁ ଶୀତ କମିଗଲେ, ଭଲଭାବେ ଗାଧୁଆ ପାଧୁଆ ହେବାଦ୍ୱାରା ଦେହହାତରେ ବସିଯାଇଥିବା ମଇଳା ଛାଡିଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**

# ଡବ୍ଲ୍ୟୁଏଚ୍‌ଓ ଟିମ୍‌କୁ ପ୍ରବେଶ ଅନୁମତି ଦେଲାନି ଚାଇନା

**ଜେନେଭା, ୬।୧ (ଆଇଏଏନ୍‌ଏସ୍)**

କରୋନା ଭୂତାଣୁର ମୂଳ ଖୋଜି ବାହାର କରିବା ଲାଗି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ)ର ଏକ ଟିମ୍ ଚାଇନାର ଉହାନ ସହରକୁ ଯାଇଥିବାବେଳେ ବେଜିଂ ସେମାନଙ୍କୁ ପ୍ରବେଶ ଅନୁମତି ଦେଇନାହିଁ। ଫଳରେ ଡବ୍ଲ୍ୟୁଏଚ୍‌ଓର ଭାଇରସ୍ ମିଶନ ବାଧାପ୍ରାପ୍ତ ହୋଇଛି। ଦୁଇଜଣିଆ ଟିମ୍‌ର ଜଣେ ସଦସ୍ୟ ଫେରିଯାଇଥିବାବେଳେ ଅନ୍ୟ ଜଣେ ତୃତୀୟ ଦେଶକୁ ଯାଇଥିବା ଜଣାପଡିଛି।

୨୦୧୯ ଶେଷ ଭାଗରେ ଚାଇନାର ଉହାନ ସହରରେ କରୋନା ଭୂତାଣୁ ପ୍ରଥମେ ଚିହ୍ନଟ ହୋଇଥିଲା। ଡବ୍ଲ୍ୟୁଏଚ୍‌ଓ ସହ ଦୀର୍ଘ ମାସର ବୁଝାମଣା ପରେ ବହୁପ୍ରତୀକ୍ଷିତ ତଦନ୍ତ ପାଇଁ ବେଜିଂ ଡିସେମ୍ବରରେ ରାଜି ହୋଇଥିଲା। ତଦନ୍ତକାରୀ ଟିମ୍‌କୁ ଚାଇନା ପ୍ରବେଶ ଅନୁମତି ନ ଦେବା ଦୁଃଖଦାୟକ ବୋଲି ଡବ୍ଲ୍ୟୁଏଚ୍‌ଓ ମୁଖ୍ୟ ଟେଡ୍ରୋସ୍ ଆଧାନମ୍ ଘେବ୍ରେୟେସୁସ୍ କହିଛନ୍ତି। ଟେଡ୍ରୋସ୍ ଚାଇନାର ବରିଷ୍ଠ ଅଧିକାରୀମାନଙ୍କ ସହ କଥା ହୋଇଥିଲେ। ଏହି ମିଶନ ଡବ୍ଲ୍ୟୁଏଚ୍‌ଓ ଏବଂ ଅନ୍ତର୍ଜାତୀୟ ଟିମ୍ ପାଇଁ ପ୍ରାଥମିକତା ବୋଲି ସେ ଜଣାଇଥିଲେ। ସେମାନେ ଯଥାଶୀଘ୍ର ସମ୍ଭବ ତଦନ୍ତ ଲାଗି ଆଭ୍ୟନ୍ତରୀଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରୁଥିବା କହିଛନ୍ତି।

ପ୍ରଥମେ କରୋନା ଭୂତାଣୁ କିପରି ମଣିଷ ଦେହକୁ ସଂକ୍ରମିତ ହେଲା, ଏହି ମହାମାରୀ ପ୍ରାଣୀ ଶରୀରରୁ ଆସିଛି



କି ନାହିଁ ତାହା ଖୋଜି ବାହାର କରିବା ଲାଗି ଡବ୍ଲ୍ୟୁଏଚ୍‌ଓ ଚାଇନାକୁ ୧୦ ଜଣିଆ ଅନ୍ତର୍ଜାତୀୟ ବିଶେଷଜ୍ଞ ଟିମ୍ ପଠାଇବା ଲାଗି ପ୍ରସ୍ତୁତି ଚଳାଇଛି। ଜାନୁୟାରୀରେ ତଦନ୍ତ ଆରମ୍ଭ ହେବ ବୋଲି ସ୍ୱାସ୍ଥ୍ୟ ସଂଗଠନ ପୂର୍ବରୁ ଘୋଷଣା କରିଥିଲା। ସେଥିପାଇଁ ମଙ୍ଗଳବାର ଉକ୍ତ ଟିମ୍‌ର ୨ ଜଣ ସଦସ୍ୟ ଚାଇନା ଆସିଥିଲେ।

# କୋଦର୍ମା ଷ୍ଟେଶନରେ ରାଜଧାନୀ ଏକ୍ସପ୍ରେସ୍‌ର ସମୟ ପରିବର୍ତ୍ତନ

**ଭୁବନେଶ୍ୱର, ୬।୧ (ବ୍ୟୁରୋ)**

ଭୁବନେଶ୍ୱରରୁ ନୂଆଦିଲ୍ଲୀ ମଧ୍ୟରେ ଚଳାଚଳ କରୁଥିବା ୩ ରାଜଧାନୀ ସ୍ପେଶାଲ ଟ୍ରେନର ସମୟ ସାରଣୀକୁ ଜାନୁୟାରୀ ୯ରୁ ପରିବର୍ତ୍ତନ କରାଯାଇଛି। ଏହି ଅନୁସାରେ ପୂର୍ବ କେନ୍ଦ୍ରୀୟ ରେଳପଥ ଅଧୀନରେ ଥିବା କୋଦର୍ମା ରେଳ ଷ୍ଟେଶନରେ ଟ୍ରେନର ସମୟକୁ ପରିବର୍ତ୍ତନ କରାଯାଇଛି। ଅନୁଗୋଳ, ସମ୍ବଲପୁର, ଝାରସୁଗୁଡା ଏବଂ ରାଉରକେଲା ମାର୍ଗ ଦେଇ ପ୍ରତି ଶନିବାର ଭୁବନେଶ୍ୱରରୁ ଛାଡୁଥିବା ଭୁବନେଶ୍ୱର-ନୂଆଦିଲ୍ଲୀ ସ୍ପେଶାଲ ରାଜଧାନୀ ଏକ୍ସପ୍ରେସ ୯ ତାରିଖରୁ କୋଦର୍ମା ଷ୍ଟେଶନରେ ରାତି ୮ଟା ୫୮ରେ ପହଞ୍ଚି ରାତି ୯ଟାରେ ନୂଆଦିଲ୍ଲୀ ଅଭିମୁଖେ ଯାତ୍ରା କରିବ। ସେହିଭଳି ଭୁବନେଶ୍ୱରରୁ ପ୍ରତି ବୁଧବାର ଓ ରବିବାର ଦିନ ଆଦ୍ରା ମାର୍ଗ ଦେଇ ଚଳାଚଳ କରୁଥିବା ଭୁବନେଶ୍ୱର-ନୂଆଦିଲ୍ଲୀ ସ୍ପେଶାଲ ରାଜଧାନୀ ଏକ୍ସପ୍ରେସ ଚଳିତ ମାସ ୧୦ ତାରିଖରୁ ଓ ପ୍ରତି ସୋମବାର, ମଙ୍ଗଳବାର, ଗୁରୁବାର ଓ ଶୁକ୍ରବାର ଟାଟା ମାର୍ଗ ଦେଇ ଚଳାଚଳ କରୁଥିବା ଭୁବନେଶ୍ୱର-ନୂଆଦିଲ୍ଲୀ ସ୍ପେଶାଲ ରାଜଧାନୀ ଏକ୍ସପ୍ରେସ ଭୁବନେଶ୍ୱରରୁ ଚଳିତ ମାସ ୧୧ ତାରିଖରୁ କୋଦର୍ମା ଷ୍ଟେଶନରେ ରାତ୍ର ୮ଟା ୫୮ରେ ପହଞ୍ଚି ରାତ୍ର ୯ଟାରେ ନୂଆଦିଲ୍ଲୀ ଅଭିମୁଖେ ଯାତ୍ରା କରିବ। ଏହି ଟ୍ରେନଗୁଡ଼ିକ କେବଳ କୋଦର୍ମା ଷ୍ଟେଶନଠାରେ ପରିବର୍ତ୍ତିତ ସମୟସାରଣୀରେ ଚଳାଚଳ କରିବାକୁ ଥିବାବେଳେ ଅନ୍ୟ ସମସ୍ତ ଷ୍ଟେଶନ ସମୟ ସାରଣୀରେ ପରିବର୍ତ୍ତନ ହେବ ନାହିଁ।

# ବାଘ ବୁଲିବା ଘଟଣାର ତଦନ୍ତ ଆରମ୍ଭ

**କୋକସରା, ୬।୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ସୀମାନ୍ତ କୋକସରା ବ୍ଲକ ଆମପାଣି ଘାଟି ଟିର୍ଲିଆମ ଗାଁ ବୁଲାଣି ନିକଟରେ ଗତ ସୋମବାର ରାତିରେ କଲରାପତରିଆ ବାଘ ବୁଲିବା ଘଟଣାର ତଦନ୍ତ ପାଇଁ ବୁଧବାର ବନ ବିଭାଗ ଆମପାଣି ବନପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆମପାଣି ବନପାଳ ନରେନ୍ଦ୍ର ବିଶିଙ୍କ ନେତୃତ୍ୱରେ ଏକ ଟିମ୍ ପହଞ୍ଚି ବାଘ ବୁଲୁଥିବା ସ୍ଥାନ ପରିଦର୍ଶନ କରିଥିଲେ। ପରେ ଦକ୍ଷିଣ ବନଖଣ୍ଡ ଜିଲା କର୍ତ୍ତୃପକ୍ଷଙ୍କୁ ଏହାର ରିପୋର୍ଟ ପଠାଇବା ସହ ସ୍ଥାନୀୟ ଲୋକଙ୍କୁ ଜଙ୍ଗଲ ଭିତରକୁ ନ ଯିବାକୁ ସଚେତନ କରିଥିଲେ । ସୂଚନାଯୋଗ୍ୟ ଯେ, ସୋମବାର ରାତି ପ୍ରାୟ ୧୧.୧୫ ମିନିଟ ସମୟରେ ସିଉନି ଗ୍ରାମର ଆଲୋକ ପାଣିଗ୍ରାହୀ ତାଙ୍କ ସାଙ୍ଗମାନଙ୍କ ସହ ଜୟପୁରରୁ ନିଜ ଗାଁକୁ ଫେରୁଥିଲେ। ଏହି ସମୟରେ ସାହାଜଖୋଲ ଜଙ୍ଗଲ ଆମପାଣି ଘାଟି ଟିର୍ଲିଆମ ଗାଁ ବୁଲାଣି ନିକଟରେ କଲରାପତରିଆ ବାଘକୁ ଅତି ନିକଟରୁ ଦେଖିଥିବା କହିଛନ୍ତି। ଏହାକୁ ସେ ଭିଡିଓ ଉତ୍ତୋଳନ କରି ସୋସିଆଲ ମିଡିଆରେ ଛାଡ଼ିଥିଲେ। ଏ ନେଇ ଆମପାଣି ବନପାଳ ନରେନ୍ଦ୍ର ବିଶିଙ୍କୁ ପଚାରିବାରୁ ପୂର୍ବରୁ ବାଘ ଦେଖାଯାଉ ନ ଥିଲା। ଏବେ ଘାଟିରେ ବାଘ ଥିବା ମୁଁ ଶୁଣିଛି ଓ ଭାଇରାଲ ଭିଡିଓ ମଧ୍ୟ ଦେଖିଛି ବୋଲି କହିଛନ୍ତି।


# classifieds Everyday

**0674-2580101, 2549302**





## SALE

ଭୁବନେଶ୍ୱର ପାହାଳ **NH side** ଘରବାରି **yellowzone fully developed demarcated** ବାସୋପଯୋଗୀ **plot road, electricity** ଥାଇ ତୁରନ୍ତ ଘର କରନ୍ତୁ। **PUJA- 6371970725.**
D-70145

ପିପିଲି ବଜାରରେ ସଙ୍ଗେସଙ୍ଗେ ଘର କରିବା ପାଇଁ ପ୍ଲଟ୍ କିଣନ୍ତୁ। **8249776268, 8327774136.**
D-69360

**Bhubaneswar. Khordha NH side Pitapalli Chhaka** ନିକଟରେ **plot** ମିଳୁଛି। **9090963952.**
D-70141

**Hanspal Canalroad**ରେ **Gharabari, Electricity, Boundary** ଥାଇ **Plot** ବିକ୍ରି ହେଉଛି। ଯେଉଁମାନେ **Immediate** ଘର କରିବେ ସେମାନେ **Call** କରନ୍ତୁ। **Sq.ft. 750/-. 9437005434**
D-70136

**ଭୁବନେଶ୍ୱରରେ ସାମନ୍ତରାପୁର ନୂଆଗାଁ, ଗଙ୍ଗପଡ଼ା, ମଦନପୁରରେ ଘରବାରି ପ୍ଲଟ୍ ବିକ୍ରିହେବ। 9437287595, 7978747764.**
D-19454

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,40,000/- ଅରଗୁଳ IIT ପାଖରେ 1200sqft. 1,44,000/-, 9776974912, 9348232008.
D-70146

ଭୁବନେଶ୍ୱର ସୁନ୍ଦରପଦା **Xavier University back side**ରେ ଘରବାରି ପ୍ଲଟ୍ ମିଳୁଅଛି। **7848882166.**
D-70142





1BHK Pent House fully furnished near Regional passport office, Nayapalli, Bhubaneswar. Contact: 9861060973.
D-19471

**10,000 Sq.ft. vacant land with Boundary Wall for Lease/Rent infront of Bhuasuni Temple, Janla, NH-16 @ Rs.5/- Sq.ft. (Negotiable). Contact: 9439176326.**
D-69954





Swarna SPA newly open positively health benefits with expert therapist. 9556978408.
D-70080

Rejuvenate and Ayurvedic full body massage by smart therapist. 9348123330.
D-70081

**ଡା. ଅଞ୍ଜନ ଷଡ଼ଙ୍ଗୀ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ, ଓମ୍ ସେବା ପଲିକ୍ଲିନିକ୍, ସାତ ମହଲା ହସ୍ପିଟାଲ ରୋଡ୍, ବାରିପଦା। Mob: 9861133366, 8917663804.**
D-19432

Newly open SPA offer @788/-, positively health benefits, Jaydevbihar. 8114970372.
D-19466

Refreshing your mind & body with best therapy at Lotus SPA. 8018234866.
D-70405

Revitalize your self with our ayurvedic massage and refreshment, Call: 7381239385.
D-70082

Experience full body massage with expert therapists. Call: 7377048581.
D-70083

## AFFIDAVIT

By affidavit before Executive Magistrate, Digapahandi dated 07.12.2020, I Nirmala Mohanty, W/o. Balaram Mohanty, Vill: Kamarkhandi, Sri Baladev Jew, Kendrapara, state that my name is recorded in all my educational documents as Nirmala Kumari Rout prior to my marriage. But after my marriage my name is spelt as Nirmala Mohanty in all other documents. That now I am named, called and known as Nirmala Mohanty by virtue of my marriage to Balaram Mohanty for all purposes and Nirmala Kumari Rout, D/o. Brundaban Rout & Nirmala Mohanty, W/o. Balaram Mohanty are one and same lady i.e. myself.
D-19484

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ପ୍ରଥମ ପୃଷ୍ଠାରୁ...

### 'ଖାଦ୍ୟରେ ବିଷ ...

ହେଲେ ଶରୀରେ ବିଭିନ୍ନ ପାର୍ଶ୍ୱ ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା। ଦୀର୍ଘ ଦୁଇବର୍ଷ ଧରି ସେ ଚିକିତ୍ସାଧୀନ ଥିଲେ। ତାଙ୍କୁ ହତ୍ୟା କରାଯିବା ଲାଗି ଉଦ୍ୟମ ହେଉଥିବା ନେଇ ୨୦୧୭ ଜୁନ୍‌ରେ ତାଙ୍କର ଜଣେ ସହକର୍ମୀ ସତର୍କ କରାଇଥିଲେ। ଏପରି କି ସେହିବର୍ଷ ଜୁଲାଇ ମାସରେ ଗୃହ ବିଭାଗର ସୁରକ୍ଷା କର୍ମୀମାନେ ତାଙ୍କୁ ଭେଟି ଆର୍ସେନିକ୍ କେମିକାଲ ବିଷୟରେ ସୂଚନା ଦେବା ସହ ଡାକ୍ତରମାନଙ୍କୁ ଏହାର ପ୍ରତିକାର ବାବଦରେ କହିଥିଲେ। ଏହାମଧ୍ୟରେ ତାଙ୍କର ଏକାଧିକ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେଇଥିଲା। ନିଃଶ୍ୱାସପ୍ରଶ୍ୱାସ ନେବାରେ ଅସୁବିଧା ହେବା ସହିତ ଚର୍ମ ଓ ନଖରେ ସମସ୍ୟା ଦେଖାଦେଇଥିଲା। ଭୟଙ୍କର ସ୍ନାୟୁଜନିତ ସମସ୍ୟା ମଧ୍ୟ ପରିଲକ୍ଷିତ ହୋଇଥିଲା। ଦିଲ୍ଲୀ ଏମ୍‌ସରେ ଚିକିତ୍ସାଧୀନ ଥିବାର ମେଡିକାଲ ରିପୋର୍ଟ ଏବଂ ହାତ ଓ ପାଦର ଚିତ୍ର ସେ ନିଜ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ତାଙ୍କ ସହ ଘଟିଥିବା ଏହି ଘଟଣାକୁ ସେ ଗୁପ୍ତ ରଖିଥିଲେ। ତେବେ ଚଳିତ ମାସରେ ଇସ୍ରୋର ବରିଷ୍ଠ ପରାମର୍ଶଦାତା ପଦରୁ ମିଶ୍ର ଅବସର ନେବେ। ଏହାପୂର୍ବରୁ ସେ ଘଟଣା ସମ୍ପର୍କରେ ମୁହଁ ଖୋଲିଛନ୍ତି। ଏହାର ତଦନ୍ତ କରି ହତ୍ୟା ଉଦ୍ୟମ ଷଡ଼ଯନ୍ତ୍ର ଉପରୁ ପରଦା ହଟାଇବାକୁ ସେ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି। ଏହି ଅବସରରେ ସେ ଦେଶର ଅନେକ ବୈଜ୍ଞାନିକଙ୍କ ରହସ୍ୟମୟ ମୃତ୍ୟୁ ସମ୍ପର୍କରେ ମଧ୍ୟ ଉଲ୍ଲେଖ କରିଛନ୍ତି। ଇସ୍ରୋ ପକ୍ଷରୁ ଏ ନେଇ କୌଣସି ପ୍ରତିକ୍ରିୟା ଆସିନଥିବା ବେଳେ ଗୁରୁତ୍ୱପୂର୍ଣ୍ଣ ପଦବୀରୁ ହଟାଇବା ପାଇଁ ଗୁପ୍ତଚର ଏଭଳି କାମ କରିଥାଇପାରନ୍ତି ବୋଲି ତପନ ଅନୁମାନ କରିଛନ୍ତି। ରାୟଗଡ଼ା ଜିଲାରେ ଜନ୍ମିତ ତପନ ମିଶ୍ର ସିନ୍ଥେଟିକ୍ ଆପେଚର୍ଚର ରାଡାର୍ ଜ୍ଞାନକୌଶଳ ଉଦ୍ଭାବନକାରୀ ଦଳର ମୁଖ୍ୟ ସଦସ୍ୟ ଭାବେ କାର୍ଯ୍ୟ କରିଥିଲେ।

### ନକଲି ପନିର ...

ବ୍ୟବସାୟ ଆରମ୍ଭ କରିଥିଲେ। ଏହି ବ୍ୟବସାୟ ୩ରୁ ୪ ବର୍ଷ ହେଲା କରୁଥିବାନେଇ ସେ ପୋଲିସ ନିକଟରେ ସ୍ୱୀକାର କରିଥିବାବେଳେ ସ୍ଥାନୀୟବାସିନ୍ଦା କିନ୍ତୁ ଏହି କାରବାର ୮ରୁ ୧୦ ବର୍ଷ ହେବ ଚାଲୁଛି ବୋଲି କହିଛନ୍ତି। ସୁରେଶଙ୍କ ମୂଳ ଗ୍ରାମ ରାଜନଗରରେ ହୋଇଥିବାବେଳେ ସେ ସ୍ଥାନୀୟ ସୁଭଦ୍ରାପୁର ଅଞ୍ଚଳରେ ଜାଗା କିଣି ସେହି ସ୍ଥାନରେ ଏକ ବିଳାସପୂର୍ଣ୍ଣ ଘର ନିର୍ମାଣ କରିଛନ୍ତି। ଏହାର ମୂଲ୍ୟ ଆନୁମାନିକ ୫କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ଥାନା ଅଧିକାରୀ ସୁଧାଂଶୁ ଜେନା ସୂଚନା ଦେଇଛନ୍ତି। ଏହି ନକଲି ଚା' ପତି ଗୋଦାମ ଚଢ଼ାଉରେ ଥାନା ଅଧିକାରୀ ସୁଧାଂଶୁ ଜେନାଙ୍କ ସହିତ ଅତିରିକ୍ତ ଇନ୍ସପେକ୍ଟର ବବିତା ସାହୁ, ଏସ୍‌ଆଇ ମୁରଲୀଧର ସାହୁ ଓ ଯୁଗଳ ବିଶ୍ୱାଳ, କଟକ ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀ ରାକେଶ ଦାସ ପ୍ରମୁଖ ସାମିଲ ଥିଲେ।

### ପେଟ୍ରୋଲ ୨୭, ଡିଜେଲ ...

ଯୋଗୁ ଦର ୭୪.୧୨ ଟଙ୍କା ରେକର୍ଡ କରାଯାଇଛି। ସୂଚନାଯୋଗ୍ୟ, ୨୦୧୮ ଅକ୍ଟୋବର ୪ରେ ନୂଆଦିଲ୍ଲୀରେ ପେଟ୍ରୋଲ ଦର ୮୪ ଟଙ୍କା ଛୁଇଁଥିଲା। ସେହିଭଳି ଜୁଲାଇ ୩୦ରେ ଡିଜେଲ ଦର ୮୧.୯୪ ଟଙ୍କା ରହିଥିଲା। କରୋନା ଭାଇରସ୍ ସାରା ବିଶ୍ୱର ତୈଳ ଚାହିଦାକୁ ପ୍ରଭାବିତ କରିଥିଲା। ମାତ୍ର ବର୍ତ୍ତମାନ ଭାକ୍ସିନ୍ ଆଶା ଦୃଢୀଭୂତ ହେବା ଯୋଗୁ ଅନ୍ତର୍ଜାତୀୟ ବଜାରରେ ତେଲ ଦର ବଢିଥିବା ଜଣାପଡିଛି। ବ୍ରେଣ୍ଟ ବର୍ଗରେ ଅଶୋଧିତ ତେଲ ବ୍ୟାରେଲ ପିଛା ୫୩.୮୬ ଡଲାରରେ ବିକ୍ରି ହେଉଛି। ସେହିଭଳି ୱେଷ୍ଟ ଟେକ୍ସାସ ଇଣ୍ଟରମିଡିଏଟ୍ ବ୍ୟାରେଲ ପିଛା ୫୦ ଡଲାରରେ ବିକ୍ରି ହେଉଛି। ବ୍ୟାରେଲ ପିଛା ଅଶୋଧିତ ତେଲ ଦର ଗୋଟିଏ ଡଲାର ବଢିଲେ ଏହା ଆମଦାନୀ ବିଲ୍ ଉପରେ ବାର୍ଷିକ ୧୦,୭୦୦ ଟଙ୍କା ପ୍ରଭାବ ପକାଇଥାଏ। ସୂଚନାଯୋଗ୍ୟ, ୨୦୨୦ ମାର୍ଚ୍ଚ ଏବଂ ମେ ମାସରେ ୨ଟି କିସ୍ତିରେ ସରକାର ପେଟ୍ରୋଲ ଉପରେ ୧୩ ଟଙ୍କା ଏବଂ ଡିଜେଲରେ ୧୫ ଟଙ୍କାର ଉତ୍ପାଦ ଟିକସ ଲାଗୁ କରିଛନ୍ତି। ଏହାଦ୍ୱାରା ୧.୬ ଲକ୍ଷ କୋଟି ଟଙ୍କା ରାଜସ୍ୱ ଆଦାୟ କରିବାକୁ ଲକ୍ଷ୍ୟ ରଖାଯାଇଛି। ମେ ମାସ ପରଠାରୁ ପେଟ୍ରୋଲ ୧୪.୨୮ ଟଙ୍କା ବଢ଼ିଛି। ସେହିଭଳି ଡିଜେଲ ୧୧.୮୩ ଟଙ୍କା ଊର୍ଦ୍ଧ୍ୱରେ ରହିଛି।

### ଅନ୍‌ଲାଇନରେ ମାଟ୍ରିକ ...

ଜରିମାନା ସହ ଫର୍ମ ଦାଖଲର ଶେଷ ତାରିଖ ଜାନୁୟାରୀ ୨୮ ମଧ୍ୟରାତ୍ର ଓ ଫି' ଦାଖଲର ଶେଷ ତାରିଖ ଜାନୁୟାରୀ ୨୭ ରାତି ୧୧ଟା ୪୫ ରହିଛି। ସେହିଭଳି ଜରିମାନା ସହ ଫର୍ମ ଦାଖଲର ଶେଷ ତାରିଖ ଫେବୃୟାରୀ ୨ ମଧ୍ୟରାତ୍ରି ରହିଥିବା ବେଳେ ଜାନୁୟାରୀ ୨୮ରୁ ଫେବୃୟାରୀ ୧ ତାରିଖ ରାତି ୧୧ଟା ୪୫ ପର୍ଯ୍ୟନ୍ତ ଫି' ଦାଖଲ କରିପାରିବେ। www.bseodisha.ac.in ୱେବ୍‌ସାଇଟ୍‌ରେ ଫର୍ମ ପୂରଣ ପାଇଁ ଲିଙ୍କ୍ ଓ ନିର୍ଦ୍ଦେଶାବଳୀ ଉଲ୍ଲେଖ ରହିଥିବା ସୂଚନା ଦିଆଯାଇଛି।

ରାଜ୍ୟ ସରକାରଙ୍କ ଘୋଷଣା ଅନୁସାରେ ଉଭୟ ଦଶମ ଓ ଦ୍ୱାଦଶ ଶ୍ରେଣୀ କ୍ଲାସ ପାଇଁ ୧୦୦ ଦିନ ପାଠ ପଢ଼ା ହେବ। ଶନିବାର ଓ ରବିବାର ସ୍କୁଲ ବନ୍ଦ ରହିବ ନାହିଁ। ଏସବୁ ଦିନରେ ମଧ୍ୟ କ୍ଲାସ ଚାଲୁରହିବ। ଦଶମ ଶ୍ରେଣୀ ପିଲାଙ୍କ ପାଇଁ ଜାନୁୟାରୀ ୮ରୁ ଏପ୍ରିଲ ୨୬ ପର୍ଯ୍ୟନ୍ତ ପାଠପଢ଼ା ହେବ। ଦ୍ୱାଦଶ ପିଲାଙ୍କ ପାଇଁ ଜାନୁୟାରୀ ୮ରୁ ଏପ୍ରିଲ ୨୮ ଯାଏ ପାଠପଢ଼ା ହେବ।

### ୬୯% ଭାରତୀୟ ଟିକା...

୧୨ ପ୍ରତିଶତ ସେମାନଙ୍କ ପିଲାଙ୍କୁ ଟିକା ଦେବେନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ମୋଟ ୧୦,୪୬୮ ଅଭିଭାବକଙ୍କଠାରୁ ମତାମତ ମିଳିଥିଲା। ସର୍ଭେରେ ଦେଶର ୨୨୪ ଜିଲାର ୧୮ ହଜାରରୁ ଅଧିକ ଲୋକଙ୍କୁ ସାମିଲ କରାଯାଇଥିଲା। ସେମାନଙ୍କ ମଧ୍ୟରେ ୬୯% ପୁରୁଷ ଥିବାବେଳେ ୩୧% ମହିଳା ରହିଥିଲେ।

ସର୍ଭେ ଅନୁଯାୟୀ ଅକ୍ଟୋବରରେ ୬୧ ପ୍ରତିଶତ ଭାରତୀୟ କୋଭିଡ୍ ଟିକା ନେବା ଲାଗି କୁଣ୍ଠା ପ୍ରକାଶ କରିଥିଲେ। ଫାଇଜର ଓ ମଡର୍ନା କମ୍ପାନୀ ସେମାନଙ୍କ ଟିକାର ସଫଳତା ସମ୍ପର୍କରେ ଘୋଷଣା କଲା ପରେ ନଭେମ୍ବର ସର୍ଭେରେ କୁଣ୍ଠା ପ୍ରକାଶ କରୁଥିବା ଭାରତୀୟଙ୍କ ସଂଖ୍ୟା ୫୯ ପ୍ରତିଶତକୁ ହ୍ରାସ ପାଇଥିଲା। କିନ୍ତୁ ଭାରତରେ ଦୁଇଟି ଟିକାକୁ ମଞ୍ଜୁରୀ ମିଳିବା ପରେ ଏହାକୁ ନେବା ଲାଗି ୬୯% ଭାରତୀୟ ଅନାଗ୍ରହୀ ଥିବା ସଦ୍ୟ ସର୍ଭେରୁ ଜଣାପଡ଼ିଛି।

### ରାଜ୍ୟରେ କରୋନା ...

ବିରୋଧୀ ଲଢ଼େଇରେ ଓଡ଼ିଶାକୁ ମିଳିଛି ବଡ଼ ସଫଳତା। ଦୀର୍ଘ ୬ ମାସ ପରେ ପ୍ରଥମଥର ପାଇଁ କରୋନାଜନିତ ମୃତ୍ୟୁ ସଂଖ୍ୟା ଶୂନରେ ପହଞ୍ଚିଛି। ଜାନୁୟାରୀ ୫ରେ କୌଣସି କରୋନା ସଂକ୍ରମିତଙ୍କ ମୃତ୍ୟୁ ହୋଇନାହିଁ। ଏ ନେଇ ବୁଧବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଟୁଇଟ୍ କରି ସୂଚନା ଦେଇଛି। କରୋନା ଯୋଦ୍ଧାଙ୍କ ଅକ୍ଲାନ୍ତ ପରିଶ୍ରମ ଯୋଗୁ ଏହି ସଫଳତା ମିଳିଛି। ଏଥିପାଇଁ ରାଜ୍ୟରେ କାର୍ଯ୍ୟ କରୁଥିବା ସମସ୍ତ କରୋନା ଯୋଦ୍ଧାଙ୍କୁ ଧନ୍ୟବାଦ ଦେଇଛନ୍ତି ସରକାର।

### ଲିଙ୍ଗରାଜ ମନ୍ଦିର: ନେଗେଟିଭ ...

ସୂଚନା ଦେଇଛନ୍ତି। ସେ କହିଛନ୍ତି, ଲିଙ୍ଗରାଜ ମନ୍ଦିର ପ୍ରବେଶ ପଥରେ ସମସ୍ତଙ୍କର ସ୍କ୍ରିନିଂ କରାଯିବ। ସ୍କ୍ରିନିଂବେଳେ ଯଦି କାହାର କୋଭିଡ୍ ଲକ୍ଷଣ ଦେଖାଦେବ, ତାଙ୍କର ଟେଷ୍ଟ କରାଯିବ। ଏଥିସହିତ ସବୁ ବୟସର ଭକ୍ତ ମନ୍ଦିରକୁ ଯାଇ ଲିଙ୍ଗରାଜଙ୍କ ଦର୍ଶନ କରିପାରିବେ ବୋଲି କମିଶନର କହିଛନ୍ତି। ପୂର୍ବରୁ କରୋନା ନେଗେଟିଭ ରିପୋର୍ଟ ଥିଲେ ହିଁ ମନ୍ଦିର ପ୍ରବେଶ ଅନୁମତି ଥିଲା। ସେହିଭଳି ୧୦ ବର୍ଷରୁ କମ୍ ଓ ୬୫ ବର୍ଷରୁ ଅଧିକ ବୟସର ଶ୍ରଦ୍ଧାଳୁଙ୍କ ମନ୍ଦିର ପ୍ରବେଶ ଉପରେ କଟକଣା ଲଗାଯାଇଥିଲା। କୋଭିଡ୍ ସ୍ଥିତିରେ ସୁଧାର ଆସିବାରୁ ଦୀର୍ଘ ୯ ମାସ ପରେ କଟକଣା ସହ ଡିସେମ୍ବର ୨୭ରେ ଶ୍ରୀଲିଙ୍ଗରାଜ ମନ୍ଦିର ଖୋଲିଥିଲା। ପ୍ରଥମ ପର୍ଯ୍ୟାୟରେ ସେବାୟତଙ୍କ ପରିବାରକୁ ଦର୍ଶନ ଅନୁମତି ଥିଲା। ୩ରୁ ୫ ତାରିଖ ଭୁବନେଶ୍ୱରବାସୀଙ୍କୁ ଦର୍ଶନ ସୁଯୋଗ ମିଳିଥିବାବେଳେ ବୁଧବାରଠାରୁ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ପାରିବାରିକ କ୍ଷେତ୍ରରେ ସମସ୍ୟା ଲାଗିରହିବା କାରଣରୁ ମାନସିକ ସ୍ଥିରତା ରହି ନ ପାରେ। ପଡ଼ୋଶୀ କିମ୍ବା ସହକର୍ମୀମାନେ ସାଧାରଣ କଥାରେ ବିରକ୍ତି ପ୍ରକାଶ କରିପାରନ୍ତି। କର୍ମକ୍ଷେତ୍ରରେ ସଦସ୍ୟମାନଙ୍କ ଉପରେ ବୃଥା ସନ୍ଦେହ କଲେ ଅସୁବିଧାରେ ପଡ଼ିବେ। ଋଣଭାର ପରିଶୋଧ ପାଇଁ ବ୍ୟସ୍ତ ରହିବେ।

**ବୃଷ** – ଖର୍ଚ୍ଚଭାର ବୃଦ୍ଧି ସାଙ୍ଗକୁ ଆତ୍ମୀୟଙ୍କ ତାଚ୍ଛଲ୍ୟ ମାନସିକ ସ୍ଥିତିକୁ ଦୋହଲାଇ ଦେଇପାରେ। ଘର କାମରେ ଆଳସ୍ୟ ଓ ଅବହେଳା ଯୋଗୁ ସ୍ତ୍ରୀଙ୍କ କଟୁକ୍ତି ଶୁଣିପାରନ୍ତି। ଉଚ୍ଚ ଚିନ୍ତା କରିଲେ କ'ଣ ହେବ ସହକର୍ମୀଙ୍କ ନିକଟରୁ ପୂର୍ଣ୍ଣ ସମର୍ଥନ ପାଇବେ ନାହିଁ। ଆଲୋଚନା, ପ୍ରତିଯୋଗିତାରେ ସଫଳତା ହେତୁ ଖୁସି ରହିବେ।

**ମିଥୁନ** – ସାହାଯ୍ୟର ପ୍ରତିଶ୍ରୁତି ଦେଇଥିବା ବନ୍ଧୁଙ୍କ ଉପରେ ଭରସା କରି ମୁଣ୍ଡରେ ହାତଦେବେ। କାର୍ଯ୍ୟ ହାସଲର ଶେଷ ପର୍ଯ୍ୟାୟରେ ସମ୍ପର୍କୀୟମାନେ ହିଁ ସବୁ କିଛି ବିଗାଡ଼ି ଦେଇପାରନ୍ତି । କେତେକ କ୍ଷେତ୍ରରେ ମାନସିକ ଦ୍ୱନ୍ଦ୍ୱ କାମକୁ ଆଗକୁ ନେବାରେ ବିଳମ୍ବିତ କରାଇବ। ସ୍ୱାସ୍ଥ୍ୟ ଭଲ ନ ରହିବା ହେତୁ ମାନସିକ ସ୍ଥିତି ଦୁର୍ବଳ ରହିବ।

**କର୍କଟ** – ଆଜି ବାହାର ଲୋକଙ୍କ କାମରେ ଦୂରଯାତ୍ରା କରିବାକୁ ପଡ଼ିବ। ଆପଣଙ୍କ ନମ୍ର ସ୍ୱଭାବ ହେତୁ ସହକର୍ମୀମାନେ ସହଯୋଗର ହାତ ବଢ଼ାଇବେ। କୌଣସି ବନ୍ଧୁଙ୍କ ପ୍ରତି ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ସାହିତ୍ୟ, ସାମ୍ବାଦିକତା, ପ୍ରଶାସନ ଓ ମାଲି ମକଦ୍ଦମା କ୍ଷେତ୍ରରୁ ସୁଫଳ ମିଳିବ।

**ସିଂହ** – ଆଲୋଚନା ପରିସରରେ ବନ୍ଧୁଙ୍କ ଆକ୍ଷେପୋକ୍ତି ମନରେ ବାରମ୍ବାର ଆଲୋଡ଼ନ ସୃଷ୍ଟି କରିବ। କର୍ମକ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। ଜଣେ ସହକର୍ମୀଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଦୃଢ଼ ପଦକ୍ଷେପ ନେଇ କାମ ହାସଲ କରିବେ। କୌଣସି କାମ ସକାଶେ କଥା ଦେଇଥିବା ବନ୍ଧୁ ପରକ୍ଷଣରେ ଓଲଟା କଥା କହିପାରନ୍ତି। କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର ତଥା ଆଇନ ଅଦାଲତରୁ ସୁଫଳ ପାଇବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନ ହୋଇଯିବ।

**ତୁଳା** – ଆଜି କୌଣସି ନୂତନ କାମ ଆରମ୍ଭ କରିବାକୁ ମନ ବଳାଇବେ। ଆଲୋଚନା କିମ୍ବା ସଭାସମିତିରେ ଯୋଗ ଦେଇ ଲାଭବାନ ହେବେ। ସାମାଜିକ କ୍ଷେତ୍ରରେ ହାତରୁ ଖାଇ ପର ପାଇଁ ଖଟିବାକୁ ପଡ଼ିପାରେ। କଳା, ସାହିତ୍ୟ, ପ୍ରକାଶନ, ପ୍ରଶାସନରେ ସମସ୍ୟା ସମାଧାନ ହୋଇଯିବ ।

**ବିଛା** – ଏଣୁତେଣୁ କଥା ଚିନ୍ତା କରି ମନ ଅସ୍ଥିର ରହିବ। ପିଲାଙ୍କ ବୈବାହିକ କର୍ମ ସକାଶେ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବ। ଆଜିର ଯୋଗାଯୋଗରେ କେବଳ ବାଚନିକ ପ୍ରତିଶ୍ରୁତି ବ୍ୟତୀତ କିଛି ପାଇବେ ନାହିଁ। ଯିବା ରାସ୍ତାରେ ଅଜଣା ବ୍ୟକ୍ତିଙ୍କ ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି।

**ଧନୁ** – ଆବଶ୍ୟକତା ପୂରଣ ଲାଗି କୌଣସି ପ୍ରକାରେ ଅର୍ଥ ସଂଗ୍ରହ ପାଇଁ ତତ୍ପର ହେବେ। ସମ୍ପର୍କୀୟଙ୍କୁ ଗଠନ ମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। କ୍ରନିକ୍ ରୋଗରେ କଷ୍ଟ ପାଇବେ। ନିଜ ଲୋକମାନେ ପରୋକ୍ଷ ଶତ୍ରୁତା କରୁଥିବା କାରଣରୁ ପ୍ରତ୍ୟେକ କ୍ଷେତ୍ରରେ କିଛି ନା କିଛି ସମସ୍ୟା ଲାଗି ରହିବ।

**ମକର** – ପ୍ରତ୍ୟେକ କ୍ଷେତ୍ରରେ ସାମାନ୍ୟ ଅସୁବିଧା ଥିବାର ଅନୁଭବ କରିବେ। ପରିବାରରେ ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟା ଲାଗି ରହିବ। ଆପଣଙ୍କ ନିର୍ମାଣକୁ ବିରୋଧକରି ପଡ଼ୋଶୀ ପ୍ରତିବାଦ କରିପାରନ୍ତି। ଆନୁଷ୍ଠାନିକ କାମ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ରହିଥିବା ସମସ୍ୟାର ସମାଧାନ ହୋଇଯିବ ।

**କୁମ୍ଭ** – ଦୀର୍ଘଦିନରୁ ଅଟକି ରହିଥିବା ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବେ। ପିଲାମାନଙ୍କ ସକାଶେ ବିବାହ ପ୍ରସ୍ତାବ ନେଇ ବନ୍ଧୁ ଆସିପାରନ୍ତି। ବିଭିନ୍ନ ସ୍ଥାନ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ସ୍ତ୍ରୀଙ୍କ ସହାନୁଭୂତିପୂର୍ଣ୍ଣ କଥାରେ ମାନସିକ ଅଶାନ୍ତି ଦୂରେଇଯିବ ।

**ମୀନ** – କର୍ମକ୍ଷେତ୍ରରେ ଟେନ୍‌ସନ୍ କମିଯିବ ଓ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ। ଶିଳ୍ପ, ବ୍ୟବସାୟ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଅଯଥା ଯୁକ୍ତିତର୍କ ହେତୁ ଦାମ୍ପତ୍ୟ ଜୀବନରେ ଝଡ଼ ସୃଷ୍ଟି ହୋଇପାରେ। ନିର୍ମାଣାଧୀନ କାମ, ଯାନ୍ତ୍ରିକ ଜିନିଷ କ୍ରୟ, ପାର୍ଟି ପିକ୍‌ନିକ୍ କରିବା ସକାଶେ ବନ୍ଧୁମାନଙ୍କ ସହ ଆଲୋଚନା କରିପାରନ୍ତି।

ଆଜି ପୌଷ କୃଷ୍ଣ ନବମୀ ଗୁରୁବାର, ଜାନୁୟାରୀ ୭ ତାରିଖ, ରାଶି ନକ୍ଷତ୍ର-ଚିତ୍ରା/ତୁଳା, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬।୨୬ ଗତେ ଘ.୦୭।୫୩ ମଧ୍ୟେ, ଘ.୦୧।୪୧ ଗତେ ଘ.୦୩।୦୮ ମଧ୍ୟେ ଅମୃତବେଳା। ଦିବା ଘ.୦୧।୧୪ ଗତେ ଘ.୦୨।୩୬ ମଧ୍ୟେ ମାହେନ୍ଦ୍ରବେଳା।

### ଟ୍ରାକ୍ଟର ଧକ୍କାରେ କକା, ପୁତୁରା ମୃତ

**ଜୁନାଗଡ଼(ଡି.ଏନ୍.ଏ.):** କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ସନ୍ୟାସୀକୁଣ୍ଡାମାଲ ଛକ ନିକଟରେ ବୁଧବାର ସନ୍ଧ୍ୟାରେ ଟ୍ରାକ୍ଟର ଧକ୍କାରେ ଜଗବନ୍ଧୁ ଶବର (୨୮) ଓ ପୁତୁରା ଟିକେମଣି ଶବର (୨୨)ଙ୍କ ମୃତ୍ୟୁ ଘଟିଛି। ଉଭୟଙ୍କ ଘର ଧର୍ମଗଡ଼ ବ୍ଲକ ଝାରକୁଣ୍ଡାମାଲ ଗ୍ରାମରେ। ଦୁହେଁ କାଲୋପଲା ଗ୍ରାମରୁ କାମ ସାରି ସନ୍ଧ୍ୟାରେ ଏକ ବାଇକ୍‌ରେ ଭବାନୀପାଟଣାକୁ ଯାଉଥିବା ବେଳେ ଏକ ଟ୍ରାକ୍ଟର ସହ ଧକ୍କା ହୋଇଥିଲା। ଉଭୟଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଜୁନାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

# ପ୍ରକୃତିର ବରଦାନ 'ବାରବାଙ୍କ'

**ସର୍ପିଳ ରାସ୍ତାଟିଏ। ପାହାଡ଼ର ଛାତି ଚିରି ମାଡ଼ି ଯାଇଛି ଆଗକୁ। ଦୁଇ ପାର୍ଶ୍ୱରେ ଘଞ୍ଚ ସବୁଜ ବନାନୀ। ପକ୍ଷୀଙ୍କ କାକଳି। ମେଘମାଳାର କଳେବର ଯାତ୍ରୀଙ୍କୁ ଘଡ଼ିଏ ଅଟକାଇ ଦେବାର ସାମର୍ଥ୍ୟ ରଖେ। ସମୁଦ୍ର ପତ୍ତନଠାରୁ ୨୨୩୯ ଫୁଟ ଉପରେ ଗାଡ଼ିରେ ଯିବା ବେଳେ ପ୍ରକୃତିର ନୈସର୍ଗିକ ଶୋଭା ବିଭୋର କରିଦିଏ ଆଗନ୍ତୁକଙ୍କୁ। ମନାଲି କି ଉତ୍ତରାଖଣ୍ଡର କୌଣସି ହିଲ୍ ପଏଣ୍ଟ ନୁହେଁ, ଢେଙ୍କାନାଳରେ ପ୍ରକୃତିରାଣୀ ଲୁଚାଇ ରଖିଛି ଅପରୂପ ସୌନ୍ଦର୍ଯ୍ୟରେ ଭରପୂର ପ୍ରକୃତିର ଏଭଳି ଏକ ବରଦାନ, ଯାହାର ନାଁ 'ବାରବାଙ୍କ'...**



**ଢେଙ୍କାନାଳ ଅଫିସ, ୬।୧**

ଢେଙ୍କାନାଳକୁ ବାଦ୍ ଦେଇ ଓଡ଼ିଶା ପର୍ଯ୍ୟଟନ ମାନଚିତ୍ରର ପରିକଳ୍ପନା କରିବା ଅସମ୍ଭବ। କେଉଁ ଆବାହମାନ କାଳରୁ ବିଶ୍ୱପ୍ରସିଦ୍ଧ ଶୈବପୀଠ କପିଳାସ ଶ୍ରଦ୍ଧାଳୁ ଏବଂ ପର୍ଯ୍ୟଟକଙ୍କ ପାଇଁ ପାଲଟିଛି ଆକର୍ଷଣ। ଆଧ୍ୟାତ୍ମିକତା ଦୃଷ୍ଟିକୋଣରୁ ଏହାର ଗୁରୁତ୍ୱ ଅନେକ। ସେହିପରି କପିଳାସ କ୍ଷେତ୍ରାଧିପତି ଶ୍ରୀଚନ୍ଦ୍ରଶେଖରଜୀଉଙ୍କ ସହିତ ଐତିହାସିକ ଭାବେ ଜଡ଼ିତ 'ବାରବାଙ୍କ'।

ସମୁଦ୍ର ପତ୍ତନଠାରୁ ହାରାହାରି ୨୨୩୯ ଫୁଟ ଉଚ୍ଚତାରେ ଅବସ୍ଥିତ ପୀଠକୁ ଯିବା ପାଇଁ ରହିଛି ଦୁଇଟି ପଥ। ମନ୍ଦିର ପାଦଦେଶରୁ ଚାଲି ଚାଲି ଯିବା ପାଇଁ ରହିଛି ୧୩୫୨ ପାହାଚ। ତେବେ 'ବାରବାଙ୍କ' ରାସ୍ତା ଦେଇ ଯାନବାହନ ପୀଠ ଯାଏ ପହଞ୍ଚିଥାଏ। ଗବେଷକ ତଥା ସ୍ତମ୍ଭକାର ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ରଙ୍କ ସୂଚନା ଅନୁଯାୟୀ, ଦ୍ୱାଦଶ ଶତାବ୍ଦୀର ମଧ୍ୟଭାଗ ଅର୍ଥାତ୍ ୧୨୪୬ ମସିହାରେ ପ୍ରତିଷ୍ଠିତ ହୋଇଥିଲା କପିଳାସ ମନ୍ଦିର। ସେହି ସମୟରେ ମନ୍ଦିରକୁ ଯିବାକୁ ଜଙ୍ଗଲିଆ ପାଦଚଲା ରାସ୍ତା ଥିଲା ଏକ ମାଧ୍ୟମ। ୧୯୦୯ରେ ତତ୍କାଳୀନ ଢେଙ୍କାନାଳ ରାଜାଙ୍କ ଉଦ୍ୟମରେ ଏହାର ବିକାଶ ହୋଇଥିଲା। ହାତୀପିଠିରେ ବସି ରାଜା ଏବଂ ରାଜପରିବାର ସଦସ୍ୟ ଶ୍ରୀଚନ୍ଦ୍ରଶେଖରଙ୍କ ଦର୍ଶନ କରିବାକୁ ଯାଉଥିଲେ। ୧୯୧୬ରେ 'ବାରବାଙ୍କ'କୁ ସବୁଦିନିଆ ରାସ୍ତା ଫିଟିଲା। ଜଙ୍ଗଲ ସଫା କରି ମାଟିପଥରରେ ତିଆରି କରାଗଲା ପଥ। ସ୍ୱାଧୀନତା ପରବର୍ତ୍ତୀ ସମୟରେ ଏହି ରାସ୍ତାର କଳେବର ବଦଳିବା ସହ ଅଧିକ ପ୍ରଶସ୍ତ ହୋଇଛି। ଏକଦା କଚ୍ଚା ଥିବା ରାସ୍ତା ଏବେ ପକ୍କା ହୋଇଛି। ପିଚୁ ଢଳେଇ କରାଯିବା ସହ ଆନୁଷଙ୍ଗିକ ବିକାଶ କାର୍ଯ୍ୟ କରାଯାଇଛି। ସୁରକ୍ଷିତ ଯାନବାହନ ଚଳାଚଳ ଲାଗି ରାସ୍ତାକୁ ଅଧିକ ଚଉଡ଼ା କରାଯିବା ସହ ଉଭୟ ପାର୍ଶ୍ୱରେ କଂକ୍ରିଟ୍ ପାଚେରି ନିର୍ମାଣ କରାଯାଇଛି।

କପିଳାସ ପାଦ ଦେଶରୁ 'ବାରବାଙ୍କ' ରାସ୍ତା ଦେଇ ୫ କିମି ଗଲେ ପଡ଼େ ମନ୍ଦିର। ଏଥିଲାଗି ୧୨ଟି ମୋଡ଼ ଅତିକ୍ରମ କରିବାକୁ ହୋଇଥାଏ। ୭ନମ୍ବର ବାଙ୍କରୁ ୯ ନମ୍ବର ବାଙ୍କ ମଧ୍ୟରେ ରାସ୍ତା ଅଧିକ ଚଉଡ଼ା। ଏଠାରେ ଗାଡ଼ି ରଖି ପର୍ଯ୍ୟଟକମାନେ ପ୍ରାକୃତିକ ପରିବେଶକୁ ମନଭରି ଉପଭୋଗ କରିଥାନ୍ତି। ଏବେ ଏହା ପାଲଟିଛି ସେଲ୍‌ଫି ପଏଣ୍ଟ। ସେହିପରି ୨୦୦୦ ଫୁଟ ଉଚ୍ଚ ପାହାଡ଼ ଉପରୁ ଯାତ୍ରାକୁ ସ୍ମୃତିମଧୁର କରିବାକୁ ଦୂରଦୂରାନ୍ତର ସବୁଜ ବନାନୀକୁ କ୍ୟାମେରା ଲେନ୍ସରେ ଡୋଳିଧରିଥାନ୍ତି ଅନେକ। ରାସ୍ତାରେ ଯିବା ସମୟରେ ମାଙ୍କଡ଼, ପାହାଡ଼ି ମୂଷା ସମେତ ବିଭିନ୍ନ ପ୍ରଜାତିର ପକ୍ଷୀ ପର୍ଯ୍ୟଟକଙ୍କ ମନୋରଞ୍ଜନ କରିଥାନ୍ତି। ଜାଗରଯାତ୍ରା, ଶିବ ଚତୁର୍ଦ୍ଦଶୀ ସମେତ ବିଭିନ୍ନ ପର୍ବପର୍ବାଣିରେ 'ବାରବାଙ୍କ' ରାସ୍ତା ଶ୍ରଦ୍ଧାଳୁଙ୍କ ପାଇଁ ବିକଳ୍ପ ସାଜେ। ଅନେକ ସମୟରେ ଭିଡ଼ ଯୋଗୁ ଟ୍ରାଫିକ ଜାମ୍ ଭଳି ସମସ୍ୟା ସୃଷ୍ଟି ହୋଇଥାଏ। ନିକଟରେ ଏହି ରାସ୍ତାକୁ ସମ୍ପୂର୍ଣ୍ଣ ବିଦ୍ୟୁତୀକରଣ କରିବାକୁ ଯୋଜନା କରାଯାଉଛି। ଏ ସଂକ୍ରାନ୍ତରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ନରୋତ୍ତମ ବେହେରା କୁହନ୍ତି, ବାରବାଙ୍କ ରାସ୍ତାକୁ ଆଲୋକୀକରଣ କରିବା ଲାଗି ଦିଆଯାଇଥିବା ପ୍ରସ୍ତାବ ମଞ୍ଜୁର ହୋଇଛି। ନିକଟ ଭବିଷ୍ୟତରେ ଏହି କାର୍ଯ୍ୟ ଆରମ୍ଭ ହେବ।

### ଭଟ୍ଟି ଭଳି ଅନୁଭବ ହୁଏ



'ବାରବାଙ୍କ'ର ଅନୁଭବ ହିଲ୍‌ଷ୍ଟେଶନ ଊଟି ଭଳି। ଘନଜଙ୍ଗଲ ଓ ପର୍ବତମାଳା ମଧ୍ୟରେ ଏହାର ସବୁଜିମା ପରିବେଶ ଦେଖିଲେ ଫେରିବାକୁ ଇଚ୍ଛା ହୁଏନି। ୧୦ନଂ. ବାଙ୍କରେ ଏକ ବଡ଼ ବରଗଛ ରହିଛି। ସାମୟିକ ବିଶ୍ରାମ ଲାଗି ଏହା କାମରେ ଆସେ। **- ଶରତ ବେହେରା**

### ଶାନ୍ତ ପରିବେଶ ଉପଭୋଗ୍ୟ



ସବୁଜିମା ଭରା 'ବାରବାଙ୍କ' ପ୍ରକୃତିର ଦାନ। ଭସା ବାଦଲ ଭିତରେ ଏହାର ଶାନ୍ତ ପରିବେଶ ଉପଭୋଗ୍ୟ। ଭାରାକ୍ରାନ୍ତ ଜୀବନ ମଧ୍ୟରେ ଟିକିଏ ଶାନ୍ତି ପାଇବା ପାଇଁ ଏହା ଏକ ପ୍ରକୃଷ୍ଟ ସ୍ଥାନ। ରାସ୍ତାରେ ମାଙ୍କଡ଼ ପଲ ମଧ୍ୟ ଦେଖିବାକୁ ମିଳେ।

**- ସତ୍ୟବ୍ରତ ସାହୁ**

# ୧୦୮ ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ

## ୫ ଘଣ୍ଟା ପରେ ୩ କର୍ମଚାରୀ ଉଦ୍ଧାର



ଆମ୍ବୁଲାନ୍ସ ଚାଳକଙ୍କୁ ଉଦ୍ଧାର କରାଯାଉଛି।

**ସମ୍ବଲପୁର,୬।୧(ବ୍ୟୁରୋ)**

ସମ୍ବଲପୁର ଜିଲା ବୁର୍ଲା ଥାନା ପିସି ବ୍ରିଜ ଉପରେ ମଙ୍ଗଳବାର ରାତି ପ୍ରାୟ ଅଢେଇଟାରେ ଏକ ୧୦୮ ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ ହୋଇଛି। ଆମ୍ବୁଲାନ୍ସ ସହ ଏକ ଟ୍ରକ୍ ମୁହାଁମୁହିଁ ଧକ୍କା ହେବାରୁ ଆମ୍ବୁଲାନ୍ସ ଚାଳକଙ୍କ ସମେତ ୩ କର୍ମଚାରୀ ଭିତରେ ଚାପିହୋଇ ରହିଥିଲେ। ଦୀର୍ଘ ୫ଘଣ୍ଟା ପରେ ଅର୍ଥାତ୍ ବୁଧବାର ସକାଳ ୭ଟାରେ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ହାଇଡ୍ରା ସାହାଯ୍ୟରେ ସେମାନଙ୍କୁ ଉଦ୍ଧାର କରି ଭୀମସାର ମେଡିକାଲକୁ ନେଇଥିଲେ। ଆହତମାନେ ହେଲେ ସୁନ୍ଦରଗଡ ଜିଲା ରାଉରକେଲା ଖଡିଆର ଅମୀୟ ପରିଡା ( ୪୦), ରାଉରକେଲା ବାସନ୍ତି କଲୋନୀର ଆଶୁତୋଷ ପାଠକ (୩୧) ଓ ମୁକେଶ ଖାଲକୋ (୩୦)। ସୂଚନା ଅନୁସାରେ ଆମ୍ବୁଲାନ୍ସଟି ଭୀମସାରକୁ ଯାଉଥିବାବେଳେ ପିସି ବ୍ରିଜ ଉପରେ ଅଇଁଠାପାଲି ଆସୁଥିବା ଟ୍ରକ୍ ସହ ଧକ୍କା ହୋଇଥିଲା। ଦୁର୍ଘଟଣା ଘଟାଇ ଟ୍ରକ ଡ୍ରାଇଭର ଫେରାର ହୋଇଯାଇଥିଲେ। ପୋଲିସ ପହଞ୍ଚି ଅଗ୍ନିଶମ ବିଭାଗକୁ ଏ ସମ୍ପର୍କରେ ଖବର ଦେଇଥିଲ।

IN THE HIGH COURT OF ORISSA, CUTTACK
(CRIMINAL MISCELLANEOUS JURISDICTION)
CRLMC NO. 146 OF 2008
Sharmila Jindal and Another ....... PETITIONERS
-VS-
Shashi Shankar Roy and Another ....... OPPOSITE PARTIES
NOTICE
To
Shashi Shankar Roy
S/o. Shri Shyamsunder Singh
Resident of Plot No. NN-11
Civil Township, Rourkela - 4
P.S. - Raghunathpalli
Dist : Sundargarh .........Opp Party No. - 1
Take notice that the above named Petitioners have filed CRLMC No. 146 / 2008 for quashing of proceeding in connection with G.R. Case No. 2122 of 2007 pending in the Court of the Learned S.D.J.M. (P) at Uditnagar, Rourkela.
As the notice on admission, in aforementioned CRLMC, could not be served upon you despite several attempts you are hereby directed to appear before this Court in Person or through a Counsel on 15.01.2021 at 10.30 AM positively failing which the aforesaid case will be heard and determined in accordance with law in your absence.
Given under my hand and seal of the court this the 23rd day of December 2020.
By Order of the Court
Registrar (Judicial)
Orissa High Court, Cuttack

## | ପର୍ଯ୍ୟଟନସ୍ଥଳୀ |

# କାନଝରୀ ଡ୍ୟାମ୍



କେନ୍ଦୁଝର ଜିଲା ଘଟଗାଁ ବ୍ଲକ ଅନ୍ତର୍ଗତ କାନଝରୀ ନଦୀରେ ବନ୍ଧାଯାଇଛି କାନଝରୀ ଡ୍ୟାମ୍। ଜଙ୍ଗଲ ପରିବେଷ୍ଟିତ ଏହି ଜଳଭଣ୍ଡାରର ସୌନ୍ଦର୍ଯ୍ୟ ବେଶ ମନରୋମ। ସଦର, ଘଟଗାଁ ଓ ପାଟଣା ବ୍ଲକ ଅଞ୍ଚଳକୁ ଜଳସେଚିତ କରିବା ପାଇଁ ଏହି ପ୍ରକଳ୍ପ ୧୯୭୫ରେ ନିର୍ମାଣ କରାଯାଇ କାର୍ଯ୍ୟକ୍ଷମ ହୋଇଥିଲା। ଏହି ଡ୍ୟାମ୍‌ର ଲମ୍ବ ୧୨୪୪ ମିଟର ରହିଥିବା ବେଳେ ପ୍ରସ୍ଥ ୨୯.୫୦ ମିଟର। ଏହି ଡ୍ୟାମ୍‌କୁ ବୁଲିବାକୁ ପ୍ରତି ବର୍ଷ ବହୁ ସଂଖ୍ୟକ ପର୍ଯ୍ୟଟକ ଆସିଥାନ୍ତି। ଏହାର ପ୍ରାକୃତିକ ପରିବେଶ ଅତ୍ୟନ୍ତ ମନଲୋଭା। ଏହା ନିକଟରେ ରହିଛି ଫୁଲ ବଗିଚା। ଏଠାକୁ ସନ୍ଧ୍ୟା ସମୟରେ ହାତୀମାନେ ପାଣି ପିଇବାକୁ ଆସିଥାନ୍ତି। ସେହିପରି ଅନେକ ପକ୍ଷୀ ଏହି ଡ୍ୟାମ୍‌କୁ ଆସିବା ସହ ପାଖ ଜଙ୍ଗଲରେ ଆଶ୍ରୟ ନେଇଥାନ୍ତି। ଏଠାରେ ଜଳସମ୍ପଦ ବିଭାଗର ଏକ ଗେଷ୍ଟ ହାଉସ୍ ରହିଛି। ପିକ୍‌ନିକ୍ ପାଇଁ ପ୍ରଶସ୍ତ ସ୍ଥାନ ମଧ୍ୟ ରହିଛି। ଏହି ଡ୍ୟାମ୍ ଏବଂ କେନାଲ ନିକଟକୁ ଭୋଜିଭାତ କରିବା ପାଇଁ ବହୁ ପର୍ଯ୍ୟଟକ, ଛାତ୍ରୀଛାତ୍ର ଆସିଥାନ୍ତି। ବନ୍ଧ ଉପରେ ରହିଛି କାନଝରୀ ନୀଳୟ। ଯେଉଁଠାରୁ କାନଝରୀ ବନ୍ଧର ସୌନ୍ଦର୍ଯ୍ୟ ବେଶ ଭଲ ଭାବରେ ଉପଭୋଗ କରିହୁଏ। ଏଠାରେ ରହିବା ପାଇଁ ଯଦିଓ ବ୍ୟବସ୍ଥା ଅଛି ତେବେ ଜଳସମ୍ପଦ ବିଭାଗର ଅନୁମତି ନେବାକୁ ପଡ଼ିଥାଏ।

### କେମିତି ଯିବେ

ଭୁବନେଶ୍ୱରରୁ ବସ୍ ବା କାର୍ ଯୋଗେ ଏନ୍‌ଏଚ୍ ୨୦ରେ କେନ୍ଦୁଝରକୁ ଘଟଗାଁ ଦେଇ ଆସିଲେ ଘଟଗାଁଠାରୁ ପ୍ରାୟ ୨୫ କି.ମି. ଦୂରରେ ଓହ୍ଲାଇବାକୁ ପଡ଼େ। ଏହାକୁ କାନଝରୀ ଛକ କୁହାଯାଏ। ସେଠାରୁ ୬ କି.ମି. ଦୂରରେ ଏହି ମନୋରମ ଡ୍ୟାମ୍ ରହିଛି। ସେହିପରି ଟ୍ରେନ୍‌ରେ କେନ୍ଦୁଝର ଆସି ସେଠାରୁ ମଧ୍ୟ ଏହି ସ୍ଥାନକୁ ଯାଇହେବ।

**– ରିପୋର୍ଟ: ନରେଶ ଚନ୍ଦ୍ର ପଟ୍ଟନାୟକ, କେନ୍ଦୁଝର**

# ଭାଙ୍ଗିଲା ଗତବର୍ଷର ରେକର୍ଡ

## ସୁବର୍ଣ୍ଣପୁରରେ ପକ୍ଷୀଗଣନା

### ଆସିଛନ୍ତି ୩୫, ୪୬୦ ପକ୍ଷୀ, ୫ ନୂଆ ପ୍ରଜାତି



ସୋନପୁରରେ ପକ୍ଷୀ ଗଣନା କରାଯାଉଛି।

**ସୋନପୁର,୬।୧(ନି.ପ୍ର.)**

ନଦୀ, ନାଳ ଓ ବନ୍ଧ ପରିବେଷ୍ଟିତ ସୁବର୍ଣ୍ଣପୁର ଜିଲାରେ ଶୀତକାଳୀନ ପକ୍ଷୀ ଗଣନା ଶେଷ ହୋଇଛି। ଗତବର୍ଷ ତୁଳନାରେ ଚଳିତବର୍ଷ ରେକର୍ଡ ସଂଖ୍ୟକ ପକ୍ଷୀ ଜିଲାକୁ ଆସିଥିବା ଜଣାପଡିଛି। ଏଥର ୯୧ ପ୍ରଜାତିର ମୋଟ ୩୫ ହଜାର ୪୬୦ରୁ ଅଧିକ ପକ୍ଷୀ ଆସିଛନ୍ତି। ଗତବର୍ଷ ଗଣନାରେ ଜିଲାକୁ ଏହି ସମୟରେ ୨୭ ହଜାର ପକ୍ଷୀ ଆସିଥିଲେ। ରବିବାର ସକାଳ ୬ଟାରୁ ଜିଲାର ଶତାଧିକ ଜଳାଶୟ ଓ ଚାଷ ଜମିରେ ଶୀତକାଳୀନ ପକ୍ଷୀ ଗଣନା କାର୍ଯ୍ୟ ଆରମ୍ଭ ହୋଇଥିଲା। ଗଣନାରେ ବନ ବିଭାଗର ୧୭ଟି ଟିମ୍ ନିୟୋଜିତ ହୋଇଥିଲେ। ପକ୍ଷୀ ଗଣନାରେ ଜିପିଏସ୍, କ୍ୟାମେରା ଓ ବାଇନାକୁଲାର ବ୍ୟବହାର କରାଯାଇଥିଲା। ଏହି ସମୟରେ ୫ ନୂଆ ପ୍ରଜାତିର ୟୁରୋପିଆନ ଦେଶର ପକ୍ଷୀଙ୍କୁ ଦେଖିବାକୁ ମିଳିଥିଲା। ବିନିକା ଅଞ୍ଚଳରେ ପେଣ୍ଟେଡ୍ ଷ୍ଟର୍କ ଓ ନର୍ଦନ ପିଣ୍ଟେଲ୍ ପ୍ରଜାତିର ଦୁଇଟି ପକ୍ଷୀ ଦେଖିବାକୁ ମିଳିଥିଲା। ସେହିପରି ହରିହରଯୋର ଡ୍ୟାମ୍‌ରେ ଗ୍ରେଟ୍ କ୍ରେଷ୍ଟେଡ୍ ଗ୍ରୀବେ ଓ ଟଫ୍ଟେଡ୍ ଡକ୍ ଭଳି ପକ୍ଷୀମାନଙ୍କୁ ଦେଖିବାକୁ ମିଳିଛି। ସୋନପୁର ଓ ବିନିକା ଉଭୟ ସ୍ଥାନରେ ବିରଳ ପକ୍ଷୀ ରେଡ୍ କ୍ରେଷ୍ଟେଡ୍ ପୋଚାର୍ଡ ପକ୍ଷୀ ଦେଖିବାକୁ ମିଳିଥିଲା। ସେହିପରି ଗତବର୍ଷ ମହାନଦୀରେ ଦେଖିବାକୁ ମିଳିଥିବା କମନ୍ ମରଗାନସର ପକ୍ଷୀଙ୍କୁ ଏଥର ମଧ୍ୟ ବନବିଭାଗର କର୍ମଚାରୀ ଦେଖିବାକୁ ପାଇଛନ୍ତି। ପ୍ରଚଣ୍ଡ ଶୀତ ଯୋଗୁ ଆମେରିକା ଓ ୟୁରୋପ ମହାଦେଶର ପକ୍ଷୀ ମାନେ ଶୀତଦିନରେ ସୁବର୍ଣ୍ଣପୁର ଜିଲାକୁ ଆସୁଥିବା କହିଛନ୍ତି ସୁବର୍ଣ୍ଣପୁର ବନଖଣ୍ଡ ଅଧିକାରୀ ସୁଶାନ୍ତ କୁମାର ସାମନ୍ତରାୟ। ଚଳିତବର୍ଷ କୋଭିଡ୍ ପାଇଁ ପରିବେଶ ଶାନ୍ତ ରହିଛି। ତେଣୁ ଦେଶ ତଥା ଦେଶ ବାହାରର ପକ୍ଷୀ ଚିରସ୍ରୋତା ମହାନଦୀ ଓ ତେଲନଦୀକୁ ଅଧିକ ସଂଖ୍ୟାରେ ଆସିଛନ୍ତି। କିନ୍ତୁ ଗତ ୩ ତାରିଖ ନବବର୍ଷର ପ୍ରଥମ ରବିବାର ପଡି ଥିବାରୁ ମହାନଦୀ ଓ ତେଲନଦୀରେ ବଣଭୋଜି ପାଇଁ ପ୍ରବଳ ଭିଡ ଲାଗିଥିଲା। ଲୋକେ ଡିଜେ ଓ ମାଇକ୍ ବଜାଇଥିଲେ। ଶବ୍ଦ ପ୍ରଦୂଷଣ ଯୋଗୁ ଉଭୟ ନଦୀରେ ପକ୍ଷୀ ଗଣନା ସମ୍ଭବ ହୋଇନାହିଁ। କେବଳ ଜିଲାର ଛୋଟ ବଡ ଜଳାଶୟରେ ହିଁ ପକ୍ଷୀଗଣନା କରାଯାଇଛି। ନଦୀରେ ପକ୍ଷୀ ଗଣନା ହୋଇଥିଲେ ପକ୍ଷୀଙ୍କ ସଂଖ୍ୟା ବହୁ ଅଧିକ ହୋଇଥାନ୍ତା ବୋଲି ସହକାରୀ ବନ ସଂରକ୍ଷକ ତଥା ପକ୍ଷୀ ବିଶାରଦ ସୁଶୀଲ କୁମାର ତ୍ରିପାଠୀ କହିଛନ୍ତି।







# ବିଲ୍ ପାସ୍ ପାଇଁ ଲାଞ୍ଚ: ଭିଜିଲାନ୍ସ ଜାଲରେ ଡିପିଏମ୍

**ମାଲକାନଗିରି,୬।୧ (ଡି.ଏନ୍.ଏ.):** ବୁଧବାର ମାଲକାନଗିରି ଜିଲା ଏନ୍‌ଆର୍‌ଏଚ୍‌ଏମ୍‌ର ଡିଷ୍ଟିକ୍ ପ୍ରୋଜେକ୍ଟ ମ୍ୟାନେଜର (ଡିପିଏମ୍) ସୁଦୀପ କେଶ୍ ଭିଜିଲାନ୍ସ ଜାଲରେ ଧରାପଡିଛନ୍ତି। ତାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଜେଇ ନବଘନ ଖିଲଙ୍କ ଏକ ବିଲ୍ ପାସ୍ କରିବା ଲାଗି ସେ ୨୦ ହଜାର ଟଙ୍କା ଦାବି କରୁଥିଲେ। ଟଙ୍କା ନ ପାଇବାରୁ ବିଲ୍ ପାସ୍ କରୁ ନ ଥିଲେ। ଏ ସମ୍ପର୍କରେ ସେ ଜେଇ ଖିଲ ଭିଜିଲାନ୍ସ ବିଭାଗକୁ ଜଣାଇଥିଲେ। ପୂର୍ବ ପ୍ରସ୍ତୁତି ଅନୁସାରେ ଜେଇ ବୁଧବାର ୨୦ ହଜାର ଟଙ୍କା ଦେବା ବେଳେ ଜିଲା ଭିଜିଲାନ୍ସ ଡିଏସ୍‌ପି ସୁଶାନ୍ତ କୁମାର ବିଶ୍ୱାଳଙ୍କ ନେତୃତ୍ୱରେ ଏକ ଟିମ୍ ଚଢାଉକରି ତାଙ୍କୁ ଧରିଥିଲେ। ଟଙ୍କା ଜବତ କରାଯାଇ ସୁଦୀପଙ୍କୁ ଗିରଫ କରାଯାଇଛି। ତାଙ୍କ ବାସଭବନରେ ମଧ ଚଢାଉ କରାଯାଇଛି। ତେବେ ଡିପିଏମ୍ ସୁଦୀପ ନିଜ ପ୍ରତିକ୍ରିୟା ରଖି କହିଛନ୍ତି, ମୋର କୌଣସି ଭୁଲ୍ ନାହିଁ। ମୋତେ ଜାଣିଶୁଣି ଫସାଇ ଦିଆଯାଇଛି।

# 'କୋଭିଡ୍‌ରେ ନିଯୁକ୍ତ ସ୍ୱାସ୍ଥ୍ୟକର୍ମୀଙ୍କୁ ବାହାର କରନାହିଁ'

## ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ ଅଫିସ, ୬।୧**

ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜାରି ହୋଇଥିବା ବିଜ୍ଞାପନ ଅନୁଯାୟୀ ନିଯୁକ୍ତି ପାଇଥିବା କର୍ମଚାରୀଙ୍କୁ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଚାକିରିରୁ ବାହାର କରାଯାଇ ପାରିବ ନାହିଁ ବୋଲି ବୁଧବାର ହାଇକୋର୍ଟ ଏକ ଅନ୍ତରୀଣ ନିର୍ଦ୍ଦେଶନାମା ଜାରି କରିଛନ୍ତି। ବିଚାରପତି ଜଷ୍ଟିସ ବିଶ୍ୱନାଥ ରଥ କୋଭିଡ୍ ପାଇଁ ନିଯୁକ୍ତ ସ୍ୱାସ୍ଥ୍ୟକର୍ମୀଙ୍କୁ ଛଟେଇ କରିବା ସଂକ୍ରାନ୍ତ ଏକ ମାମଲାର ଶୁଣାଣି କରି ଉପରୋକ୍ତ ନିର୍ଦ୍ଦେଶ ଦେବା ସହ ସ୍ୱାସ୍ଥ୍ୟ ବିଭାଗରେ ବିଭିନ୍ନ ପଦପଦବୀ ଖାଲି ରହିଥିବାବେଳେ କୋଭିଡ୍ ପାଇଁ ନିଯୁକ୍ତ ସ୍ୱାସ୍ଥ୍ୟକର୍ମୀଙ୍କୁ କାହିଁକି ବାହାର କରାଯାଉଛି ବୋଲି ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ଆସନ୍ତା ୨୫ତାରିଖ ସୁଦ୍ଧା ସ୍ୱାସ୍ଥ୍ୟ ବିଭାଗ ଏହାର ଜବାବ ରଖିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ୨୮ରେ ହେବ।

ପ୍ରକାଶ ଯେ, କରୋନା ସମୟରେ ରାଜ୍ୟର ବିଭିନ୍ନ ଜିଲା ହସ୍ପିଟାଲ, ମେଡିକାଲ କଲେଜ ଏବଂ ହସ୍ପିଟାଲ ଆଦିରେ ପାରାମେଡିକାଲ ୱାର୍କର୍ସ ଏବଂ ଷ୍ଟାଫ୍ ନର୍ସମାନଙ୍କୁ ନିଯୁକ୍ତି ଦେବା ଲାଗି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ଗତ ମାର୍ଚ୍ଚ ୨୩ ତାରିଖରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ସମଗ୍ର ରାଜ୍ୟରେ ଏହି କର୍ମଚାରୀଙ୍କୁ ନିଯୁକ୍ତି ଲାଗି ବିଜ୍ଞପ୍ତି ପ୍ରକାଶ କରିଥିଲା। ଏହି ଆଧାରରେ ଷ୍ଟାଫ୍ ନର୍ସ, ଫାର୍ମାସିଷ୍ଟ, ଟେକ୍ନିସିଆନ୍, ରେଡିଓଗ୍ରାଫର, ବହୁମୁଖୀ ପୁରୁଷ ସ୍ୱାସ୍ଥ୍ୟକର୍ମୀ ଏବଂ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କଠାରୁ



ଆବେଦନପତ୍ର ଆହ୍ୱାନ କରାଯାଇଥିଲା। ନିଯୁକ୍ତିର ସର୍ତ୍ତ ସମୟରୁ ସମୟ ବୃଦ୍ଧି କରାଯିବ ବୋଲି କୁହାଯାଇଥିଲା। ପୁରୀ ଜିଲାରେ ୭୬ଟି ବହୁମୁଖୀ ପୁରୁଷ ସ୍ୱାସ୍ଥ୍ୟକର୍ମୀ ପଦବୀରେ ନିଯୁକ୍ତି ଲାଗି ବିଜ୍ଞାପନ ପ୍ରକାଶ ପାଇଥିଲା। ଆବେଦନକାରୀଙ୍କ ସମେତ ନିଯୁକ୍ତି ପାଇଥିବା ଅନ୍ୟାନ୍ୟ ସ୍ୱାସ୍ଥ୍ୟକର୍ମୀ ଠିକାରେ ନିଯୁକ୍ତି ପାଇଥିଲେ। ଏହାପରେ ସେମାନଙ୍କ ନିଯୁକ୍ତି ଧାର୍ଯ୍ୟ ସମୟ ପୂରଣ ହେବାପରେ ପୁନର୍ବାର ଗତ ମାସ ୩୧ତାରିଖ ପର୍ଯ୍ୟନ୍ତ ବୃଦ୍ଧି ପାଇଥିଲା। ଏବେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗତ ମାସ ୨୨ତାରିଖରେ ଏକ ବିଜ୍ଞପ୍ତି ପ୍ରକାଶ କରାଯାଇ କୋଭିଡ୍ ପରିଚାଳନା ପାଇଁ ନିଯୁକ୍ତି ପାଇଥିବା ସ୍ୱାସ୍ଥ୍ୟକର୍ମୀ ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କ ୨୦୨୦ ଡିସେମ୍ବର ୩୧ତାରିଖ ପରେ ଆଉ କାର୍ଯ୍ୟ ଅବଧି ବୃଦ୍ଧି ପାଇବ ନାହିଁ ବୋଲି ଚିଠି କରାଯାଇଥିଲା। ଏଥିସହ ଯଦି କୌଣସି ଜିଲାର ଜିଲାପାଳମାନେ ସେମାନଙ୍କ ଅଞ୍ଚଳରେ ସ୍ୱାସ୍ଥ୍ୟକର୍ମୀଙ୍କ ଆବଶ୍ୟକତା ଉପଲବ୍ଧ କରୁଥିବେ, ତେବେ ଏହି କର୍ମଚାରୀଙ୍କ ମଧ୍ୟରୁ ୨୫ ପ୍ରତିଶତ କର୍ମଚାରୀଙ୍କୁ ରଖିପାରିବେ ବୋଲି କୁହାଯାଇଥିଲା। ଉକ୍ତ ଚିଠିକୁ ଚ୍ୟାଲେଞ୍ଜ କରି ସୂର୍ଯ୍ୟନାରାୟଣ ମିଶ୍ରଙ୍କ ସମେତ ଆବେଦନକାରୀମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବର୍ତ୍ତମାନ ରାଜ୍ୟରେ ପ୍ରାୟ ୨ହଜାର ବହୁମୁଖୀ ପୁରୁଷ ସ୍ୱାସ୍ଥ୍ୟକର୍ମୀ ପଦବୀ ଖାଲିପଡିଛି। କିନ୍ତୁ ରାଜ୍ୟ ସରକାର ସେମାନଙ୍କୁ ନିଯୁକ୍ତି ଅବଧିକୁ ବୃଦ୍ଧି କରିବା ପରିବର୍ତ୍ତେ ନୂଆ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ଲାଗି ଉଦ୍ୟମ ଆରମ୍ଭ କରୁଛନ୍ତି। ତେଣୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଜାରି କରିଥିବା ଏହି ଛଟେଇ ବିଜ୍ଞପ୍ତିକୁ ରଦ୍ଦ ଲାଗି ଆବେଦନକାରୀ ପ୍ରାର୍ଥନା କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅକ୍ଷୟ କୁମାର ପାଣ୍ଡେ ମାମଲା ପରିଚାଳନା କରୁଛନ୍ତି।






ଯେଉଁମାନେ ଶାସନକ୍ଷମତାର ଅଧିକାରୀ– ସେମାନଙ୍କର ସାମାଜିକ ସ୍ଥିତିର ଉଚ୍ଚତା ଯାହା ହେଉନା କାହିଁକି– ସେମାନଙ୍କୁ ଯଥାର୍ଥ ସତ୍ୟଦ୍ରଷ୍ଟାମାନଙ୍କ ନିକଟରୁ ଅନୁପ୍ରେରଣା ଗ୍ରହଣ କରିବାକୁ ହେବ। ସେହି ସତ୍ୟ ଦ୍ରଷ୍ଟାମାନଙ୍କ ସଂକଳ୍ପ ଏବଂ ଭଗବତ୍ ସଂକଳ୍ପ ଏକ। –ଶ୍ରୀମା



# ପ୍ରାଣୀମାନଙ୍କ ମିଥ୍ୟାଚାର, ମିଳନ ଓ ନିଶାଭ୍ୟାସ

ମାନେକା ଗାନ୍ଧୀ

ଏକ ଗବେଷଣାରୁ ଜଣାପଡିଛି ଯେ, ଦିନକୁ ଲୋକମାନେ ଅତି କମ୍‌ରେ ଥରେ ମିଛର ଆଶ୍ରୟ ନିଅନ୍ତି ବା ଛଳ କରନ୍ତି। କିନ୍ତୁ ଏହି ସଂଖ୍ୟା ସମ୍ଭବତଃ ମିଛ। ତେବେ ପୃଥିବୀରେ ମିଥ୍ୟାଚାର ବା ଛଳ କରିବାରେ ମଣିଷ ଏକମାତ୍ର ଜୀବ ନୁହେଁ, ପ୍ରାଣୀମାନେ ବି ଏଭଳି କରିଥାନ୍ତି। ପ୍ରାଣିଜଗତରେ ଅନେକ ବିପଦ ତଥା ଛଳ ଟରାଣ୍ଟିନୋ ଚଳଚ୍ଚିତ୍ରରେ ଦେଖିବାକୁ ପାଇବେ। ସିମ୍ପାଞ୍ଜିର ଛଳନା ପ୍ରଦର୍ଶନ କରିବାର କ୍ଷମତା ରହିଛି। କୌଣସି ପ୍ରତିଯୋଗିତା ସମ୍ବନ୍ଧୀୟ ଲାଭ ଉଠାଇବା କ୍ଷେତ୍ରରେ ସେମାନେ ଏହା ପ୍ରଦର୍ଶନ କରିଥାଆନ୍ତି। ଲୁଚାଯାଇଥିବା ଖାଦ୍ୟ ସ୍ଥାନରୁ ମୁଖ୍ୟ ସିମ୍ପାଞ୍ଜି ତା' ଦଳକୁ ଜାଣିଶୁଣି ଦୂରେଇ ରଖିବାଠାରୁ ଆରମ୍ଭ କରି ଏକ ବଡ଼ ସିମ୍ପାଞ୍ଜିର ବଦ୍‌ମାସି ବ୍ୟବହାରକୁ ବନ୍ଦ କରିବା ଲାଗି ତା' ମନରେ ଥିବା ଅନ୍ଧାରର ଭୟକୁ ଏକ ସାନ ସିମ୍ପାଞ୍ଜି ଉପଯୋଗ କରିବା ଯାଏ ଏମାନଙ୍କଠାରେ ଛଳ ସ୍ୱଭାବ ପରିଲକ୍ଷିତ ହୋଇଥାଏ। ସେମାନଙ୍କ ମିଥ୍ୟାଚାର ମନ୍ଦଭାବନା କିମ୍ବା ଦୁଷ୍ଟତା ନୁହେଁ। ଏହା କେବଳ ସେମାନଙ୍କ ବଞ୍ଚିବାର ନିଜସ୍ୱ କୌଶଳ ବିକାଶ କରିବା ପାଇଁ ଅଭିପ୍ରେତ । ଏହି ସ୍ୱଭାବ ତାଙ୍କ ନିଜ ପରିବାରକୁ ବୋକା ବନାଇବା ପାଇଁ ବି ନୁହେଁ। କୋକୋ ଗରିଲା ବସାକୁ ତା' ଛୁଆ ମଇଳା କଲେ ତାକୁ ଗାଳିଦେବାର ଛଳନା କରେ। ଅନେକ ସମୟରେ ଆମ ପରିବାରମାନଙ୍କରେ ସ୍ୱାମୀ–ସ୍ତ୍ରୀ ବିଚ୍ଛେଦ ହେବା କିମ୍ବା ଛାଡ଼ପତ୍ର ଦେବା ପରିସ୍ଥିତିରେ ଦେଖାଯାଉଥିବା ସମସ୍ୟା ଓ ଛଳ ପ୍ରାଣୀମାନଙ୍କ ମଧ୍ୟରେ ଦେଖାଯାଏ। ଟିକ୍ସ ବାର୍ଡର ପ୍ରତିକ୍ରିୟାକୁ ଲକ୍ଷ୍ୟ କରନ୍ତୁ। ମା' ଉପରେ ନିର୍ଭର କରୁଥିବା ଅତି ଛୋଟ ଟିକ୍ସ ସେମାନଙ୍କ ପରିବାରରେ ବିବାଦ ଦେଖାଦେଲେ ଅଧିକ ଛଳ କରନ୍ତି ବୋଲି ଗବେଷଣାରୁ ଜଣାପଡିଛି। ପକ୍ଷିଯୁଗଳ ଅଲଗା ହୋଇଯିବା କିମ୍ବା ମରିଯିବାର ସମ୍ଭାବନା ଥିଲେ ଛୁଆଗୁଡ଼ିକ ଅତିଶୟ ଅନୁରୋଧ କରିବା ଭଳି ବ୍ୟବହାର ଦେଖାଇଥାଆନ୍ତି। ଯେଉଁ ପ୍ରଜାତିର ପକ୍ଷୀମାନେ ଅଧିକ ଅଣ୍ଡା ଦିଅନ୍ତି ଓ ଅନେକ ସାଥୀଙ୍କ ସହ ମେଟିଂ କରିଥାଆନ୍ତି, ସେମାନଙ୍କ କ୍ଷେତ୍ରରେ ଅତିଶୟ ଅନୁରୋଧ କରିବାର ଛଳନା ଦେଖାଯାଇଥାଏ, ଯଥା ବ୍ଲାକ୍ ବାର୍ଡ। ଆଲ୍‌ବ୍ରାଟସ ଭଳି ଦୀର୍ଘଜୀବୀ ତଥା ସଂଯମୀ ପ୍ରଜାତିର ପକ୍ଷୀ ଯେଉଁମାନେ କେବଳ ବଂଶରକ୍ଷା ପାଇଁ ମେଟିଂ କରିଥାନ୍ତି ସେମାନଙ୍କଠାରେ ଏହି ସ୍ୱଭାବ କ୍ୱଚିତ ଦେଖାଯାଏ।

କାଓବାର୍ଡ,ବ୍ଲୁ ଜଏସ୍, କୁଟେଲ୍‌ଫିଶ୍ ଏବଂ ଇଷ୍ଟର୍ନ ଗ୍ରେ ସ୍କୁଇରଲ୍‌ସ ଛଳ କରିବାରେ ପାରଙ୍ଗମ। କାଓବାର୍ଡମାନେ ଟାର୍ଗେଟ କରିଥିବା ପକ୍ଷୀମାନଙ୍କ ବସାରେ ଅଣ୍ଡା ଲୁଚାଇ ଦେଇ ଅଣ୍ଡା ଉଷୁମାଇବା ଓ ଛୁଆ ଫୁଟାଇ ସେମାନଙ୍କ ଯତ୍ନ ନେବା ଭଳି କାର୍ଯ୍ୟରେ ଅନ୍ୟ ପକ୍ଷୀଗୁଡ଼ିକ ସହ ଛଳ କରିଥାଏ। ଇଷ୍ଟର୍ନ ଗ୍ରେ ସ୍କୁଇରଲ (ଏକ ଜାତୀୟ ଧୂସର ଗୁଣ୍ଡୁଚିମୂଷା) କୋଳି ଧରିଥିବାବେଳେ ମଧ୍ୟ ଲୁଚାଇ ରଖିବାର ମିଛ ବାହାନା କରି ତା' ଉପରେ ନଜର ରଖୁଥିବା ସମ୍ଭାବ୍ୟ ଲୁଟେରାଙ୍କୁ ବୋକା ବନାଇବା ଲାଗି ଏଭଳି ଯାଦୁକରୀ ଚାଲ ଖେଳିଥାଏ। କୁଟେଲଫିଶ୍ ମାଛ ନୁହେଁ, ବାସ୍ତବରେ ଏହା ଏକ ପ୍ରଜାତିର ଶାମୁକା। ଏହାକୁ ପ୍ରକୃତିର ବହୁରୂପୀ ବିଶେଷଜ୍ଞ ଭାବେ ଗଣାଯାଏ। ଏହାର ତ୍ୱଚାର ବିଶେଷତା ବହନ କରୁଥିବା ଏକ ପ୍ରକାର ସ୍କିନ ସେଲ୍ ରହିଛି। ଏହା ବାରମ୍ବାର ରଙ୍ଗ ପରିବର୍ତ୍ତନ କରିଥାଏ। ଏହି ଜୀବ କେତେ ଚାଲାକ୍ ଦେଖନ୍ତୁ। ମେଲ୍ ବା ଅଣ୍ଡିରା କୁଟେଲ୍‌ଫିଶ ବେଳେବେଳେ ଏକ ଅଦ୍ଭୁତ ବିଭାଜିତ ରଙ୍ଗମଣ୍ଡଳ ପ୍ରଦର୍ଶନ କରିଥାନ୍ତି। ଫିମେଲ ବା ମାଈ କୁଟେଲଫିଶ ସହ ମୁହାଁମୁହିଁ ହେଲେ ମେଲ ପରିଚୟ ବହନ କରୁଥିବା ତଥା ସବୁବେଳେ ଖୁବଜୋର୍‌ରେ ଗତିଶୀଳ ଏକ ସ୍ୱତନ୍ତ୍ର ରଙ୍ଗିନ ରୋଖା ଭଳି ଫିତା ସେ ଦେଖାଇଥାଏ। ମେଲ କୁଟେଲଫିଶ୍ ସହ ମୁହାଁମୁହିଁ ହେଲେ ସେ ତା ବିଚିତ୍ର ଚାଲାକି ଦେଖାଇ ଏକ ଫିମେଲ କୁଟେଲଫିଶ୍ ଭଳି ଦେଖାଯାଏ। ଯେଉଠି ଦୁଇଟି ମେଲ୍ ଓ ଗୋଟିଏ ଫିମେଲ୍ କୁଟେଲଫିଶ୍ ରହିଥାନ୍ତି ସେଠାରେ ଏଭଳି ଦେଖାଯାଏ। ଏଣୁ ଫିମେଲ୍ କୁଟେଲଫିସ୍ ପାଖରେ ଥିବାବେଳେ ମେଲ୍ କୁଟେଲଫିଶ୍ ତା'ରୂପ ଫିମେଲ୍ ଭଳି କରି ନିଜକୁ ପ୍ରକାଶ କରିଥାଏ। ଗୋଷ୍ଠୀରେ ଦୁଇଟି ଫିମେଲ୍ କୁଟେଲଫିଶ୍ ରହିଛନ୍ତି ବୋଲି ଦର୍ଶାଇବା ପାଇଁ ତା'ର ପ୍ରତିପକ୍ଷ ମେଲ୍ କୁଟେଲଫିଶ୍‌କୁ ବୋକା ବନାଇବାକୁ ସେ ଏଭଳି କରିଥାଏ। ତେବେ ମେଲ୍‌ମାନେ ଏକ ବିଶେଷ କ୍ଷେତ୍ରରେ କେବଳ ଏହି ସ୍ୱଭାବ ପ୍ରଦର୍ଶନ କରିଥାନ୍ତି। ଏଥିରୁ ପ୍ରମାଣ ମିଳେ ଯେ, ସେମାନେ ଠିକ ଭାବେ ପରିସ୍ଥିତି ଓ ସ୍ୱଭାବ ଆକଳନ କରିବା ସହ ଛଳ କରିବାରେ ସକ୍ଷମ।

ଗୌଲ୍‌ଡିଆନ ଫିନ୍‌ଚେସ୍ ସେମାନଙ୍କ ସାଥୀଙ୍କ ସହ ଥରେ କି ଦୁଇ ଥର ନୁହେଁ, ବରଂ ବହୁବାର ଛଳ କରିଥାନ୍ତି। ଫିମେଲ୍ ଗୌଲଡିଆନ ଫିନଚେସ୍‌ମାନେ ଉଚ୍ଚ ଏବଂ ନିମ୍ନ ମାନର ଶୁକ୍ରାଣୁ ମଧ୍ୟରେ ପ୍ରଭେଦ ଜାଣିବାରେ ସକ୍ଷମ। ଏପରି କି ସେମାନଙ୍କ ସହ ନୂଆ ସାଥୀର ଜିନ୍ ଅନୁକୂଳ ହେବ କି ନାହିଁ ତାହା ମଧ୍ୟ ସେମାନେ ଜାଣି ପାରନ୍ତି। ସେମାନେ ସାଥୀ ବ୍ୟତୀତ ଅନ୍ୟମାନଙ୍କ ସହ ଧାରାବାହିକ ଭାବେ ମେଟିଂ ବା ମିଳନରେ ସାମିଲ ହୋଇଥାନ୍ତି। ଯେହେତୁ ତା' ମେଲ୍ ସାଥୀ ତାକୁ ଛାଡି ଚାଲିଯାଏ କିମ୍ବା ଛୁଆମାନଙ୍କ ଯତ୍ନ ନେବାରେ ଅବହେଳା କରିଥାଏ, ସେହି କ୍ଷେତ୍ରରେ ଏକ ସିଙ୍ଗଲ ମଦର ଭାବେ ସେ ସାମ୍ନା କରେ। ଏଣୁ ଏଭଳି କଠିନ ଦାୟିତ୍ୱ ନେବାର ଭୟ ଯୋଗୁ ନିଜର ବିଶ୍ୱାସଘାତକାକୁ ମେଲ୍‌ର ନଜରରୁ ଦୂରେଇ ରଖିଥାଏ।

ମାଈ ପେଙ୍ଗୁଇନ୍ ଏକୁଟିଆ କିମ୍ବା ଗୋଷ୍ଠୀରେ ଥାଆନ୍ତୁ, ସେମାନେ ମୂଲ୍ୟବାନ ପଥର ପାଇଁ ସେକ୍ସର ମୂଳଚାଲ କରିଥାନ୍ତି। ଏହି ପଥର ସେମାନଙ୍କ ପାଇଁ ଏକ ବହୁ ଉପଯୋଗୀ ପଦାର୍ଥ , କାରଣ ସେମାନେ ଏହା ଉପରେ ସେମାନଙ୍କ ଅଣ୍ଡା ରଖିବା ଲାଗି ଆବଶ୍ୟକ କରିଥାନ୍ତି। ଗୋଟିଏ ଅଣ୍ଡିରା ପେଙ୍ଗୁଇନ ରହୁଥିବା ସ୍ଥାନକୁ ଯାଇ ସେ ତା' ମୁଣ୍ଡ ନୁଆଁଇ ପ୍ରଥମେ ସେକ୍ସ ବା ସମ୍ଭୋଗ ପାଇଁ ଆହ୍ୱାନ କରିବା ପରେ ଶୀଘ୍ର ଯୌନ ସମ୍ପର୍କ ସ୍ଥାପନ ହୋଇଥାଏ। ମେଲ୍ ପେଙ୍ଗୁଇନ୍ ରହୁଥିବା ସ୍ଥାନରୁ ସେ ଏକ ପଥର ସଂଗ୍ରହ କରି ତା ନିଜ ବସାକୁ ଫେରେ। କେତେକ ବିଶେଷ ଘଟଣାରେ ବିନା ଯୌନକ୍ରିୟାରେ ବି ଫିମେଲ ପେଙ୍ଗୁଇନ ମେଲ୍ ପେଙ୍ଗୁଇନ ଠାରୁ ପଥର ଠକି ଆଣିବାରେ ସକ୍ଷମ ହୋଇଥାଏ। ଆମ ଭଳି ପ୍ରାଣୀମାନଙ୍କ ମଧ୍ୟରେ ସେକ୍ସକୁ କେନ୍ଦ୍ର କରି ବିବାଦ ବି ଦେଖାଯାଇଥାଏ। ଏ କ୍ଷେତ୍ରରେ ମେଲ୍‌ଙ୍କ ନିର୍ଯାତନାରୁ ଦୂରେଇ ରହିବା ଲାଗି ଫିମେଲ୍ କିଛି ଉପାୟ ବାହାର କରନ୍ତି। ଫିମେଲ୍ ମସ୍‌କ୍ୟୁଟୋ ଫିଶ୍‌ର ବଡ଼ ମସ୍ତିଷ୍କ ରହିଛି ବୋଲି ଗବେଷକମାନେ ଜାଣିପାରିଛନ୍ତି। ଏଣୁ ଫିମେଲ୍ ଅଧିକ ବୁଦ୍ଧିଆ ଓ ବୁଦ୍ଧି ବଳରେ ସେ ଅବାଞ୍ଛିତ ନିର୍ଯାତନା ଦେଉଥିବା ମେଲ୍‌ଙ୍କଠାରୁ ଦୂରେଇ ରହିବା ଲାଗି ପୂର୍ବରୁ ଜାଣିପାରେ । ମିଳନ ବେଳେ ଫିମେଲ୍ ଆର୍ଗୋନଟ ଅକ୍ଟୋପସ ମେଲ୍ ଅକ୍ଟେପସର ଯନନେନ୍ଦ୍ରିୟକୁ ଖାଇଯିବାର ଭୟ ଥିବାରୁ ସେ ଏହାକୁ ଅନେକ ସମୟରେ ଲୁଚାଇ ରଖେ ଏବଂ ଅନୁକୂଳ ପରିସ୍ଥିତିରେ ଯୌନକ୍ରିୟା କରିଥାଏ। କିନ୍ତୁ ଲୋବଷ୍ଟର ବା ଏକ ପ୍ରଜାତିର ଚିଙ୍ଗୁଡିଙ୍କ କ୍ଷେତ୍ରରେ ଏହା ଠିକ୍ ବିପରୀତ। ଏଠାରେ କିନ୍ତୁ ଫିମେଲ ମେଟିଂ ବା ମିଳନ କ୍ଷେତ୍ରରେ ବିପଦ ଅନୁଭବ କରେ। ଏମାନଙ୍କ ମେଟିଂରେ ସମ୍ଭୋଗ କ୍ରୀଡ଼ା ବହୁଦିନ ଧରି ଚାଲେ। ଏହା ଯୋଗୁ ଫିମେଲ ବିପଦରେ ପଡେ। ଏଣୁ ମେଲ୍ ଫିମେଲ୍‌କୁ ସୁରକ୍ଷା ଦେଇପାରିବ କି ନାହିଁ ,ତାହା ପ୍ରଥମେ ଫିମେଲ ପରୀକ୍ଷା କରେ। ପ୍ରଥମେ ଫିମେଲ ମେଟିଂ ସମୟରେ ନିଜକୁ ମେଲ୍‌ଠାରୁ ବଞ୍ଚାଇପାରିବ କି ନାହିଁ ତାହା ପରୀକ୍ଷା କରେ। ଏଥିରେ ନିଶ୍ଚିତ ହେଲା ପରେ ସେ ସେକ୍ସ ଆରମ୍ଭ କରେ। ସେକ୍ସ ପରେ ମେଲ୍ ଲୋବଷ୍ଟର ଆଉ ଏକ ଫିମେଲ ଲୋବଷ୍ଟର ସହ ଯୌନକ୍ରିୟା କରିଥାଏ। ଏମିତି ତା'ଗୋଷ୍ଠୀରେ ଥିବା ସମସ୍ତ ଫିମେଲଙ୍କ ମେଲ ଲୋବଷ୍ଟର ଯୌନକ୍ରିୟା ସ୍ଥାପନ କରିଥାଏ।

ନିଶା ବା ମାଦକ ଦ୍ରବ୍ୟ ସେବନ କରିବାରେ ମଣିଷ ଏହି ପୃଥିବୀରେ ଏକ ମାତ୍ର ଜୀବ ନୁହେଁ। ଡଲ୍‌ଫିନମାନଙ୍କ ମଧ୍ୟରେ ନିଶାଭ୍ୟାସ ଲକ୍ଷ୍ୟ କରାଯାଇଛି। ଡଲଫିନମାନଙ୍କ ସହ ଏକ ପୁଫରଫିଶ ୩୦ ମିନିଟ ଧରି ପହଁରିବା ଉପରେ ଅନୁଧ୍ୟାନ କରିବା ପରେ ଏହା ଜଣାପଡିଛି। ପୁଫରଫିଶ୍ ଉପରେ ବିପଦ ଦେଖାଦେଲେ ନିଜକୁ ରକ୍ଷା କରିବା ଲାଗି ଏକ ପ୍ରକାର କଟୁ କେମିକାଲ ଛାଡ଼ିଥାନ୍ତି। ଏହାର ନିଶ୍ଚେତକ ଗୁଣ ରହିଛି, ଯାହା ଅନ୍ୟକୁ ନିଶାଗ୍ରସ୍ତ କରିପାରେ। ଏଣୁ ଡଲ୍‌ଫିନ ସବୁବେଳେ ଏହି ମାଛକୁ ଏଭଳି ନିୟନ୍ତ୍ରଣ କରନ୍ତି ଯେ, ସେଥିରୁ ଜଣାପଡେ ସେମାନେ ଏହି ନିଶେତକ ପଦାର୍ଥ ସମ୍ପର୍କରେ ଜାଣନ୍ତି ଓ ଏହାକୁ ସେମାନେ ବି ଗ୍ରହଣ କରିଥାନ୍ତି। ପୁଫରଫିଶ କ'ଣ କରୁଛନ୍ତି ତାହା ସେମାନେ ଜାଣିପାରୁଥିବା ଏହି ଘଟଣାରୁ ସୂଚନା ମିଳୁଛି। ଆଫ୍ରିକୀୟ ମାଙ୍କଡ଼ ଓ ମଣିଷମାନଙ୍କ ମଧ୍ୟରେ ଆନୁବଂଶିକ ସମ୍ପର୍କ ରହିଛି। ଏହି କାରଣରୁ ସେମାନେ ଶାରୀରିକ ପ୍ରକ୍ରିୟାରେ ଇଥାନଲ୍‌ର ପ୍ରଭାବ ସମ୍ପର୍କରେ ଭଲ ଭାବେ ଅବଗତ। ସିମ୍ପାଞ୍ଜିମାନେ ସବୁବେଳେ ନିଶାକାରକ ଖଜୁରି କିମ୍ବା ତାଳ ରସ ବା ତାଡି ପିଅନ୍ତି। ଏହି ପ୍ରକାର ପ୍ରାକୃତିକ ନିଶାକାରକ ରସକୁ ବି ମଣିଷମାନେ ପିଇବାରେ ଅଭ୍ୟସ୍ତ। ଲୋରିସ୍( ମାଙ୍କଡ ମୁହଁ ଭଳି ଏକପ୍ରକାର ଜୀବ) ବର୍ଟାମ ପାମ୍ (ଏକ ପ୍ରକାର ଖଜୁରି ଗଛ)ରସ ପିଉଥିବାବେଳେ ସେଣ୍ଟ କିଟସ୍‌ରେ ଗ୍ରୀନ୍ ମାଙ୍କଡମାନେ ମଦ ମିଶ୍ରିତ ପାନୀୟକୁ ଟାର୍ଗେଟ କରିଥାନ୍ତି।

Email: gandhim@nic.in

# କୁମ୍ଭୀର କାନ୍ଦଣା କାହିଁକି

ଡ. ଗୌରାଙ୍ଗ ଚରଣ ରାଉତ

କାଳେ କାଳେ କୃଷକମାନଙ୍କର କରୁଣ ଏବଂ କାକ୍ଷଣର କାହାଣୀ କାହାରିକୁ ଅଛପା ନୁହେଁ। 'କୃଷିକାର ପ୍ରାୟ କୃଶ କରି କାୟ ଲାଭ ଶ୍ରମକୁ ପାଇଲୁ' ଦୀନ କୃଷ୍ଣ ଦାସଙ୍କ କୃତ ରସ କଲ୍ଲୋଳର ଉକ୍ତ ଉକ୍ତିରୁ ଆରମ୍ଭ କରି ସାଂପ୍ରତିକ କାଳଖଣ୍ଡରେ ସ୍ୱାଧୀନୋତ୍ତର କୃଷିପ୍ରଧାନ ଆମ ଦେଶ ଏବଂ ରାଜ୍ୟରେ କୃଷିଜୀବୀମାନଙ୍କୁ କରୁଣାର ପାତ୍ର ମନେକରି ସେମାନଙ୍କର ତଥାକଥିତ କଲ୍ୟାଣ ପାଇଁ ଶାସକ ଗୋଷ୍ଠୀ ଦ୍ୱାରା ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଥିବା ତାହାକୁ ପ୍ରମାଣିତ କରୁଅଛି। କୃଷକମାନଙ୍କର ଆର୍ଥିକ ଏବଂ ସାମାଜିକ ମେରୁଦଣ୍ଡକୁ ଦୁର୍ବଳ କରି ଆସୁଥିବା କଳା କାରନାମାଗୁଡିକୁ କବର ଦେବା ପରିବର୍ତ୍ତେ ଶାସକ ଗୋଷ୍ଠୀ ଦ୍ୱାରା ଯେତେ ପ୍ରକାର ବିଧେୟକ, ରଣ କୌଶଳ ଓ କୁସ୍ତି କସରତ ଚାଲିଛି ତାହା ଯେ ସଙ୍କଟ କବଳିତ କୋଟି କୋଟି ଚାଷୀଙ୍କ ପାଇଁ କର୍ତ୍ତୃପକ୍ଷଙ୍କର କୁମ୍ଭୀର କାନ୍ଦଣା ଛଡ଼ା ଅନ୍ୟ କିଛି ନୁହେଁ ଏକଥା ମୁକ୍ତ କଣ୍ଠରେ ସ୍ୱୀକାର କରାଯାଇପାରେ।

ଏକଦା 'ଚାଷ ଅଛି ଯାହାର କି ଆନନ୍ଦ ତାହାର, ସେହି ସିନା ଯୋଗାଉଛି ଦୁନିଆକୁ ଆହାର' ଏବେ କର୍ଣ୍ଣକଟୁ ହୋଇପଡିଲାଣି। ଏହାର କାରଣ ଖୋଜିବାର ଯେତିକି ଆବଶ୍ୟକତା ଅଛି କାହିଁକି କରଜରେ ବୁଡି କର୍ମଠ ଚାଷୀଟିଏ କୀଟନାଶକ ଖାଇ ଆତ୍ମହତ୍ୟା କରିବାକୁ ଶ୍ରେୟସ୍କର ମନେକରୁଛି ତାହାର ନିରାକରଣ ପାଇଁ ସେତିକି ସଂକଳ୍ପିତ ସମାଧାନ ବାହାର କରିବା ଦରକାର। ଅଶୀ ଦଶକର ଡଙ୍କେଲ ଡଙ୍କ, ଜଗତୀକରଣ, ଉଦାରୀକରଣ, ଘରୋଇକରଣର ରାଜନୈତିକ ମରୀଚିକା, ବିସ୍ଫୋରକ ଜନସଂଖ୍ୟା ସ୍ଥିତିର ମୁକାବିଲା ପାଇଁ ସରକାରୀ କଳର ସବୁଜ ବିପ୍ଲବ ଡାକରାରେ ଆଧୁନିକ ପ୍ରଣାଳୀରେ କୃଷି, ଉକ୍ଟ ରାସାୟନିକ ଉର୍ବରକ ଓ ଘାତକ ପୋକମରା ଔଷଧର ଅବିବେକୀ ପ୍ରୟୋଗ, ପ୍ରକୃତିର କୋପ ଏବଂ ଶାସକ ଓ ଶୋଷକ ଗୋଷ୍ଠୀଙ୍କ ହୀନ ଚକ୍ରାନ୍ତର ଶିକାର ପାଲଟିଥିବା କୃଷକଟିଏ ମାଲିକରୁ ଆଜି ଭିକାରୀ ଅବସ୍ଥାରେ ଉପନୀତ । ଏକପକ୍ଷରେ ଏକର ଏକର ଜମି ଥାଇ କୃଷିକର୍ମ ବିମୁଖ ଭୋକିଲା କୃଷିଜୀବୀ ପରିବାର କାମ ଅନ୍ୱେଷଣରେ ସ୍ଥାନାନ୍ତର ହେଉଥିବା ବେଳେ ଥୋକେ ଟଙ୍କିକିଆ ଚାଉଳ, ପାଞ୍ଚ ଟଙ୍କିଆ ଭୋଜନ, ଛତା, ଯୋତା, ଭତ୍ତା ପଛରେ କାକୁସ୍ଥ ହୋଇ ଧାଇଁବାରେ ଲାଗିଛନ୍ତି। ଅନ୍ୟପକ୍ଷରେ କୃଷକମାନଙ୍କ ଆୟ ଦ୍ୱିଗୁଣିତ କରାଯିବା ବାହାପିଆ କଥା ନିଶ୍ଚିତ ଭାବେ କିଂ ଭୂତ କିଂ ଆକାର।

କେବଳ ବକ୍ତବ୍ୟରେ କିମ୍ବା କାଗଜକଲମରେ କୃଷି ଓ କୃଷକର ବିକାଶ ହେଉଥିବା ନକଲି କଥା ନ କହି ଅନେକ କଷ୍ଟରେ କାଳ କାଟୁଥିବା ଗ୍ରାମାଞ୍ଚଳର ଚାଷିକୁଳ କିପରି ନିଦକରେ ସେମାନଙ୍କର ଜୀବକାର୍ଜନର ମୌଳିକ ଆବଶ୍ୟକତା ପୂରଣ କରିବେ ତାହା ଆଜି ଅଧିକ ପ୍ରାସଙ୍ଗିକ। ପ୍ରାଥମିକତା ଭିତ୍ତିରେ ଚାଷୀ ସ୍ୱାର୍ଥରେ ଭୂ–ସଂସ୍କାର ଆଇନକୁ କଡାକଡି କାର୍ଯ୍ୟକାରୀ କରିବା ସହିତ ଭାଗଚାଷୀ ଚିହ୍ନଟ, ଚାଷୀଙ୍କୁ ଜମି, ଜମିକୁ ଜଳ ଯୋଗାଣ, ଗ୍ରାମୀଣ ଯୁବକଙ୍କୁ କୃଷି, ପଶୁପାଳନ ଏବଂ କୁଟୀରଶିଳ୍ପ ପ୍ରତି ଆକୃଷ୍ଟ କରିବା ପାଇଁ ଯୋଜନା ପ୍ରଣୟନ କରାଯାଉ। ବିଷମୁକ୍ତ ଜୈବିକ କୃଷି, କମ୍ପୋଷ୍ଟ ଖତ ପ୍ରସ୍ତୁତି ଓ ପ୍ରୟୋଗ, ପ୍ରାମାଣିକ ପାରମ୍ପରିକ ବିହନର କାରବାର, ଅନ୍ତଃକୃଷି ଏବଂ ଖାଦ୍ୟ ପ୍ରକ୍ରିୟାକରଣ ସମ୍ପର୍କରେ ଦକ୍ଷତାବୃଦ୍ଧି, ଅଭାବୀ କିଣାବିକା ଏବଂ ଲାଭଖୋର ବେପାରୀଙ୍କ ଠକାମିରୁ ବର୍ତ୍ତିବାକୁ କଠୋର ଆଇନ ପ୍ରଚଳନ ହେବା ଆବଶ୍ୟକ। ଶୀତଳ ଭଣ୍ଡାର ବ୍ୟବସ୍ଥା, ପ୍ରାକୃତିକ ବିପ୍ରାତ ସମୟରେ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ତତ୍କାଳ କ୍ଷୟକ୍ଷତିର ଆକଳନ ପୂର୍ବକ କ୍ଷତିପୂରଣ ପ୍ରଦାନ, ଅମଳ ସମୟରୁ ଆରମ୍ଭ କରି ବର୍ଷ ତମାମ ଉତ୍ପାଦିତ ପଦାର୍ଥର ମୂଲ୍ୟ ସ୍ଥିର ରଖିବା, ବାଧ୍ୟତାମୂଳକ ବୀମାଭୁକ୍ତି ଆଦି କରଣୀୟ।

ଅତିବଡି ଜଗନ୍ନାଥ ଦାସଙ୍କ ଭାଗବତରେ ଅଛି 'ଅନ୍ନବିହୁନେ ହଂସ ହାନୀ, ଯୋଗ ସାଧିବୁ କାହା ଘେନି' ଅର୍ଥାତ୍ ଆହାର ବିନା ଜୀବନ ଧାରଣ କିମ୍ବା କୌଣସି ପ୍ରକାର କ୍ରିୟାକର୍ମ ସମ୍ପାଦନ କରିବା ଅସମ୍ଭବ। ବଞ୍ଚିବା ପାଇଁ ଯେତେ ସବୁ ସାମଗ୍ରୀ ରହିଛି ତନ୍ମଧ୍ୟରୁ ଖାଦ୍ୟାନ୍ନର ଆବଶ୍ୟକତା ଯେ ସର୍ବାଧିକ ଏବଂ ସର୍ବାଗ୍ରେ ଏଥିରେ ସନ୍ଦେହ ନାହିଁ।ଅଥଚ ସାଂପ୍ରତିକ ପରିସ୍ଥିତିରେ ଅନ୍ନଦାତା ଆନ୍ଦୋଳିତ। ଚାଷୀ ମୂଲିଆଙ୍କ ଦୁଃସ୍ଥିତିର ଯେପରି ଅନ୍ତ ନାହିଁ। ଅମର ଶହୀଦ ଲକ୍ଷ୍ମଣ ନାୟକଙ୍କ ବଳିଦାନ ଦିବସର ସାନ୍ଧ୍ୟକାଳୀନ ଶୋକ ସଭାରେ ତାଙ୍କ ସତୀର୍ଥଙ୍କ ଉଦ୍ଦେଶ୍ୟରେ ଜାତୀୟ କବି ବୀର କିଶୋରଙ୍କ ଦ୍ୱାରା ରଚିତ ଏବଂ ପଠିତ ଗୀତର ଶେଷ ପଙ୍କ୍ତି ''ଶେଷ କଥା ଶେଷ ଯୁଦ୍ଧ ଏ ତୁମ୍ଭର, ଚାଷୀ ମୂଲିଆଟି ଦେବତା ମୋହର, ଗଣ୍ଡେ ଖାଇ ଖଣ୍ଡେ ପିନ୍ଧିବେ ସେମାନେ, ନିରାଶ ତାହାଙ୍କୁ କରିବ ନାହିଁ '' ଆଜି ମଧ୍ୟ ବଜ୍ର ଆହ୍ୱାନ ହୋଇ ରହିଛି। ଭୋକର ନିଆଁକୁ ଲିଭାଇ ସବୁରି ପେଟକୁ ଦାନା, ଦେହକୁ କନା ଯୋଗାଇ ଆସୁଥିବା ଉତ୍ପାଦନକାରୀ ଚାଷୀମାନଙ୍କ ଆର୍ଥିକ ନିରାପତ୍ତା, ସାମାଜିକ ସୁରକ୍ଷା ଓ ସର୍ବୋପରି ସେମାନଙ୍କ ପ୍ରତି ଆନ୍ତରିକ ସମ୍ମାନ ବୋଧ ଏବଂ ସମ୍ବେଦନଶୀଳ ମନୋଭାବ ପୋଷଣ କରି ନାଗରିକର ନୈତିକ କର୍ତ୍ତବ୍ୟ ତଥା ରାଷ୍ଟ୍ରର ରାଜଧର୍ମ ପାଳନ ପୂର୍ବକ କୃଷକ ମନସ୍କ ହେବା ବାଞ୍ଛନୀୟ। ଅନ୍ୟଥା ଜୟ ଜବାନ–ଜୟ କିଷାନ କେବଳ ଶ୍ରୁତି ମଧୁର ସ୍ଲୋଗାନ୍‌ଟିଏ ହୋଇ ରହିଥିବ।

ମୋ:୮୨୭୦୭୭୬୪୫୫

## ଏଇ ଭାରତରେ

ଡି. ଶିବନ ଡାକ ବିଭାଗରେ ତାଙ୍କ ଚାକିରି କାଳରେ ଦୀର୍ଘ ୩୫ ବର୍ଷ ଧରି ନଦୀ, ନାଳ, ବଣ, ପାହାଡ଼ ପାରହୋଇ ନିଜ କର୍ତ୍ତବ୍ୟ ପାଳନ କରି ନିକଟରେ ଅବସର ଗ୍ରହଣ କରିଛନ୍ତି। ଏବେ ତାଙ୍କ ବୟସ ୬୫। ଅବସର ନେବା ଯାଏ ସେ ଏଭଳି ଏକ ନିୟମିତ ଜୀବନଧାରାରେ ରହିଥିଲେ, ଯାହା ଏବକାର କର୍ମଚାରୀଙ୍କ ପାଇଁ ଏକ ପ୍ରେରଣା ପାଲଟିଛି। ସେ ନୀଳଗିରି ମାଉଣ୍ଟେନ ରେଲୱେ ଟ୍ରାକ୍ କଡ଼େ କଡ଼େ ଚାଲି ଚାଲି ଯାଆନ୍ତି ଓ ଦୁର୍ଗମ ଅଞ୍ଚଳ ଗାଁଗୁଡ଼ିକରେ ବନ ବିଭାଗର ଶ୍ରମିକ ଏବଂ ଗ୍ରାମବାସୀମାନଙ୍କୁ ପେନ୍‌ସନ ଓ ଡାକ ସେବା ଯୋଗାଇ ଦିଅନ୍ତି। ଶିବନଙ୍କ ଜୀବନଶୈଳୀ ଅତି ସାଧାରଣ। ରହନ୍ତି ତାମିଲନାଡୁର କୋନ୍ନୁରରେ । ସେ ଚାକିରିରୁ ଅବସର ନେଇଛନ୍ତି, କିନ୍ତୁ ଦୀର୍ଘ ୩୫ ବର୍ଷ ଧରି ତାଙ୍କ ନିୟମିତ କାର୍ଯ୍ୟଧାରାରେ କିଛି ବି ପରିବର୍ତ୍ତନ କରି ନ ଥିଲେ ବୋଲି କହନ୍ତି ସେଠାକାର ବାସିନ୍ଦା। ସକାଳ ୧୦ଟାରୁ ସେ ଯାତ୍ରା ଆରମ୍ଭ କରି ତାଙ୍କ କାର୍ଯ୍ୟସ୍ଥଳୀ ହିଲ୍‌ଗ୍ରୋଭ ପୋଷ୍ଟ ଅଫିସକୁ ଯାଆନ୍ତି। ଏହି ଅଫିସ ଘର ପାଖରୁ ୧୦ କି.ମି ଦୂର। ଘରଠାରୁ ଏକ ଲୋକାଲ ବସ୍‌ରେ ୪ କି.ମି, ଗଲା ପରେ ଅବଶିଷ୍ଟ ବାଟ ଚାଲି ଚାଲି ଯାଇ ଅଫିସ୍‌ରେ ପହଞ୍ଚନ୍ତି। ସେଠାରେ ପହଞ୍ଚିବା ପରେ ମେଲ୍ ଧରି ଚାଲିବା ଆରମ୍ଭ କରିଦିଅନ୍ତି ବିଭିନ୍ନ ସ୍ଥାନକୁ। ଜଙ୍ଗଲରେ ବନ୍ୟଜନ୍ତୁଙ୍କୁ ଖାତିର ନ କରି ସେ ନଦୀ, ନାଳ, ପାହାଡ଼ ଚଢ଼ି ବିଭିନ୍ନ ଗ୍ରାମରେ ଲୋକମାନଙ୍କ ପାଖରେ ଡାକ ପହଞ୍ଚାଇ ପୁଣି ଫେରି ଆସନ୍ତି। ଜଙ୍ଗଲ ଭିତରେ ସେ ପ୍ରାୟ ୧୫ କି.ମି. ଚାଲନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୭ ଜାନୁୟାରୀ ୧୯୯୬

- ଇରାକ୍ ବିରୁଦ୍ଧରେ ଦୀର୍ଘ ୫ ବର୍ଷ ଧରି ଲାଗୁ ହୋଇଥିବା କଟକଣା ଅବ୍ୟାହତ ରଖିବାକୁ ଜାତିସଂଘ ନିରାପତ୍ତା ପରିଷଦର ନିଷ୍ପତ୍ତି।
- ପାକିସ୍ତାନର ଦକ୍ଷିଣ ସିନ୍ଧ୍ ପ୍ରଦେଶରେ ଏକ ଅନ୍ତିମ ସଂସ୍କାର କାର୍ଯ୍ୟରେ ପାରମ୍ପରିକ ଖାଦ୍ୟ ଖାଇ ୧୦ ବ୍ୟକ୍ତି ମୃତ।
- ଜମ୍ମୁ ଅଞ୍ଚଳରେ ଥିବା ଦୋଦା ଜିଲାର ବାରସାଳ ଗ୍ରାମରେ ଆତଙ୍କବାଦୀଙ୍କ ଗୁଳିରେ ଏକ ନିର୍ଦ୍ଦିଷ୍ଟ ସଂପ୍ରଦାୟର ୧୫ ବ୍ୟକ୍ତି ନିହତ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 6 | | | | 8 | | | | 3 | | | E | | |
| 3 | | C | | D | | | | | | 7 | | | A | B |
| B | | | 9 | | | 7 | 5 | D | | | | | | |
| | | | | | | B | | 1 | | | 6 | | | |
| 1 | 9 | 4 | | | | | E | C | | | D | | | |
| | | | 4 | | | 0 | 9 | | 1 | | | | | 6 |
| A | | | 7 | E | | 1 | B | | | 8 | C | | | |
| | | | | | A | 4 | | | | E | 5 | | | |
| | 2 | E | | 1 | 6 | 8 | | | 4 | | | 7 | 0 | |
| 5 | | | | C | | | | | | 6 | | | 2 | 1 |
| | 3 | 8 | | | | C | | 9 | | 0 | | | | |
| D | | | 6 | | E | | | B | | 5 | 7 | 3 | | |
| | | | | 2 | 7 | E | | | 8 | | | | 1 | |
| | 0 | | 3 | | 4 | | 8 | | D | | | | | 2 |
| C | | 7 | | | 5 | | 6 | | E | | 9 | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 0 | C | 8 | 6 | 4 | 9 | 1 | 2 | 7 | 3 | A | B | E | 5 |
| A | 3 | 6 | B | 0 | 7 | D | E | 5 | 4 | C | 9 | 2 | 8 | 1 |
| 2 | 9 | 1 | 3 | D | A | B | 8 | 7 | 6 | 5 | E | C | 0 | 4 |
| 4 | 5 | E | 1 | C | 9 | 3 | A | 0 | 2 | B | 8 | 7 | D | 6 |
| 8 | B | 7 | 2 | 5 | E | 4 | C | 6 | 0 | D | 1 | A | 3 | 9 |
| E | 1 | 0 | D | 4 | B | A | 7 | 9 | 8 | 2 | C | 5 | 6 | 3 |
| C | A | B | 6 | E | 2 | 0 | 3 | 8 | 9 | 4 | 5 | D | 1 | 7 |
| 5 | 4 | 2 | 9 | 3 | 1 | C | 6 | D | B | E | 7 | 8 | A | 0 |
| 9 | 8 | D | C | 7 | 0 | 2 | 5 | 1 | 3 | A | 6 | E | 4 | B |
| 7 | 6 | 3 | A | 8 | 5 | E | B | 4 | 1 | 0 | D | 9 | 2 | C |
| B | 2 | 5 | 4 | 9 | D | 6 | 0 | C | A | 8 | 3 | 1 | 7 | E |
| 3 | 7 | 4 | 0 | 1 | 8 | 5 | D | B | E | 9 | 2 | 6 | C | A |
| 0 | C | 8 | E | 2 | 6 | 1 | 4 | A | 5 | 7 | B | 3 | 9 | D |
| 1 | E | 9 | 5 | A | C | 7 | 2 | 3 | D | 6 | 4 | 0 | B | 8 |
| 6 | D | A | 7 | B | 3 | 8 | 9 | E | C | 1 | 0 | 4 | 5 | 2 |

ଗତକାଲିର ଉତ୍ତର

# ଜରା ଜୀବନ

ମୋହନ ଚରଣ ବିଷି

ଶରୀର ପରିବର୍ତ୍ତନର ଏକ ଅବସ୍ଥା ଜରା। ଏହି ସମୟରେ ଶରୀର ଦୁର୍ବଳ ଓ ଶିଥିଳତା ପଡ଼ିଥାଏ। ଛୋଟ ପିଲାର ମନପରି ବୟସ୍କ ବ୍ୟକ୍ତିର ମନ। ଦୀର୍ଘ ବର୍ଷର ଅଭିଜ୍ଞତାରୁ ସମସ୍ତଙ୍କୁ କିଛି କିଛି କହିବାକୁ ଇଚ୍ଛା କରିଥାନ୍ତି। କିନ୍ତୁ କମ୍ ଲୋକ ତାଙ୍କ କଥା ଶୁଣନ୍ତି। କିଛି ଶୁଣି ନ ଶୁଣିଲା ପରି ହୁଅନ୍ତି। କିଛି ଶୁଣି ବିରକ୍ତି ପ୍ରକାଶ କରି କହନ୍ତି, ତମ କଥା ଆଉ କାଟିବ ନାହିଁ, ଯୁଗ କୋଉଠି କି ଆସିଲାଣି। ନୀରବି ଯାଏ ବୟସ୍କ ବ୍ୟକ୍ତି। ହାତରେ ହଉନି ଗୋଡ଼ରେ ହଉନି, ଚୁପରହିବା ଛଡ଼ା ଉପାୟ ନାହିଁ। ମନ ଭିତରେ ଅନେକ କ୍ଷୋଭ କିଛି କରି ନ ପାରିବାର ବେଳେବେଳେ ପାରିବା ପଣିଆ ନେଇ ଅନେକ ବହପ। ଏସବୁ କେବଳ ମନକୁ ଟିକେ ହାଲକା କରିବା, ଦୁଃଖର ଝାଳ ପୋଛି ସୁଖର କୋଳରେ ମଥା ଆଉଜେଇବା ପରି। ଯେଉଁ ବୃଦ୍ଧାବୃଦ୍ଧ ସରକାରୀ ଚାକିରି କରି ଅବସର ନେଇଛନ୍ତି ତାଙ୍କର ଘରେ ଟିକେ ଦେଖାଶୁଣା କିଛି କିଛି ହୁଏ। କାରଣ ମାସିକ ପେନ୍‌ସନ ଆସୁଛି। ମାସ ପୂରିଲେ ପେନ୍‌ସନ ଭାଗ ହେବ ଦୁଇ ପୁଅ ଭିତରେ। ସମାନ କିଛି ବଳେଇ ଦେବେ ନାହିଁ। ବଳିଲେ ବି କ'ଣ କରିବେ ସବୁ ତ ଆମେ ବୁଝୁଛୁ।

ମାସ ମଝିରେ କିଛି ଦରକାର ହେଲେ ଶୁଣିବାକୁ ପଡ଼େ ଏତେଦିନ ହେଲାଣି ପେନ୍‌ସନ ଟଙ୍କା ଆଉ ଅଛି। ଯିଏ ଖଟିଖିଆ, ମଜୁରିଆ, ମଧ୍ୟବିତ୍ତ ବୟସ୍କ ସବୁ ସେମାନଙ୍କ କଥା ଆହୁରି ଜଟିଳ। ଶରୀରରେ ବଳବପୁ ଥିବା ଯାଏ ସବୁ ଠିକ୍‌ଠାକ ଚାଲିଥାଏ। ଦେହପା ବିଗିଡ଼ି ଗଲେ କି ହାତଗୋଡ଼ ଅଚଳ ହୋଇଗଲେ ସବୁକଥା ବାହାରିଥାଏ। କେବଳ ଆଁକରି ଜକ ଜକ ଅନେଇ ଥାଏ, ଯାହା ସିଝା ହେବ ଖାଇଲେ ତ ଭଲ ନ ଖାଇଲେ କି ଟିକେ କ'ଣ କହିଦେଲେ ଗାଳି, ନାତ ସବୁ ଖାଇବାକୁ ପଡ଼େ। ବାର୍ଦ୍ଧକ୍ୟ ଭତ୍ତା ପାଉ ପାଉ ଛଡ଼େଇ ନିଅନ୍ତି। ନିଅ ଦୋକାନରେ ଦେଇଦେବ। ଯେଉଁ ବୃଦ୍ଧାବୃଦ୍ଧଙ୍କର ପୁଅ ଝିଅ ବାହାରେ ରହୁଛନ୍ତି ବଡ଼ ଚାକିରି କରୁଛନ୍ତି ତାଙ୍କର ମା' ବାପାମାନଙ୍କର ତ କେତେ ଦୁର୍ଦ୍ଦଶା। ଘର ଭିତରେ ଆବଦ୍ଧ ହୋଇ ରହନ୍ତି। ପାରିଲେ ରୋଷେଇ କରିବେ ନଚେତ ଉପାସରେ ଦିନ କଟିଯାଏ। ପୁଅଟିଏ ପାଇଥାନ୍ତି ବୁଢ଼ୀବୁଢ଼ା ବେଳେ ସେବା କରିବେ କିନ୍ତୁ ବିପରୀତ। ବରଂ କୋଉ ଜରା ନିବାସରେ ବାପା ମା'କୁ ରଖି ବିଦେଶରେ ପୁଅ ମଉଜ କରନ୍ତି। ହୁଏତ ସବୁ ପିଲା ଏମିତି ନ ଥିବେ। ନ ଥିଲେ ଭଲ କଥା କିନ୍ତୁ ଏମିତି ବେଶି ଶୁଣିବାକୁ ମିଳିଥାଏ।

ବର୍ତ୍ତମାନ ପରିପ୍ରେକ୍ଷୀରେ ଜରା ନିବାସର ଚାହିଦା ବେଶି। ବିଦେଶରେ ଦେୟଯୁକ୍ତ ଜରା ନିବାସ ବେଶି ସଂଖ୍ୟାରେ ଗଢ଼ି ଉଠିଲାଣି। ସେଠିକାର ବୁଢ଼ୀବୁଢ଼ାମାନେ ଯାହାଙ୍କର ପେନ୍‌ସନ କିମ୍ବା ସମ୍ପତ୍ତି ଅଛି ନିଜେ ଦେୟ ଦେଇ ରହୁଛନ୍ତି କିମ୍ବା ଚାକିରିଆ ପିଲାମାନେ ମା' ବାପାଙ୍କୁ ନିଜେ ଜରାନିବାସ ପଠେଇ ଦେଉଛନ୍ତି। ଭାରତରେ ମଧ୍ୟ ଦେୟଯୁକ୍ତ ଜରା ନିବାସର ଆବଶ୍ୟକତା ରହିଛି। ଏବେ ଯେଉଁସବୁ ଜରା ନିବାସ ଅଛି ସେ ସବୁ ବିଭିନ୍ନ ଏନ୍‌ଜିଓମାନେ ପରିଚାଳନା କରୁଛନ୍ତି। ଏହି ଜରା ନିବାସରେ ପରିଚାଳନାଗତ ତ୍ରୁଟି ବିଚ୍ୟୁତି ଅନେକ ରହିଥିବାର ଅଭିଯୋଗ ହୋଇ ଆସୁଛି। ତେଣୁ ବୃଦ୍ଧାବୃଦ୍ଧ ଜରା ନିବାସରେ ଶାନ୍ତିରେ ରହିପାରୁ ନାହାନ୍ତି। ଓଡ଼ିଶାର ପ୍ରତ୍ୟେକ ଜିଲାରେ ଜରାନିବାସ ସ୍ଥାପନ ପାଇଁ ଏବେ ଚର୍ଚ୍ଚା ହେଉଛି। ୨୦୧୧ ଜନଗଣନା ଅନୁସାରେ ଭାରତରେ ରହିଛନ୍ତି ୧୦୪ ମିଲିୟନ ବରିଷ୍ଠ ନାଗରିକ ଯାହା ମୋଟ ଜନସଂଖ୍ୟାର ୮. ୬% । ଏହି ହାରରେ ୨୦୩୦ରେ ୩୧୫ ମିଲିୟନ ମୋଟ ଜନସଂଖ୍ୟାର ୨୦%ରେ ପହଞ୍ଚିବା ଅନୁମାନ କରାଯାଏ। ଗ୍ଲୋବାଲ ଏକଜାକ୍ଟ ଇନଡେକସ୍ ରିପୋର୍ଟରେ ୯୧ଗୋଟି ଦେଶ ମଧ୍ୟରେ ବରିଷ୍ଠ ନାଗରିକଙ୍କୁ ସାମାଜିକ ସୁରକ୍ଷା ଯୋଗାଇ ଦେବାରେ ଭାରତର ସ୍ଥାନ ୭୧ତମରେ ରହିଛି। ଓଡ଼ିଶାରେ ୨୦୧୧ ଜନଗଣନା ଅନୁସାରେ ମୋଟ ଜନସଂଖ୍ୟା ୪.୧୮କୋଟିର ୯.୫% ବରିଷ୍ଠ ନାଗରିକ ଅନ୍ତର୍ଭୁକ୍ତ। ଓଡ଼ିଶାର ପ୍ରାୟ ୮୦% ବରିଷ୍ଠ ନାଗରିକ ଦୈନନ୍ଦିନ ଜୀବନ ନିର୍ବାହ ପାଇଁ କାମ କରିଥାନ୍ତି। ଗ୍ରାମାଞ୍ଚଳରେ ୮୧.୨% ଓ ସହରାଞ୍ଚଳରେ ୬୫.୫% ବୟସ୍କ ବ୍ୟକ୍ତି କାମଧନ୍ଦା କରି ଗୁଜୁରାଣ ମେଣ୍ଟେଇଥାନ୍ତି। ବରିଷ୍ଠ ନାଗରିକ ବା ବୃଦ୍ଧାବୃଦ୍ଧମାନଙ୍କର ସାମାଜିକ ସୁରକ୍ଷା ଓ ଉପଯୁକ୍ତ ଥଇଥାନ ନିମନ୍ତେ ସମ୍ବିଧାନର ରାଷ୍ଟ୍ରୀୟ ନିର୍ଦ୍ଦେଶମୂଳକ ନୀତି ଧାରା ୪୧ ରାଷ୍ଟ୍ରକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ବ୍ୟତୀତ ସମ୍ବିଧାନର ମୌଳିକ ଅଧିକାର ଅନ୍ତର୍ଗତ ସମାନତା ଅଧିକାର ସୂଚିତ କରୁଛି ଯେ, ଦେଶର ସମସ୍ତ ବର୍ଗର ଲୋକେ ଉପଯୁକ୍ତ ମର୍ଯ୍ୟାଦା ସହ ଜୀବନଯାପନ କରିବେ।

କେନ୍ଦ୍ର ସରକାର ବରିଷ୍ଠ ନାଗରିକମାନଙ୍କ ପାଇଁ ବିଭିନ୍ନ ସମୟରେ ଏନ୍‌ପିଓପି, ଆଇଜିଏନ୍‌ଓଏପି, ଆଇଜିଏନ୍‌ଓଓପି, ଆଇଜିଏନ୍‌ଡିପିଏନ୍‌ଏଫବି, ଏନ୍‌ପିଏଚସିଇ ପରି ଯୋଜନା କରି ଆର୍ଥିକ ସହାୟତା ଓ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଛନ୍ତି। ବର୍ତ୍ତମାନ କେନ୍ଦ୍ର ସରକାରଙ୍କ କିଛି ଦେୟଯୁକ୍ତ ବାର୍ଦ୍ଧକ୍ୟକାଳୀନ ପେନ୍‌ସନ ଯୋଜନା ମଧ୍ୟ ଲାଗୁକରିଛନ୍ତି, ଯେଉଁ ସବୁ ଯୋଜନାରେ ଅଳ୍ପକିଛି ପ୍ରିମିୟମ ଦେଇ ସାମିଲ ହେବାର ବ୍ୟବସ୍ଥା ରହିଛି। ସେହିଭଳି ଓଡ଼ିଶା ସରକାର ମଧ୍ୟ ବାର୍ଦ୍ଧକ୍ୟ ପେନ୍‌ସନ ନିୟମ ୧୯୮୯ ଓ ଭିନ୍ନକ୍ଷମ ପେନ୍‌ସନ ନିୟମ ୧୯୮୫କୁ ମିଶ୍ରଣ କରି ୨୦୦୮ରେ ମଧୁବାବୁ ପେନ୍‌ସନ ଯୋଜନାର ଶୁଭାରମ୍ଭ କରିଥିଲେ। ବର୍ତ୍ତମାନ ଏହି ଯୋଜନାରେ ୬୦ରୁ ୭୯ ବୟସ୍କଙ୍କୁ ୫୦୦ଶହ ଟଙ୍କା ଓ ୮୦ବର୍ଷରୁ ଊର୍ଦ୍ଧ୍ୱଙ୍କ ପାଇଁ ୭୦୦ଟଙ୍କା ପ୍ରଦାନ କରୁଛନ୍ତି। ଏହାବ୍ୟତୀତ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା କଳାକାର ଭତ୍ତା ୧୨୦୦ଟଙ୍କା ପ୍ରଦାନ କରିବାର ବ୍ୟବସ୍ଥା କରିଛନ୍ତି। ଜଣେ ବୟସ୍କ ନାଗରିକଙ୍କୁ ଏହା ଶଙ୍ଖେକୁ ପାଣି ସଦୃଶ। ଯେତେଦିନ ପର୍ଯ୍ୟନ୍ତ ତା'ର ହାତଗୋଡ଼ ଚାଲୁଛି ତ ପାଟି ଚାଲୁଛି। ଗ୍ରାମାଞ୍ଚଳରେ ଥିବା ବୟସ୍କ ବ୍ୟକ୍ତିମାନଙ୍କୁ ସରକାର ମୌଳିକ ସୁବିଧା ପ୍ରଦାନକରିବା ନିହାତି ଦରକାର।

ସମସ୍ତଙ୍କୁ ଜରା ନିବାସରେ ରଖିବା ସମ୍ଭବପର ନୁହେଁ। ଏଣୁ ହାତ ପାଆନ୍ତାରେ ଆବଶ୍ୟକ ଅନୁସାରେ ରନ୍ଧା ଖାଦ୍ୟ, ମାସକୁ ଥରେ ଚିକିତ୍ସା ସୁବିଧା, ପାଖରେ ଏକ ଚେୟାର ପାଇଖାନା, ବେଡପାନ, ଗରମ ପାଣି ପାଇଁ ଫ୍ଲାସ, ବାଲଟି, ମଗ, ଟର୍ଚ୍ଚ, ଆଶାବାଡ଼ି, ଛତା, କମ୍ବଳଟିଏ ନିହାତି ଆବଶ୍ୟକ। ବାର୍ଦ୍ଧକ୍ୟଜନିତ କାରଣରୁ ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖୀନ ହେବାରୁ କିଛି ମାତ୍ରାରେ ଜରା ଜୀବନକୁ ଉପଶମ ଦେବ; ଯଦି ସରକାର ବାର୍ଦ୍ଧକ୍ୟ ଭତ୍ତା ସହ ଏହି ସବୁ ଉପକରଣ ଯୋଗେଇଦେବେ।

ସନ୍ତାନଙ୍କ ଅବହେଳାର ସମ୍ମୁଖୀନ ହେଉଥିବା ବୟସ୍କମାନେ ସରକାରଙ୍କ ଦୟାର ପାତ୍ର। ପ୍ରଜାମଙ୍ଗଳକାରୀ ରାଷ୍ଟ୍ରରେ ସେବା ଓ ପ୍ରଜ୍ଞା ଯୋଗାଇଥିବା ନାଗରିକମାନଙ୍କର ଏହା ଅଧିକାର। ଶାସ୍ତ୍ର ଅନୁସାରେ ସନ୍ତାନମାନେ ପିତୃଋଣ ପରିଶୋଧ ପାଇଁ ସେବାଯତ୍ନ କରିବା ଦରକାର। ଜୀବନ ତମାମ ଯିଏ ନିଜ ପାଇଁ ଚିନ୍ତା ନ କରି ନିଜ ଝିଅପୁଅ ପାଇଁ ଚିନ୍ତାକରେ ତାଙ୍କୁ ଅବହେଳା କରିବା ଅର୍ଥ ଭବିଷ୍ୟତରେ ନିଜେ ମଧ୍ୟ ଅବହେଳିତ ହେବା। ଆମେ ଯେମିତି କରିଥିବା ଆମ ଝିଅପୁଅ ସେମିତି କରିବେ। ସମାଜରେ ଏକ ସୁସ୍ଥ ପରମ୍ପରା ସୃଷ୍ଟି ପାଇଁ ଜରା ଜୀବନକୁ ସହଜ।

ଅଧ୍ୟାପକ, ଗଡ଼ରାମାଳ, କୋକସରା, କଳାହାଣ୍ଡି
ମୋ:୯୭୭୭୪୬୮୮୪୧

## ପାଠକ ଶ୍ରେଷ୍ଠ ବିଚାରକ

### ଅପମିଶ୍ରଣକାରୀଙ୍କୁ କଠୋର ଦଣ୍ଡ ମିଳୁ

ମହାଶୟ,

ଜୀବନ ଜୀବିକା ସହ ଖେଳ ଖେଳୁଛନ୍ତି ଅପମିଶ୍ରଣକାରୀ ବ୍ୟବସାୟୀ ତଥା ମାଲିକ । ଲୋକଙ୍କୁ ଜୀବନରେ ମାରିଦେବା, ବ୍ୟବହାର୍ଯ୍ୟ ଜିନିଷର ଗୁଣାତ୍ମକ ମାନ ହ୍ରାସ କରି ଅଧିକ ରୋଜଗାର କରିବା ହିଁ ଲକ୍ଷ୍ୟସାଧିତ ହେଉଛି । ନିମ୍ନମାନର ଖାଦ୍ୟସାମଗ୍ରୀ ଖାଇ ଲୋକମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବା ସହିତ ମୃତ୍ୟୁମୁଖରେ ପଡୁଛନ୍ତି । ସିମେଣ୍ଟ ଅପମିଶ୍ରଣ ଫଳରେ କୋଠାଘର, ବ୍ରିଜ ଆଦି ଭୁଶୁଡି ପଡୁଛି । ନିମ୍ନମାନର ଚିନ୍ତା ଥିବା ବ୍ୟକ୍ତି ଅର୍ଥଲୋଭରେ ରାତାରାତି ବଡ଼ଲୋକ ହେବା ସ୍ୱପ୍ନରେ ଜୀବନଜୀବିକା ସହ ଖେଳ ଖେଳୁଛନ୍ତି । ଏହି ଅପମିଶ୍ରଣକାରୀଙ୍କୁ ଠାବ କରିବାରେ ଜନସାଧାରଣଙ୍କର ସହଯୋଗର ଆବଶ୍ୟକତା ଅଛି । ତୁରନ୍ତ ଯେକୌଣସି ମାଧ୍ୟମରେ ସରକାରଙ୍କୁ ଜଣାଇବା, ଲୋକଙ୍କୁ ଅବଗତ କରାଇବା ଜରୁରୀ । ପୋଲିସ ପ୍ରଶାସନ, ଗୁଇନ୍ଦା ବିଭାଗ, ସର୍ବୋପରି ସରକାର ନିଃସ୍ୱାର୍ଥପର ଭାବରେ ଜନସାଧାରଣଙ୍କ ଜୀବନଜୀବିକା ସହ ଖେଳୁଥିବା ଅପମିଶ୍ରଣକାରୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡଦେବା ଆବଶ୍ୟକ, ଯଦ୍ୱାରା ଏହାର ପୁନରାବୃତ୍ତି ହେବ ନାହିଁ ।

–ସୁକାନ୍ତ କୁମାର ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସାକ୍ଷୀଗୋପାଳ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ବିକଳ ପ୍ରାଣେ ବେଦନା ପ୍ରାସ
ସରମ ଚାରୁ ଚପଳ ହାସ
ଆସ ଗୋ ଆସ ଭୀତି ତରାସ ରଙ୍ଗିଣୀ
ଆସ ଗୋ ହୃଦ ଅଭୟ ଧାରା ସଙ୍ଗିନୀ।
–(ବର୍ଷା ନାୟିକା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୭ ଜାନୁୟାରୀ, ୨୦୨୧



## ୧୮ ଦିନ ପରେ ନୂଆଗୁଡ଼ା ମଣ୍ଡିରୁ ଉଠିଲା ଧାନ

ଜୁନାଗଡ଼(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ନୂଆଗୁଡା ମଣ୍ଡିରେ ଗତ ୧୮ ଦିନ ହେବ ଟାର୍ଗେଟ ଅଭାବରୁ ଧାନ ଉଠୁ ନ ଥିଲା। ଫଳରେ ୪୦ଜଣ ଚାଷୀଙ୍କ ପ୍ରାୟ ୨୫ ଶହ କୁଇଣ୍ଟାଲ ଧାନ ମଣ୍ଡିରେ ପଡିରହିଥିଲା। ଚାଷୀ ଧାନ ବିକ୍ରି ଆଶାରେ ୧୮ ଦିନ ହେଲା ଶୀତ କାକରରେ ମଣ୍ଡିରେ ପଡିରହିଥିଲେ। ଧାନ ଅଭାବୀ ବିକ୍ରିକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଶେଷରେ ପ୍ରଶାସନ ପକ୍ଷରୁ ଟାର୍ଗେଟ ଦିଆଯିବା ପରେ ବୁଧବାର ମଣ୍ଡିରୁ ଧାନ ଉଠାଣ ଆରମ୍ଭ ହୋଇଛି। ଜୁନାଗଡ଼ ଆରଏମସି ସମ୍ପାଦକ ଟଙ୍କଧର ନାଏକ ମଣ୍ଡିରେ ଉପସ୍ଥିତି ରହି ଧାନ ଉଠାଣ କାର୍ଯ୍ୟ ତଦାରଖ କରିଥିଲେ। ବୁଧବାର ସନ୍ଧ୍ୟା ସୁଦ୍ଧା ୨୨ ଜଣ ଚାଷୀଙ୍କ ୧୧ଶହ ୮୨ କୁଇଣ୍ଟାଲ ଧାନ ଉଠାଣ ହୋଇଛି।

## ସଂକ୍ଷେପରେ

### ଜିଲା ମୁଖ୍ୟ ଚିକିତ୍ସାଳୟରେ କୋଭିଡ୍-୧୯ ଭାକ୍ସିନର ମକଡ୍ରିଲ

**ଭବାନୀପାଟଣା, ୬।୧ (ଡି.ଏନ.ଏ.):** ଜିଲା ମୁଖ୍ୟ ଚିକିତ୍ସାଳୟରେ କୋଭିଡ୍-୧୯ ଭାକ୍ସିନ୍‌ର ରିହର୍ସାଲ କରାଯାଇଛି। ଆଗାମୀ ଦିନରେ ଜିଲାରେ ପ୍ରାୟ ୧୦ ହଜାର ସ୍ୱାସ୍ଥ୍ୟ କର୍ମୀ, ଆଶା ଏବଂ ଯେଉଁମାନେ ସାର୍ବଜନୀନ ଟିକାକରଣ କାର୍ଯ୍ୟକ୍ରମରେ ଭାଗ ନେବେ ସେମାନଙ୍କୁ ପ୍ରାଥମିକ ପର୍ଯ୍ୟାୟରେ କେମିତି ଟିକାକରଣ କରାଯିବ ସେ ନେଇ ଅଭ୍ୟାସ କରାଯାଇଥିଲା। ଟିକାକରଣ ସମୟରେ କୋଭିଡ ନିୟମକୁ ଗୁରୁତ୍ୱ ଦେଇ ପରିଚାଳନା ମକଡ୍ରିଲ କରାଯାଇଥିଲା। ଶୃଙ୍ଖଳା ସହ ପାର୍ଶ୍ୱ ପ୍ରତିକ୍ରିୟାର ପରିଚାଳନା ଏବଂ ଟିକାରଣ ପ୍ରକ୍ରିୟାରେ ଅଭ୍ୟାସ କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ତତ୍ତ୍ୱାବଧାନରେ ହୋଇଥିବା କାର୍ଯ୍ୟକ୍ରମରେ ଆର୍‌ଆର୍‌ସିର ଡା. ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଡିପିଏମ୍ ଅବନୀ ରଞ୍ଜନ ମହାପାତ୍ର, ଏଡିଏମ୍‌ଓ ମେଡିକାଲ, ଏଡିଏମ୍‌ଓ ଏଫ୍‌ଡବ୍ଲୁ, ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ସହ ଜିଲା ସ୍ୱାସ୍ଥ୍ୟ ବିଭାଗ ଅନ୍ୟ ଅଧିକାରୀ ଯୋଗଦେଇଥିଲେ।

### ଡେଙ୍ଗନାଡିହିରେ କୃଷକ ଉତ୍ସବ

**ପାଇକମାଲ, ୬।୧ (ଡି.ଏନ.ଏ.):** ୨୦୧୯ର ପ୍ରଧାନମନ୍ତ୍ରୀ ଫସଲ ବୀମା ଟଙ୍କା ଭେଙ୍ଗରାଜପୁର ଗ୍ରାମପଞ୍ଚାୟତ ଚାଷୀମାନେ ପାଇବା ପରେ ବୁଧବାର ଡେଙ୍ଗନାଡିହି ଗ୍ରାମରେ ଜୟ କିଷାନ କୃଷକ ସଙ୍ଗଠନ ପକ୍ଷରୁ କୃଷକ ଉତ୍ସବ ପାଳନ କରାଯାଇଥିଲା। କୃଷକ ଉତ୍ସବରେ ଭେଙ୍ଗରାଜପୁର, ମାଝିପାଲି, ରସମୁଣ୍ଡା, ପିପଲପାଲି, ଛତରବେହେରା, ନାଗଡିହି, ବନମାଲ, ଡେଙ୍ଗନାଡିହି, ମଲଦା ଆଦି ଗ୍ରାମରୁ ଶତାଧିକ କୃଷକ ସାମିଲ ହୋଇଥିଲେ।

### ଜିଲା ଫୁଡ ଇନ୍ସପେକ୍ଟରଙ୍କ ଦୋକାନ ପରିଦର୍ଶନ

**ଖଡିଆଳ, ୬।୧ (ଡି.ଏନ.ଏ.):** ନୂଆପଡା ଜିଲା ଫୁଡ ଇନ୍ସପେକ୍ଟର ଖଡିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦରେ ଥିବା ଦୋକାନ, ହୋଟେଲ ତଥା ଅନ୍ୟ ଖାଉଟି ସାମଗ୍ରୀ ବିକ୍ରି କରୁଥିବା ଦୋକାନଗୁଡିକୁ ଆସି ଫୁଡ ଲାଇସେନ୍ସ କରିବାକୁ ପ୍ରବର୍ତ୍ତାଇ ଥିଲେ ଓ ଦୋକାନୀମାନଙ୍କୁ ଗୋଟିଏ ଗୋଟିଏ ରସିଦ ଦେଇଥିଲେ। ଆଗାମୀ ଦିନରେ ଯଦି ଲାଇସେନ୍ସ ନ ଥିବା ତାହେଲେ ଜରିମାନା ଆଦାୟ କରାଯିବ ବୋଲି କହିଛନ୍ତି। ଏହା ସହିତ ରାସ୍ତା ପାର୍ଶ୍ୱରେ ବିଭିନ୍ନ ଖାଉଟି ସାମଗ୍ରୀ ବିକ୍ରି କରୁଥିବା ଠେଲାଗୁଡିକୁ ଚଢ଼ାଉ କରି ସେମାନଙ୍କୁ ଜରିମାନା ଆଦାୟ କରାଯିବ ଓ ଫୁଡ ଲାଇସେନ୍ସ କରିବାକୁ ବାଧ କରାଯିବ। ବିନା ଲାଇସେନ୍ସରେ କୌଣସି ଦୋକାନୀ ଖାଉଟି ସାମଗ୍ରୀ ବିକ୍ରି କରିପାରିବେ ନାହିଁ ବୋଲି ଜିଲା ଫୁଡ ଇନ୍ସପେକ୍ଟର ତପସ୍ୱିନୀ ବେହେରା ପ୍ରକାଶ କରିଥିଲେ।

### ମେଘୁଆ ପାଗ: ପନିପରିବାରେ ରୋଗପୋକଙ୍କ ପ୍ରାଦୁର୍ଭାବ

**ଅତାବିରା, ୬।୧ (ଡି.ଏନ.ଏ.):** ଅତାବିରା ଅଞ୍ଚଳରେ ମେଘୁଆ ପାଗ ଯୋଗୁ ପନିପରିବା ଫସଲରେ ରୋଗପୋକ ପ୍ରାଦୁର୍ଭାବକୁ ନେଇ ଚାଷୀମାନେ ଚିନ୍ତିତ ହୋଇପଡିଛନ୍ତି। ବାଇଗଣ, ଶିମ୍ବ, ଭେଣ୍ଡି, ଫୁଲକୋବି, ଡାଲି ଜାତୀୟ ଆଦି ଫସଲରେ ଜଉ ପୋକଙ୍କ ପ୍ରାଦୁର୍ଭାବ ଦେଖାଗଲାଣି। ଚାଷୀମାନେ ବୁଧବାର କାଦୋବାହାଲ ସାପ୍ତାହିକ ବଜାରରେ ଟମାଟୋ କିଲୋପ୍ରତି ୧୫, ବାଇଗଣ ୨୦, ଭେଣ୍ଡି ୨୦, ଫୁଲକୋବି ୨୦ ଟଙ୍କାରେ ବିକ୍ରି କରିଥିଲେ। ପୂର୍ବ ଅପେକ୍ଷା ୧୦ରୁ ୨୦ ଟଙ୍କା ପନିପରିବା ଦର ହ୍ରାସ ପାଇଛି।

# ୯ ମାସ ପରେ ଦର୍ଶନ କଲେ ଭକ୍ତ



ନୃସିଂହନାଥଙ୍କୁ ଦର୍ଶନ ପାଇଁ ଭକ୍ତମାନେ ଧାଡ଼ିରେ ଠିଆ ହୋଇଛନ୍ତି।

**ନୃସିଂହନାଥ, ମା’ ମାଣିକେଶ୍ୱରୀଙ୍କ ମନ୍ଦିର ଖୋଲିଲା**

**ପାଇକମାଲ, ୬।୧ (ଡି.ଏନ.ଏ.)**

ଦୀର୍ଘ ୯ ମାସ ପରେ ବରଗଡ଼ ଜିଲାର ପ୍ରସିଦ୍ଧ ତୀର୍ଥକ୍ଷେତ୍ର ନୃସିଂହନାଥ ମହାପ୍ରଭୁଙ୍କ ଦର୍ଶନ କରିବା ସୁଯୋଗ ଭକ୍ତମାନଙ୍କୁ ମିଳିଛି। ବୁଧବାର କଡା ସୁରକ୍ଷା ବ୍ୟବସ୍ଥା ଭିତରେ ସମସ୍ତ ସତର୍କତା ଅବଲମ୍ବନ କରି ଭକ୍ତମାନଙ୍କ ଦର୍ଶନ ପାଇଁ ସକାଳ ୮ଟାରେ ମନ୍ଦିର ଖୋଲାଯାଇଥିଲା। ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରଓ୍ୱାନଙ୍କ ଉପସ୍ଥିତିରେ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମନ୍ଦିର ପରିଚାଳନା କମିଟି ସମସ୍ତ କର୍ମକର୍ତ୍ତା, ସେବାୟତ, ସ୍ୱେଚ୍ଛାସେବୀ, ନୃସିଂହନାଥ ମନ୍ଦିର ଟ୍ରଷ୍ଟ ବୋର୍ଡ ଟ୍ରଷ୍ଟି ସୁରେନ୍ଦ୍ର ମେହେର, ପାଇକମାଲ ତହସିଲଦାର ମନୋଜ କୁମାର ମେହେର, ଆଇଆଇସି ବିଶ୍ୱଜିତ ମନବୋଧ, ଡା. ଶ୍ରୀଧର ପ୍ରଧାନ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ସୁବୋଧ ପଣ୍ଡା ଓ ମନ୍ଦିର ସେବାୟତମାନଙ୍କ ସହଯୋଗରେ ମନ୍ଦିର ଖୋଲାଯାଇ ଭକ୍ତମାନଙ୍କୁ ଦର୍ଶନ ପାଇଁ ସହଯୋଗ କରିଥିଲେ। ସିଂହଦ୍ୱାର ଦେଇ ଗୋଟିଏ ରାସ୍ତା ଦେଇ ଭକ୍ତମାନେ ମନ୍ଦିର ସମ୍ମୁଖରେ ମହାପ୍ରଭୁଙ୍କୁ ଦର୍ଶନ କରି ଅନ୍ୟ ଏକ ରାସ୍ତାରେ ଫେରୁଛନ୍ତି। ୬ ତାରିଖଠାରୁ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ କେବଳ ବରଗଡ ଜିଲା ଶ୍ରଦ୍ଧାଳୁମାନଙ୍କ ଦର୍ଶନ ନିମନ୍ତେ ମନ୍ଦିର ଖୋଲା ଯାଇଛି। ପାଇକମାଲ ଚିକିତ୍ସାଳୟ ପକ୍ଷରୁ ନୃସିଂହନାଥର ସମସ୍ତ ସେବାୟତମାନଙ୍କ କୋଭିଡ୍ ପରୀକ୍ଷା କରାଯାଇଛି। ଶ୍ରଦ୍ଧାଳୁମାନେ ନିଜର ପରିଚୟପତ୍ର ଧରି ମହାପ୍ରଭୁଙ୍କୁ ଦର୍ଶନ କରୁଛନ୍ତି। ଏହା ସହିତ ମନ୍ଦିର ପରିସରରେ ଥର୍ମାଲ ସ୍କାନିଂ କରାଯାଇ ସାନିଟାଇଜର ଦିଆଯାଉଛି। ଶୃଙ୍ଖଳିତ ଦର୍ଶନ ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ବରଗଡ ଜିଲା ବାହାରୁ ଆସିଥିବା କିଛି ଭକ୍ତ ଦର୍ଶନ ନ ପାଇ ଫେରି ଯାଇଛନ୍ତି। ୧୩ ତାରିଖ ପରେ ଅନ୍ୟ ଜିଲାର ଭକ୍ତ କୋଭିଡ୍ ନେଗାଟିଭ୍ ରିପୋର୍ଟ ସାଙ୍ଗରେ ଆଣି ମହାପ୍ରଭୁଙ୍କ ଦର୍ଶନ କରିପାରିବେ ବୋଲି ଉପଜିଲାପାଳ ଦରଓ୍ୱାନ କହିଛନ୍ତି।

**ଭବାନୀପାଟଣା,୬।୧(ଡି.ଏନ.ଏ.):** ବୁଧବାର ଭବାନୀପାଟଣା ସହର ମା’ ମାଣିକେଶ୍ୱରୀଙ୍କ ମନ୍ଦିର ଭକ୍ତଙ୍କ ଦର୍ଶନ ପାଇଁ ଖୋଲାଯାଇଛି। କରୋନା କଟକଣାରୁ ଦୀର୍ଘଦିନ ପରେ ବୁଧବାରଠାରୁ ମନ୍ଦିର ଖୋଲିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଏକ ନିର୍ଦ୍ଦେଶାବଳି ଜାରି ହୋଇଥିଲା। ମା’ ମାଣିକେଶ୍ୱରୀଙ୍କ ମନ୍ଦିର ପ୍ରବେଶ ପାଇଁ ଏକାଥରକେ କେବଳ ୨୦ ଜଣ ଭକ୍ତ ଯାଇପାରିବେ। ସିଂହଦ୍ୱାର ବାହାରେ ଥିବା ଭକ୍ତମାନେ ଧାଡିରେ ଠିଆହୋଇ ରହିଥିଲେ। ଏଥିପାଇଁ ୪ ଜଣ ସ୍ୱେଚ୍ଛାସେବୀ, ପୋଲିସ କର୍ମଚାରୀ ସକାଳେ ଏବଂ ସନ୍ଧ୍ୟାରେ ସହଯୋଗ କରିଥିଲେ। କେବଳ ମନ୍ଦିର ସକାଳ ୮ଟାରୁ ୧୧ଟା ଏବଂ ସନ୍ଧ୍ୟା ୫ଟାରୁ ୭ଟା ପର୍ଯ୍ୟନ୍ତ ଭକ୍ତଙ୍କ ଦର୍ଶନ ପାଇଁ ଅନୁମତି ଦିଆଯାଇଛି। ମା’ ମାଣିକେଶ୍ୱରୀ ମନ୍ଦିରରେ ଦର୍ଶନ ନିମନ୍ତେ ବୁଧବାର ସହରର ୱାର୍ଡ ନଂ. ୧ ଓ ୨, ଗୁରୁବାର ଜଓ୍ୱାର୍ଡ ନଂ. ୩ ଓ ୪ ଏହି କ୍ରମରେ ୧୦ ଦିନ ୬ରୁ ୧୫ ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ୨ଟି ୱାର୍ଡ ପର୍ଯ୍ୟାୟକ୍ରମେ କେବଳ ଭବାନୀପାଟଣା ସହରର ୨୦ଟି ୱାର୍ଡର ଭକ୍ତମାନଙ୍କୁ ଦର୍ଶନ ପାଇଁ ଅନୁମତି ଦିଆଯିବ। ଏଥିପାଇଁ ଭକ୍ତମାନେ ନିଜର ଭୋଟ ପରିଚୟପତ୍ର କିମ୍ବା ୱାର୍ଡ ନଂ ଲିଖିତ ଥିବା ଯେକୌଣସି ପ୍ରମାଣପତ୍ର ସାଙ୍ଗରେ ଆଣିବେ। ଏ ନେଇ ଭବାନୀପାଟଣା ମ୍ୟୁନିସିପାଲଟି କର୍ତ୍ତୃପକ୍ଷ ଡାକବାଜି ଯନ୍ତ୍ର ଦ୍ୱାରା ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଛନ୍ତି। ମାଣିକେଶ୍ୱରୀ ମନ୍ଦିରକୁ ଭକ୍ତ କୌଣସି ଭୋଗ ସାମଗ୍ରୀ, ଫୁଲ, ଧୂପକାଠି ଇତ୍ୟାଦି ନେଇପାରିବେ ନାହିଁ। ଆସନ୍ତା ୨୧ ପରେ କ୍ରମନ୍ୱୟରେ ଅନ୍ୟ ବ୍ଲକ ଓ ତହସିଲର ଭକ୍ତମାନେ ଦର୍ଶନ କରିପାରିବେ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି କରୋନା ଗାଇଲାଇନ ଅନୁଯାୟୀ ମାସ୍କ ପିନ୍ଧିବା, ସାମାଜିକ ଦୂରତ୍ୱ ବଜାଇ ରଖିବା ବାଧ୍ୟତାମୂଳକ କରାଯାଇଛି। ଜ୍ୱର, କାଶ କିମ୍ବା ଥଣ୍ଡା ରୋଗରେ ପୀଡିତ ଥିଲେ ସେମାନଙ୍କ ଦର୍ଶନ ପାଇଁ ବାରଣ କରାଯାଇଛି। ଜିଲାର ଅନ୍ୟ ଧର୍ମାନୁଷ୍ଠାନଗୁଡିକରେ ମଧ୍ୟ କୋଭିଡ ଗାଇଡଲାଇନ ଅନୁଯାୟୀ ଖୋଲିବ ବୋଲି ସୂଚନା ଦିଆଯାଇଛି।



ମା’ ମାଣିକେଶ୍ୱରୀ ମନ୍ଦିର।

# ଆର୍‌ଏସ୍‌ପି ଦୁର୍ଘଟଣା ପରେ....



ଆରଜିଏଚ୍ ସମ୍ମୁଖରେ ମୃତ ଶ୍ରମିକଙ୍କ ସଂପର୍କୀୟମାନେ।

### ସମ୍ପର୍କୀୟମାନଙ୍କ କାନ୍ଦବୋବାଳି

ଆର୍‌ଏସ୍‌ପି ଗ୍ୟାସ ଦୁର୍ଘଟଣାରେ ମୃତ ୪ଜଣଙ୍କ ସମ୍ପର୍କୀୟ ଖବରପାଇ ହସ୍‌ପିଟାଲରେ ପହଞ୍ଚିବା ପରେ ସେଠାରେ ସୃଷ୍ଟି ହୋଇଥିଲା ଶୋକାକୁଳ ପରିବେଶ। ରାହାଧରି କାନ୍ଦୁଥିଲେ ମୃତକଙ୍କ ସ୍ତ୍ରୀ, ଭଉଣୀ ତ ଆଉ କାହାର ପୁଅ ଓ ବାପ। ଘରୁ ଡ୍ୟୁଟି ଆସିବାର ମାତ୍ର ଘଣ୍ଟାକ ଭିତରେ ଏମାନଙ୍କ ଜୀବନଦୀପ ଏଭଳି ଲିଭିଯିବ କେହି ବିଶ୍ୱାସ କରି ପାରୁ ନ ଥିଲେ। ସମସ୍ତେ ବାହୁନି ବାହୁନି କାନ୍ଦୁଥିଲେ ନିଜ ଲୋକଙ୍କୁ ମନେପକାଇ।

### ଗର୍ଜିଲେ ଶ୍ରମିକ ସଙ୍ଗଠନର ନେତା

ବାରମ୍ବାର ଆର୍‌ଏସ୍‌ପି ପରିସରରେ ଦୁର୍ଘଟଣା ନେଇ ଗର୍ଜିଥିଲେ ବିଭିନ୍ନ ଶ୍ରମିକ ସଙ୍ଗଠନର କର୍ମକର୍ତ୍ତା। ଜିଲା ସୁରକ୍ଷା ବ୍ୟବସ୍ଥା ଓ ଅଫିସରଙ୍କ ମନମାନି ଯୋଗୁ ଶ୍ରମିକଙ୍କ ଜୀବନ ଚାଲିଯାଉଛି ବୋଲି ଅଭିଯୋଗ କରିଥିଲେ। କାହିଁକି ଠିକା ଶ୍ରମିକଙ୍କୁ ସ୍ଥାୟୀ କାମରେ ନିୟୋଜିତ କରାଯାଉଛି ପ୍ରଶ୍ନ ଉଠାଇଥିଲେ। ମୃତ ଶ୍ରମିକଙ୍କ ପରିବାର ଉତ୍ତରାଧିକାରୀଙ୍କୁ ଅନୁକମ୍ପା ନିଯୁକ୍ତି ସହ ପର୍ଯ୍ୟାପ୍ତ କ୍ଷତିପୂରଣ ଦାବି କରିଥିଲେ।

### ଘଟଣା ନେଇ ରାଜନେତାଙ୍କ ସ୍ୱର କ୍ଷୀଣ

ରାଉରକେଲା ଇସ୍ପାତ କାରଖାନାରେ ଏଭଳି ଦୁର୍ଘଟଣା ଓ ଜୀବନହାନୀ ଘଟିବା ନେଇ କେବଳ ବିଭିନ୍ନ ଶ୍ରମିକ ସଙ୍ଗଠନ ପାଟି ଖୋଲିବା ଏକ ପୁରୁଣା ପରମ୍ପରା ବୋଲି ଆଇଜିଏଚ୍ ପରିସରରେ ଆଲୋଚନା ଶୁଣାଯାଇଥିଲା। କେବେ କୌଣସି ରାଜନୈତିକ ଦଳ କିମ୍ବା ଏହାର ନେତୃମଣ୍ଡଳୀ ଏଭଳି ଘଟଣା ନେଇ ସାମନାକୁ ଆସିବା ପ୍ରାୟ ବିରଳ ବୋଲି ଉପସ୍ଥିତ କର୍ମଚାରୀ କୁହାକୁହି ହେଉଥିଲେ। କାହିଁକି ଏମାନେ ଆର୍‌ଏସ୍‌ପି କର୍ତ୍ତୃପକ୍ଷଙ୍କ ପ୍ରତି ଏତେ ନରମ ସେ ନେଇ ଖିଅ ଖୋଜୁଥିଲେ ବିରକ୍ତ କର୍ମଚାରୀ।

### ଦୁର୍ଘଟଣା ରୋକିବ କି ଗତାନୁଗତିକ ଦାବି

ଯେତେବେଳେ ଆର୍‌ଏସ୍‌ପିରେ କୌଣସି ଦୁର୍ଘଟଣା ଘଟେ ସେତେବେଳେ ସବୁ ସଙ୍ଗଠନ ଏକା ସ୍ୱରରେ ପାଟିତୁଣ୍ଡ କରନ୍ତି। କ୍ଷତିପୂରଣ ଦେବାକୁ ଦାବି କରନ୍ତି। ଅନୁକମ୍ପା ଚାକିରି କଥା କୁହନ୍ତି। ପରେ ସବୁ ଗତାନୁଗତିକ ଭାବେ ଠିକଠାକ୍ ଚାଲେ। ପୁଣି ଦୁର୍ଘଟଣା ଘଟିଲେ ମେଳି ହୁଅନ୍ତି ଶ୍ରମିକ ନେତା। ତେବେ ଏହା କଣ ଦୁର୍ଘଟଣାକୁ ରୋକି ପାରିବ କି ବୋଲି ଆଲୋଚନା ଜୋର ଧରିଛି।

### ଠିକା ଶ୍ରମିକଙ୍କ ସହ ଆଉ କେତେ ଦିନ ଖେଳ

ଇସ୍ପାତ କାରଖାନାର ବିଭିନ୍ନ ସ୍ଥାୟୀ କାମରେ ବାରମ୍ବାର ଠିକା ଶ୍ରମିକଙ୍କୁ ନିୟୋଜିତ କରାଯାଇ ମରଣମୁହଁକୁ ଠେଲି ଦିଆଯାଉଛି। ଏନେଇ ଅନେକ ସମୟରେ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାଙ୍କ କଠୋର ସ୍ୱର ଶୁଣାଯାଉଛି। ଏହା ସତ୍ତ୍ୱେ ଏମାନଙ୍କ ଭାଗ୍ୟ ଭବିଷ୍ୟତ ନେଇ ଠୋସ ପଦକ୍ଷେପ ଶୂନ। ଏଥିରେ କୌଣସି ପରିବର୍ତ୍ତନ ଆସୁନି। ବାରମ୍ବାର ମରଣମୁହଁକୁ ଠେଲି ହୋଇ ଯାଉଥିବା ଠିକା ଶ୍ରମିକଙ୍କ ପରିବାର ଏ ନେଇ କେତେ ଯେ କଷ୍ଟ ସହୁଛନ୍ତି ତାହା ଅବର୍ଣ୍ଣନୀୟ। କର୍ତ୍ତୃପକ୍ଷ ଏହି ଶ୍ରମିକଙ୍କୁ ନେଇ ଆଉ କେତେ ଦିନ ଖେଳ ଖେଳିବେ ତାହୁ ନେଇ ସୃଷ୍ଟି ହୋଇଛି ଅନେକ ପ୍ରଶ୍ନ।

# ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୩ ଗିରଫ

**ଫାଣ୍ଡି ଅଧିକାରୀଙ୍କୁ ତୀରମାଡ଼ ଘଟଣା**

**ସୁନ୍ଦରଗଡ଼/ଟେନ୍‌ସା/ବଣାଇ, ୬।୧(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ବଣାଇଁ ଉପଖଣ୍ଡର ଟେନ୍‌ସା ଫାଣ୍ଡି ଅଧିକାରୀ ଅଶୋକ ବେହେରାଙ୍କୁ ମଙ୍ଗଳବାର ତୀର ମାଡ ହୋଇଥିଲା। ଏହି ଘଟଣାରେ ୩ଜଣଙ୍କୁ ଗିରଫ କରାଯାଇଛି। ଗିରଫ ରାୟ ମୁଣ୍ଡା ମୁଖ୍ୟ ଅଭିଯୁକ୍ତଙ୍କ ସହ ଅନ୍ୟ ଦୁଇଜଣଙ୍କୁ ମଧ୍ୟ ପୋଲିସ ଗିରଫ କରିଛି। ସେମାନଙ୍କ ମଧ୍ୟରେ ଜଣେ ମହିଳା ଥିବା ସୂଚନା ମିଳିଛି। ସେମାନଙ୍କୁ ପଚରାଉଚରା ଜାରି ରହିଛି। ପରେ ତାଙ୍କୁ ବଣାଇ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି। ସେହିଭଳି ପୋଲିସର କାର୍ଯ୍ୟାନୁଷ୍ଠାନ ନେଇ ଟେନସା ଜିରୋ ପଏଣ୍ଟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି। ସେଠାରେ ପୋଲିସ ଆବଶ୍ୟକୀୟ ଫୋର୍ସ ମୁତୟନ କରି ସତର୍କ ଦୃଷ୍ଟି ରଖିଥିବା ସୂଚନା ମିଳିଛି। ତେବେ ବେଆଇନ ମଦ କାରବାରକୁ ରୋକିବାକୁ ଯାଇ ଫାଣ୍ଡି ଅଧିକାରୀ ସବଇନ୍ସପେକ୍ଟର ବେହେରା ଆକ୍ରମଣର ଶିକାର ହୋଇଥିଲେ। ମଙ୍ଗଳବାର ରାତିରେ ତାଙ୍କର ଇସ୍ପାତ ଜେନେରାଲ ହସ୍ପିଟାଲରେ ଅସ୍ତ୍ରୋପଚାର କରାଯାଇ ତୀର ବାହାର କରାଯାଇଛି। ଏବେ ସେ ସମ୍ପୂର୍ଣ୍ଣ ଭାବେ ସୁସ୍ଥ ଥିବା ସୂଚନା ମିଳିଛି। ଅପରପକ୍ଷରେ ଫାଣ୍ଡି ଅଧିକାରୀଙ୍କ ଉପରେ ଆକ୍ରମଣ ଘଟଣାକୁ ସହଜରେ ଗ୍ରହଣ କରିପାରି ନାହାନ୍ତି ପୋଲିସ। ଏସ୍‌ପିଙ୍କ ଠାରୁ ଆରମ୍ଭ କରି କନଷ୍ଟେବଲ ଏବେ ଆକ୍ସନ ମୁଡରେ ଥିଲେ। ସାରା ରାତି ଟେନ୍‌ସା ଜିରୋ ପଏଣ୍ଟ ହଟିଂରେ ଚଢାଉ କରି ସେମାନଙ୍କୁ ଗିରଫ କରିଛନ୍ତି।

**ପୂର୍ବ ତଟ ରେଳପଥ**

**ପୂର୍ବ ତଟ ରେଳପଥରେ 29 ଗୋଟି ଗୁଡ୍‌ସ ସେଡ୍‌ଠାରେ ବ୍ୟାପକ ଲଜିଷ୍ଟିକ୍ ସେବା (Logistic Service) ନିମନ୍ତେ ଇ-ଟେଣ୍ଡର**

ବିଜ୍ଞପ୍ତି ନଂ.: PCCM/HQ/Goods Shed/ ତା. 05.01.2021ରିଖ

ପୂର୍ବ ତଟ ରେଳପଥ 29 (ଅଣତିରିଶି) ଗୋଟି ଗୁଡ୍‌ସ ସେଡ୍‌ଠାରେ ମାଲ୍ (Cargo) ପରିଚାଳନା, ଘର-ଘର ବୁଲିସେବା (Door to Door Service) ଇତ୍ୟାଦି ଭଳି ବ୍ୟାପକ ଲଜିଷ୍ଟିକ୍ ସେବା (Logistic Service) ପ୍ରଦାନ ନିମନ୍ତେ ଇଚ୍ଛୁକ ତଥା ଯୋଗ୍ୟ ବିଡ଼ରମାନଙ୍କୁ ଇ-ଟେଣ୍ଡର ଆହ୍ୱାନ କରୁଛି। ପ୍ରତ୍ୟେକ ଗୁଡ୍‌ସ ସେଡ୍ ନିମନ୍ତେ ପୃଥକ ଟେଣ୍ଡର ଜାରି କରାଯାଇଛି। ଯାହାର ସମ୍ପୂର୍ଣ୍ଣ ବିବରଣୀ https://www.ireps.gov.inରେ ଉପଲବ୍ଧ ଅଟେ।



ବନ୍ଦ ହେବା ତାରିଖ ଓ ସମୟ (ୱେବ୍‌ସାଇଟ୍ ଦ୍ୱାରା ପ୍ରସ୍ତାବ ଜମା କରିବା) : ତା.27.01.2021ରିଖ 15.00 ଘଟିକାରେ।

ପରବର୍ତ୍ତୀ ଯେକୌଣସି ପ୍ରକାର ସୂଚନା ପାଇଁ ଦୟାକରୀ ଯୋଗାଯୋଗ କରନ୍ତୁ : ମୁଖ୍ୟ ବାଣିଜ୍ୟ ପ୍ରବନ୍ଧକ (FS), ପୂର୍ବ ତଟ ରେଳପଥ, ଟେଲିଫୋନ ନଂ.0674-2301033

PR-473/L/20-21 ମୁଖ୍ୟ ବାଣିଜ୍ୟ ପ୍ରବନ୍ଧକ (FS), ଭୁବନେଶ୍ୱର

**ପୌରପାଳିକା କାର୍ଯ୍ୟାଳୟ, ଆନନ୍ଦପୁର**
**ବିଜ୍ଞାପନ**

ପତ୍ର ସଂଖ୍ୟା ୨୬ ତା୫।୧।୨୦୨୧

ସରକାରଙ୍କ ରାଜ୍ୟ ସହରାଞ୍ଚଳ ଉନ୍ନୟନ ସଂସ୍ଥା (SUDA) ଭୁବନେଶ୍ୱର ବିଭାଗ ପତ୍ର ସଂଖ୍ୟା ୩୨୯୧ ତା୧୦।୧୨।୨୦୨୦ ଅନୁଯାୟୀ ଆନନ୍ଦପୁର ପୌରପାଳିକା ଅଧୀନସ୍ଥ ସମସ୍ତ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ଯେ କୌଣସି ସଭ୍ୟା ନିମ୍ନଲିଖିତ ଯୋଗ୍ୟତା ଅନୁଯାୟୀ ନିଜ ୱାର୍ଡରେ ଜଳ କର ଆଦାୟ ନିମନ୍ତେ ଜଳସାଥୀ ପଦବୀ ପାଇଁ ଆବେଦନ କରିପାରିବେ। ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଏକ ନିର୍ଦ୍ଧାରିତ ଫର୍ମରେ ଆନନ୍ଦପୁର ପୌରପାଳିକାରେ ଆବେଦନ କରିବେ। ଦରଖାସ୍ତ ତା୧୨।୦୧।୨୦୨୧ରିଖ ଅପରାହ୍ନ ୧ ଘଟିକା ସୁଦ୍ଧା ଆନନ୍ଦପୁର ପୌରପାଳିକା କାର୍ଯ୍ୟାଳୟ ବାକ୍ସରେ ପକାଇପାରିବେ। କୌଣସି ଦରଖାସ୍ତ ସିଧାସଳଖ ହାତରେ ଗ୍ରହଣ କରାଯିବ ନାହିଁ।

ଜଳସାଥୀ ଚୟନ ନିମନ୍ତେ ଯୋଗ୍ୟତା: (୧) ଆବେଦନକାରୀଙ୍କ ବୟସ ୧୮ରୁ ୪୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ। (୨) ଆବେଦନକାରୀ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ହୋଇଥିବେ। (୩) ଆବେଦନକାରୀ ନ୍ୟୁନତମ ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ। (୪) ଆବେଦନକାରୀ ୨ ବର୍ଷ ଧରି ସ୍ୱୟଂ ସହାୟକ ଗୋଷ୍ଠୀର ସକ୍ରିୟ ସଦସ୍ୟା ହୋଇଥିବେ। (୫) ଆବେଦନକାରୀଙ୍କ ନାମରେ ବ୍ୟାଙ୍କ ଖାତା ଓ ଏ.ଟି.ଏମ୍. କାର୍ଡ (ATM) ଥିବା ଆବଶ୍ୟକ। (୬) ଆବେଦନକାରୀଙ୍କ ନାମରେ ବ୍ୟକ୍ତିଗତ ସ୍ମାର୍ଟ ଫୋନ୍ ଥିବା ଆବଶ୍ୟକ। (୭) ଆବେଦନକାରୀ କୌଣସି ସରକାରୀ ଯୋଜନାରେ କାର୍ଯ୍ୟ କରୁ ନ ଥିବେ। (୮) ଆବେଦନକାରୀଙ୍କ ନାମରେ କୌଣସି ଅପରାଧିକ ମାମଲା ବା ରାଜନୈତିକ ସମ୍ପୃକ୍ତି ନ ଥିବ।

ସ୍ୱା./- ନିର୍ବାହୀ ଅଧିକାରୀ, ଆନନ୍ଦପୁର ପୌରପାଳିକା

**OFFICE OF THE ASKA COOP. SUGAR INDUSTRIES LTD., NUAGAM (ASKA)**
PO- NUAGAM (ASKA)-761111, GANJAM DISTRICT, ODISHA
Phones: 06822-273464, email-askasugar@yahoo.co.in,
website- www.askasugar.com

Tender No.4640 Dt.05.01.2021

**Sealed Re-tender Call Notice**

The Aska Cooperative Sugar Industries Ltd., Aska invites sealed tenders from the interested Associations of Truck Owners (having their valid registration number)/ Truck Owners for engagement of 60 (Sixty) number of trucks of 10 MT capacity for transportation of sugarcane from cane field of growers to the Aska Cooperative Sugar Industries Ltd. premises within a radius of 80 Km. from the Sugar Industry during the Crushing Season 2020-21. The cane transportation will tentatively commence from 2nd week of January 2021 till end of the crushing operation of the Industry. The last date of filing of tender is 5 P.M. of Dt.09.01.2021 and tender will be opened on Dt.11.01.2021 at 12.30 P.M. Interested Associations/Truck owners can visit our website www.askasugar.com for details of the Tender Call Notice and Terms & Condition of engagement of trucks for the crushing season 2020-21.

Sd./- Managing Director

# ଭାଜପା ପକ୍ଷରୁ ଏସ୍‌ପି ଅଫିସ୍ ଘେରାଉ

**ମାହାଙ୍ଗା ହତ୍ୟା ଘଟଣା ପ୍ରତିବାଦ**

**ସୁନ୍ଦରଗଡ଼, ୬।୧ (ଡି.ଏନ୍.ଏ):** ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ୍ ଶୃଙ୍ଖଳା ଓ ମାହାଙ୍ଗା ବ୍ଲକର ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ଭାଜପା ନେତା କୁଳମଣି ବରାଳ ଓ ସହଯୋଗୀ ଦିବ୍ୟସିଂହ ବରାଳଙ୍କ ନିର୍ମମ ହତ୍ୟା ଘଟଣାର ପ୍ରତିବାଦ ଓ ଆଇନମନ୍ତ୍ରୀଙ୍କ ଗିରଫ ଦାବିରେ ବୁଧବାର ଜିଲା ଭାଜପା ପକ୍ଷରୁ ସୁନ୍ଦରଗଡ ଏସପି ଅଫିସ ଘେରାଉ କରାଯାଇଥିଲା। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ତଥା ସାଂସଦଙ୍କ ଜିଲା ପ୍ରତିନିଧି ବଟକିଶୋର ମିଶ୍ରଙ୍କ ନେତୃତ୍ୱରେ ଶତାଧିକ ଭାଜପା କର୍ମୀ, ନାରୀ କଲ୍ୟାଣ କେନ୍ଦ୍ର ଠାରୁ ଏକ ଶୋଭାଯାତ୍ରାରେ ବାହାରି ଏସପି ଅଫିସଙ୍କ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ ଓ ଏସପି ଅଫିସ ଘେରାଉ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ତଥା ବରିଷ୍ଠ ନେତା ରଞ୍ଜନ ପଟେଲ, ନରସିଂହ ମିଞ୍ଜ, ଜିଲା ପରିଷଦ ସଭ୍ୟ ଅଶୋକ ଲାକ୍ରା, ଶଙ୍କର ସିଂ, ନାରୀ ନେତ୍ରୀ ଶାନ୍ତି ସରାଫ, ସଞ୍ଜୁଲତା ନାଏକ, କାନନବାଳା ବେହେରା, ଲତିକା ପଟ୍ଟନାୟକ, ରଞ୍ଜିତା ଏକ୍କା, ଦିପ୍ତୀମୟୀ ଠାକୁର, ଆରତି ପଟେଲ, ସୁରେଶ ପଟେଲ, ଜଗବନ୍ଧୁ ଭୋଇ, ଦୀନେଶ କର, ଡ. ହିମାଂଶୁ ଷଡଙ୍ଗୀ, ଭେଷଜରଥ, କଳାକୃଷ୍ଣ ଓରାମ ପ୍ରମୁଖ ନେତୃବୃନ୍ଦ ଯୋଗଦେଇଥିଲେ।

**ତହସିଲଦାରଙ୍କ କାର୍ଯ୍ୟାଳୟ, କନିଷି, ଗଞ୍ଜାମ**
**ବିଜ୍ଞାପନ ସଂଖ୍ୟା ୭୯/ସୈରାତ ତା୦୬।୦୧।୨୦୨୧**
**ନିଲାମ ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଗଞ୍ଜାମ ଜିଲା ଅନ୍ତର୍ଗତ କନିଷି ତହସିଲ ଇଲାକାରେ ଥିବା ୨ ଗୋଟି ପଥର ସୈରାତ ଉସ (ନିମ୍ନରେ ପ୍ରଦତ୍ତ ବିବରଣୀ)ଗୁଡିକର ଆଗାମୀ ପାଞ୍ଚ ବର୍ଷ ନିମନ୍ତେ (ଦୀର୍ଘମିଆଦୀ) ଲିଜ୍ ପାଇଁ ଜଉମୁଦ ଦିଆ ଟେଣ୍ଡର ମାଧ୍ୟମରେ ସର୍ବସାଧାରଣରେ ନିଲାମ କରାଯିବ। ସୈରାତ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଆବେଦନର ବିବରଣୀ ଓ ନିୟମାବଳୀ ଗଞ୍ଜାମ ଜିଲା ୱେବ୍‌ସାଇଟ www.ganjam.nic.inରେ ଉପଲବ୍ଧ ଅଛି। ଆବେଦନ ପାଇଁ ଇଚ୍ଛୁକ ବ୍ୟକ୍ତି କନିଷି ତହସିଲଦାରଙ୍କ କାର୍ଯ୍ୟାଳୟରେ ନିର୍ଦ୍ଧାରିତ କାର୍ଯ୍ୟ ଦିବସରେ ଯୋଗାଯୋଗ କରିପାରନ୍ତି।

ଦରଖାସ୍ତକାରୀ ଜଉମୁଦ ଲଫାପାରେ ରେଜିଷ୍ଟ୍ରି/ସ୍ପିଡ୍ ପୋଷ୍ଟ ଜରିଆରେ କିମ୍ବା ତହସିଲଦାର, କନିଷି କାର୍ଯ୍ୟାଳୟରେ ଥିବା ଟେଣ୍ଡର ବାକ୍ସରେ ପକାଇପାରିବେ। ଦରଖାସ୍ତ ଗ୍ରହଣ ତାରିଖ ଆସନ୍ତା ତା୦୮।୦୧।୨୦୨୧ରିଖଠାରୁ ତା୦୬।୦୨।୨୦୨୧ରିଖ ଅପରାହ୍ନ ୦୫.୩୦ ଘଟିକା ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି। ଧାର୍ଯ୍ୟ ସମୟଗତେ ଦରଖାସ୍ତ ଗ୍ରହଣୀୟ ହେବନାହିଁ।

ତହସିଲଦାରଙ୍କ ଦ୍ୱାରା ସୈରାତ ଉସର ନିଲାମ ଆବେଦନକାରୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିମାନଙ୍କ ଉପସ୍ଥିତିରେ ପ୍ରଥମ ଧାର୍ଯ୍ୟ ତା୦୮।୦୨।୨୦୨୧ରିଖ ୧୧.୦୦ ଘଟିକାରେ ତହସିଲଦାରଙ୍କ କାର୍ଯ୍ୟାଳୟରେ ଚୂଡାନ୍ତ କରାଯିବ। କୌଣସି କାରଣରୁ ନିଲାମ ନ ହେଇ ପାରିଲେ ଦ୍ୱିତୀୟ ତା୧୭।୦୨।୨୦୨୧ରିଖ ଏବଂ ଦ୍ୱିତୀୟ ତାରିଖରେ ନ ହୋଇ ପାରିଲେ ତୃତୀୟ ତା୨୫।୦୨।୨୦୨୧ରିଖରେ ନିଲାମ କରାଯିବ। କୌଣସି କାରଣ ନ ଦର୍ଶାଇ ନିଲାମକୁ ରଦ୍ଦ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀ ଏବଂ ଜିଲାପାଳ, ଗଞ୍ଜାମଙ୍କର କ୍ଷମତା ପରିସରଭୁକ୍ତ ଅଟେ।

**ସୈରାତ ଉସର ବିବରଣୀ**

| କ୍ରମିକ ନଂ. | ସୈରାତ ଉସ ନଂ. | ମୌଜା | ଖାତା | ପ୍ଲଟ | ରକବା ଏକରରେ | କିସମ | ଧାର୍ଯ୍ୟ ରୟାଲିଟିର ମୂଲ୍ୟ(ପ୍ରତି ଘନ ମି.) (ଟଙ୍କାରେ) | ଅତିରିକ୍ତ ଦେୟ (ପ୍ରତି ଘନ ମି.) (ଟଙ୍କାରେ) | ମୋଟ ଦେୟ (ପ୍ରତି ଘନ ମି. (ଟଙ୍କାରେ) | M.G.Q. ଅନୁସାରେ ବାର୍ଷିକ ସୈରାତର ପରିମାଣ (ଘନ ମି.*) | ଅଗ୍ରିମ ଦାଖଲ କରିଥିବା ଅମାନତ ରାଶିର ପରିମାଣ (ଟଙ୍କାରେ) | ୫% ଅମାନତ ରାଶି ବାବଦକୁ ଦେୟ (ଟଙ୍କାରେ) |
|---|---|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧ | ପାଲୁର ହିଲ ପଥର | ପାଲୁର ହିଲ | ୪୨ | ୬୬ (A) | ୧.୦୦୦ | ପର୍ବତ | ୧୩୦.୦୦ | ୧୦୦.୦୦ | ୨୩୦.୦୦ | ୨୦୨୫* | ୧୦୦୦.୦୦ | ୨୩୨୮.୦୦ |
| ୨ | ପାଲୁର ହିଲ ପଥର | ପାଲୁର ହିଲ | ୪୨ | ୬୯ (A) | ୦.୫୦୦ | ପର୍ବତ | ୧୩୦.୦୦ | ୧୦୦.୦୦ | ୨୩୦.୦୦ | ୧୨୨୭* | ୧୦୦୦.୦୦ | ୧୪୧୧୧.୦୦ |

ବି.ଦ୍ର.: ତାରକା ଚିହ୍ନିତ ସଂଖ୍ୟାଗୁଡିକ ଆବଶ୍ୟକ ସ୍ଥଳେ ବୃଦ୍ଧି କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କ ରହିଛି।

ସ୍ୱା./- ତହସିଲଦାର, କନିଷି, ଗଞ୍ଜାମ

**ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ତରଭା**
**ଜିଲ୍ଲା- ସୁବର୍ଣ୍ଣପୁର, ଓଡ଼ିଶା - ୭୬୭୦୧୬**
**NOTIFIED AREA COUNCIL, TARBHA**
**Dist.-Subarnapur, Odisha- 767016**
nactarbha@gmail.com
No.40/ Date 06.01.2021

**TENDER CALL NOTICE**

The Executive Officer, NAC, Tarbha, Dist.- Subarnapur inviting sealed tenders in conformity with Detailed Tender Call Notice (DTCN) from the intending eligible Registered Contractors registered with PHEO/RWSS/RD/WR/PWD etc. Govt. of Odisha so as to be eventually drawn up in PWD F2 Contract Form, for executing following works under NAC, Tarbha for the following Development Projects. A set of tender document can be had from the Office of the Executive Officer, NAC, Tarbha on working days during office hours as mentioned below.

| | |
|---|---|
| Total Nos. of Civil works | 2 (Two) Nos. |
| Value of works | Rs.1.97 lakhs to 2.00 lakhs |
| Last date & time of sale of tender paper | Upto 01.00 P.M. of 18.01.2021 |
| Last date & time of receipt of BID | Upto 05 P.M. of 19.01.2021 |
| Date & time of opening bid | At 11.00 A.M. of 20.01.2021 |
| Period of completion | 15 (Thirty) days |

The Authority reserves the right to reject any or all tender against any reason thereof.

Sd./-Executive Officer
NAC, Tarbha

## ଦୁର୍ଘଟଣାରେ ସ୍ତ୍ରୀ ମୃତ, ସ୍ୱାମୀ ଆହତ

ଯଶିପୁର,(ଡି.ଏନ୍.ଏ): ମୟୂରଭଞ୍ଜ ଜିଲା ଯଶିପୁର ଥାନା ଅଧୀନ ଯଶିପୁର ସାପ୍ତାହିକ ହାଟ ନିକଟରେ ବୁଧବାର ଏକ ସଡ଼କ ଦୁର୍ଘଟଣାରେ ସ୍ତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ ସ୍ୱାମୀ ଆହତ ହୋଇଛନ୍ତି। ମୃତ ମହିଳା ହେଲେ ନିର୍ମଳା ମହାନ୍ତ। ଆହତ ଲକ୍ଷ୍ମୀଧର ମହାନ୍ତଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅପରାହ୍ନରେ ଏହି ଦମ୍ପତି ଯଶିପୁର ବଜାରରୁ ଏକ ସ୍କୁଟି ଯୋଗେ ଧବାଡ଼ିହା ସ୍ଥିତ ଘରକୁ ଫେରୁଥିବା ବେଳେ ଏକ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ନିର୍ମଳାଙ୍କ ମୃତ୍ୟୁ ଘଟିଥିଲା। ଯଶିପୁର ଥାନା ପୋଲିସ ଏକ ମାମଲା( ନଂ. ୭/୨୧) ରୁଜୁ କରି ତଦନ୍ତ ଜାରି ରଖିଛି।

## ସଂକ୍ଷେପରେ

### ଅନ୍‌ଲାଇନରେ ହେବ ବୈଷୟିକ, ବୃତ୍ତିଗତ ଅନୁଷ୍ଠାନ ସହବନ୍ଧନ କାର୍ଯ୍ୟ

**ଭୁବନେଶ୍ୱର,୬।୧(ବ୍ୟୁରୋ):** ବୈଷୟିକ ଓ ବୃତ୍ତିଗତ ଶିକ୍ଷାନୁଷ୍ଠାନ ସହବନ୍ଧନ କାର୍ଯ୍ୟକୁ ସହଜ ଓ ସରଳ କରିବା ସହ ନିର୍ଦ୍ଦିଷ୍ଟ ସମୟସୀମା ମଧରେ ଅନ୍‌ଲାଇନରେ ଏସବୁ କାର୍ଯ୍ୟ କରିବା ପାଇଁ ସରକାର ନୀତିଗତଭାବେ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏ ସଂକ୍ରାନ୍ତରେ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ, ରାଜ୍ୟ ବୈଷୟିକ ଶିକ୍ଷା ଓ ଧନ୍ଦାମୂଳକ ପ୍ରଶିକ୍ଷଣ ପରିଷଦ(ଏସ୍‌ସିଟିଇ ଆଣ୍ଡ ଭିଟି)ର ଉପାଧକ୍ଷଙ୍କୁ ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ ଆଗରୁ ଅବଗତ କରାଯାଇଥିଲା। ଏନେଇ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ଉପରୋକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ, ବିପିୟୁଟି ଅଧୀନରେ ୯୩ଟି ଇଞ୍ଜିନିୟରିଂ କଲେଜ, ୭୬ଟି ଏମ୍‌ବିଏ ଓ ଏମ୍‌ସିଏ ଶିକ୍ଷାନୁଷ୍ଠାନ ଓ ୧୭ଟି ଫାର୍ମାସି ଶିକ୍ଷା ଅନୁଷ୍ଠାନ ଥିବାବେଳେ ଏସ୍‌ସିଟିଇ ଆଣ୍ଡ ଭିଟି ଅଧୀନରେ ୧୬୩ଟି ପଲିଟେକ୍‌ନିକ୍ ଶିକ୍ଷାନୁଷ୍ଠାନ ରହିଛି। ପରବର୍ତ୍ତୀ ସମୟରେ ଦେଖାଯାଇଛି, ଏହାକୁ ଠିକ୍ ଭାବେ ଅନୁପାଳନ କରାଯାଉନାହିଁ। ଅନୁଷ୍ଠାନଗୁଡ଼ିକୁ ସହବନ୍ଧନ ପ୍ରଦାନ କାର୍ଯ୍ୟରେ ହେଉଥିବା ଆବେଦନ କ୍ଷେତ୍ରରେ ସ୍ୱଚ୍ଛତା ଅବଲମ୍ବନ କରିବାକୁ ଅନ୍‌ଲାଇନ ମାଧମରେ ସ୍ୱଳ୍ପ ଅବଧି ଓ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ପାଇଁ ବିଭାଗ ପକ୍ଷରୁ ପୁଣିଥରେ ନିର୍ଦ୍ଦେଶ ଦିଆଯାଇଛି। ଏ ସମସ୍ତ ତଥ୍ୟ ଓଡ଼ିଶା ୱାନ୍ ପୋର୍ଟାଲ ଓ ନିଜସ୍ୱ ୱେବ୍‌ସାଇଟ୍‌ରେ ଦର୍ଶାଇବାକୁ କୁହାଯାଇଛି। ଏପରିକି ଏ ସଂକ୍ରାନ୍ତରେ ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନ ୧୫ ଦିନ ମଧରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗକୁ ଜଣାଇବାକୁ ବିଭାଗୀୟ ସଚିବ ସଞ୍ଜୟ କୁମାର ସିଂ ନିର୍ଦ୍ଦେଶ ଦେଇଛନ୍ତି।

### ଲୁଟି ନେଲେ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର

**ଭଟଲି, ୬।୧(ଡି.ଏନ.ଏ.):** ବରଗଡ଼ ଜିଲା ଭଟଲି ଥାନା ସମ୍ମୁଖରେ ଥିବା ଏକ ଜ୍ୱେଲେରୀ ଦୋକାନ ସାମନାରୁ ଦୁର୍ବୃତ୍ତମାନେ ସୁନା ବ୍ୟବସାୟୀଙ୍କଠାରୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟି ନେଇଛନ୍ତି। ଲୁଟ୍ ସୁନା ଅଳଙ୍କାରର ଆନୁମାନିକ ମୂଲ୍ୟ ୧୦ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଦୋକାନୀ ଦେବଦତ୍ତ ସରାଫ କହିଛନ୍ତି। ଏ ନେଇ ସେ ଭଟଲି ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା(ନଂ.୧/୨୧) ରୁଜୁ କରି ତନାଘନା ଚଲାଇଛି। ସବୁଦିନ ଭଳି ଦୋକାନୀ ସରାଫ ଘରୁ ସୁନା ଅଳଙ୍କାର ଧରି ଦୋକାନକୁ ଆସିଥିଲେ। ଦୋକାନ ଖୋଲିବା ପୂର୍ବରୁ ସୁନା, ଅଳଙ୍କାର ରହିଥିବା ବ୍ୟାଗକୁ ହାତରେ ଧରିଥିଲେ। ଏହି ସମୟରେ ୨ଜଣ ଦୁର୍ବୃତ୍ତ ଏକ ବାଇକ୍ ଯୋଗେ ସେଠାରେ ପହଞ୍ଚି ସେ ଧରିଥିବା ସୁନା ଅଳଙ୍କାର ଭର୍ତ୍ତି ବ୍ୟାଗକୁ ଲୁଟି ନେଇ ବରଗଡ଼ ପଟକୁ ଖସି ଯାଇଥିଲେ।

### ଏସ୍‌ପି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ

**ତରବୋଡ, ୬।୧ (ଡି.ଏନ.ଏ.)**
କଟକ ଜିଲା ମାହାଙ୍ଗା ବ୍ଲକ ପୂର୍ବତନ ଅଧକ୍ଷ ତଥା ଭାଜପା ନେତା କୁଳମଣି ବରାଳ ଓ ସହଯୋଗୀ ଦିବ୍ୟସିଂ ବରାଳଙ୍କୁ ହତ୍ୟା ଘଟଣା ନେଇ ବୁଧବାର ଜିଲା ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଏସ୍‌ପି ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଭାଜପା ଯୁବମୋର୍ଚ୍ଚା ଜିଲା ସଭାପତି ଅଭିନନ୍ଦନ ପଣ୍ଡାଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଜିଲା ପୋଲିସ ପଡିଆରୁଠାରୁ ଏକ ଶୋଭାଯାତ୍ରାରେ ବହାରି ସହର ପରିକ୍ରମା କରି ମନ୍ତ୍ରୀ ପ୍ରତାପ ଜେନାଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ଏସ୍‌ପି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜିଲା ଉପ ସଭାପତି ଗୋଲଡି ଅଗ୍ରୱାଲ, ଦିଲୀପ ନିର୍ମଳକର, ଜିଲା ସମ୍ପାଦକ ତୁଳସ ପଟେଲ, ମଣ୍ଡଳ ସଭାପତି ବିଜୟ ଚନ୍ଦ୍ରପାର, ମନିଜର ଆର୍ଯ୍ୟ, ଅର୍ଜୁନ ଜଗତ, ମାନସ ରଥ ପ୍ରମୁଖ ବିକ୍ଷୋଭରେ ସାମିଲ ଥିଲେ।

# ଭିତରକନିକାରେ ବିଦେଶୀ ପକ୍ଷୀଙ୍କ ସଂଖ୍ୟା ବଢ଼ିଲା



**ରାଜନଗର,୬।୧(ଡି.ଏନ.ଏ.)**

ବିଶ୍ୱପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନରେ ବିଦେଶାଗତ ପକ୍ଷୀଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଚଳିତ ମାସ ୬ ତାରିଖ ଦିନ ବନ ବିଭାଗ ପକ୍ଷରୁ ହୋଇଥିବା ଗଣନାରୁ ଏହା ଜଣାପଡ଼ିଛି। ଗତବର୍ଷ ଭିତରକନିକାକୁ ୧ ଲକ୍ଷ ୧୮ ହଜାର ୩୨୬ ପକ୍ଷୀ ଆସିଥିବା ବେଳେ ଚଳିତ ବର୍ଷ ୧ ଲକ୍ଷ ୩୬ ହଜାର ୯୨ ପକ୍ଷୀ ଆସିଛନ୍ତି। ଅର୍ଥାତ୍ ଗତବର୍ଷଠାରୁ ଚଳିତ ବର୍ଷ ଭିତରକନିକାକୁ ୧୭ ହଜାର ୭୬୬ ପକ୍ଷୀ ଅଧିକ ଆସିଥିବା ଗଣନାରୁ ଜଣାପଡ଼ିଛି। ଗତବର୍ଷ ଭିତରକନିକାକୁ ୧୧୫ ପ୍ରଜାତିର ପକ୍ଷୀ ଆସିଥିବା ବେଳେ ଚଳିତବର୍ଷ ୧୨୧ ପ୍ରଜାତିର ପକ୍ଷୀ ଆସିଛନ୍ତି। ଚଳିତବର୍ଷ ଭିତରକନିକାରେ ପୂର୍ବ ଓ ମଧ୍ୟ ଏସିଆରୁ ଆସିଥିବା ପାଇଡଆବୋସେଟ ପକ୍ଷୀଙ୍କୁ ଦେଖିବାକୁ ମିଳିଛି। ଗତ ୧୩ ବର୍ଷ ଧରି ଏହି ପକ୍ଷୀଙ୍କୁ ଦେଖିବାକୁ ମିଳୁ ନ ଥିଲା। ଚଳିତବର୍ଷ ଏହି ଜାତୀୟ ୧୨୮ଟି ପକ୍ଷୀଙ୍କୁ ଗଣନା ବେଳେ ଚିହ୍ନଟ କରାଯାଇଛି। ଚଳିତବର୍ଷ ସରସା ହଂସ, ପାତି ହଂସ, କଳା ହଂସ, ଦୁବ ହଂସ, ପଣ୍ଡା ହଂସ, ହେରେନ, ଗେଣ୍ଡାଳିଆ, ଦାବେଣ୍ଟିଆ, ପାଣିଗୁରୁଣ୍ଡି, ଚନ୍ଦନପାଟିଆଗେଣ୍ଡି, ଚିତ୍ରାଖଡିହଂସ, ରଙ୍ଗାଗେଣ୍ଡି, ସାରସହଂସ ପ୍ରଭୃତି ପକ୍ଷୀମାନଙ୍କ ସମାଗମ ହୋଇଛି। ଏହି ପକ୍ଷୀଗୁଡିକ ପ୍ରଚଣ୍ଡ ଶୀତରୁ ରକ୍ଷା ପାଇବା ପାଇଁ ହିମାଳୟ ପାଦଦେଶ ଓ ଲଦାଖ, ସାଇବେରିଆ ଓ ଉତ୍ତର ଗୋଲାର୍ଦ୍ଧରୁ ଆସିଥିବା ରାଜନଗର ଡିଏଫ୍‌ଓ ବିକାଶ ରଞ୍ଜନ ଦାଶ ସୂଚନା ଦେଇଛନ୍ତି।

**୧୨୧ ପ୍ରଜାତିର ୧,୩୬,୦୯୨ ବିଦେଶୀ ପକ୍ଷୀ**

# ନେଗେଟିଭ୍ ରିପୋର୍ଟ ବାଧ୍ୟତାମୂଳକ ସର୍ତ୍ତାବଳୀ ହଟାଅ: ଉଚ୍ଚଶିକ୍ଷା ବିଭାଗ

**ଭୁବନେଶ୍ୱର, ୬।୧(ବ୍ୟୁରୋ)**

ଆସନ୍ତା ୧୧ ତାରିଖରୁ ରାଜ୍ୟର ସମସ୍ତ ଉଚ୍ଚଶିକ୍ଷାନୁଷ୍ଠାନ ଖୋଲିବ। ଏଥିପାଇଁ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ପ୍ରସ୍ତୁତି ଆରମ୍ଭ ହୋଇଛି। ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇ କିପରି ଶିକ୍ଷାନୁଷ୍ଠାନ ଖୋଲିବ ସେଥିପାଇଁ ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ବିଚାରବିମର୍ଶ କରୁଛନ୍ତି। କେତେକ ଉଚ୍ଚ ଶିକ୍ଷାନୁଷ୍ଠାନ କୋଭିଡ୍ ନେଗେଟିଭ୍ ରିପୋର୍ଟକୁ ଗୁରୁତ୍ୱ ଦେଇଛନ୍ତି। ଛାତ୍ରୀଛାତ୍ରଙ୍କ ପାଇଁ କୋଭିଡ୍ ନେଗେଟିଭ୍ ରିପୋର୍ଟ ବାଧ୍ୟତାମୂଳକ କରିଛନ୍ତି। କିନ୍ତୁ ଏହା ସରକାରୀ ଗାଇଡ୍‌ଲାଇନ୍ ନୁହେଁ। ଏପରି କଲେ ଶିକ୍ଷାନୁଷ୍ଠାନରେ ବିଶୃଙ୍ଖଳା ସୃଷ୍ଟି ହେବ। ତେଣୁ ଏଭଳି ସର୍ତ୍ତାବଳୀକୁ ହଟାଇବା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।

ଏ ନେଇ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର କହିଛନ୍ତି, କିଛି ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପାଇଁ କୋଭିଡ୍ ନେଗେଟିଭ୍ ରିପୋର୍ଟ ବାଧ୍ୟତାମୂଳକ କରିଥିବା ଜାଣିବାକୁ ପାଇଲୁ। ଏହା ସରକାରୀ ଗାଇଡ୍‌ଲାଇନ ଅନୁଯାୟୀ ନୁହେଁ। ରିପୋର୍ଟ ପାଇବା ପାଇଁ ଛାତ୍ରୀଛାତ୍ରମାନେ ଟଙ୍କା ଖର୍ଚ୍ଚ କରିବାକୁ ବାଧ ହେବେ। ୯ ମାସରୁ ଅଧିକ ବନ୍ଦ ପରେ ଛାତ୍ରୀଛାତ୍ର ଶିକ୍ଷାନୁଷ୍ଠାନକୁ ଆସନ୍ତୁ ବୋଲି ଆମେ ଚାହୁଁ। ଏଭଳି ସର୍ତ୍ତାବଳୀ ଲଗାଇ ସେମାନଙ୍କ ଆଗମନକୁ କଠୋର କରିବା ନାହିଁ, ଯାହା ସରକାରୀ ଗାଇଡ୍‌ଲାଇନ ଅନୁଯାୟୀ ନୁହେଁ। ତେଣୁ ଏହି ସର୍ତ୍ତକୁ ହଟାଇବାକୁ ସଚିବ କହିଛନ୍ତି। ଥର୍ମାଲ ସ୍କ୍ରିନିଂ ମଧ ସରକାରୀ ଗାଇଡ୍‌ଲାଇନ୍‌ରେ ନାହିଁ। ସେହି ପର୍ଯ୍ୟାୟ ଏବେ ସମାପ୍ତ ହୋଇସାରିଛି। ସାମାଜିକ ଦୂରତା, ମାସ୍କ ପିନ୍ଧିବା, ହାତ ଧୋଇବା ଓ ସାନିଟାଇଜେଶନ ପରି ମୌଳିକ ଜିନିଷଗୁଡ଼ିକ ଅନୁସରଣ କରାଯିବା ଆବଶ୍ୟକ। ଯାହା ପ୍ରୟୋଜନୀୟ ତାହା ଅନୁସରଣ କରିବା ଉଚିତ ବୋଲି ସଚିବ ମିଶ୍ର କହିଛନ୍ତି।

# ରାଜ୍ୟ ସମ୍ପତ୍ତି ଟାଟାକୁ ବିକିବା ଉଦ୍ୟମରୁ ସରକାର ବିରତ ରୁହନ୍ତୁ: ପ୍ରଦୀପ




ଖବରଦାତା ସମ୍ମିଳନୀରେ ପ୍ରଦୀପ ମାଝୀ ଓ ଅନ୍ୟମାନେ।

**ଭୁବନେଶ୍ୱର,୬।୧(ବ୍ୟୁରୋ)**

ରାଜ୍ୟରେ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆର୍‌ସି) ସବୁ ନୀତି ନିୟମକୁ ଉଲ୍ଲଂଘନ କରି ସେସ୍କୁ, ସାଉଥ୍‌କୋ ଓ ୱେସ୍କୋ ଭଳି ସଂସ୍ଥାକୁ ଟାଟା କମ୍ପାନୀ ସମୂହକୁ ବିକ୍ରିକରି ମୁନାଫା ଉଠାଇଛନ୍ତି। ଏହା ରାଜ୍ୟବାସୀଙ୍କ ସ୍ୱାର୍ଥ ବିରୋଧୀ ବୋଲି ପ୍ରଦେଶ କଂଗ୍ରେସ କମିଟି (ପିସିସି) କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି ଅଭିଯୋଗ କରିଛନ୍ତି। ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରଦୀପ କହିଛନ୍ତି, ଏହା ପୁଞ୍ଜିବାଦରେ ମଧ ଗୋଟିଏ ଏକଛତ୍ରବାଦ। ବିଦ୍ୟୁତ୍ ନିୟମ ୨୦୦୩ର ଧାରା ୨୦ ଅନୁଯାୟୀ ଏହା ସ୍ପଷ୍ଟ ଉଲ୍ଲେଖ କରାଯାଇଛି ଯେ, ଜଣେ ବିଡର ଗୋଟିଏ ସଂସ୍ଥାକୁ ୨ଟି କମ୍ପାନୀକୁ ବିକ୍ରି କରିପାରିବ ନାହିଁ। ସେହିଭଳି ବିଦ୍ୟୁତ୍ ନିୟମ ଧାରା ୬୦ରେ ଉଲ୍ଲେଖ ଅଛି ଯେ, କୌଣସି ଗୋଟିଏ ଘରୋଇ ସଂସ୍ଥା ସମସ୍ତ ବିଦ୍ୟୁତ୍ ବଜାରକୁ ନିୟନ୍ତ୍ରଣ କରିପାରିବ ନାହିଁ। ତେଣୁ ଏଥିରେ ବେନିୟମ ଭାବେ ଗଫଲତି ହୋଇଥିବା ସ୍ପଷ୍ଟ ଅନୁମେୟ ହେଉଛି। ଏହି ବିକ୍ରି ସମୟରେ ପୂର୍ବରୁ କର୍ମଚାରୀଙ୍କ ଥିବା ୧୦ ପ୍ରତିଶତ ଅଂଶଧନକୁ ମଧ ବେନିୟମ ଭାବେ ରଦ୍ଦ କରାଯାଇଛି। ଏହି କାର୍ଯ୍ୟରେ ରାଜ୍ୟ ସରକାର ମଧ ଓଇଆର୍‌ସିକୁ ପ୍ରୋତ୍ସାହନ ଦେଇ ଘରୋଇ କମ୍ପାନୀଙ୍କ ପାଇଁ ପଥ ପରିଷ୍କାର କରି ଦେଇଛନ୍ତି। ଏପରିକି ବର୍ତ୍ତମାନ ଟାଟା କମ୍ପାନୀକୁ ଲାଇସେନ୍ସ ଦେଇ ସରକାର ଏବଂ ଓଇଆର୍‌ସି ରାଜ୍ୟବାସୀଙ୍କ ସ୍ୱାର୍ଥକୁ ଅଣଦେଖା କରିଛନ୍ତି। ଏହି ବେନିୟମ କାର୍ଯ୍ୟକୁ ରାଜ୍ୟବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ତୁରନ୍ତ ପ୍ରତ୍ୟାହାର କରିବାକୁ ପ୍ରଦୀପ ଦାବି କରିଛନ୍ତି। ଏ ସମ୍ପର୍କରେ ଅନ୍ୟମାନଙ୍କ ପରାମର୍ଶକୁ ବେଖାତିରକରି ଟାଟା କମ୍ପାନୀ ପ୍ରତି ଦରଦ ଦେଖାଇବା ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ପ୍ରଦୀପ କହିଛନ୍ତି।

## ଚାକିରି ହରାଇପାରନ୍ତି ୫ ପୋଲିସ ଅଧିକାରୀ

**କେନ୍ଦ୍ରାପଡା ଅଫିସ,୬।୧**

କେନ୍ଦ୍ରାପଡା ଜିଲା ପୋଲିସର ୫ ଅଧିକାରୀ କାର୍ଯ୍ୟକାଳ ଶେଷ ପୂର୍ବରୁ ଚାକିରୀ ହରାଇପାରନ୍ତି। ଏନେଇ ଜିଲାରେ ଚର୍ଚ୍ଚା ଜୋର ଧରିଛି। ୨୦୨୦ ନଭେମ୍ବର ୧୮ରେ ଓଡିଶା ପୋଲିସ ପକ୍ଷରୁ ରାଜ୍ୟର ସମସ୍ତ ଏସ୍‌ପିଙ୍କୁ ଏକ ଚିଠି (ନଂ-୩୬୭୬୦) ହୋଇଥିଲା। ସେଥିରେ ଦର୍ଶାଯାଇଥିଲା ଯେ, ଚାକିରୀକାଳ ଶେଷ ହୋଇ ନ ଥିଲେ ମଧ୍ୟ କାର୍ଯ୍ୟରତ ୨୨୮ ଇନ୍ସପେକ୍ଟର, ସବ୍ ଇନ୍ସପେକ୍ଟର ଓ ଅନ୍ୟାନ୍ୟ କର୍ମଚାରୀଙ୍କୁ ସରକାର ଅବସର ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ପ୍ରାୟ ୩୦ବର୍ଷ ଚାକିରୀକାଳ ପୂରଣ କରିଥିବା ଓ ୫୦ବର୍ଷରୁ ଉର୍ଦ୍ଧ୍ୱ ବୟସ ହୋଇଥିବା ଅଧିକାରୀଙ୍କ କାର୍ଯ୍ୟକାଳକୁ ଅନୁଧ୍ୟାନ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି ତାଲିକାରେ ଜିଲାରେ କାର୍ଯ୍ୟରତ ୫ଜଣ ଅଧିକାରୀଙ୍କ ନାମ ରହିଥିବା ଜଣାଯାଇଛି। ସେମାନଙ୍କ ମଧ୍ୟରେ ୨ଜଣ ଇନ୍ସପେକ୍ଟର ଓ ୩ଜଣ ସବ୍‌ଇନ୍ସପେକ୍ଟର ଅଛନ୍ତି।

## ପିକେଏଆଇଇଟିରେ କ୍ୟାମ୍ପସ ପ୍ଲେସମେଣ୍ଟ




ପିକେଏଆଇଇଟିରେ ଚାଲିଥିବା କ୍ୟାମ୍ପସ୍ ପ୍ଲେସମେଣ୍ଟ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀବୃନ୍ଦ।

**ବରଗଡ଼ ଅଫିସ୍, ୬।୧**

ବରଗଡ଼ ସହର ଉପକଣ୍ଠ ଚକରକେନ୍ଦସ୍ଥିତ ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ ଇନଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି(ପିକେଏଆଇଇଟି)ରେ ମଙ୍ଗଳବାର ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍‌ର କ୍ୟାମ୍ପସ୍ ପ୍ଲେସମେଣ୍ଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଉରକେଲାର ୟୁଜିଆଇଇ, ଏସକେଡିଏଭି, ସରକାରୀ ପଲିଟେକନିକ୍, ଝାରସୁଗୁଡ଼ାର ଜେଇଏସ ଆଦି ଅନୁଷ୍ଠାନର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କମ୍ପାନୀର ଜେନେରାଲ ମ୍ୟାନେଜର(ଏଚ୍‌ଆର ଓ ଆଇଆର୍) ତରୁଣ କୁମାର ରାଉତ, ଡେପୁଟୀ ଜେନେରାଲ ମ୍ୟାନେଜର(ଏଚଏସଏମ) ସୁଧିର ବକ୍ସି, ସିନିୟର ମ୍ୟାନେଜର ଆୟୁଷ୍ମାନ ସିହ୍ନା ରାଏ, ପ୍ଲେସମେଣ୍ଟ ଟିମ୍ ସଦସ୍ୟ ଶରତ ଅଭିସ୍ ଟିଗ୍‌ଗା ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ପିକେଏଆଇଇଟିର ମେକାନିକାଲ ବିଭାଗ ଛାତ୍ର ଗର୍‌ଗା ଲୋକେଶ ରାଓ, ଜିତେନ୍ଦ୍ର କୁମାର ପାଣ୍ଡେ, ଅଭିଳାଷ ପଟ୍ଟନାୟକ, ପୀତବାଶ ବିଶି, ମେଟାଲର୍ଜି ବିଭାଗର ଛାତ୍ର ଲକ୍ଷ୍ମଣ ପଣ୍ଡା ସଫଳତାର ସହିତ ଉତ୍ତୀର୍ଣ୍ଣ ହୋଇଥିଲେ। ପଦ୍ମଶ୍ରୀ କୃତାର୍ଥ ଆଚାଯର୍‌ୟ ଶିକ୍ଷାନୁଷ୍ଠାନ ସମୂହର ସମ୍ପାଦକ ଡଃ ତରୁଣ କୁମାର ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଏହି କାଯର୍‌ୟକ୍ରମ ହୋଇଥିଲା। ପ୍ଲେସମେଣ୍ଟ ବିଭାଗ ମୁଖ୍ୟ ଡଃ ଶେଖ୍ ଆବେଦ୍ ହୁସେନ ଏବଂ ଅନ୍ୟ ଅଧ୍ୟାପକମାନେ ଏଥିରେ ସହଯୋଗ କରିଥିଲେ।

# ଗତବର୍ଷ ତୁଳନାରେ ୨୪ ପ୍ରତିଶତ ଧାନ ସଂଗ୍ରହ ବଢ଼ିଛି

**ଭୁବନେଶ୍ୱର,୬।୧(ବ୍ୟୁରୋ)**

ଖାଦ୍ୟ ଯୋଗାଣ ଓ ଖାଉଟିକଲ୍ୟାଣ ବିଭାଗ ଦ୍ୱାର ପ୍ୟାକ୍ସ/ଲ୍ୟାମ୍ପସ୍, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ପାଣି ପଞ୍ଚାୟତ ଦ୍ୱାରା ନଭେମ୍ବର ପ୍ରଥମ ସପ୍ତାହରୁ ରାଜ୍ୟରେ ଖରିଫ୍ ଧାନ ସଂଗ୍ରହ କାର୍ଯ୍ୟ କରାଯାଉଛି। ଏବେ ସୁଦ୍ଧା ମୋଟ ୨୬ ଲକ୍ଷ ୪୮ ହଜାର ୪୭୪ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ହୋଇଛି। ଗତବର୍ଷ ଏହି ଦିନ ସୁଦ୍ଧା ଖରିଫ୍ ଧାନ ସଂଗ୍ରହଠାରୁ ଏହା ୨୪ ପ୍ରତିଶତ ଅଧିକ। ଗତବର୍ଷ ଏହି ତାରିଖ ସୁଦ୍ଧା ମୋଟ ୨୧ ଲକ୍ଷ ୩୦ ହଜାର ୧୯୯ ମେଟ୍ରିକ୍ ଟନ ଧାନ ସଂଗ୍ରହ ହୋଇଥିଲା। ଧାନ ସଂଗ୍ରହ କାର୍ଯ୍ୟ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଓ ବ୍ୟବସ୍ଥିତ ଭାବେ କରିବା ପାଇଁ ଖାଦ୍ୟ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଦାୟିତ୍ୱରେ ଥିବା ଅଧିକାରୀମାନେ କ୍ଷେତ୍ରରେ ଉପୁଜୁଥିବା ସମସ୍ୟାର ତୁରନ୍ତ ସମାଧାନ କରି ଧାନ ସଂଗ୍ରହକୁ ତ୍ୱରାନ୍ୱିତ କରିବା ପାଇଁ ମନ୍ତ୍ରୀ ସ୍ୱାଇଁ ଗୁରୁତ୍ୱ ଦେଇଛନ୍ତି। ବିଭାଗ ଦ୍ୱାରା ନାମ ପଞ୍ଜୀକୃତ କରିଥିବା ଚାଷୀଙ୍କଠାରୁ ପି- ପାସ୍ ଜରିଆରେ ଏବଂ ଆଗୁଆ ଟୋକେନ ପ୍ରଦାନ ମାଧମରେ ଖରିଫ୍ ଧାନ ସଂଗ୍ରହ କରାଯାଉଛି। ଏଥି ସହିତ ମଣ୍ଡିରେ ସାମାଜିକ ଦୂରତ୍ୱ ଓ ସମସ୍ତ କୋଭିଡ୍-୧୯ ମାର୍ଗଦର୍ଶିକା ଅନୁପାଳନ କରି ଚାଷୀଙ୍କଠାରୁ ଧାନ ସଂଗ୍ରହ କରାଯାଉଛି ବୋଲି ମନ୍ତ୍ରୀ ସ୍ୱାଇଁ କହିଛନ୍ତି। ଅଦ୍ୟାବଧି ଅଧିକ ଧାନ ସଂଗ୍ରହ ହୋଇଥିବା ଜିଲାଗୁଡ଼ିକ ମଧ୍ୟରୁ ବରଗଡ଼ରେ ୬,୩୧,୧୧୯, ବଲାଙ୍ଗୀର ୨,୧୪,୩୪୦, କଳାହାଣ୍ଡିରେ ୩,୨୪,୧୧୯, କୋରାପୁଟରେ ୧,୯୧,୦୩୦, ନୂଆପଡ଼ାରେ ୧,୦୪,୪୬୫, ସମ୍ବଲପୁରରେ ୩,୨୨,୭୨୪ ଟନ, ସୁବର୍ଣ୍ଣପୁର ୨,୨୩,୬୧୫ ଓ ନବରଙ୍ଗପୁର ଜିଲାରେ ୯୭,୩୩୧ ମେଟ୍ରିକ୍ ଟନ ଧାନ ସଂଗ୍ରହ ହୋଇଛି। ଚଳିତ ଖରିଫ୍ ଧାନ ବିକ୍ରି ନିମନ୍ତେ ରାଜ୍ୟରେ ମୋଟ ୧୪ ଲକ୍ଷ ୯୯ ହଜାର ୬୬୧ ଜଣ ଚାଷୀ ସେମାନଙ୍କର ନାମ ପଞ୍ଜୀକରଣ କରିଥିବାବେଳେ ଅଦ୍ୟାବଧି ୧୪ ଲକ୍ଷ ୩୯ ହଜାର ୭୬୬ ଜଣଙ୍କ ନାମ ଯାଞ୍ଚ କରାଯାଇଛି। ଏବେ ସୁଦ୍ଧା ୪ ଲକ୍ଷ ୨୩ ହଜାର ୬୫୮ ଜଣ ଚାଷୀ ସେମାନଙ୍କ ଧାନ ବିକ୍ରି କରିଛନ୍ତି।

# ବିକାଶରେ ଅଭିଭାବକ ସମ୍ମିଳନୀ



ବିକାଶରେ ଅନୁଷ୍ଠିତ ଅଭିଭାବକ ସମ୍ମିଳନୀ।

**ବରଗଡ଼ ଅଫିସ୍,୬।୧**

ବରଗଡ଼ ସହର ଉପକଣ୍ଠ ବିକାଶ ଅଡ଼ିଟୋରିୟମରେ ବୁଧବାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଡେ ସ୍କୋଲାର ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ଯୋଗଦାନ କରିଥିଲେ। ଉକ୍ତ ସଭାରେ ସ୍କୁଲ କର୍ତ୍ତୃପକ୍ଷ ଅଭିଭାବକମାନଙ୍କୁ ସ୍କୁଲ ଖୋଲିବା ନିମନ୍ତେ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା କୋଭିଡ୍ ନିୟମାବଳୀ ଅବଗତ କରାଇଥିଲେ। ଏଥିରେ ସହଯୋଗ କରିବା ପାଇଁ ଅଭିଭାବକମାନେ ସହମତି ପ୍ରକାଶ କରିଥିଲେ। ସେହିପରି ଅପରାହ୍ନ ୪ଟାରେ ହଷ୍ଟେଲର ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ କଲେଜରେ ଯୋଗଦାନ ସକାଶେ ଆଉ ଏକ ଅନଲାଇନ କାର୍ଯ୍ୟକ୍ରମ ହୋଇଥିଲା। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ମୁରାରୀ ପ୍ରସାଦ ସାହୁ ଅଭିଭାବକଙ୍କୁ ବିଦ୍ୟାଳୟ ଓ ହଷ୍ଟେଲ ନିମନ୍ତେ ପ୍ରସ୍ତୁତ କରାଯାଇଥିବ ଏସଓପି ଉପରେ ଅବଗତ କରାଇଥିଲେ। ସେହିପରି ବିକାଶ ଗ୍ରୁପର ଚେୟାରମ୍ୟାନ ଡି.ମୁରଲୀକ୍ରୀଷ୍ଣା, ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରଓ, ଏକ୍ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓଙ୍କ ତତ୍ତ୍ୱାବଧାନରେ ଅଧ୍ୟକ୍ଷ ତଥା ଅନ୍ୟ କର୍ମକର୍ତ୍ତାମାନଙ୍କୁ ସ୍କୁଲ ଖୋଲିବା ନିମନ୍ତେ ଏସଓପି ପ୍ରସ୍ତୁତ ସହିତ ବିଭିନ୍ନ ପରାମର୍ଶ ଦିଆଯାଇଛି। ଡେ ସ୍କୋଲାର ଛାତ୍ରୀଛାତ୍ରମାନେ ଆସନ୍ତା ୮ତାରିଖରୁ ଏବଂ ହଷ୍ଟେଲ ଛାତ୍ରୀଛାତ୍ରମାନେ ଆସନ୍ତା ୧୨ତାରିଖରୁ ବିଦ୍ୟାଳୟରେ ଯୋଗଦେବେ ବୋଲି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସାହୁ ସୂଚନା ଦେଇଛନ୍ତି।

## ଚାଷୀ ସଂଗଠନ ଗଠିତ

**ଦେଓଗାଁ, ୬।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ମିନିଷ୍ଟାଡିୟମଠାରେ ବୁଧବାର ବିଭିନ୍ନ ସମସ୍ୟାର ମୁକାବିଲା ପାଇଁ ଏକ କୃଷକ ସଂଗଠନ ଗଠନ କରାଯାଇଛି। ଚିତ୍ତରଞ୍ଜନ ଥନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସ୍ଥାନୀୟ କୃଷି ସମବାୟ ସମିତି ଅନ୍ତର୍ଗତ ଜରାସିଂହା, ବରକାନୀ, ଜମାଦାରପାଲି, ଚନ୍ଦ୍ରପୁର, ବଡଡୁଙ୍ଗୁରିପାଲି, ଉଡାର, ସାଲେପାଲି ଅଞ୍ଚଳର ଚାଷୀମାନେ ଯୋଗଦେଇ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଟୋକନ ବ୍ୟବସ୍ଥାଠୁ ଆରମ୍ଭ କରି ବେପାରୀ ମଧ୍ୟସ୍ଥଙ୍କ ଦୌରାତ୍ମ୍ୟ ତଥା ପ୍ୟାକ୍ସରେ ହେଉଥିବା ଅନିୟମିତତା ଉପରେ ଆଲୋଚନା ହୋଇଥିଲା। ପରେ ଏହି ସବୁ ସମସ୍ୟାକୁ ନେଇ ସଂଗ୍ରାମ କରିବା ପାଇଁ ଏକ ଚାଷୀ ସଂଗଠନ ଗଠନ କରାଯାଇଥିଲା। ସଂଗଠନ ସଭାପତିଭାବେ ଚିତ୍ତରଞ୍ଜନ ଥନାପତି, ଉପସଭାପତି ସୁନ୍ଦରମଣି ଦଣ୍ଡସେନା, ସମ୍ପାଦକ ତ୍ରୈଲୋଚନ ବରିହା, ସହସମ୍ପାଦକ ଗଣ୍ଡାରାମ କପାଟ, କୋଷାଧ୍ୟକ୍ଷଭାବେ ସୋମନାଥ ମାଝୀ ପ୍ରମୁଖ ମନୋନୀତ ହୋଇଥିଲେ। କାର୍ଯ୍ୟକାରୀ ସଦସ୍ୟଭାବେ ଦୁର୍ଗାପ୍ରସାଦ ସିଂଦେଓ, ରଣଜିତ କପାଟ, କାମଦେବ ମେହେର, ଅବସ୍ଥା ମହାନନ୍ଦ, ବିଶ୍ୱାମିତ୍ର ଭୋଇ, ଶେଷଦେବ ନାଗ, କୋକିଳ ନାଗ, ଧନଞ୍ଜୟ ସାମଲ ରହିଛନ୍ତି।

# ଏସ୍‌ଟିଏଫ୍ ଜବତକଲା ୨ଟନ୍ ଗଞ୍ଜେଇ

**ମୁନିଗୁଡ଼ା/ରାୟଗଡ଼ା ଅଫିସ, ୬।୧(ଡି.ଏନ୍.ଏ.)**

ଏକ ପିଟୁ ଟ୍ରକ୍‌ରୁ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍)୨ଟନ୍ ଗଞ୍ଜେଇ ଜବତ କରିଛି। ଅଭିନବ ଉପାୟରେ ଆନ୍ଧ୍ରପ୍ରଦେଶରୁ ରାୟଗଡ଼ା ଦେଇ ବୌଦ୍ଧ ଜିଲାର କଣ୍ଟାମାଳକୁ ଏହି ଗଞ୍ଜେଇ ଚାଲାଣ ହେଉଥିଲା। ଖବର ପାଇ ଇନ୍‌ସ୍ପେକ୍ଟର ଇ.କିରୋ,ଏସ୍‌ଆଇ ନଳିନୀକାନ୍ତ ଦାସ, ଏଏସ୍‌ଆଇ ଜ୍ୟୋତିରଞ୍ଜନ ଦାସ ପ୍ରମୁଖଙ୍କୁ ନେଇ ଗଠିତ ଏସ୍‌ଟିଏଫ୍ ଚଢ଼ାଉକରି ମୁନିଗୁଡ଼ାର ଚିକିରପଡ଼ା ରେଳ ଫାଟକ ନିକଟରେ ପିଟୁ ବୋଝେଇ ଟ୍ରକ୍(ଓଡି ୧୫ ପି ୯୦୦୬)ରୁ ୫୭ ପ୍ୟାକେଟ(୨ଟନ୍) ଗଞ୍ଜେଇ ଜବତ କରିଛି। ଏହାର ମୂଲ୍ୟ ପ୍ରାୟ ୧.୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଜଣାପଡ଼ିଛି। ଚାଳକ ଫେରାର ହୋଇଥିବାବେଳେ ଟ୍ରକ୍ ଜବତ କରାଯାଇଛି।

**ପିଟୁ ଟ୍ରକ୍‌ରେ ହେଉଥିଲା ଚାଲାଣ**




# ଧରାହେଲା ୧୦.୯୦ କୁଇଣ୍ଟାଲ ଗଞ୍ଜେଇ

**ବ୍ରହ୍ମପୁର ଅଫିସ,୬।୧**

ଅବକାରୀ ଗୋଇନ୍ଦା ବିଭାଗ ବୁଧବାର ଭୋରରେ ବ୍ରହ୍ମପୁର ଉପଖଣ୍ଡ ପୋକୁଡ଼ିବନ୍ଧ ଛକରୁ ୩ଟି ଗାଡ଼ିରୁ ୧୦ କୁଇଣ୍ଟାଲ ୯୦ କେଜି ଗଞ୍ଜେଇ ଜବତ କରିଛି। ଟ୍ରକ୍, କାର ଓ ପିକଅପ୍ ଭ୍ୟାନରେ ଗଜପତିରୁ ଗଞ୍ଜେଇ ବ୍ରହ୍ମପୁର ଦେଇ ଝାଡ଼ଖଣ୍ଡ ଚୋରା ଚାଲାଣ ହେଉଥିବା ବେଳେ ଅବକାରୀ ବିଭାଗ ଗଞ୍ଜେଇ ଜବତ କରିଥିଲା। ଗଞ୍ଜେଇ ଚାଲାଣର ମୁଖ୍ୟ ତଥା ଉତ୍ତରାଖଣ୍ଡ କାଶିପୁରର ଗଜେନ୍ଦ୍ର ସିଂ (୩୪), ଉତ୍ତରପ୍ରଦେଶର ଟ୍ରକ୍ ଡ୍ରାଇଭର ଅର୍ଜୁନ ସିଂ(୨୩) ଓ ଗଜପତି ଜିଲା ଅନ୍ତରବା ଗ୍ରାମର ଗଞ୍ଜେଇ ଯୋଗାଣକାରୀ ରାମ କୁମାର ପାଳ(୩୩)ଙ୍କୁ ଗିରଫ କରାଯାଇଛି ବୋଲି ଅବକାରୀ ଗୋଇନ୍ଦା ଇନ୍ସପେକ୍ଟର ହୃଦୟ ଚନ୍ଦ୍ର ସାମନ୍ତ ସୂଚନା ଦେଇଛନ୍ତି। ଜବତ ଟ୍ରକ୍‌ରେ ନଡ଼ିଆ କତା ବୋଝେଇ ହୋଇଥିବା ବେଳେ ଯାଞ୍ଚ ସମୟରେ ସେଥିରେ ଗଞ୍ଜେଇ ଚାଲାଣ କରାଯାଉଥିଲା ବୋଲି ସେ କହିଛନ୍ତି।

ପ୍ରକାଶଯେ, ଗଞ୍ଜେଇ ବାହାର ରାଜ୍ୟକୁ ଚାଲାଣ ହେଉଥିବା ଅବକାରୀ ବିଭାଗକୁ ଖବର ମିଳିଥିଲା। ଗୋଇନ୍ଦା ଇନ୍ସପେକ୍ଟରଙ୍କ ନେତୃତ୍ୱରେ ଏକ ଟିମ୍ ବୁଧବାର ପୋକୁଡ଼ିବନ୍ଧ ଛକରେ ପାଟ୍ରୋଲିଂ କରୁଥିଲା। ନଡ଼ିଆ କତା ବୋଝେଇ ଟ୍ରକ୍ (ୟୁପି୨୨ଏଟି୧୪୮୪)କୁ ଅଟକାଇ ପୋଲିସ ଯାଞ୍ଚ କରିଥିଲା। ସେଥିରୁ ୯ କୁଇଣ୍ଟାଲ ୬୧ କିଲୋ ଗଞ୍ଜେଇ ଜବତ ହୋଇଥିଲା। ସେହିପରି ପଛରୁ ଆସୁଥିବା ଏକ କାର (ୟୁକେ୧୮ଏଚ୮୨୨୧)ରୁ ଯାଞ୍ଚ ବେଳେ ୬୪ କେଜି ଓ ତା' ପଛରେ ଆସୁଥିବା ଏକ ପିକ୍‌ଅପ୍ (ଓଡ଼ି୦୭ଏଏ୮୧୨୦)ରୁ ୬୫ କେଜି ଗଞ୍ଜେଇ ଜବତ କରାଯାଇଛି।

## ଗଡ଼ିଆରେ ପଡ଼ି ଶିଶୁ ମୃତ

କପ୍ତିପଦା,(ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ସଦର ପଞ୍ଚାୟତ ବନ୍ଧମାଳ ଗ୍ରାମସ୍ଥିତ ଏକ ଗଡ଼ିଆରେ ପଡ଼ି ଦେଢ଼ ବର୍ଷର ଶିଶୁପୁତ୍ରର ମୃତ୍ୟୁ ଘଟିଛି। ମୃତ ଶିଶୁ ଲବ ସୋରେନ୍‌ଙ୍କ ପୁଅ। ପୂର୍ବାହ୍ନରେ ସେ ଖେଳୁଥିଲା ବେଳେ ବାଡିରେ ଥିବା ଏକ ଗଡ଼ିଆରେ ପଡ଼ି ଯାଇଥିଲା। ଏନେଇ କପ୍ତିପଦା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୧/୨୧)ରୁଜୁ ହୋଇଛି।

## ୮ରେ ସବୁ ଜିଲାପାଳ ଅଫିସ ଆଗରେ ଧାରଣାଦେବ କିଷାନ କଂଗ୍ରେସ

ଭୁବନେଶ୍ୱର,୬।୧(ବ୍ୟୁରୋ): କେନ୍ଦ୍ର ସରକାରଙ୍କ ୩ଟି କଳା କୃଷି ଆଇନ ପ୍ରତ୍ୟାହାର ଦାବିରେ ୪୨ଦିନ ହେଲା ଲକ୍ଷାଧିକ କୃଷକ ଶୀତ କାକରରେ ବସିଛନ୍ତି। ଏହା ସହିତ ବର୍ତ୍ତମାନ ସୁଦ୍ଧା ଏଥିରେ ୫୫ରୁ ଅଧିକ କୃଷକଙ୍କ ଜୀବନ ଗଲାଣି। ମୋଦି ସରକାରଙ୍କ ଏହି ଅନ୍ନଦାତାଙ୍କ ପ୍ରତି ତିଳେମାତ୍ର ନିଘାନାହିଁ। ସରକାର ୮ ଥର ବୈଠକ ଡାକି ଚାଷୀଙ୍କ ସହିତ ଖେଳ ଖେଳୁଛନ୍ତି। ବିରୋଧକୁ ସମର୍ଥନ ଜଣାଇ ଅଖିଳ ଭାରତ କିଷାନ କଂଗ୍ରେସର ଆହ୍ୱାନକ୍ରମେ ଓଡ଼ିଶା ଶାଖା ପକ୍ଷରୁ ରାଜ୍ୟର ସବୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆସନ୍ତା ୮ ତାରିଖରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଚାଷୀମାରଣ ନୀତି ବିରୋଧରେ ପ୍ରତିବାଦ ପୂର୍ବକ ଧାରଣା ଦିଆଯିବ ବୋଲି ପିସିସି କିଷାନ କଂଗ୍ରେସ ଅଧକ୍ଷ ଅମିୟ ପଟ୍ଟନାୟକ କହିଛନ୍ତି। ସେ କହିଛନ୍ତି, ଏହାକୁ ଚାଷୀକୁଳ ବରଦାସ୍ତ କରିବା ସମ୍ଭବ ନୁହେଁ। ଭାଜପା ସରକାର ଗଣତନ୍ତ୍ରର ସମ୍ବିଧାନକୁ ଜଳାଞ୍ଜଳି ଦେଇ ଯେଉଁଭଳି ଏକଚ୍ଛତ୍ରବାଦ ଚଳାଇଛନ୍ତି ଏହାର ପୂର୍ଣ୍ଣଚ୍ଛେଦ ପଡ଼ିବା ଜରୁରୀ।

# ୫୪୦୦ କୋଟି ପୁଞ୍ଜିନିବେଶକୁ ଅନୁମୋଦନ

- ୧୦୦୦କୋଟିର ୫ ପ୍ରକଳ୍ପକୁ ଏସ୍‌ଏଲ୍‌ଏସ୍‌ଡବ୍ଲ୍ୟୁସିଏର ଅନୁମୋଦନ
- ୪୬୩୧ଜଣଙ୍କୁ ନିଯୁକ୍ତି ସୁଯୋଗ

ଭୁବନେଶ୍ୱର, ୬।୧(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ୨୫ ତମ ଉଚ୍ଚସ୍ତରୀୟ କ୍ଲିୟରାନ୍ସ ଅଥରିଟି (ଏଚ୍‌ଏଲ୍‌ସିଏ)ବୈଠକରେ ମେଟାଲ, ସିମେଣ୍ଟ ଓ ପେଟ୍ରୋକେମିକାଲ ଭଳି ୫୩୫୮.୨୪ କୋଟି ଟଙ୍କାର ୩ଟି ବୃହତ୍ ପ୍ରକଳ୍ପକୁ ଅନୁମୋଦନ ମିଳିଛି। ଏଥିରେ ୩୬୬୭ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଅନୁମୋଦିତ ହୋଇଥିବା ୩ଟି ପ୍ରକଳ୍ପ ମଧ୍ୟରୁ ଯାଜପୁର କଳିଙ୍ଗ ନଗରଠାରେ ୟାଜଦାନୀ ଷ୍ଟିଲ୍ ଓ ପାୱାର ଲିମିଟେଡ୍ ଇଣ୍ଟିଗ୍ରେଟେଡ ଷ୍ଟିଲ୍ ପ୍ଲାଣ୍ଟକୁ ୦.୦୭ ନିୟୁତ ଟନ୍‌ରୁ ୧.୧୯ ନିୟୁତ ଟନ୍‌କୁ ସମ୍ପ୍ରସାରଣ କରିବ। ଏଥିରେ ୨୪୧୫ କୋଟି ଟଙ୍କାର ପୁଞ୍ଜିନିବେଶ ହେବ। ୨୮୬୭ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ସେହିପରି ସୁନ୍ଦରଗଡ଼ ଜିଲାର ତେଲିଘଣା ଠାରେ ଶିବା ସିମେଣ୍ଟ ପକ୍ଷରୁ ୧୫୨୩.୨୪ କୋଟି ଟଙ୍କାର ଅତିରିକ୍ତ କ୍ଲିଙ୍କର ୧.୩୨ ନିୟୁତ ଟନ୍ ଏବଂ ସିମେଣ୍ଟ ୧.୦୫ ନିୟୁତ ଟନ୍‌ର ପ୍ରକଳ୍ପ ସ୍ଥାପନ କରାଯିବ। ସେଥିରେ ୬୦୦ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ। ଜଗତ୍‌ସିଂହପୁର ଜିଲାର ପାରାଦୀପ ଠାରେ ନୁମଲିଗଡ ରିଫାଇନେରି ଲିମିଟେଡ(ଏନ୍‌ଆର୍‌ଏଲ୍) ପକ୍ଷରୁ ୧୪୨୦ କୋଟି ପୁଞ୍ଜିନିବେଶରେ ଅଶୋଧିତ ତୈଳ ଟର୍ମିନାଲ ସ୍ଥାପନ କରାଯିବ। ଏଥିରେ ୨୦୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ।

ଏଚ୍‌ଏଲ୍‌ସିଏ ବୈଠକ ପୂର୍ବରୁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି (ଏସ୍‌ଏଲ୍‌ଏସ୍‌ଡବ୍ଲ୍ୟୁସିଏ) ମେଟାଲ, ସାର, ଖାଦ୍ୟ ପ୍ରକ୍ରିୟାକରଣ, ପର୍ଯ୍ୟଟନ ଆଦି ୧୦୮୫.୦୮ କୋଟି ଟଙ୍କାର ୫ଟି ପ୍ରକଳ୍ପକୁ ଅନୁମୋଦନ କରିଛି। ଏଥିରେ ୯୬୪ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳି ପାରିବ। ଜଗତ୍‌ସିଂହପୁର ଜିଲା ପାରାଦୀପ ଠାରେ ଇଣ୍ଡିଆନ ଫାର୍ମର୍ସ ଫର୍ଟିଲାଇଜର କୋଅପରେଟିଭ ଲିମିଟେଡ(ଇଫ୍‌କୋ)ବାର୍ଷିକ ୬,୬୦,୦୦୦ ମେଟ୍ରିକ ଟନ୍‌ର ସଲଫ୍ୟୁରିକ ଏସିଡ୍ ପ୍ରକଳ୍ପର ସମ୍ପ୍ରସାରଣ କରିବ। ଏଥିରେ ଇଫ୍‌କୋ ୪୦୦ କୋଟି ବିନିଯୋଗ କରିବା ବେଳେ ୨୧ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ପଟ୍ଟନାୟକ ମିନେରାଲ ଦ୍ୱାରା ସୁନ୍ଦରଗଡ଼ରେ ୨୪୩ କୋଟି ବ୍ୟୟରେ ଫେରୋ ମାଙ୍ଗାନିଜ, ସିଲିକୋ ମାଙ୍ଗାନିଜ, ମାଙ୍ଗାନିଜ ବେନିଫିକେଶନ ଏବଂ ଆଇରନ ଓର ବେନିଫିକେଶନ ପ୍ଲାଣ୍ଟ ସ୍ଥାପନ କରାଯିବ। ଏଥିରେ ୧୫୬ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳି ପାରିବ। ସେହିପରି ସମ୍ବଲପୁର ଜିଲାର ବାମରା ଠାରେ ପ୍ରିମିୟର ଆଲ୍‌କୋ ବେଭ୍ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଦୈନିକ ୨୫୦ କିଲୋଲିଟର ଗ୍ରେନ ବେସଡ୍ ଡିଷ୍ଟିଲେରି ୟୁନିଟ୍ ସ୍ଥାପନ କରାଯିବ। ଏଥିସହିତ ୫.୫୦ ମେଗାୱାଟ ପାୱାର ପ୍ଲାଣ୍ଟ ସ୍ଥାପନ କରିବ। ଏଥିରେ ୨୭୫ କୋଟି ଟଙ୍କାର ପୁଞ୍ଜିନିବେଶ ହେବା ସହିତ ୩୦୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳି ପାରିବ। ସେହିପରି କଟକ ଜିଲାର ମୁଣ୍ଡଳୀ ଠାରେ କଟକ ଏଗ୍ରିଭେଟ ପକ୍ଷରୁ ଦୈନିକ ୧୧୬ ଲିଟର କ୍ଷମତାବିଶିଷ୍ଟ ଗ୍ରେନ ବେସଡ୍ ଡିଷ୍ଟିଲେରି ପ୍ଲାଣ୍ଟ ଏବଂ ପ୍ରତି ମାସରେ ୧ ଲକ୍ଷ ବଟ୍‌ଲିଂ ପ୍ଲାଣ୍ଟ ସ୍ଥାପନ କରାଯିବ। ଏ ବାବଦରେ କମ୍ପାନୀ ୧୧୨.୫୦ କୋଟି ଟଙ୍କାର ପୁଞ୍ଜିନିବେଶ କରିବା ସହ ୩୬୭ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ପୁରୀ ଜିଲା ପିପିଲି ଜସୁଆପୁରଠାରେ ଏସ.ଜେ. ଡେଭଲପର ଆଣ୍ଡ ହାଉସିଂ ପ୍ରାଇଭେଟ ଲିମିଟେଡ ପକ୍ଷରୁ ୫୪.୫୮ କୋଟି ଟଙ୍କା ବ୍ୟୟରେ ଏକ ୪ ତାରକା ହୋଟେଲ କମ୍ ରିସର୍ଟ ନିର୍ମାଣ କରାଯିବ। ଏଥିରେ ୧୨୦ ଜଣଙ୍କୁ ନିଯୁକ୍ତି ମିଳିପାରିବ। ବିଶ୍ୱରେ ଆର୍ଥିକ ମାନ୍ଦାବସ୍ଥା ଦେଖା ଦେଇଥିବା ବେଳେ ରାଜ୍ୟର ଶିଳ୍ପ ଅଭିବୃଦ୍ଧି ପାଇଁ ଅଧିକାରୀମାନଙ୍କୁ ପ୍ରଶଂସା କରିଥିଲେ।

ରାଜ୍ୟରେ ୨୦୨୦ ଫେବୃୟାରୀରୁ ଏ ପର୍ଯ୍ୟନ୍ତ ୧,୧୯,୨୧୪ କୋଟି ଟଙ୍କାର ପୁଞ୍ଜି ନିବେଶ ହୋଇଛି। ସର୍ବାଧିକ ପୁଞ୍ଜିନିବେଶ ସ୍ଥଳ ଭାବେ ଲଗାତର ଓଡ଼ିଶା ସର୍ବାଗ୍ରେ ରହିଛି। ଇନ୍‌ଭେଷ୍ଟ ଇଣ୍ଡିଆ ଏବଂ ବିଶ୍ୱବ୍ୟାଙ୍କ ଦ୍ୱାରା କରାଯାଇଥିବା ସର୍ଭେ ଅନୁଯାୟୀ ଦେଶର ୨୦ଟି ଷ୍ଟେଟ ଇନ୍‌ଭେଷ୍ଟ ପ୍ରମୋଶନ ଏଜେନ୍ସି (ଆଇପିଏ)ଙ୍କ ମଧ୍ୟରେ ୯୮ ପ୍ରତିଶତ ସ୍କୋର କରି ଇପିକଲ ନିକଟରେ ଟପ୍ ପରଫର୍ମର ଭାବେ ପୁରସ୍କୃତ ହୋଇଛି। ସର୍ଭେରେ ପୁଞ୍ଜିନିବେଶକୁ ଆକୃଷ୍ଟ କରିବା ନେଇ ରାଜ୍ୟ ସରକାରଙ୍କ ଉଦ୍ୟମକୁ ପ୍ରଶଂସା କରାଯାଇଛି।

## ଶୀତ ଗାଏବ, ୩୪ ଡିଗ୍ରୀ ଟପିଲା ଦିନର ପାରଦ

ଭୁବନେଶ୍ୱର, ୬।୧(ବ୍ୟୁରୋ)

ରାଜ୍ୟରେ ହଠାତ୍ ଶୀତ ଗାଏବ ହୋଇଯାଇଛି। ବୁଧବାର ଦିନର ପାରଦ ୪ରୁ ୫ଡିଗ୍ରୀ ଉପରକୁ ଉଠିଛି। ରାଜ୍ୟର କେତେକ ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ସେଲ୍‌ସିୟସକୁ ଟପି ଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଅନୁଗୋଳରେ ସର୍ବାଧିକ ତାପମାତ୍ରା ୩୪.୧ ଡିଗ୍ରୀ ସେଲ୍‌ସିୟସ ଥିବା ବେଳେ ଭୁବନେଶ୍ୱର ୩୩.୫, କଟକ ୩୩.୮, ବୌଦ୍ଧରେ ୩୩.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଦିନର ତାପମାତ୍ରା ବଢି ଚାଲିଥିବା ବେଳେ ରାତ୍ରି ତାପମାତ୍ରା ମଧ ବୃଦ୍ଧି ପାଇଛି। ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୧୧ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ବୌଦ୍ଧ ୧୨.୫, ଦାରିଙ୍ଗବାଡିରେ ୧୨.୫ ଡିଗ୍ରୀ ରେକର୍ଡ କରାଯାଇଛି। ଅନ୍ୟାନ୍ୟ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୩ ଡିଗ୍ରୀ ସେଲ୍‌ସିୟସ ଉପରେ ରହିଛି। ଆସନ୍ତା ୧୫ ତାରିଖ ଯାଏ ପାରଦ ଉପରମୁହାଁ ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।



**ଲେହରେ ତୁଷାରପାତ:** ବୁଧବାର ଜଣେ କର୍ମଚାରୀ ବସ୍ ଉପରେ ଜମିଥିବା ବରଫ ସଫା କରୁଛନ୍ତି।

## ମତ୍ସ୍ୟଚାଷୀଙ୍କ ବିକାଶରେ କେନ୍ଦ୍ର, ରାଜ୍ୟ ନିଦାବିଷ୍ଟୁ ସାଜିଛନ୍ତି

ଭୁବନେଶ୍ୱର,୬।୧(ବ୍ୟୁରୋ)

କେନ୍ଦ୍ର ସରକାରଙ୍କ ଜନବିରୋଧୀ କୃଷିନୀତିର ପ୍ରତିବାଦରେ ଦେଶ ତମାମ ସାଧାରଣ ଲୋକେ ଅନ୍ନଦାତା କୃଷକଙ୍କୁ ସମର୍ଥନ ଜଣାଇ ଆନ୍ଦୋଳନ କରୁଛନ୍ତି। ବୁଧବାର ଓଡ଼ିଶା ପ୍ରଦେଶ ମତ୍ସ୍ୟଜୀବୀ କଂଗ୍ରେସ ତରଫରୁ ଅଧକ୍ଷ ହଳଧର ସେଠୀଙ୍କ ନେତୃତ୍ୱରେ ମାଷ୍ଟରକ୍ୟାଣ୍ଟିନଠାରେ ବିକ୍ଷୋଭ ସହ ଗଣଧାରଣା ଦିଆଯାଇଥିଲା। ଅଖିଳ ଭାରତ ମତ୍ସ୍ୟଜୀବୀ କଂଗ୍ରେସ ଅଧକ୍ଷ ଟି.ଏନ୍ .ପ୍ରଥାପନଙ୍କ ଆହ୍ୱାନକ୍ରମେ ରାଜ୍ୟର ମତ୍ସ୍ୟଚାଷୀ ଏବଂ ସାଧାରଣ ଚାଷୀଙ୍କ ସ୍ୱାର୍ଥରକ୍ଷା ପାଇଁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି, ଓଡ଼ିଶାର ମତ୍ସ୍ୟଚାଷୀଙ୍କ ସୁରକ୍ଷା ଓ ବିକାଶ ଦିଗରେ ରାଜ୍ୟ ଏବଂ କେନ୍ଦ୍ର ସରକାର ନିଦାବିଷ୍ଟୁ ସାଜିଛନ୍ତି। ସମୁଦ୍ର, ନଦୀ ଏବଂ ପୋଖରୀ ଉପରେ ନିର୍ଭରକରି ମତ୍ସ୍ୟ ଉତ୍ପାଦନ ତଥା ମତ୍ସ୍ୟଚାଷ କରି ନିଜର ଜୀବିକା ନିର୍ବାହ କରୁଥିବା ଲୋକଙ୍କ ସମସ୍ୟାକୁ ଓଡ଼ିଶା ସରକାର ସମାଧାନ କରିବାରେ ବିଫଳ ହୋଇଛନ୍ତି। କେନ୍ଦ୍ର ସରକାରଙ୍କ ମତ୍ସ୍ୟ ଯୋଜନା ଓଡ଼ିଶାରେ ଫଳପ୍ରଦ ନ ହେବା ଦ୍ୱାରା ରାଜ୍ୟବାସୀ ପଡ଼ୋଶୀ ଆନ୍ଧ୍ର, ମହାରାଷ୍ଟ୍ର ଓ ପଶ୍ଚିମବଙ୍ଗ ଉପରେ ନିର୍ଭର କରୁଛନ୍ତି। ଓଡ଼ିଶାରେ ମଧୁରଜଳରେ ମାଛଚାଷ ପାଇଁ ସ୍ଥାନ ନିରୂପଣ କରି ମତ୍ସ୍ୟଜୀବୀଙ୍କୁ ସରକାରୀ ପ୍ରୋତ୍ସାହନ ଦିଆଗଲେ ଓଡ଼ିଶା ମାଛ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହୋଇପାରିବ। ସାଧାରଣ କୃଷି ଓ କୃଷକଙ୍କ ସ୍ୱାର୍ଥ ବିରୋଧୀ କେନ୍ଦ୍ର ସରକାରଙ୍କ କୃଷି ଆଇନ ପ୍ରତ୍ୟାହାର ଦାବିରେ ଦେଶ ତମାମ ହେଉଥିବା ଚାଷୀ ଆନ୍ଦୋଳନକୁ ଓଡ଼ିଶା ପ୍ରଦେଶ ମତ୍ସ୍ୟଜୀବୀ କଂଗ୍ରେସ ତରଫରୁ ସମର୍ଥନ କରାଯାଇ ଏହି ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଛି। କେନ୍ଦ୍ର ସରକାରଙ୍କ ଏହି ଅଗଣତାନ୍ତ୍ରିକ କୃଷିନୀତିକୁ ଯଥାଶୀଘ୍ର ପ୍ରତ୍ୟାହାର କରା ନ ଗଲେ ଆଗାମୀ ଦିନରେ ଚାଷୀ ଆନ୍ଦୋଳନ ବ୍ୟାପକ କରାଯିବ ବୋଲି ନେତୃବୃନ୍ଦ ମତବ୍ୟକ୍ତ କରିଥିଲେ।

## ପଶ୍ଚିମବଙ୍ଗ ଭଳି ଓଡ଼ିଶାରେ ଭାଜପା ନେତାଙ୍କୁ ହତ୍ୟା ହେଉଛି

### ଓଡ଼ିଶା ଗସ୍ତରେ ଆସିଲେ ଭାଜପା ପ୍ରଭାରୀ, ସହପ୍ରଭାରୀ

ଭୁବନେଶ୍ୱର,୬।୧(ବ୍ୟୁରୋ)

ମାହାଙ୍ଗାରେ ଭାଜପା ନେତା କୁଳମଣି ବରାଳଙ୍କୁ ରାଜନୈତିକ ଉଦ୍ଦେଶ୍ୟ ରଖି ହତ୍ୟା କରାଯାଇଛି। ଗଣତନ୍ତ୍ରରେ ହିଂସାର ସ୍ଥାନ ନାହିଁ । ବିରୋଧୀଙ୍କୁ ଭୟଭୀତ କରାଇବା ପାଇଁ ପଶ୍ଚିମବଙ୍ଗ ପରି ଓଡ଼ିଶାରେ ଭାଜପା ନେତାଙ୍କୁ ହତ୍ୟା କରାଯାଉଛି । ଆମେ ହିଂସା ଏବଂ ହତ୍ୟାରେ ଭୟଭୀତ ହେବୁ ନାହିଁ ବୋଲି ଓଡ଼ିଶା ଭାଜପାର ସହ ପ୍ରଭାରୀ ବିଜୟ ପାଲ ସିଂ ତୋମାର କହିଛନ୍ତି। ରାଜ୍ୟ ଗସ୍ତରେ ଆସିବା ଅବସରରେ ବିଜୟ ପାଲ କହିଛନ୍ତି, କେନ୍ଦ୍ର ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ଏବଂ ସବ୍‌କା ସାଥ୍ ସବ୍‌କା ବିକାଶ ନୀତି ଦ୍ୱାରା ଭାଜପା ସାରା ଦେଶରେ ବିଶ୍ୱାସଭାଜନ ହୋଇପାରିଛି। ପୂରା ଦେଶରେ ଭାଜପାର ଲୋକପ୍ରିୟତା ବଢ଼ିଛି। ଗତ କିଛିଦିନ ମଧ୍ୟରେ ହୋଇଥିବା ନିର୍ବାଚନ ଏବଂ ଉପନିର୍ବାଚନରେ ଭାଜପା ଦେଶର ବିଭିନ୍ନ ସ୍ଥାନରେ ବାଜିମାତ୍ କରିଛି । ତେଲଙ୍ଗାନା, ଗ୍ରେଟର ହାଇଦ୍ରାବାଦ ମ୍ୟୁନିସିପାଲ କର୍ପୋରେଶନ, ଜମ୍ମୁ-କଶ୍ମୀର ଡିଡିସି ନିର୍ବାଚନ, ରାଜସ୍ଥାନର ପଞ୍ଚାୟତ ନିର୍ବାଚନରେ ସାଧାରଣ ଜନତା ଆଶୀର୍ବାଦ କରିଛନ୍ତି। ରାଜ୍ୟରେ ତୃଣମୂଳସ୍ତରରେ ଭାଜପା ସଙ୍ଗଠନକୁ ସୁଦୃଢ଼ କରିବା କାର୍ଯ୍ୟରେ ଲାଗିଛି। ଆଗାମୀ ନିର୍ବାଚନରେ ୫୧ ପ୍ରତିଶତ ଭୋଟ ସହ ଆମେ ସରକାର ଗଠନ କରିବୁ ବୋଲି ବିଜୟ ପାଲ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

ସେ ଆହୁରି କହିଛନ୍ତି, ପ୍ରଧାନମନ୍ତ୍ରୀ କୃଷକର ଆୟକୁ ଦ୍ୱିଗୁଣିତ କରିବାକୁ ବିଭିନ୍ନ ପଦକ୍ଷେପ ନେଇଛନ୍ତି । ଏବେ ନୂତନ କୃଷି ଆଇନ ଆଣି ମୋଦି ସରକାର ଚାଷୀଙ୍କୁ ସଶକ୍ତ କରିବା ସହ କୃଷକଙ୍କ ଆୟ ବୃଦ୍ଧି କରିବା ଦିଗରେ କାର୍ଯ୍ୟ କରିଛନ୍ତି । ଦେଶର ୯୫ ପ୍ରତିଶତ ଚାଷୀ ନୂତନ କୃଷି ଆଇନକୁ ସମର୍ଥନ କରୁଛନ୍ତି । ବିଗତ ୧୫ ବର୍ଷରେ କଂଗ୍ରେସର ୧୦ ମୁଖ୍ୟମନ୍ତ୍ରୀ ଏବଂ ୧୨ଟି ଏକ୍ସପର୍ଟ କମିଟି କୃଷି ବିଲ୍‌ରେ ସୁଧାର ଆଣିବା ଲାଗି ସୁପାରିସ କରିଥିଲେ । କିନ୍ତୁ ବିଭିନ୍ନ ନିର୍ବାଚନରେ କଂଗ୍ରେସ ପରାଜୟ ହେବା କାରଣରୁ ହତୋତ୍ସାହିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅପମାନିତ କରିବା ପାଇଁ ବିଭିନ୍ନ ଉପାୟ ଆପଣାଉଛି । ସାରା ଦେଶର ଜନତା ବିରୋଧୀଙ୍କ ଷଡ଼ଯନ୍ତ୍ରକୁ ବୁଝିସାରିଛନ୍ତି। ୧୮ କୋଟି ସଦସ୍ୟଙ୍କୁ ନେଇ ଭାଜପା ବିଶ୍ୱର ସବୁଠୁ ବଡ଼ ଦଳଭାବେ ଛିଡ଼ା ହୋଇଛି । କେବଳ ଦେଶବାସୀଙ୍କୁ ଭ୍ରମିତ କରିବା ପାଇଁ ପୂର୍ବରୁ ସିଏଏ ଏବଂ ବର୍ତ୍ତମାନ କୃଷକ ଆଇନକୁ ବିରୋଧକରି କଂଗ୍ରେସ ଆନ୍ଦୋଳନ କରୁଛି ବୋଲି ବିଜୟ ପାଲ କହିଛନ୍ତି । ଅନ୍ୟପଟେ ଭାଜପା ରାଜ୍ୟ ପ୍ରଭାରୀ ଡି ପୁରନ୍ଦେଶ୍ୱରୀ ମଧ ବୁଧବାର ବିଳମ୍ବିତ ସନ୍ଧ୍ୟାରେ ଆସି ଭୁବନେଶ୍ୱରଠାରେ ପହଞ୍ଚିଛନ୍ତି। ସେ ଗୁରୁବାର ଦଳର କେତେଗୁଡ଼ିଏ ସାଙ୍ଗଠନିକ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ଜଣାପଡିଛି।


ଦିଲ୍ଲୀର ସିଙ୍ଘୁ ସୀମାରେ ଚାଲିଥିବା କୃଷି ଆଇନ ବିରୋଧୀ ଆନ୍ଦୋଳନରେ ନିହାଙ୍ଗ ଶିଖ୍ ସାମିଲ ହୋଇଛନ୍ତି।

# ନିଯୁକ୍ତ ହେଲେ ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ

### ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ

- ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ପଦବୀ ପୂରଣ ହେଲା
- ଆଉଟ୍ ସୋର୍ସିଂରେ ହେବ ଆରଆଇ, ଅମିନ ନିଯୁକ୍ତି
- ପ୍ରକଳ୍ପ ପୁନର୍ବାସ, ଥଇଥାନ କାମ ଆଗେଇବ

ବଲାଙ୍ଗୀର ଅଫିସ, ୬।୧

ଦୀର୍ଘ ଅଢ଼େଇ ବର୍ଷ ହେଲା ବନ୍ଦ ପଡିଥିବା ବଲାଙ୍ଗୀର ଜିଲାର ଗୁରୁତ୍ୱପୂର୍ଣ୍ଣ ଲୋୟର ସୁକ୍‌ତେଲ ବୃହତ୍ ଜଳସେଚନ ପ୍ରକଳ୍ପ କାମ ଆଗେଇବା ନେଇ ସଙ୍କେତ ମିଳିଛି। ଏହି ପ୍ରକଳ୍ପର ସବୁଠୁ ଜଟିଳ ପ୍ରସଙ୍ଗ ହୋଇପଡିଥିବା ପୁର୍ନବାସ ଓ ଥଇଥାନ କାର୍ଯ୍ୟକୁ ଗତିଶୀଳ କରିବା ପାଇଁ ରାଜ୍ୟ ସରକାର ଜଣେ ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ (ପୁର୍ନବାସ ଓ ଥଇଥାନ)ଙ୍କୁ ନିଯୁକ୍ତି ଦେଇଛନ୍ତି। ଝାରସୁଗୁଡା ଡିଆରଡିଏ ଆଡିସନାଲ ପିଡିଭାବେ କାର୍ଯ୍ୟରତ ପ୍ରଶାସନିକ ଅଧିକାରୀ ମହେନ୍ଦ୍ର ମହାପାତ୍ରଙ୍କୁ ଲୋୟର ସୁକ୍‌ତେଲ ପ୍ରକଳ୍ପର ପ୍ରକଳ୍ପ ନିର୍ଦ୍ଦେଶକ(ପୁର୍ନବାସ ଓ ଥଇଥାନ) ଭାବେ ବଦଳି ନିର୍ଦ୍ଦେଶ ଦିଆଯାଇଛି। ଏ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କ ଜେନେରାଲ ଆଡମିନିଷ୍ଟ୍ରେସନ୍ ଆଣ୍ଡ ପବ୍ଲିକ୍ ଗ୍ରିଭାନ୍ସ ବିଭାଗ ପକ୍ଷରୁ ଚଳିତ ଜାନୁୟାରୀ ୪ ତାରିଖରେ ଚିଠି କରାଯାଇଛି। ଉକ୍ତ ଚିଠିରେ ଖାଲିପଡିଥିବା ପ୍ରକଳ୍ପର ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ପଦବୀ ପାଇଁ ମାଲକାନଗିରି ତହସିଲଦାର ଭାବେ କାର୍ଯ୍ୟରତ ଗୁଣନିଧି ନାଏକଙ୍କୁ ଅବସ୍ଥାପିତ କରାଯାଇଛି । ଏହି ଦୁଇ ଅଧିକାରୀ ଖୁବ୍‌ଶୀଘ୍ର ସେମାନଙ୍କ ଉଲ୍ଲିଖିତ ପଦବୀରେ ଯୋଗଦାନ କରିବେ ବୋଲି କୁହାଯାଇଛି । ଦୁଇ ଅଧିକାରୀ ଯୋଗଦେବା ପରେ ସୁକ୍‌ତେଲ ପ୍ରକଳ୍ପର ଆନୁସଙ୍ଗିକ କାର୍ଯ୍ୟ ଗତିଶୀଳ ହେବ ବୋଲି ଆଶା କରାଯାଉଛି ।


ବନ୍ଦ ପଡିଥିବା ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ।

୨୦୦୧ ମସିହା ନଭେମ୍ବର ୨୪ ତାରିଖ ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋୟର ସୁକ୍‌ତେଲ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ସେହିଦିନଠାରୁ ପ୍ରାୟ ୨୦ବର୍ଷ ଭିତରେ ଏହି ପ୍ରକଳ୍ପ କାର୍ଯ୍ୟ ଆଶାନୁରୂପକ ଅଗ୍ରଗତି କରିପାରିନାହିଁ। ପ୍ରକଳ୍ପ କାର୍ଯ୍ୟକାରୀ ହେବାରେ ଢ଼େର ବିଳମ୍ବ ହୋଇଯାଇଥିବାରୁ ଅନେକ ଜଟିଳ ପରିସ୍ଥିତି ସୃଷ୍ଟି ହୋଇ ପ୍ରକଳ୍ପ ଭାଗ୍ୟ ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି । ସୁକ୍‌ତେଲ ନଦୀର ଗୋଟିଏ ପାର୍ଶ୍ୱରେ ଥିବା ପ୍ରକଳ୍ପ ପ୍ରଭାବିତ ୧୫ଟି ଗାଁରେ କ୍ଷତିପୂରଣ ବଣ୍ଟନ କାର୍ଯ୍ୟ ଆଂଶିକ ଭାବେ ହୋଇଥିଲା। ଉକ୍ତ ଗାଁଗୁଡିକରେ ୨୦୧୩ ଭୂମି ଅଧିଗ୍ରହଣ ଆଇନ କାର୍ଯ୍ୟକାରୀ ହେବନାହିଁ । ନଦୀ ଅପରପାର୍ଶ୍ୱରେ ଥିବା ପ୍ରକଳ୍ପ ପ୍ରଭାବିତ ୧୪ଟି ଗାଁରେ ୨୦୧୩ ଭୂମି ଅଧିଗ୍ରହଣ ଆଇନ କାର୍ଯ୍ୟକାରୀ ହେବ ବୋଲି କୁହାଯାଉଛି । କ୍ଷତିପୂରଣ ଓ ଥଇଥାନ ପ୍ରସଙ୍ଗରେ ଗୋଟିଏ ପ୍ରକଳ୍ପରେ ଦୁଇଟି ନିୟମ କାର୍ଯ୍ୟକାରୀ ହେଉଥିବାକୁ ନେଇ ପ୍ରଶ୍ନ ଉଠିଥିଲା। ପୂର୍ବରୁ ଡ୍ୟାମକୁ ସମର୍ଥନ କରୁଥିବା ଲୋକେ ଏବେ ୨୦୧୩ ଆକ୍ଟ ଅନୁଯାୟୀ କ୍ଷତିପୂରଣ ଓ ଥଇଥାନ ଦାବି କରୁଛନ୍ତି। ଏହି କାରଣରୁ ଡ୍ୟାମ ନିର୍ମାଣ କାମ ଅଢ଼େଇ ବର୍ଷ ହେଲା ବନ୍ଦ ପଡିଛି । ପ୍ରକଳ୍ପ ପ୍ରଭାବିତ ତଥା ୨୦୧୩ ଆକ୍ଟ ଅନୁସାରେ କ୍ଷତିପୂରଣ ଓ ଥଇଥାନ ପାଇବାକୁ ଯୋଗ୍ୟ ବିବେଚିତ ହେଉ ନ ଥିବା ଲୋକଙ୍କୁ ରାଜ୍ୟ ସରକାର ଏକ୍ସଗ୍ରାସିଆ ରୂପେ କ୍ଷତିପୂରଣ ପରିପୂରଣ କରିବେ ବୋଲି ଚିନ୍ତା କରିଛନ୍ତି । ଏହାସତ୍ତ୍ୱେ ଏହି ପ୍ରକଳ୍ପ କାର୍ଯ୍ୟ ଆଗେଇ ପାରୁନାହିଁ । ପୁର୍ନବାସ ଓ ଥଇଥାନ ପ୍ରସଙ୍ଗକୁ ସ୍ୱତନ୍ତ୍ରଭାବେ ଅନୁଶୀଳନ କରିବା ଏବଂ ପ୍ରକଳ୍ପ ପ୍ରଭାବିତ ଲୋକଙ୍କ ଜଟିଳ ସମସ୍ୟାର ଶୀଘ୍ର ସମାଧାନ କରିବା ସକାଶେ ଏକ ସ୍ୱତନ୍ତ୍ର ଉଚ୍ଚକ୍ଷମତାପ୍ରାପ୍ତ ଅଧିକାରୀଙ୍କୁ ଅବସ୍ଥାପିତ କରିବା ପାଇଁ ଦୀର୍ଘଦିନରୁ ଦାବି ହୋଇଆସୁଥିଲା। ଏବେ ରାଜ୍ୟ ସରକାର ପ୍ରକଳ୍ପ ପାଇଁ ଜଣେ ପ୍ରକଳ୍ପ ନିର୍ଦ୍ଦେଶକ (ପୁର୍ନବାସ ଓ ଥଇଥାନ)ଙ୍କୁ ନିଯୁକ୍ତ କରିବା ପରେ ସମସ୍ୟା ସମାଧାନ ବାଟ ଫିଟିବ ବୋଲି ଆଶା କରାଯାଉଛି। ଆଉଟ୍ ସୋର୍ସିଂରେ ଆରଆଇ, ଅମିନ୍ ନିଯୁକ୍ତି କରାଯିବାକୁ ମଧ ନିର୍ଦ୍ଦେଶ ଦିଆଯାଇଥିବା ପ୍ରକଳ୍ପ ନିର୍ମାଣ ଯନ୍ତ୍ରୀ ଇଂ. ନିରଞ୍ଜନ ରାଉତ ସୂଚନା ଦେଇଛନ୍ତି ।

## ରାଜ୍ୟରେ ବାର୍ଡ ଫ୍ଲୁ ଆଶଙ୍କା ନାହିଁ: ମୁଖ୍ୟ ଶାସନ ସଚିବ

- ପରୀକ୍ଷା ପାଇଁ ପଠାଯାଇଛି ୧୧ ହଜାର ନମୁନା

ଭୁବନେଶ୍ୱର, ୬।୧(ବ୍ୟୁରୋ)

ଓଡ଼ିଶାରେ ବର୍ତ୍ତମାନ ପର୍ଯ୍ୟନ୍ତ ବାର୍ଡ ଫ୍ଲୁ ଦେଖାଦେଇ ନାହିଁ। ଏହାର ମୁକାବିଲା ପାଇଁ ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ବୁଧବାର ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ଏହି ସୂଚନା ଦିଆଯାଇଛି।

ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି। ବିଦେଶୀ ପକ୍ଷୀ ଆସୁଥିବା ବିଭିନ୍ନ ହ୍ରଦ, ଜଳଭଣ୍ଡାର, ଜଳାଶୟ ଆଦିକୁ ଅନୁଧ୍ୟାନ କରିବାକୁ ପରାମର୍ଶ ଦିଆଯାଇଛି। ଅଭିଜ୍ଞ ଡାକ୍ତର ଓ କର୍ମଚାରୀଙ୍କୁ ନେଇ ରାଜ୍ୟ ଓ ଜିଲାସ୍ତରରେ ର୍‍ୟାପିଡ ରେସପନ୍ସ ଟିମ୍ ଗଠନ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ସେହି ଟିମ୍‌କୁ ଆବଶ୍ୟକ ସୁରକ୍ଷା ଉପକରଣ, ସରଞ୍ଜାମ ଓ ଜୀବାଣୁନାଶକ ଆଦି ଯୋଗାଇ ଦେବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ସଚିବ ରଘୁ ପ୍ରସାଦ ସୂଚନା ଦେଇ କହିଥିଲେ ଯେ, ବିଭିନ୍ନ ସ୍ଥାନକୁ ଗମନ କରୁଥିବା ବିଦେଶୀ ପକ୍ଷୀ ବାର୍ଡ ଫ୍ଲୁର ବାହକ ହୋଇ ଥାନ୍ତି।

ସେମାନଙ୍କ ଠାରୁ କୁଆଙ୍କ ଦ୍ୱାରା ଏହି ରୋଗ କୁକୁଡ଼ା, ବତକ ଆଦି ପକ୍ଷୀଙ୍କୁ ସଂକ୍ରମିତ ହୁଏ । ଚଳତି ବର୍ଷ ଚିଲିକାକୁ ପ୍ରାୟ ୧୮୪ ପ୍ରଜାତିର ୧୨ ଲକ୍ଷରୁ ଊର୍ଦ୍ଧ୍ୱ ବିଦେଶୀ ପକ୍ଷୀ ଆସିଛନ୍ତି। ସେହିପରି ଭିତରକନିକା ଅଭୟାରଣ୍ୟକୁ ପ୍ରାୟ ୧୦ ପ୍ରଜାତିର ୯୭,୮୬୬ ପକ୍ଷୀ ଏବଂ ହୀରାକୁଦ ଜଳଭଣ୍ଡାରକୁ ପ୍ରାୟ ୯୭ ପ୍ରଜାତିର ୧.୬୦ ଲକ୍ଷ ବିଦେଶୀ ପକ୍ଷୀଙ୍କର ଆଗମନ ହୋଇଛି। ପକ୍ଷୀମାନଙ୍କ ଆଗମନ ଓ ଭ୍ରମଣ ଏବଂ ପ୍ରସ୍ଥାନ ଆଦି ଉପରେ ନଜର ରଖାଯାଇଛି। ପ୍ରାରମ୍ଭରୁ ରୋଗର ଚିହ୍ନଟ ଏବଂ ପ୍ରତିରୋଧ ନିମନ୍ତେ କ୍ଲିନିକାଲ, ଭାଇରୋଲୋଜିକାଲ ଏବଂ ସେରୋଲୋଜିକାଲ ସର୍ଭେ ଆଦିକୁ ବଢାଇ ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୧୧ ହଜାର ନମୁନା ପରୀକ୍ଷା କରାଯାଇଛି। କୌଣସି ନମୁନା ପଜିଟିଭ ବାହାରି ନାହିଁ ବୋଲି ରଘୁ ପ୍ରସାଦ କହିଛନ୍ତି। ଅଯଥା ଭୟଭୀତ ନ ହେବା ପାଇଁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି। ବୈଠକରେ ଆର.କେ. ଶର୍ମା, ମୋନା ଶର୍ମା ପ୍ରମୁଖ ହରି ଶଙ୍କର ଉପାଧ୍ୟାୟ ଓ ରତ୍ନାକର ରାଉତ ପ୍ରମୁଖ ଯୋଗ ଦେଇଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୭ ଜାନୁୟାରୀ, ୨୦୨୧

**ଆଜିଠାରୁ ଖୋଲିବ ଜିଲାର ସମସ୍ତ ଧର୍ମାନୁଷ୍ଠାନ**

ଦେବଗଡ(ଡି.ଏନ.ଏ): ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା କୋଭିଡ ମାର୍ଗଦର୍ଶିକା ଅନୁପାଳନ ପୂର୍ବକ ଆସନ୍ତାକାଲି ଠାରୁ ଦେବଗଡ ଜିଲାର ମନ୍ଦିର, ମସଜିଦ ଓ ଚର୍ଚ୍ଚ ଆଦି ସମସ୍ତ ଧାର୍ମିକ୍ ଅନୁଷ୍ଠାନ ଖୋଲିବା ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ଏହି ପରିପ୍ରେକ୍ଷୀରେ ମୁହଁରେ ମାସ୍କ ପରିଧାନ, ସାମାଜିକ ଦୂରତା ଅବଲମ୍ବନ ଓ ସାନିଟାଇଜର ବ୍ୟବହାରକୁ ବାଧତାତ୍ମୂଳକ କରାଯାଇଛି । ଉଭୟ ପୂଜକ ଓ ଶ୍ରଦ୍ଧାଳୁ ପୂଜାର୍ଚ୍ଚନା କରିବା ସମୟରେ କୋଭିଡ ସମ୍ବନ୍ଧୀୟ ନିୟମ ପାଳନ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି ।



## ସଂକ୍ଷେପରେ

### ଭୂମିହୀନଙ୍କୁ ପ୍ରମାଣପତ୍ର ପ୍ରଦାନ

ଦେବଗଡ,୬।୧(ଡି.ଏନ.ଏ):ଦେବଗଡ ପୌର ପରିଷଦ ପକ୍ଷରୁ ବୁଧବାର ପୌରାଞ୍ଚଳର ବିଭିନ୍ନ ୱାର୍ଡର ୯ଟି ବସ୍ତିର ଭୂମିହୀନ ବସ୍ତିବାସିନ୍ଦାଙ୍କୁ ଭୂମି ଯୋଗ୍ୟତା ପ୍ରମାଣପତ୍ର ପ୍ରଦାନ କରାଯାଇଛି । ଦେବଗଡ ପୌରପରିଷଦ ନିର୍ବାହୀ ଅଧିକାରୀ ଅତଶି ପରିଡାଙ୍କ ତତ୍ତ୍ୱାବଧାନ ଓ କମ୍ୟୁନିଟି ଅର୍ଗାନାଇଜର ମୋନାଲିଶା ପଣ୍ଡାଙ୍କ ପରିଚାଳନାରେ ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ଭୂମି ଯୋଗ୍ୟତା ପ୍ରମାଣପତ୍ର ବିତରଣ କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଦେବଗଡ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇ ପ୍ରମାଣପତ୍ର ବିତରଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଏନ୍ୟୁଏଲ୍ଏମ୍ର ମିଶନ ମ୍ୟାନେଜର ଅଭିଷେକ ମିଶ୍ର ଓ ପୌର ପରିଷଦର କର୍ମଚାରୀମାନେ ଉପସ୍ଥିତ ଥିଲେ । ଦେବଗଡ ପୌର ପରିଷଦ ପକ୍ଷରୁ ଇତିମଧ୍ୟରେ ୩ଟି ପର୍ଯ୍ୟାୟରେ ପୌରାଞ୍ଚଳର ୪୮୦ ଜଣ ଭୂମିହୀନଙ୍କୁ ଭୂମି ଯୋଗ୍ୟତା ପ୍ରାମଣପତ୍ର ପ୍ରଦାନ କରାଯାଇଛି । ଆଗାମୀ ଦିନରେ ସେମାନଙ୍କୁ ବାସଗୃହ ନିର୍ମାଣ ନିମନ୍ତେ ଜମି ପଟ୍ଟା ପ୍ରଦାନ କରାଯିବ ବୋଲି ପୌର ପରିଷଦ ପକ୍ଷରୁ ସୂଚନା ମିଳିଛି ।

### କ୍ରିକେଟ ଟୁର୍ନାମେଣ୍ଟ ଉଦ୍ଯାପିତ: ପିଟାସାହି କ୍ରିକେଟ କ୍ଲବ ଚମ୍ପିୟାନ

ଦେବଗଡ,୬।୧(ଡି.ଏନ.ଏ): ତିଲେଇବଣି ବ୍ଲକ ବଡଛାପଲ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବ୍ରହ୍ମସାଧୁବାହାଲ ଗ୍ରାମର ଜୟ୍ ମା' ଲକ୍ଷ୍ମୀ କ୍ରିକେଟ କ୍ଲବ ପକ୍ଷରୁ ଗତ ୩୦ ତାରିଖଠାରୁ ଆରମ୍ଭ ହୋଇଥିବା କ୍ରିକେଟ ଟୁର୍ନାମେଣ୍ଟ ଉଦ୍ଯାପିତ ହୋଇଯାଇଛି । ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ସୁନାପୋଶି କ୍ରିକେଟ କ୍ଲବକୁ ପରାସ୍ତ କରି ପିଟାସାହି କ୍ରିକେଟ କ୍ଲବ ଚମ୍ପିୟାନ ହୋଇଛି । ଫାଇନାଲ ମ୍ୟାଚରେ ପିଟାସାହି କ୍ରିକେଟ କ୍ଲବ ଟସ ଜିଣିବା ସହ ପ୍ରଥମେ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ହରାଇ ମୋଟ ୧୧୫ ରନ ସଂଗ୍ରହ କରିଥିଲା ।ଏହାର ଜବାବରେ ସୁନାପୋଶି କ୍ରିକେଟ କ୍ଲବ ବ୍ୟାଟିଂ ଆରମ୍ଭ କରି ମାତ୍ର ୧୦୮ ରନରେ ଅଲ ଆଉଟ ହେବା ସହ ୮ରନରେ ପରାସ୍ତ ହୋଇଥିଲା । ଅମ୍ପାୟାର ଭାବେ ଜ୍ଞାନେନ୍ଦ୍ର ପ୍ରଧାନ ଓ ତରଣୀ ଭୋଇ ଖେଳ ପରିଚାଳନା କରିଥିବା ବେଳେ ବସନ୍ତ ଦେହୁରୀ ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ । ଅପରାହ୍ନରେ ଜୟ୍ ମା ଲକ୍ଷ୍ମୀ କ୍ରିକେଟ କ୍ଲବର ସଭାପତି ଲମ୍ବୋଦର ଦେହୁରୀଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ତିଲେଇବଣି ବ୍ଲକ ଅଧ୍ୟକ୍ଷା ସୁବାସିନୀ ଦେହୁରୀ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟା ବୃନ୍ଦାବତୀ ଭୋଇ,ସମ୍ବଲପୁର ଲୋକସଭା ସଦସ୍ୟଙ୍କ ପ୍ରତିନିଧି ଯୋଗେଶ ଚନ୍ଦ୍ର ପ୍ରଧାନ, ବଡଛାପଲ ସରପଞ୍ଚ ଅଜିତ ଭୋଇ , ଭାଜପା ନେତା ଧରଣୀଧର ସାହୁ ଯୋଗଦେଇ ଚମ୍ପିୟାନ ପିଟାସାହି କ୍ରିକେଟ କ୍ଲବ ଓ ରନର୍ସ ଅପ୍ ସୁନାପୋଶି କ୍ରିକେଟ କ୍ଲବକୁ ପୁରସ୍କାର ପ୍ରଦାନ କରିଥିଲେ । ଶେଷରେ କ୍ଲବର ସମ୍ପାଦକ ହୃଷୀକେଷ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ ।

### କନ୍ଦମୂଳ ଚାଷ ସମ୍ପର୍କିତ ତାଲିମ କାର୍ଯ୍ୟକ୍ରମ

ଦେବଗଡ,୬।୧(ଡି.ଏନ.ଏ): ରିଜିଓନାଲ ସେଣ୍ଟର ଆଇସିଏଆର୍-ସିଟିସିଆର୍ଆଇ,ଭୁବନେଶ୍ୱର ଏବଂ ଦେବଗଡ ଉଦ୍ୟାନ ବିଭାଗ ସହକାରୀ ନିର୍ଦ୍ଦେଶକଙ୍କ ମିଳିତ ଆନୁକୂଲ୍ୟରେ ତିଲେଇବଣି ବ୍ଲକ ଅନ୍ତର୍ଗତ ଝାରମୁଣ୍ଡା ପଞ୍ଚାୟତ ସଦର ମହକୁମାଠାରେ କନ୍ଦମୂଳ ଚାଷ ଓ ପ୍ରକ୍ରିୟାକରଣ ସମ୍ପର୍କିତ ଏକ ତାଲିମ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବୈଜ୍ଞାନିକ ଡ. ଲକ୍ଷ୍ମୀ ନାରାୟଣ ଯୋଗଦେଇ ବୈଷୟିକ ପଦ୍ଧତିରେ କନ୍ଦମୂଳ ଚାଷ କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଦେବଗଡ ଉଦ୍ୟାନ ବିଭାଗର ସହକାରୀ ନିର୍ଦ୍ଦେଶକ କିଶୋର କୁମାର ମହାଲିଙ୍ଗ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଫୁଡ ଟେକ୍ନୋଲୋଜିଷ୍ଟ ଭିଭି ବନସୋଡ ଉପସ୍ଥିତ ଚାଷୀମାନଙ୍କୁ କନ୍ଦା ଜାତୀୟ ଫସଲରୁ ଚିପ୍ସ ଓ ମିକ୍ସଚର ଆଦି ପ୍ରସ୍ତୁତି ପ୍ରଣାଳୀ ପ୍ରଦର୍ଶନ କରିଥିଲେ । ବୈଜ୍ଞାନିକ ଅରୁପ ସେଲଭମ କନ୍ଦା ଜାତୀୟ ଫସଲରେ ଲାଗୁଥିବା ବିଭିନ୍ନ ପ୍ରକାର ରୋଗ ପୋକ ଓ ଏହାର ନିରାକରଣ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଏହି ଅବସରରେ ୭୦ ଜଣ ମହିଳା ଓ ପୁରୁଷ ଚାଷୀ ଯୋଗ ଦେଇଥିଲେ।

# ଏନ୍ଏଚ୍ ଅବରୋଧ କଲା ଭାଜପା

ଜମନକିରା, ୬।୧(ଡି.ଏନ.ଏ.)


ରାସ୍ତାରେ ବସିରହିଛନ୍ତି ଭାଜପା କର୍ମକର୍ତ୍ତା ।

ଧାନ ଉଠାଣରେ ଅଚଳାବସ୍ଥା ଯୋଗୁ ଜମନକିରା ବ୍ଲକ ବଡ଼ରମା ପଞ୍ଚାୟତ ଷଣ୍ଢପଥର ଛକରେ ବୁଧବାର ଭାଜପା ପକ୍ଷରୁ ୫୩ ନଂ. ଜାତୀୟ ରାଜପଥ (ଏନ୍ଏଚ୍) ଅବରୋଧ କରାଯାଇଛି। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଛି। ଅପରାହ୍ନ ୩ଟାରେ ସ୍ଥାନୀୟ ତହସିଲଦାର ଡ. ଜ୍ଞାନସ୍ୱରୂପା ରଥ, ଅତିରିକ୍ତ ତହସିଲଦାର ଗୋପୀନାଥ ଖାଖା, ଏସ୍ଡିପିଓ ରାଜକିଶୋର ମିଶ୍ର ପ୍ରମୁଖ ପହଞ୍ଚି ଧାନ ଟାର୍ଗେଟ୍ ପାଇଁ ପ୍ରଶାସନ ଜରିଆରେ ସରକାରଙ୍କୁ ଲିଖିତ ଜଣାଯାଇଛି ବୋଲି କହିଥିଲେ। ହେଲେ ଦଳୀୟ ନେତା ଧାନ ନ ଉଠିବା ଯାଏ ଆନ୍ଦୋଳନ ଜିଦ୍ରେ ଅଟଳ ରହିଥିଲେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅବରୋଧ ଜାରିରହିବ ବୋଲି ଜମନକିରା ମଣ୍ଡଳ ସଭାପତି ଅମୋଘ ବୈରିଗଞ୍ଜନ ପାଣିଗ୍ରାହୀ ପ୍ରକାଶ କରିଛନ୍ତି। ଆନ୍ଦୋଳନ ସ୍ଥଳରେ ରେଙ୍ଗାଲି ବିଧାୟକ ତଥା ରାଜ୍ୟ ଉପସଭାପତି ନାଉରୀ ନାୟକ, କୁଚିଣ୍ଡା ପୂର୍ବତନ ବିଧାୟକ ତଥା ରାଜ୍ୟ ସାଧାରଣ ସମ୍ପାଦକ ରବିନାରାୟଣ ନାଏକ, ଜିଲା ପରିଷଦ ସଭାପତି ରାଧେଶ୍ୟାମ ବାରିକ, ପୂର୍ବତନ ସଭାପତି ଗିରିଶ ପଟେଲ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ରାମଚନ୍ଦ୍ର ମେହେର, ଜମନକିରା ମଣ୍ଡଳ ସଭାପତି ପାଣିଗ୍ରାହୀଙ୍କ ସମେତ ଗୁଣ୍ଡୁରୁଚୁଆଁ ମଣ୍ଡଳ ସଭାପତି ଦୁଷ୍ମନ୍ତ ନାୟକ, ଏମ୍ପିଙ୍କ ପ୍ରତିନିଧି ସୁନୀଲ ମୁଦୁଲି, ସୁଶୀଲ କର ଉପସ୍ଥିତ ଥିଲେ। ସର୍ବଶେଷ ଖବର ଅନୁସାରେ ଉପଜିଲାପାଳ ତଥା ଆର୍ଏମ୍ସି ଅଧ୍ୟକ୍ଷ ବିଶ୍ୱରଞ୍ଜନ ନାୟକ ଓ ଉପଖଣ୍ଡ ଯୋଗାଣ ଅଧିକାରୀ ଚୈତନ୍ୟ ଅଡାବଙ୍ଗ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ହେଲେ ଜିଲାପାଳ ଓ ଜିଲା ଯୋଗାଣ ଅଧିକାରୀ ଆସି ଧାନ ଉଠିବା ନେଇ ପ୍ରତିଶ୍ରୁତି ଦେବା ପରେ ସେମାନେ ଆନ୍ଦୋଳନ ପ୍ରତ୍ୟାହାର କରିବେ ବୋଲି ଚାଷୀ ନେତାମାନେ ଜିଦ୍ରେ ଅଟଳ ରହିଥିଲେ। ସୂଚନାଯୋଗ୍ୟ,

**ଧାନ ଉଠାଣରେ ଅଚଳାବସ୍ଥା**

ଜମନକିରା ବ୍ଲକ ଅଞ୍ଚଳରେ ଥିବା କେତେକ ମଣ୍ଡିରେ ଆବଶ୍ୟକ ଠାରୁ ଅଧିକ ଧାନବସ୍ତା ପଡ଼ିରହିଛି। ଚାଷୀଙ୍କୁ ଟୋକନ ଦିଆଯାଇଥିବା ବେଳେ ତା'ର ଅବଧି ଶେଷ ହେବା ପରେ ମଧ୍ୟ ଧାନ ଉଠାଣ ହୋଇ ପାରୁନାହିଁ। ଧାନ ଟାର୍ଗେଟ୍ ଅଧିକ ନ ହେଲେ ଧାନ ବସ୍ତା ମଣ୍ଡିରେ ପଡ଼ି ନଷ୍ଟ ହେବା ସମ୍ଭାବନା ରହିଛି। ଏହି ସମସ୍ୟା ନେଇ ଗତ ଡିସେମ୍ବର ୩୧ ତାରିଖରେ ଚାଷୀମାନେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାନ ରଖି ଆନ୍ଦୋଳନ କରିଥିଲେ। ସ୍ଥାନୀୟ ବିଡିଓ ଓ ତହସିଲଦାର ୩ ହଜାର ୫ ଶହ କୁଇଣ୍ଟାଲ ଧାନ କ୍ରୟ କରାଯିବା ନେଇ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ସ୍ଥଗିତ ରହିଥିଲା। ମାତ୍ର ପରବର୍ତ୍ତୀ ସମୟରେ ଧାନ ଠିକ୍ରେ ନ ଉଠିବା ଯୋଗୁ ଭାଜପା ଆନ୍ଦେଳନକୁ ଓହ୍ଲାଇଛି।

# କୋଇଲା ଚୋରି ରୋକିବା ଉପରେ ପ୍ରାଥମିକତା: ଏସ୍ପି

ବ୍ରଜରାଜନଗର,୬।୧(ଡି.ଏନ.ଏ.)


ନବନିଯୁକ୍ତ ଏସ୍ପି ବିକାଶ ଚନ୍ଦ୍ର ଦାଶ।

ବ୍ରଜରାଜନଗର ଓ ଝାରସୁଗୁଡ଼ା ଜିଲାରେ ବଢ଼ିଚାଲିଥିବା ଅସାମାଜିକ ତତ୍ତ୍ୱଙ୍କ ପ୍ରାଦୁର୍ଭାବ ଓ କୋଇଲା ଚୋରି ରୋକିବା ଉପରେ ପ୍ରାଥମିକତା ଦେଇ ଝାରସୁଗୁଡ଼ା ପୋଲିସ କାର୍ଯ୍ୟ କରିବ ବୋଲି ଓରିଏଣ୍ଟ ଥାନାରେ ଖବରଦାତାଙ୍କୁ ସାକ୍ଷାତ୍କାର ଦେଇ କହିଛନ୍ତି ନବନିଯୁକ୍ତ ଆରକ୍ଷୀ ଅଧୀକ୍ଷକ ବିକାଶ ଚନ୍ଦ୍ର ଦାଶ। ଏସବୁ କାର୍ଯ୍ୟରେ ଯଦି କୌଣସି ପୋଲିସ କର୍ମଚାରୀ ସମ୍ପୃକ୍ତ ଥିବା ଜଣାପଡ଼େ ତାଙ୍କ ବିରୋଧରେ ମଧ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଜିଲାର ବ୍ରଜରାଜନଗର ସହର ସର୍ବଦା ଗ୍ୟାଙ୍ଗୱାର, ଦାଦାଗିରି, କୋଇଲା ଚୋରି, ହତ୍ୟା ଆଦି ଘଟଣାକୁ ନେଇ ଚର୍ଚ୍ଚାରେ ରହିଆସିଛି। ଏସବୁ ଦିଗ ପ୍ରତି ଧ୍ୟାନ ଦେଇ ପୋଲିସ କାର୍ଯ୍ୟ କରୁଛି ଓ ଆଗାମୀ ଦିନରେ କାର୍ଯ୍ୟ ଜାରି ରହିବ। ଖୁବ୍ଶୀଘ୍ର ଉଭୟ ଥାନାରେ ଖାଲିଥିବା ପଦବୀ ପୂରଣ କରାଯିବ ବୋଲି ସେ ପ୍ରକାଶ କରିଥିଲେ।

# ସେଣ୍ଟ ଜାଭିଅର୍ ସ୍କୁଲରେ ବିଜ୍ଞାନ ମେଳା

ସମ୍ବଲପୁର, ୬।୧ (ବ୍ୟୁରୋ)

ସମ୍ବଲପୁର ଅଇଁଠାପାଲିସ୍ଥିତ ସେଣ୍ଟ ଜାଭିଅର୍ ସ୍କୁଲ ପରିସରରେ ନଭସଞ୍ଚାର ଜରିଆରେ ବିଜ୍ଞାନ ମେଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ନିର୍ଦ୍ଦେଶକ ଅକ୍ଷୟ କୁମାର ନାୟକ, ସଭାପତି ସୁନିତା ବେହେରା, ଅଧକ୍ଷା ଶୋଭାମୟୀ ମହାପାତ୍ର ଯୋଗଦେଇ ବିଜ୍ଞାନ ମେଳାକୁ ଉଦ୍ଘାଟନ କରିଥିଲେ। ଏଥିରେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର ଭିନ ଭିନ ପ୍ରକଳ୍ପ ନେଇ ସାମିଲ ହୋଇଥିଲେ। ପ୍ରାୟ ୭୦ରୁ ଅଧିକ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଜାତୀୟ ରାଜପଥରେ ଟର୍ବାଇନ୍ର ପ୍ରୟୋଗ, ଜଳଚକ୍ର, ଚନ୍ଦ୍ର ଗ୍ରହଣ, ସୂର୍ଯ୍ୟପରାଗ, ଖାଦ୍ୟ ପୋଷାକ ତତ୍ତ୍ୱ, ବର୍ଷା ଜଳ ସଂରକ୍ଷଣ ଓ ତା'ର ପ୍ରୟୋଗ, ପରିବେଶ ପ୍ରଦୂଷଣ ଆଦି ପ୍ରକଳ୍ପ ବେଶ ଆକର୍ଷଣୀୟ ହୋଇଥିଲା। ନେତାଜୀ ସୁବାଷ ଚନ୍ଦ୍ର ବୋଷ କଲେଜ ଅଧକ୍ଷ ପ୍ରଫେସର ହରିଶଙ୍କର ସାହୁ, ଅଧାପକ ଡ. ବିଶ୍ୱମୋହନ ଜେନା ସମ୍ମାନିତଅତିଥି ଭାବେଯୋଗଦେଇଥିଲେ।

# ବିଦ୍ୟୁତ୍ ତାର ସଂଯୋଗ ପାଇଁ ଗଛକଟା

ସମ୍ବଲପୁର,୬।୧(ବ୍ୟୁରୋ)


ମାନେଶ୍ୱର-ଜୟନ୍ତପୁର ରାସ୍ତା ପାର୍ଶ୍ୱରେ କଟାଇଥିବା ଗଛ ।

ବିଦ୍ୟୁତ୍ ତାର ସଂଯୋଗ ପାଇଁ ଗଛକଟାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ସମ୍ବଲପୁର ବନଖଣ୍ଡ ପଡିଆବାହାଲ ରେଞ୍ଜ ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ରାସନପୁର ଗ୍ରାମ ନିକଟରେ ଏଭଳି ଘଟଣା ଦେଖିବାକୁ ମିଳିଛି। ରାସ୍ତା ପାର୍ଶ୍ୱରେ ଥିବା ବହୁ ପୁରାତନ ଅର୍ଜୁନ ଗଛ କଟାଯାଇଥିଲା। ପୂର୍ବରୁ ବିଦ୍ୟୁତ୍ ଖୁଣ୍ଟ ପୋତା ଯାଇଥିବାବେଳେ ଏବେ ୩୩ କେଭି ତାର ସଂଯୋଗ କରିବାରେ ସମସ୍ୟା ହେବାରୁ ଗଛଗୁଡିକୁ କଟାଯାଉଛି। ସ୍ଥାନୀୟ ଲୋକେ ଏ ସମ୍ପର୍କରେ ପଚାରିବାରୁ ଅନୁମତି ନେଇ ଗଛ କଟାଯାଉଛି ବୋଲି କାର୍ଯ୍ୟରତ ଶ୍ରମିକ ଓ ଠିକାଦାର କହିଥିଲେ। ହେଲେ ବନ ବିଭାଗ ପାଖରେ ଅଭିଯୋଗ କଲା ପରେ ଠିକାଦାର ଓ ଶ୍ରମିକମାନେ କାମ ଛାଡି ଫେରାର ହୋଇଯାଇଥିଲେ। ଫଳରେ ରାସ୍ତା ଉପରେ କଟାଗଛ ପଡିରହିଥିଲା। କେତେକ ଗଛରେ ବିପଦସଙ୍କୁଳ ଅବସ୍ଥାରେ ଗଛର ଶାଖା

**ରାସ୍ତା ଉପରେ କଟାଗଛ ଛାଡ଼ି ପଳାଇଲେ**

ଝୁଲି ରହିଥିବାରୁ ଯାତାୟାତରେ ବାଧା ସୃଷ୍ଟି ହୋଇଥିଲା। ସ୍ଥାନୀୟ ଲୋକଙ୍କ କହିବା କଥା, ବିଦ୍ୟୁତ୍ ତାର ଟାଣିବାକୁ ନୁହେଁ, ଆମେ ମୂଲ୍ୟବାନ ଗଛକଟାକୁ ବିରୋଧ କରୁଛୁ। ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗ ନିର୍ବାହୀଯନ୍ତ୍ରୀ ଏସ୍. ଶତପଥୀ କହିଛନ୍ତି, ଯେଉଁଠାରେ ସମସ୍ୟା ରହେ ଗଛର ଶାଖାପ୍ରଶାଖା କାଟିବା ପାଇଁ ଅନୁମତି ମଗାଯାଇଥାଏ। ଏହି ପ୍ରକଳ୍ପରେ ଗଛ କାଟିବା ପାଇଁ ଅନୁମତି ନେଇଛନ୍ତି କି ନାହିଁ ସେ ନେଇ ତଦନ୍ତ କରାଯିବ। ରାସ୍ତାରେ କଟାଗଛ ଛାଡିଯିବା ଅନୁଚିତ ବୋଲି କହିଥିଲେ। ସମ୍ବଲପୁର ଡିଏଫ୍ଓ ଡ. ସଞ୍ଜିତ କୁମାର କହିଛନ୍ତି, ରେଞ୍ଜ ଅଫିସରଙ୍କୁ ଘଟଣାର ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦିଆଯିବ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଶ୍ୱାସରୁଦ୍ଧ କରି ସ୍ତ୍ରୀକୁ ହତ୍ୟା: ସ୍ୱାମୀ ଅଟକ

ଟେନସା/ଲହୁଣୀପଡା, ୬।୧ (ଡି.ଏନ.ଏ)

ସୁନ୍ଦରଗଡ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ମଞ୍ଚବେଡା ଗ୍ରାମରେ ମଙ୍ଗଳବାର ମଧ୍ୟାହ୍ନରେ ଘରେ କେହି ନଥିବା ବେଳେ ସ୍ତ୍ରୀକୁ ଶ୍ୱାସରୁଦ୍ଧ କରି ହତ୍ୟା କଲା ପରେ ସ୍ୱାମୀ ବାହାରପଟୁ କବାଟ ବନ୍ଦ କରି ଫେରାର ହୋଇଯାଇଥିଲେ। ମଞ୍ଚାବେଡା ଗ୍ରାମର କୁଆଁର ସିଂ (୨୫) ତାଙ୍କ ସ୍ତ୍ରୀ ବୁଧବତୀ ସିଂ (୨୧)ଙ୍କ ସହିତ କୌଣସି କାରଣ ଯୋଗୁ ମଙ୍ଗଳବାର ମଧ୍ୟାହ୍ନରେ ଝଗଡା କରିବା ସହିତ ନିସ୍ଥୁକ ମାଡ ମାରିଥିଲା । ଫଳରେ ବୁଧବତୀ ବିରୋଧ କରିବାରୁ ଓଢ଼ଣୀ ସାହାଯ୍ୟରେ ତାଙ୍କ ବେକକୁ ଚିପି ଶ୍ୱାସରୁଦ୍ଧ କରି ହତ୍ୟା କରିଥିଲେ। ବୁଧବତୀ ମରିଯିବା ଜାଣିପାରି କୁଆଁର ବାହାର ପଟୁ କବାଟ ବନ୍ଦ କରିଦେଇ ଫେରାର୍ ହୋଇଯାଇଥିଲେ। ବୁଧବାର ସକାଳ ପର୍ଯ୍ୟନ୍ତ କବାଟ ନ ଖୋଲିବାରୁ ପରିବାର ଲୋକ ବାଧହୋଇ କବାଟ ଖୋଲି ଦେଖିଥିଲେ ବୁଧବତୀ ମରିପଡିଛି। ଏ ସମ୍ପର୍କରେ ବୁଧବତୀର ବାପ ଘରକୁ ଖବର ଦେଇଥିଲେ। ବାପଘର ଲୋକ ପହଞ୍ଚି ଝିଅକୁ ହତ୍ୟା କରାଯାଇଥିବା ଜାଣି କେ.ବଲାଙ୍ଗ ପୋଲିସକୁ ଖବର ଦେବାରୁ ପୋଲିସ ସାଇଣ୍ଟିଫିକ୍ ଦଳ ଏବଂ ମାଜିଷ୍ଟ୍ରେଟ ଭାବେ ଲହୁଣୀପଡା ଅତିରିକ୍ତ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆଙ୍କ ଉପସ୍ଥିତରେ ପଞ୍ଚନାମା କରାଯାଇ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଲହୁଣୀପଡା ଡାକ୍ତରଖାନାକୁ ପଠାଇଥିଲେ। କୁଆଁରଙ୍କୁ ଧରିବା ପାଇଁ ତନାଘନା ଚଳାଇଥିବା ବେଳେ ସନ୍ଧ୍ୟାରେ ଧରି ଥାନାରେ ଅଟକ ରଖି ପଚରାଉଚୁରା ଚଳାଇଥିବା ଜଣାପଡ଼ିଛି ।

# ସମ୍ବଲପୁରକୁ ହରାଇ ରାଉରକେଲା ଚାମ୍ପିୟନ


ସ୍ୱର୍ଣ୍ଣାବୁରେଇ ଖେଳ ପଡିଆରେ ଅତିଥିଙ୍କ ସହ ଖେଳାଳିମାନେ ।

ସମ୍ବଲପୁର, ୬।୧(ବ୍ୟୁରୋ)

**ମହେଶ ମେମୋରିଆଲ କ୍ରିକେଟ**

ରାଜ୍ୟସ୍ତରୀୟ ମହେଶ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟରେ ସମ୍ବଲପୁର ମାଁ ମେଟାକାନି କ୍ରିକେଟ କ୍ଲବକୁ ହରାଇ ରାଉରକେଲା ଆର୍ଏସ୍ଏ କ୍ରିକେଟ ଦଳ ଚାମ୍ପିୟନ ହୋଇଛି। ସମ୍ବଲପୁର ଦଳ ପ୍ରଥମେ ଟସ୍ ଜିଣି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ୨୦ ଓଭରରେ ଦଳ ୯ ଉଇକେଟ ହରାଇ ୧୬୪ ରନ ସଂଗ୍ରହ କରିଥିଲା। ଜବାବରେ ରାଉରକେଲା ଦଳ ୩ ଉଇକେଟ ବିନିମୟରେ ଆବଶ୍ୟକ ରନ କରି ବିଜୟୀ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ସମ୍ବଲପୁର ଓ ଦେବଗଡ ଜିଲା ବିଜେଡି ପର୍ଯ୍ୟବେକ୍ଷକ ନଳିନୀକାନ୍ତ ପ୍ରଧାନ ମୁଖ୍ୟଅତିଥି ଓ ବିଜେଡି ଜିଲା ସଭାପତି ସିଦ୍ଧାର୍ଥ ଦାଶ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଶୈଳେଶ ଦାନୀ, ଦିଲୀପ ଦୁରିଆ, ମୋତିଲାଲ ତନ୍ତୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରାଯାଇଥିଲା। ଅମ୍ପାୟାର ବିକାଶ ହୋତା ଓ ଗୁରୁପ୍ରୀତ ସିଂ ରହିଥିବାବେଳେ ଆଲୋକ ସାହୁ ସ୍କୋରର ରହିଥିଲେ। ମାନେଶ୍ୱର କ୍ରିକେଟ କ୍ଲବ ପକ୍ଷରୁ ସ୍ଥାନୀୟ ସ୍ୱର୍ଣ୍ଣାବୁରେଇ ଖେଳ ପଡିଆରେ ଏହି ଟୁର୍ନାମେଣ୍ଟ ଆୟୋଜିତ କରାଯାଇଥିଲା। ରାଜ୍ୟର ବିଭିନ୍ନ ଜିଲାର ୧୨ଟି ଦଳ ଅଂଶଗ୍ରହଣ କରିଥିଲେ।

# ଝାରସୁଗୁଡା ଭାଜପାର ଏସ୍ପି କାର୍ଯ୍ୟାଳୟ ଘେରାଉ

ଲଖନପୁର,୬।୧(ଡି.ଏନ୍.ଏ.)


ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏସ୍ପିଙ୍କୁ ସ୍ମାରକପତ୍ର ଦିଆଯାଉଛି ।

କଟକ ଜିଲା ମାହାଙ୍ଗା ବ୍ଲକ୍ର ପୂର୍ବତନ ଅଧ୍ୟକ୍ଷ ତଥା ଭାଜପା ନେତା କୁଳମଣି ବରାଳ ଓ ଦିବ୍ୟସିଂହ ବରାଳଙ୍କୁ ହତ୍ୟା ପ୍ରତିବାଦରେ ବୁଧବାର ଝାରସୁଗୁଡା ଜିଲା ଭାଜପା ପକ୍ଷରୁ ଏସ୍ପିଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଜିଲା ସଭାପତି ମଙ୍ଗଳ ସାହୁଙ୍କ ନେତୃତ୍ୱରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏସ୍ପି ବିକାଶ ଦାସଙ୍କୁ ସ୍ମାରକପତ୍ର ଦିଆଯାଇଥିଲା। ଏଥିରେ ଉଲ୍ଲେଖ ରହିଛି, ରାଜ୍ୟ ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ଚଞ୍ଚକତା କରି ପ୍ରଧାନମନ୍ତ୍ରୀ ଆବାସ ଗୃହରେ ବିଜୁ ପକ୍କାଘର ଯୋଜନା ଷ୍ଟିକର ମାରୁଛନ୍ତି। ଏହାକୁ ଭାଜପା ନେତା ଓ କର୍ମୀମାନେ ବିରୋଧ କଲେ ବିଜେଡି ନେତା, ମନ୍ତ୍ରୀମାନେ ସେମାନଙ୍କୁ ହତ୍ୟା କରୁଛନ୍ତି। ନୈତିକତା ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ ଶାସନ ଗାଦି ଛାଡନ୍ତୁ। ଏହି ହତ୍ୟା ଘଟଣାରେ ସମ୍ପୃକ୍ତ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ମନ୍ତ୍ରୀପଦରୁ ବହିଷ୍କାର କରିବା ସହ ଗିରଫ କରାଯାଉ ବୋଲି ଦାବି ହେଉଛି। ଆନ୍ଦୋଳନରେ ଭାଜପା ଜିଲା ସଭାପତି ସାହୁ, ଭାଜପା ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ, ରଘୁନନ୍ଦନ ପଣ୍ଡା, ନରେଶ ନାୟକ, ନୋଡଜୀ ପଟ୍ଟନାୟକ, ସୁନିଲ ପଣ୍ଡା ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ନିଖୋଜ ବିରଜୁଙ୍କୁ ଠାବ କରି ଘରକୁ ଫେରାଇ ଆଣିଲା କୁତ୍ରା ପୋଲିସ

କୁତ୍ରା, ୬।୧ (ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକର ଜଙ୍ଗରପଡା ଗ୍ରାମର ବିରଜୁ କୁଲୁ ଦୀର୍ଘ ୨୦ ବର୍ଷ ପାକିସ୍ତାନ ଜେଲରେ ବନ୍ଦି ଜୀବନ କଟାଇବା ପରେ ପ୍ରଶାସନ ସାହାଯ୍ୟରେ ଘରକୁ ଫେରିଥିଲେ । ଘରକୁ ଫେରିବାର କିଛି ଦିନ ପରେ ଗତ ଜାନୁୟାରୀ ୨ରେ ପୁଣି ଘରୁ ଚାଲିଯାଇଥିଲେ। ତାଙ୍କ ଭଉଣୀ ବେର୍ଣ୍ଣାବେଡ କୁଲୁ ଚାରିଆଡେ ଖୋଜାଖୋଜି କରି ନ ପାଇବା ପରେ ୩ ତାରିଖ କୁତ୍ରା ଥାନାରେ ଏତଲା ଦେଇଥିଲେ। ଏତଲା ପରେ କୁତ୍ରା ପୋଲିସ ତାଙ୍କ ଫଟୋ ମାଧ୍ୟମରେ ଚାରିଆଡେ ଖୋଜାଖୋଜି କରିଥିଲେ। ମଙ୍ଗଳବାର ତାଳଚେରର ସ୍ଥାନୀୟ ପୋଲିସ ବିରଜୁଙ୍କୁ ବଜାରରେ ବୁଲୁଥିବା ସମୟରେ ଉଦ୍ଧାର କରିଛି। କୁତ୍ରା ପୋଲିସ ଆଇଆଇସି ସୁଶାନ୍ତ କୁମାର ପରିଡାଙ୍କ ନେତୃତ୍ୱରେ ଏକ ଟିମ ତାଳଚେର ଯାଇ ବିରଜୁ କୁଲୁଙ୍କୁ ବୁଧବାର ତାଙ୍କ ଘର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି । ସୂଚନା ଅନୁସାରେ ମାନସିକ ଅନଗ୍ରସର ବିରଜୁ ଆଜକୁ ୨୦ ବର୍ଷ ତଳେ ଏହିଭଳି ଦିନେ ଘରୁ ନିଖୋଜ ହୋଇ ପାକିସ୍ତାନ ଭିତରକୁ ପଶିବା ପରେ ପାକିସ୍ତାନ ସୈନ୍ୟମାନେ ତାଙ୍କୁ ଧରି ଜେଲରେ ବନ୍ଦି ଭାବେ ରଖିଥିଲେ ।

# କୁଚିଣ୍ଡା ଭାଜପା ପକ୍ଷରୁ ରାସ୍ତାରୋକୋ

କୁଚିଣ୍ଡା, ୬।୧(ଡି.ଏନ.ଏ.)

କୁଚିଣ୍ଡା ଉପଖଣ୍ଡରେ ଧାନବିକ୍ରି ସମସ୍ୟା ସମାଧାନ ପାଇଁ ଭାଜପା ପକ୍ଷରୁ ବିଭିନ୍ନ ସ୍ଥାନରେ ରାସ୍ତାରୋକୋ କରାଯାଇଥିଲା। ବ୍ଲକର ସଇଡା, ଖଣ୍ଡୋକଟା, ସାତକମା ଓ ତେଲିଡିଲେଇମାଳଠାରେ କର୍ମୀମାନେ ସକାଳ ୮ଟାରୁ ଅପରାହ୍ନ ସାଢ଼େ ୪ଟା ପର୍ଯ୍ୟନ୍ତ ରାସ୍ତା ଅବରୋଧ କରି ବସିରହିଥିଲେ। ଫଳରେ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। କୁଚିଣ୍ଡା-ଝାରସୁଗୁଡା ୪୯ ନଂ. ଜାତୀୟ ରାଜପଥର ଖଣ୍ଡୋକଟାଠାରେ ଦଳର ବରିଷ୍ଠ ନେତା ପୂର୍ଣ୍ଣଚନ୍ଦ୍ର ପଟେଲ, ସନ୍ତୋଷ ପଟେଲ, ବୀରେନ୍ଦ୍ର କୁମାର ପଟେଲଙ୍କ ସମେତ ବହୁ ଦଳୀୟ କର୍ମୀ ବସିରହିଥିଲେ।

# ଝାରସୁଗୁଡାରୁ ପୁରୀ ପଦଯାତ୍ରା

ଲଖନପୁର,୬।୧(ଡି.ଏନ୍.ଏ.)

ଇଚ୍ଛାଶକ୍ତି ଆଗରେ ବୟସ ପ୍ରତିବନ୍ଧକ ସୃଷ୍ଟି କରି ନ ଥାଏ । ଏହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ୬୩ବର୍ଷିୟ ଅବସରପ୍ରାପ୍ତ କର୍ମଚାରୀ ଝାରସୁଗୁଡା ଜିଲା ଦୁର୍ଲଗା ଗ୍ରାମର ଅଭିରାମ ସତପଥୀ। ଅଭିରାମ ସୁସ୍ଥ ସମାଜ ଗଠନ କରିବା ଉଦ୍ଦେଶ୍ୟରେ ବୁଧବାର ଝାରସୁଗୁଡାରୁ ପୁରୀ ଅଭିମୁଖେ ପଦଯାତ୍ରାରେ ବାହାରିଛନ୍ତି। ପ୍ରତିଦିନ ୩୦ କିଲୋମିଟର ପଦଯାତ୍ରା କରି ଆସନ୍ତା ୨୨ତାରିଖରେ ପୁରୀରେ ପହଞ୍ଚି ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରିବା ଲକ୍ଷ୍ୟ ରଖିଛନ୍ତି। ଆସନ୍ତା ୧୯ତାରିଖରେ ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ନିଶା ନିବାରଣ ସମ୍ପର୍କରେ ସ୍ମାରକପତ୍ର ପ୍ରଦାନ କରିବେ ବୋଲି ପ୍ରକାଶ କରିଛନ୍ତି। ଏହା ଜାଣିବା ପରେ ଜିଲାର ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ତାଙ୍କୁ ସ୍ୱାଗତ ଜଣାଇ ସଫଳ ଯାତ୍ରା ପାଇଁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଜିଲାପାଳଙ୍କ ଅନୁମତି ପାଇବା ପରେ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହାପରେ ସେ ପଦଯାତ୍ରାରେ ବାହାରିଥିବା ଜଣାପଡିଛି। ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଅବସର ପରେ ହଠାତ୍ ସେ ଗୁରୁତର ଅସୁସ୍ଥ ହୋଇପଡିଥିଲେ। ଏଥିପାଇଁ ଡାକ୍ତରୀ ଚିକିତ୍ସା କରାଇଥିଲେ ମଧ ବିଫଳ ହୋଇଥିଲେ। ଶେଷରେ ଡାକ୍ତର ତାଙ୍କୁ ନାସ୍ତିବାଣୀ ଶୁଣାଇ ଦେଇଥିଲେ। ଏହା ଜାଣିବା ପରେ ଅଭିରାମଙ୍କ ଜଣେ ସମ୍ପର୍କୀୟ ତାଙ୍କୁ ପ୍ରତିଦିନ ଚାଲିବା ପାଇଁ କହିଥିଲେ। ଅସୁସ୍ଥ ଥାଇ ସେ ବହୁକଷ୍ଟରେ ଚାଲିବା ଆରମ୍ଭ କରିଥିଲେ। ପ୍ରତିଦିନ ଚାଲିବା ଫଳରେ ଧୀରେ ଧୀରେ ସୁସ୍ଥ ଅନୁଭବ କରିଥିଲେ। ପରେ ସେ ପ୍ରତିଦିନ ଦୌଡିବା ଅଭ୍ୟାସ କରିଥିଲେ। ଏହି ପ୍ରୟାସ ଜାରି ରଖି ସେ ବିଭିନ୍ନ ମାରାଥନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏବେ ସେ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି। ନିଶାମୁକ୍ତ ରହି ପ୍ରତିଦିନ ବ୍ୟାୟମକରି ଆରୋଗ୍ୟ ଜୀବନ ଜିଇଁବା ସହିତ ସୁସ୍ଥ ସମାଜ ଗଠନ କରିବା ପାଇଁ ସେ ଆହ୍ୱାନ ଦେଇଛନ୍ତି।


ଅଭିରାମ ସତପଥୀଙ୍କୁ ବାଇକ୍ ଶୋଭାଯାତ୍ରାରେ ସ୍ୱାଗତ କରାଯାଉଛି ।

**ଅବସରପ୍ରାପ୍ତ କର୍ମଚାରୀଙ୍କ ସୁସ୍ଥ ସମାଜ ଗଠନ ଲକ୍ଷ୍ୟ**

- ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସ୍ମାରକପତ୍ର ଦେବେ

# ଯଦି କେହି ନ ଥାଏ, ତେବେ କବିତା ଥିବ ସାଙ୍ଗରେ

**ସୁରଜିତ୍ ପାତରଙ୍କ** ଜନ୍ମ ପଞ୍ଜାବର ଜଳନ୍ଧର ଜିଲାରେ, ପାତର କାଲାନ୍ ଗାଁରେ। କପୁରତଲାର ରଣଧୀର କଲେଜରୁ ସ୍ନାତକ ଓ ପଟିଆଲାର ପଞ୍ଜାବୀ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର। 'ଗୁରୁ ନାନକ ବାଣୀରେ ଲୋକକଥାର ଉତ୍ତରଣ' ଶୀର୍ଷକ ସନ୍ଦର୍ଭ ଲେଖି ଅମୃତସର ଗୁରୁ ନାନକଦେବ ବିଶ୍ୱବିଦ୍ୟାଳୟରୁ ସେ ପାଇଛନ୍ତି ପିଏଚ୍.ଡି.। ଲୁଧିଆନାର ପଞ୍ଜାବ କୃଷି ବିଶ୍ୱବିଦ୍ୟାଳୟରେ ପଞ୍ଜାବୀ ଭାଷା-ସାହିତ୍ୟର ଅଧାପନାରୁ ଆରମ୍ଭ ବୃତ୍ତି ଜୀବନ ଓ ୨୦୦୪ରେ ସେବା-ନିବୃତ୍ତି। ଗତ ଶତକର ମଧ-ଷାଠିଏରୁ ପ୍ରବେଶ ପଞ୍ଜାବୀ କବିତାରେ। ପ୍ରମୁଖ କବିତାଗ୍ରନ୍ଥ: ''ହାୱା ବିଚ୍ ଲିଖେ ହର୍ଫ'' (ପବନରେ ଲେଖା ଶବ୍ଦ), ''ବିର୍ଖ ଅର୍ଜ କରେ'' (ଏମନ୍ତ କହିଲା ବୃକ୍ଷ), ''ହାନେରେ ବିଚ୍ ସୁଲଗ୍ଡି ବର୍ଣ୍ଣମାଳା'' (ଅନ୍ଧାରରେ ଜଳୁଥିବା ଶବ୍ଦ), ''ଲଫ୍ଜାନ୍ ଦି ଦରଘା''(ଶବ୍ଦର ପ୍ରତିମା), ''ପତ୍ଝର୍ ଦି ପାଜେବ୍'' (ଶରତର ପାଉଁଜି) ଓ ''ସୁର୍ ଜମିନ୍'' (ସ୍ୱର ଭୂଇଁ)। ଚଣ୍ଡୀଗଡ଼ର 'ପଞ୍ଜାବ କଳା ପରିଷଦ' ଓ ଲୁଧିଆନାର 'ପଞ୍ଜାବୀ ସାହିତ୍ୟ ଏକାଡେମୀ'ର ସଭାପତି ଥିଲେ ପାତର। ଭାରତୀୟ ସାହିତ୍ୟକୁ ଉଲ୍ଲେଖନୀୟ ଅବଦାନ ପାଇଁ ୧୯୭୯ରେ 'ପଞ୍ଜାବ ସାହିତ୍ୟ ଏକାଡେମୀ ପୁରସ୍କାର', ୧୯୯୩ରେ 'କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର', ୨୦୦୯ରେ 'ଗଙ୍ଗାଧର ଜାତୀୟ କବିତା ପୁରସ୍କାର', 'ସରସ୍ୱତୀ ସମ୍ମାନ' ଓ ୨୦୧୨ରେ ତାଙ୍କୁ ମିଳିଛି 'ପଦ୍ମଶ୍ରୀ' ସମ୍ମାନ।

## ଭାରତ-ଭାରତୀ


ସୁରଜିତ୍ ପାତର

**ସୁ**ରଜିତ୍ଙ୍କ କବିତାର ସବୁଠୁଁ ଆସ୍ୱାଦ୍ୟ ବିଭବଟି ହେଲା ତାଙ୍କ କବିତାରେ ଥିବା ପଞ୍ଜାବର ଲୋକରୂପକ ଓ ଲୋକକଥାର ଫଳପ୍ରଦ ବ୍ୟବହାର, ଯାହା ଭିତର ଦେଇ ଫୁଟି ଉଠିଥାଏ ସମକାଳୀନ ସମାଜ ଓ ଜୀବନର ଚଳମାନ ଛବି। ସ୍ୱକାଳର ପଞ୍ଜାବୀ କବିତାରେ ସେ ଅନାୟାସରେ ଭରିଦିଅନ୍ତି ଅନୁଭବର ଅସୁମାରି ସଦ୍ୟତା। ସାଧାରଣ ପାଠକ ନାନା ଭାବେ ଖୋଜିପାଏ ନିଜକୁ ତାଙ୍କ କବିତାରେ। ତାଙ୍କ କବିତାର ଛନ୍ଦୋମୟତା ପାଠକକୁ ଅଭିଭୂତ କରେ। ଏକ ନୂତନ ଦିଗନ୍ତ ଆଡ଼େ ବରାବର ତାଙ୍କ କବିତାର ଯାତ୍ରା ବୋଲି ସମାଲୋଚକମାନେ ମତ ଦିଅନ୍ତି। ସମକାଳୀନ କବିତାର ଧାରାରୁ ଦୂରବର୍ତ୍ତୀ ନ ହୋଇ ବି ସେ ନିଜ କବିତାରେ ଅହରହ ସ୍ୱତନ୍ତ୍ର ହୋଇଉଠନ୍ତି, ଭାଷା ଓ ଭାବର ଅଭାବିତ ମୌଳିକତାରେ।

ସୁରଜିତ୍ଙ୍କ ବାପା ହରଭଜନ ଥିଲେ ପଞ୍ଜାବୀ ଗୁରୁବାନୀର ଗାୟକ, ଯାହାଙ୍କର ପ୍ରଭାବ ଶୈଶବରୁ ତାଙ୍କ କବି-ବ୍ୟକ୍ତିତ୍ୱ ଗଠନରେ ପ୍ରେରଣା ପାଲଟିଥିଲା। ଛାତ୍ର-ଜୀବନରୁ ତାଙ୍କ କବିତା ପ୍ରତିଷ୍ଠିତ ପଞ୍ଜାବୀ ପତ୍ରିକାଗୁଡ଼ିକରେ ପ୍ରକାଶିତ ହୋଇଥିଲା। 'ବିର୍ଖ ଅର୍ଜ କରେ' ଗଜଲଗ୍ରନ୍ଥ ପ୍ରକାଶ ପରେ ତାଙ୍କ ଖ୍ୟାତି ଶୀର୍ଷ ଛୁଇଁଥିଲା। ୧୯୯୨ରେ ପ୍ରକାଶିତ 'ହାନେରେ ବିଚ୍ ସୁଲଗ୍ଡି ବର୍ଣ୍ଣମାଳା' ପାଇଁ ସୁରଜିତ୍ଙ୍କୁ ୧୯୯୩ରେ ମିଳେ 'କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର'। ପ୍ରତ୍ୟାଶା ଓ ପ୍ରଥା, ପ୍ରକୃତି ଓ ସଭ୍ୟତାର ଦ୍ୱନ୍ଦ୍ୱ ହିଁ ଏହି କାବ୍ୟଗ୍ରନ୍ଥରେ ସ୍ଥାନିତ କବିତାଗୁଡ଼ିକର ଧ୍ୟେୟ। ୧୯୯୯ରେ ପ୍ରକାଶିତ କବିଙ୍କର ''ଲଫ୍ଜାନ୍ ଦି ଦରଘା''ରେ କବି ମାନବ-ଜୀବନରୁ ଦ୍ରୁତ ତିରୋହିତ ହୋଇଯାଉଥିବା ସଂବେଦନା ଓ ଆବେଗକୁ ପୁନଃ ସ୍ଥାପନ କରିବାର ଉପକ୍ରମ କରନ୍ତି। ଏଥିରେ ସ୍ଥାନିତ ତାଙ୍କ କବିତା ''ଆଇୟା ନନ୍ଦ କିଶୋର'' (ନନ୍ଦକିଶୋର ଆସିଛନ୍ତି)ରେ ଉନ୍ମୋଚିତ ହୁଏ ସୁରଜିତ୍ଙ୍କ କବିତାର ଦ୍ୱିତୀୟ ପୃଷ୍ଠ। ବିହାରରୁ ପଞ୍ଜାବ ଆସିଥିବା ଜଣେ ବିସ୍ଥାପିତ ଶ୍ରମିକର କଥା କବିତାଟିର ଉପଜୀବ୍ୟ। 'ମର୍ ରହୀ ହୈ ମେରି ଭାଷା'(ମୋ' ଭାଷା ମରିଯାଉଛି) ତାଙ୍କର ଅନ୍ୟତମ କବିତା, ଯହିଁରେ ସେ ନିଜ ମାତୃଭାଷାର କ୍ରମବିଲୟୀ ସ୍ଥିତିକୁ ରୂପ ଦେଇଛନ୍ତି। ବ୍ୟକ୍ତି-ଜୀବନର ସ୍ମୃତି କବିଙ୍କ କବିତାରେ ଅଗ୍ରାଧିକାର ପାଏ, ଯେପରି ପ୍ରାଧାନ୍ୟ ପାଏ ଅନ୍ତଃଛନ୍ଦର ଲାଳିତ୍ୟ। ଭାରତୀୟ କବିତା ଯେତେବେଳେ ଅଭିବ୍ୟକ୍ତି ଓ ଆବେଦନର ଦ୍ୱନ୍ଦ୍ୱରେ ଦିଶାହରା, ଠିକ୍ ସେତିକିବେଳେ ବିଭିନ୍ନ ପ୍ରାନ୍ତୀୟ ଭାଷାରେ ଯେଉଁ କେତେଜଣ କବି କବିତାକୁ ଫେରାଇ ଦେବାର ପଣ କରନ୍ତି ଜନମୁଖର ଭାଷା, ଅନୁଭବର ଗରିମା; ସେଇ କବିମାନଙ୍କ ଧାଡ଼ିରେ ସୁରଜିତ୍ ସାଜନ୍ତି ଜଣେ ଅଗ୍ରଗଣ୍ୟ ପଦାତିକ। ହୋଇଉଠନ୍ତି 'ଇନୋଭେଟିଭ୍ ଟେକ୍ସଟ'ର ବିଶ୍ୱସନୀୟ ପୁରୋଧା। ରାଜିନ୍ଦର ପାଲ୍ ସିଂହ ତାଙ୍କ 'ଆଧୁନିକ ପଞ୍ଜାବୀ କବିତାର ଇତିହାସ' (୨୦୦୬)ରେ ଲେଖିଛନ୍ତି: ''Patar's Poems suffused with images drawn from mythology, Folklore and History, Comment ironically on the life around him.'' ସୁରଜିତ୍ଙ୍କ କବିତାରେ ନିହିତ ଶବ୍ଦରେ ଥାଏ ଯେଉଁ ଉଦ୍ଭାନୋଦ୍ୟତ ବ୍ୟଙ୍ଗ, ତାହା ବିପୁଳ ଶ୍ରୋତାଙ୍କୁ ବାନ୍ଧି ରଖେ ଅପୂର୍ବ ସମ୍ମୋହନରେ।

ଗୀତିପ୍ରାଣ କବି ସୁରଜିତ୍ ଅଧିକରୁ ଅଧିକ ପ୍ରେମ ଓ ପ୍ରକୃତିର କବି ସତ, କିନ୍ତୁ ତାଙ୍କ ରକ୍ତରେ ଲୁଚିଥାଏ ଜ୍ୱଳମାନ ଏକ ବିଦ୍ରୋହ, ଯାହା ଚିହ୍ନାଉଥାଏ ତାଙ୍କ କବିତାକୁ ଅହରହ ନାନା ଚଞ୍ଚକତାରେ ପୂର୍ଣ୍ଣ ରାଷ୍ଟ୍ରଶକ୍ତି ବିପକ୍ଷରେ। ''ଅନ୍ଧାରରେ ଜଳୁଥିବା ଶବ୍ଦ''ର ବହୁ କବିତାରେ ଦ୍ରୋହଦୋଳିତ ଏହି ନୂଆ ସୁରଜିତ୍ଙ୍କୁ ଚିହ୍ନିହୁଏ, ଯେତେବେଳେ ପାଠକ ପଢ଼େ: ''I go where the blood-drops take me'' ବା ''Many times I get hold of the culprits hand/ And each time I see it as my own hand.'' ସ୍ୱାଧୀନତା ହାସଲ ପରେ ବି ପରିବାର ପୋଷଣ ପାଇଁ ବିଦେଶ ମାଟିରୁ ଦାନା ଗୋଟେଇବାକୁ ବିବଶ ନିଜ ବାପାଙ୍କ ଉଦାସ ଚେହେରା ତାଙ୍କ ସ୍ମୃତିରୁ ଲିଭେନାହିଁ। ''ଏମନ୍ତ କହିଲା ବୃକ୍ଷ'' କବିତାଗ୍ରନ୍ଥର ଏକ କବିତାରେ ସେ ଲେଖନ୍ତି: ''Searching for feed, to far-off places birds fly/ For the sake of daughters, went abroad my father.'' ସୁରଜିତ୍ଙ୍କର ୪ ଭଉଣୀ, ଯାହାଙ୍କୁ ଭିଟାମାଟିରେ ଛାଡ଼ି ତାଙ୍କ ବାପା ବିଦେଶ ଯାଆନ୍ତି ଉପାର୍ଜନ ପାଇଁ- ତା'ରି କରୁଣ ଚିତ୍ର ରୂପ ପାଏ କବିତାଟିରେ। ସମଧର୍ମା କବି 'ପାଶ୍'ଙ୍କ ଜଘନ୍ୟ ହତ୍ୟାରେ ସ୍ତମ୍ଭୀଭୂତ ସମୟ ହେଉ କି କ୍ଷମତାର କରାଳଚକ୍ରରେ ନିପୀଡ଼ିତ ଜନତାର ଦୁଃସ୍ଥିତି ହେଉ- ମାନବୀୟ ଅନୁଭୂତିର ଯାବତୀୟ ଦରଜ ତାଙ୍କ କବିତାରେ ସାକାର ହୋଇଉଠେ। ''ଏମନ୍ତ କହିଲା ବୃକ୍ଷ'' ବା ''ଅନ୍ଧାରରେ ଜଳୁଥିବା ଶବ୍ଦ'' କାବ୍ୟଗ୍ରନ୍ଥର ବହୁ କବିତା ଏହାର ସାକ୍ଷୀ। ଅନ୍ଧାର ରାତିର ଅବସାନ ଅଛି, ହେଉ ତାହା ଯେତେ ବି ନିବିଡ଼। ''Thrones did last, but not for ever,/ Pepole betrayed, but not for ever.''- ଏହି ଅଟଳ ଆସ୍ଥାର ଅଭୀକ କବି ହେଲେ ସୁରଜିତ୍। କବିତାଠି ତାଙ୍କର ଭରସା କେତେ, ଅବୁଝା ରହେ କି ଏହି ଧାଡ଼ିଟିରୁ?- ''Only a line of poetry will go along/ If nothing else is there to keep company.''(ଏମନ୍ତ କହିଲା ବୃକ୍ଷ)। ଏ ହିଁ କବି ସୁରଜିତ୍ ଯିଏ ଫୁଲମାଳକୁ ଦିଅନ୍ତି ମାନ, ଆଉ ବେଳପଡ଼ିଲେ ଫେରାଇବାକୁ କୁଣ୍ଠିତ ହୁଅନ୍ତି ନାହିଁ ରାଜଦତ୍ତ ସ୍ୱୀକୃତି ଓ ସମ୍ମାନ।

ଡ. ହୃଷୀକେଶ ମଲ୍ଲିକ
ମୋ: ୯୮୫୩୨୮୭୭୫୫


୨୦୧୨: ରାଷ୍ଟ୍ରପତି ପ୍ରତିଭା ପାଟିଲଙ୍କଠାରୁ ସୁରଜିତ୍ଙ୍କ 'ପଦ୍ମଶ୍ରୀ' ଗ୍ରହଣ।

### ୨୦୧୫ରେ ଏକାଡେମୀ ପୁରସ୍କାର, ୨୦୨୦ରେ 'ପଦ୍ମଶ୍ରୀ' ଫେରସ୍ତ

ପଞ୍ଜାବର ଆନ୍ଦୋଳନରତ କୃଷକଙ୍କୁ ସମର୍ଥନ ଜଣାଇ ସୁରଜିତ୍ ଫେରାଇବାକୁ ଚାହିଁଛନ୍ତି ତାଙ୍କ 'ପଦ୍ମଶ୍ରୀ'। ୭ ଡିସେମ୍ବର ୨୦୨୦ରେ ଏହି ଘୋଷଣା କରି ସେ କହିଛନ୍ତି: ''କୃଷକଙ୍କ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ପ୍ରତି କେନ୍ଦ୍ର ସରକାରଙ୍କ ଦରଦହୀନ ଆଚରଣ ମୋତେ ବ୍ୟଥିତ କରିଛି। ତେଣୁ ଭଗ୍ନ ହୃଦୟରେ 'ପଦ୍ମଶ୍ରୀ' ଫେରାଇବାକୁ ମୁଁ ବାଧ ହେଉଛି।'' ଅସହିଷ୍ଣୁତା ପ୍ରସଙ୍ଗରେ ପ୍ରତିବାଦ ଜଣାଇ ୨୦୧୫ରେ ସେ ଫେରାଇଥିଲେ କେନ୍ଦ୍ର ସାହିତ୍ୟ ଏକଡେମୀ ପୁରସ୍କାର।

## କବିତା



### ଆସନ୍ତାକାଲି

ପ୍ରବାସିନୀ ମହାକୁଡ଼

ତୁମେ କ'ଣ ଶୀତରତୁର ସବୁଠୁ ସୁନ୍ଦର ସକାଳ ?
ତୁମେ କ'ଣ ଘାସ ଉପରେ ଖସି ପଡ଼ିଥିବା ତାଜା ଶିଶିର ?
ତୁମେ କ'ଣ ଦୁଇ ହଜାର କୋଡ଼ିଏର ଗୋଟେ ବତିଖୁଣ୍ଟର ପ୍ରଥମ ଓ ଶେଷ ଆଲୋକ
ତୁମେ କ'ଣ ମଝିରାତିର ଭାଙ୍ଗିଯାଉଥିବା ନିଦ
ତୁମ ସ୍ପର୍ଶରେ ନୂଆ ପୃଥିବୀଟିଏ ଠିଆହୁଏ
ସାଦା କାଗଜ ପୃଷ୍ଠାର ମାର୍ଜିନରେ ଡାଏରିର ସବୁ ଗୋପନ କଥାରେ
ସେଇ ପୃଥିବୀ କେବଳ ପ୍ରତିଟି କବିତାର ଅନାଦୃତ ଭଲ ପାଇବାର

ଏଇ ମୋର ପୁରୁଣା ପୃଥିବୀ କ୍ଲାନ୍ତ ହେଇଯାଇଛି
ଅନେକ ଅସହାୟତାର ବୋଝ ବୋହି
ଅନେକ ଦୁଃଖ, ଅନେକ ଯନ୍ତ୍ରଣାର ଭାରରେ
ନଇଁ ପଡ଼ିଛନ୍ତି ଗଛର ଶୀର୍ଷ ପାହାଡ଼ର ଉଚ୍ଚ ଶିଖର
ଜୀବନର ଯେତେ ସ୍ୱର ନଦୀର ଗଭୀର ଧାର
ସ୍ୱଚ୍ଛ ବାଲିଶେଯ ନୀଳ ସମୁଦ୍ରର

ଆଉ ମୁଁ ମୋର ପ୍ରତି ମୁହୂର୍ତ୍ତରେ ବଞ୍ଚୁଥିବା ମରୁଥିବା ଦେହକୁ ନେଇ
ବାରମ୍ବାର ଅପେକ୍ଷା କରୁଥାଏ ତୁମ ପାଇଁ

ତୁମେ ନୂଆ ପୃଥିବୀର ସବୁ ସମ୍ଭାବନାର ଅଗମ୍ୟ ଅରଣ୍ୟ
କଫିଫୁଲର ବାସ୍ନା ପକ୍ଷୀଙ୍କର ପରିଚିତ କାକଳି
ତୁମେ ଜୀବନ ଅର୍ଘ୍ୟର ତିନିଭାଗ ଲିଭି ସାରିଥିବା ଶିଖାର
ଶେଷତମ ଆକର୍ଷଣ
ତୁମେ ଆସିବ ନୂତନ ବର୍ଷ। ନୂତନ ଋତୁ, ନୂତନ ଜୀବନ ନେଇ
ନୂଆ ପୃଥିବୀ
ଆସିବ ଆଜି କାଲି ଓ ଆସନ୍ତାକାଲି ବି।

ମୋ: ୭୦୦୮୩୧୦୨୬୮

### ଗୀତି-କବିତା: ନୂଆବର୍ଷ

ଧନଞ୍ଜୟ ସ୍ୱାଇଁ



ସବୁଜ ଦୂବର ପ୍ରଭାତୀ ପ୍ରଣାମେ ସୁନ୍ଦର ଦିଶଇ ଧରଣୀ
ସୁନାରଙ୍ଗୀ ଖରା କେବେଠୁ କଲାଣି ପେଛି ବଉଳକୁ ବରଣୀ।୦।

ପହିଲି ଉଷାର ପାହାନ୍ତି ଗାଧୁଆ
ପରାଚୀ ନଈର ତୁଠରେ
କାହା ଆଗମନୀ ଆଶାରେ ପାରିଛି
(ତା'ର) ମୁରୁଜ କୁଶଳୀ ହାତରେ
ମାଟି ମଲାଟରେ କିଏ ଆଙ୍କିଦିଏ ରଙ୍ଗଝରା ଫୁଲମଣ୍ଡଣି
ସୁନ୍ଦର ଦିଶଇ ଧରଣୀ...।୧।

କାକର କେଣ୍ଡାରେ ଅଳସ ଭାଙ୍ଗଇ
ଫେରନ୍ତି ଶୀତରେ ପଉଷ
ଆଦରିବା ଲାଗି ନୂଆକୁ ସରାଗେ
ବସିଲାଣି ମାଟି କଳସ
ପ୍ରଭାତପକ୍ଷୀର କାକଳିରେ ଏବେ ଶୁଭିଲାଣି ନୂଆ ରାଗିଣୀ
ସୁନ୍ଦର ଦିଶଇ ଧରଣୀ...।୨।

ମୋ: ୯୪୩୭୦୦୦୬୩୬

## ପୁସ୍ତକ ପରିଚୟ

### ଜୀବନପାତ୍ର



**ଲେଖକ:** ରାମଚନ୍ଦ୍ର ବେହେରା
**ପ୍ରକାଶକ:** ବିଦ୍ୟାପୁରୀ, ବାଲୁବଜାର, କଟକ-୨
**ପ୍ରଥମ ପ୍ରକାଶ:** ୨୦୨୦, **ମୂଲ୍ୟ:** ଟ.୨୩୦/-

୩୦୨ ପୃଷ୍ଠାର ଏଇ ଉପନ୍ୟାସଟି ଔପନ୍ୟାସିକ ରାମଚନ୍ଦ୍ର ବେହେରାଙ୍କ ଅନ୍ୟ ଉପନ୍ୟାସ ପରି ଜୀବନର ଏପରି ଏକ ଦଲିଲ୍, ଯାହା ଆରମ୍ଭରେ ପାଠକର କଣ୍ଠକୁ ବାଷ୍ପରୋଧ କରେ, ନିଃଶ୍ୱାସ ଅଟକାଇଦିଏ, ଆଖିକୁ ଛଳଛଳ କରେ ଲୁହରେ। ବୁଲୁ ପରି ଏକ ଗ୍ରାମ୍ୟ-ଉଦ୍‌ବାସ୍ତୁର ଜୀବନ ଝରିଯାଇଛି ଅକାଳରେ। କିନ୍ତୁ ତା' ଛାତି ତଳେ ସାଇତା ମାନବୀୟ ସମ୍ବେଦନାକୁ ଲେଖକ ଯେପରି ଅଣ୍ଡାଳି ଅଣ୍ଡାଳି ଠାବ କରିଛନ୍ତି, ତା'ର ପଟାନ୍ତର ସମକାଳର ଭାରତୀୟ ଉପନ୍ୟାସରେ ବିରଳ। କୁଳମଣିର ସାନ ଗାଁ ଦୋକାନଟିର ବର୍ଣ୍ଣନା ଦେଖନ୍ତୁ: ''ଦଶ କିଲୋମିଟର ଦୂର ଗୋଟେ ବାଣିଜ୍ୟିକ କେନ୍ଦ୍ରରେ ସେଇଦିନ ସାପ୍ତାହିକ ହାଟ ବସୁଥିବାରୁ ଏବଂ ଗରାଖ-ବେପାରୀମାନଙ୍କର ଚଳପ୍ରଚଳ ହେଉଥିବାରୁ କୁଳମଣିର ଦୋକାନ ସତେ ଅବା ନିଦରୁ ଉଠେ। ନ ହେଲେ ଜୀବନପାତ୍ର ଯେମିତି ରହିଥାଏ ଅପୂର୍ଣ୍ଣ, ସେଇଭଳି ତା' ଦୋକାନ ଜାର୍‌ରେ ଥାଏ ଗଣ୍ଡେ-ଛ'ଟା ପେଡ଼ା କିମ୍ବା ଖାସ୍ତାଗଜା। ବେଳେବେଳେ ବୁଲୁର ବିଶାଳ ନୋଟ୍ ପରିହାସ କରେ ଏଇ ଜିନିଷକୁ।'' (ପୃ:୨) କାରୁଣ୍ୟ ଓ ହ୍ୟୁମର୍‌କୁ ସାହିତ୍ୟରେ ଏପରି ଏକାଠି କରିବାର କଳା ଫକୀରମୋହନଙ୍କ ପରେ ଆଉ କେଉଁ ଲେଖକଙ୍କ ଲେଖାରେ ଅଛି କି ନା ମନେପଡ଼େନା। ୱେ ୱାର୍ଡ ବୁଲୁ ମରିଯାଇଛି। ତା' ଶବ ପଛରେ ପ୍ରିୟପରିଜନଙ୍କ କାନ୍ଦଣା। ଲେଖକ କହୁଛନ୍ତି: ''ବୁଲୁ ଆଉ ନାଇଁ ଏ ଘରେ। ଆଉ କିଛି ସମୟ ପରେ ସେ ସରିଯିବ। ଏବେ ଏଇ କାନ୍ଦଣା ଗ୍ରହଣ କରିପାରୁ ନ ଥିଲା ଏଇ ସତ୍ୟକୁ। ପ୍ରତ୍ୟେକ କାନ୍ଦଣାରେ ଥାଏ ପ୍ରତିବାଦ। ଅବିଚାର ହୋଇଛି ବୋଲି ପ୍ରତିବାଦ...।'' ପ୍ରତିପତ୍ତିହୀନ ଏକ ଯୁବକର ମୃତ୍ୟୁରେ ଯେଉଁ ଗଭୀର ଜୀବନ ଦର୍ଶନର ସନ୍ଧାନ କରନ୍ତି ଲେଖକ, ତା' ଉପନ୍ୟାସଟିକୁ କାଳଜୟୀ କରାଏ। ଏହାକୁ ଆରମ୍ଭ କରି ଶେଷ କରିବାଯାଏ କେତେଥର ଯେ ସେ କାନ୍ଦିଥିବେ-ଭାବିହୁଏନା!

### କଥା ଦଶକ



**ଲେଖକ:** ସାତକଡ଼ି ହୋତା
**ସମ୍ପାଦନା:** ପୀତବାସ ରାଉତରାୟ
**ପ୍ରକାଶକ:** ମହାବୀର ପ୍ରକାଶନ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୦, **ମୂଲ୍ୟ:** ଟ.୧୦୦/-

'ଫୁଲ-ଭଗବାନ ଫାଉଣ୍ଡେଶନ' ଆନୁକୂଲ୍ୟରେ ପୀତବାସ ରାଉତରାୟଙ୍କ ସମ୍ପାଦନାରେ ସଂକଳିତ ସାତକଡ଼ି ହୋତାଙ୍କର ସ୍ୱ-ଚୟିତ ୧୦ଟି ଗଳ୍ପ। ଗଳ୍ପଗୁଡ଼ିକ ହେଲା- 'କିରିବୁରୁର କନ୍ୟା', 'ପୃଥିବୀର ଲୁହ', 'ଆଲୋକିତା', 'ବାପାଙ୍କ ଚିଠି', 'ଖଡ଼ିଆଶୋଳର ଜହ୍ନ', 'ଫାଟକବାଲା', 'ଷ୍ଟୁଆର୍ଟ ସାହେବ', 'ଅସତର୍କ ମୁହୂର୍ତ୍ତ', 'ଉଗ୍ରବାଦୀ' ଓ 'କାବୁଲିୱାଲା'। ଗଳ୍ପଗୁଡ଼ିକର ସମୀକ୍ଷା କରିଛନ୍ତି ୧୦ ଜଣ ଆମ ସମୟର ସମୀକ୍ଷକ। ଏଥିସହିତ ଅଛି 'ମୁଁ କାହିଁକି ଲେଖେ', ପୁରସ୍କାରକାଳୀନ ୨ଟି ବକ୍ତବ୍ୟ, ଲେଖକଙ୍କ ରଚନାବଳୀର ତାଲିକା, ସଂକ୍ଷିପ୍ତ ଜୀବନ-ଲିପି ଓ ଲେଖକଙ୍କର ଏକ ସାକ୍ଷାତ୍କାର ଇତ୍ୟାଦି। ସ୍ଥାନିତ ସାକ୍ଷାତ୍କାରରେ ଲେଖକ 'ଗଳ୍ପର ପରିଣତି ସ୍ଥିର କରି ଗଳ୍ପ ଲେଖନ୍ତି' ବୋଲି କହିଛନ୍ତି, ଯହିଁରୁ ତାଙ୍କ ଗଳ୍ପର ଗଭୀରତା ଓ ଭାସମାନତା ଉଭୟକୁ ଠାବ କରିହୁଏ। 'କେଉଁ ଓଡ଼ିଆ ଲେଖକଲେଖିକାଙ୍କୁ ନେଇ ଗର୍ବ କରନ୍ତି' ପ୍ରଶ୍ନର ଉତ୍ତରରେ ମନେହୁଏ ସେ ବାଧବାଧତାର ଶିକାର, ବିଶେଷକରି ସମକାଳୀନ ଲେଖିକା-ଲେଖକଙ୍କ ନାଁ ନେବାରେ। ତେବେ ଜଣେ ନିରବଚ୍ଛିନ୍ନ ସାହିତ୍ୟସାଧକ ଭାବେ ବହିଟି ତାଙ୍କ ବିଶ୍ରାମହୀନ ସାଧନାର ଉଲ୍ଲେଖନୀୟ ସ୍ମାରକୀ।

## ପାଞ୍ଚୋଟି ନାନୋ ଗଳ୍ପ

### ନବ ନାୟକ

୧ ସେଦିନ ସଂଜରେ ପ୍ରିୟନାଥ ବାବୁଙ୍କ ହାତରୁ ଚା' କପ୍‌ଟା ଖସିପଡ଼ିଲା। ପତ୍ନୀ ମାଳତୀ ଦେବୀ ପଚାରିଲେ- କ'ଣ ହେଲା? ପ୍ରିୟନାଥ ବାବୁ କହିଲେ- ଝଡ଼ ଆସିବାର ସୂଚନା। ସତର୍କ ରହିବା ଜରୁରୀ!

୨ ପୁଅଟିଏ ଓ ଝିଅଟିଏ। ସେମାନେ ସାଙ୍ଗହୋଇ ସ୍କୁଲ୍ ଯାଆନ୍ତି ଏବଂ ଫେରନ୍ତି। ବାଟରେ କେହି କାହାରିକୁ କିଛି କୁହନ୍ତିନି, କିନ୍ତୁ ଟିଫିନ୍ ଖାଇଲାବେଳେ ଜଣେ ନ ଖାଇଲେ ଆଉ ଜଣେ ଖାଏନି।

୩ ଅଫିସ୍‌ରୁ ଫେରିଲା ପରେ ସୁରେଶ ବାବୁ ପତ୍ନୀ ସୁରେଖାକୁ ପଚାରିଲେ- ବାପା ବୋଉ କାହିଁ ଦେଖାଯାଉନାହାନ୍ତି? ସୁରେଖା କହିଲେ- ମୁଁ ସେମାନଙ୍କୁ ଜରାଶ୍ରମକୁ ପଠେଇ ଦେଇଛି।

୪ ଦୁଇ ଭାଇ ଭିନେ ହୋଇଯିବାପରେ ବଡ଼ପୁଅ କହିଲା- ମୁଁ ମା'ଙ୍କୁ ରଖିବି। ସାନବୋହୂ କହିଲା- ଆମେ ବାପା ବୋଉ ଉଭୟଙ୍କୁ ରଖିବୁ।

୫ ବିବାହର ବହୁ ବର୍ଷ ପରେ ବୋହୂର ପିଲାଟିଏ ହେଲା। ମା' କୋଳରେ ତା' ପାଇଁ ଜାଗାଟିଏ ମିଳିଲା ନାହିଁ ଯେ ମଶାଣିରେ ଖୋଜିବାକୁ ପଡ଼ିଲା।

ମୋ: ୯୯୩୮୬୦୨୪୨୬

## କାଳକାଳକୁ



''ଆମେ ସମସ୍ତେ ଜନ୍ମ ନିଅନ୍ତି ସମାନ ପ୍ରକାରେ, ମରନ୍ତି କିନ୍ତୁ ଭିନ୍ନଭିନ୍ନ ପ୍ରକାରେ।''
-ଜେମ୍ସ ଜୋଏସ୍

**ଜେମ୍ସ ଜୋଏସ୍** (James Joyce)ଙ୍କ ଜନ୍ମ ୨ ଫେବୃୟାରୀ ୧୮୮୨ରେ ଓ ପରଲୋକ ୧୩ ଜାନୁୟାରୀ ୧୯୪୧ରେ। ଡବ୍ଲିନ୍ ତାଙ୍କ ଜନ୍ମିତ ସହର। ଏ ସମ୍ପର୍କରେ ସେ କହନ୍ତି: ''ମୁଁ ସବୁବେଳେ ଡବ୍ଲିନ୍ ବିଷୟରେ ହିଁ ଲେଖେ, କାରଣ ତା' ଭିତରେ ମୁଁ ଖୋଜିପାଏ ପୃଥିବୀର ସବୁ ସହର।'' ବିଂଶ ଶତାବ୍ଦୀର ସାହିତ୍ୟରେ ଖୁବ୍ ଗୁରୁତ୍ୱପୂର୍ଣ୍ଣ ଏଇ ଆଇରିଶ୍ ଲେଖକଙ୍କର ସବୁଠୁଁ ପ୍ରସିଦ୍ଧ କୃତି ହେଉଛି 'Ulysses' ଉପନ୍ୟାସ (୧୯୨୨)। ୧୯୧୬ରେ ପ୍ରକାଶିତ ତାଙ୍କର ଅନ୍ୟତମ ଚର୍ଚ୍ଚିତ ଉପନ୍ୟାସ "A portrait of the Artist as a Young Man." ତିନୋଟି କବିତା ପୁସ୍ତକ, ଗୋଟିଏ ନାଟକ ସାଙ୍ଗକୁ ପ୍ରକାଶ ପାଇଛି ତାଙ୍କର ସ୍ମରଣୀୟ ପତ୍ରାବଳୀ। ଉପନ୍ୟାସରେ 'ଚେତନା ପ୍ରବାହ ଧାରା'ର ପ୍ରବର୍ତ୍ତକ ଭାବେ ତାଙ୍କୁ ପୃଥିବୀ ଜାଣେ।

## ଗଳ୍ପ: ପ୍ରାୟଶ୍ଚିତ୍ତ

ଡ. ଭବାନୀ ଶଙ୍କର ଦାଶ

ମେଡିକାଲ୍ ଖଟିଆ ଉପରେ ଦେହଟା ପଡ଼ିରହିଥିଲା କେବଳ। ମନ ଥିଲା ଅନ୍ୟ ଜାଗାରେ। ଉପରର ଛାତରେ ଦୃଷ୍ଟି ନିବଦ୍ଧ ଥିଲା। ଦେଖୁଥିଲା ସିଏ ଆଉ କିଛି। ଦୂରନ୍ତ ଅତୀତ ଦେଖାଦେଉଥିଲା। ମରିଯାଇଥିବା ଲୋକେ ଅର୍ଥାତ୍ ଅତୀତମାନେ ରୋଗଶଯ୍ୟାରେ ଦେଖାଦେଲେ ମୃତ୍ୟୁ ନିକଟତର ହେଲାଣି ବୋଲି ସେ ଶୁଣିଥିଲା। ତେବେ ତା'ର ଶେଷଦିନ କ'ଣ ପାଖେଇ ଆସିଲାଣି? ଏମିତି ତ ସବୁଦିନ ଭାବୁଛି। ହେଲେ ସେ ଶେଷଦିନ କେବେହେଲେ ଆସୁନାହିଁ। ବରଂ ଏକ ଶେଷହୀନ ଶାରୀରିକ ଓ ମାନସିକ ଯନ୍ତ୍ରଣାକୁ ବୋହି ଚାଲିଛି ଆଠବର୍ଷ ହେଲା। ପକ୍ଷାଘାତ ହେବା ଆଠବର୍ଷ ହେଲା। ଛତିଶବର୍ଷର ଯୁବକ ଦେଖାଗଲାଣି ସତୁରି ବର୍ଷର ବୃଦ୍ଧ ପରି। ସାରା ଦେହରେ ଘା'। ଦୈନିକ ଡ୍ରେସିଂ ହୁଏ। ଖୁବ୍ ଯନ୍ତ୍ରଣାଦାୟକ। ଦଶବର୍ଷ ତଳେ ବାପା ବୋଉ ଏକା ବର୍ଷକେ ଡକାଡକି ହେଲା ପରି ଆରପାରିକୁ ଚାଲିଗଲେ। ଏକା ସାହିରେ ବାପାଙ୍କ ଅଧ୍ୟାପକ ସାଙ୍ଗ। ସିଏ ବହୁ ସାହାଯ୍ୟ ସହଯୋଗ କଲେ। ତାଙ୍କ ଝିଅ ସହ ବିବାହ ପାଇଁ ବାପା ସତ୍ୟ କରିଥିଲେ ବୋଲି ବାପା ଯିବାର ବର୍ଷେ କେତେ ମାସ ପରେ ବାହାଘର ସରିଗଲା। ସିପ୍ରା ବୋହୂ ହୋଇ ଏକ ନୀରବ ନିଥର ଏତେ ବଡ଼ ଘରକୁ କୋଳାହଳମୟ କରି ଗଢ଼ି ତୋଳିଲା। ସିପ୍ରା ଖୁବ୍ ଭଲ ଝିଅ। ସ୍ୱାମୀଙ୍କ ପାଇଁ ତା' ତ୍ୟାଗର କଥା ଅବର୍ଣ୍ଣନୀୟ। ହଠାତ୍ ସମୟ ବଦଳିଗଲା। ଅଭ୍ରାଂଶୁ ରୋଗଗ୍ରସ୍ତ ହୋଇ ଶଯ୍ୟାରେ ପଡ଼ିରହିଲା। ସେଦିନୁ ଆଜିଯାଏ ସିପ୍ରା ନିଜ କର୍ତ୍ତବ୍ୟରେ ଅବହେଳା କରିନାହିଁ, ବରଂ ନିଜ ଭିତରର ଦୁଃଖକୁ କାହାରିକୁ ଜାଣିବାକୁ ବି ଦେଇନାହିଁ। ଏପରିକି ସ୍ୱାମୀ ଅଭ୍ରାଂଶୁଙ୍କୁ ମଧ୍ୟ। କାରଣ ସେମାନେ ପିଲାଦିନରୁ ଜାଣିଥିଲେ ପରସ୍ପରକୁ, ସେମାନଙ୍କ ସମ୍ବନ୍ଧର ସୀମାକୁ। ସେଇଦିନରୁ ମିଳାମିଶା। ଅଥଚ ସବୁକିଛି ଥିଲା ସୀମା ଭିତରେ। ବିବାହ ପୂର୍ବରୁ ସମ୍ପର୍କକୁ କଳୁଷିତ ନ କରିବା ପାଇଁ ଉଭୟେ ପ୍ରତିଜ୍ଞା କରିଥିଲେ। ସେମାନେ ଲୁଚିକି ଫୋନ୍‌ରେ କଥା ହେଉଥିଲେ। କଲେଜକୁ ଗଲାବେଳେ ଓ ଫେରିବାବେଳେ ସିପ୍ରାକୁ ଦୂରକୁ ଲୁଚିକି ଦେଖିବା ପାଇଁ ଭାରି ଭଲ ଲାଗେ ଅଭ୍ରାଂଶୁକୁ। ସିପ୍ରାର ଶକ୍ତ ଚେହେରା, ମନଲୋଭା ଚାଲି, ପିଠି ପଛପଟେ ଘୋଡ଼ା ଲାଞ୍ଜ ଭଳି ଗୋଛା ହୋଇଥିବା ଚୁଟି, ପୁଣି ଚାଲିଲାବେଳେ ସେ ସବୁର ନର୍ତ୍ତନଭଙ୍ଗୀ ଆଜି ବି ମନେଅଛି। ମନେଅଛି ସିପ୍ରାର ମନଲୋଭା ଚେହେରା ପ୍ରତି ଆକୃଷ୍ଟ ହୋଇ ତା' ବ୍ୟକ୍ତିତ୍ୱ ଓ ଦୃଢ଼ତାରେ ବିବଶ ହୋଇଥିବା ଲୋକମାନଙ୍କୁ। ବାହାଘର ପରବର୍ଷ ଅଭ୍ରାଂଶୁ ସରକାରଙ୍କ ଦ୍ୱାରା ସେଇ କଲେଜରେ ଅଧାପକ ନିଯୁକ୍ତ ହେଲା, ଯେଉଁ କଲେଜର ଛାତ୍ରୀ ଥିଲା ସିପ୍ରା। ଏକା ସାହିରେ ଘର, ଏକା କଲେଜ, ପିଲାଦିନରୁ ବିବାହ କରିବାର ପିତୃ-ସଂକଳ୍ପ ଜାଣିଥିବା ସତ୍ତ୍ୱେ ସେମାନେ ସୀମା ଲଂଘନ କରୁ ନ ଥିଲେ। ନିଜର ଭବିଷ୍ୟତ ସମ୍ପର୍କକୁ ସୁଦୃଢ଼ କରିବା ଲକ୍ଷ୍ୟରେ ବର୍ତ୍ତମାନକୁ ଅସଂଯତ କରିପାରୁ ନ ଥିଲେ। ବିବାହର ପ୍ରାୟ ଚାରିବର୍ଷ ପର୍ଯ୍ୟନ୍ତ ପିଲାପିଲି କିଛି ନ ଥିଲେ ବୋଲି ଉଭୟଙ୍କୁ ବାରଆଡୁ ବାରକଥା ଶୁଣିବାକୁ ହେଉଥିଲା। ହଠାତ୍ ଏକ ଅଜଣା ଜ୍ୱର ଆସିଲା। ଯେତେ ଚିକିତ୍ସା ସତ୍ତ୍ୱେ ଭଲ ହେଲା ନାହିଁ। କ୍ରମେ ବଢ଼ିବଢ଼ି ଆଜିର ଅବସ୍ଥାରେ ପହଞ୍ଚିଲାଣି। ସିପ୍ରା ଏବେ ଦୁଇବର୍ଷ ହେଲା ସେହି ବେସରକାରୀ କଲେଜରେ କିରାଣି ଚାକିରି ପାଇଛି। ସ୍କୁଟି ଚଲେଇ ଆସେନା ବୋଲି ତାଙ୍କର ଜଣେ ଶିକ୍ଷକ ବନ୍ଧୁ ନେବାଆଣିବା କରନ୍ତି। ଖୁବ୍ ଭଦ୍ରଲୋକ ସେ ଶିକ୍ଷକ ନିର୍ମଳ ସାର୍। ଅଭ୍ରାଂଶୁଙ୍କ ପ୍ରତି ସମ୍ମାନବୋଧ ଯଥେଷ୍ଟ। ସତେ ଯେମିତି ପୂର୍ବଜନ୍ମରେ ସେ ଅଭ୍ରାଂଶୁଙ୍କର ଭାଇ ଥିଲେ। ଆଜି ଦିନ ଦଶଟାରୁ ସିପ୍ରା ଯାଇଛି କଲେଜକୁ, ଫେରିବା ବେଳ ଡେରି ହେଲାଣି। ଅଭ୍ରାଂଶୁଙ୍କୁ କେବଳ ଭାବିବା ବ୍ୟତୀତ ଆଉ କିଛି ଭଲଲାଗୁନି। ନିଃଶ୍ୱାସ ନେବାରେ କଷ୍ଟ ହେଉଛି। ମନେହେଉଛି ଏଇକ୍ଷଣି ଶ୍ୱାସକ୍ରିୟା ବନ୍ଦ ହୋଇଯିବ। ସିପ୍ରା ଏ ପର୍ଯ୍ୟନ୍ତ ଫେରିନାହିଁ।

ଅଭ୍ରାଂଶୁକୁ ଲାଗୁଥିଲା ସତେ ଯେମିତି ନିର୍ମଳ ସାର୍ ଓ ସିପ୍ରା ଦୁଇ ଜଣଯାକ ତା' ଦୁଇ ନାକପୁଡ଼ାରେ ପଶିଯାଇଛନ୍ତି, ତେଣୁ ସେ ନିଃଶ୍ୱାସ ନେଇପାରୁନାହିଁ। ଏତିକିବେଳେ ଭେଣ୍ଟିଲେଟରରେ ରଖିବା ପାଇଁ ଡାକ୍ତରୀ ବ୍ୟବସ୍ଥା କରାଗଲା। ଶେଷ ସମୟ ଉପଗତ ପ୍ରାୟ। ହଠାତ୍ ବାହାରୁ ଝଡ଼ ଭଳି ପଶିଆସିଲା ସିପ୍ରା। ଏ ଅବସ୍ଥା ଦେଖି ଉଚ୍ଚ ସ୍ୱରରେ ଡାକିଲା- ହେ ଶୁଣୁଛ! ଭେଣ୍ଟିଲେଟରକୁ ଯାଉଥିବା ରୋଗୀ ଆଖି ଖୋଲିଲା। ସିପ୍ରା କହିଲା- କ୍ଷମା କରିବ, ଟିକେ ଡେରି ହୋଇଗଲା। ଡାକ୍ତର ତାଗିଦା କରୁଥିଲେ- ଜଲ୍‌ଦି ଆଇସିୟୁରେ ଭେଣ୍ଟିଲେଟର ଲଗାଇବାକୁ। ସିପ୍ରା ଦସ୍ତଖତ ଦେଲା। ଭାବୁଥିଲା କହିଦେବା ପାଇଁ ସବୁକଥା, ଯାହା ସେ ଗୁପ୍ତ ରଖିଛି ଅଭ୍ରାଂଶୁଙ୍କଠାରୁ। ଭେଣ୍ଟିଲେଟର ଲଗାଇବା ଆଉ ଦରକାର ନ ଥିଲା। ଅଭ୍ରାଂଶୁ କଥା କହିଲା। ସନ୍ଧ୍ୟା ହୋଇ ଆସିଲାଣି ବୋଲି କହିଲା। ସିପ୍ରା କିଛି କହିବ କି ମତେ? ସ୍ପଷ୍ଟ ଉଚ୍ଚାରଣ କରିପାରୁ ନ ଥିଲେ ବି ତାଙ୍କ କଥା ସିପ୍ରା ବୁଝିପାରୁଥିଲା। ସିପ୍ରା କହିଲା- ଅଭ୍ରାଂଶୁ, ମୁଁ ତୁମ ପାଇଁ ଓ ତୁମ ବଂଶରକ୍ଷା ପାଇଁ ପ୍ରତିଜ୍ଞା କରିଥିଲି। ମୋ' ଦୁନିଆରେ ଏକମାତ୍ର ଭଗବାନ ତୁମେ। ଆଜି ତୁମକୁ ଲୁଚାଇଲେ ନର୍କରେ ପଡ଼ିବି। ଅଭ୍ରାଂଶୁ ଆଖିରୁ ଦି' ଧାର ଲୁହ ବୋହି ଆସୁଥିଲା। ଚାହାଣି ସ୍ଥିର ଥିଲା। ସିପ୍ରା କହିଲା- ଶୁଣ, ମୁଁ ମାଆ ହେବାକୁ ଯାଉଛି। ମୁଁ ଜାଣେ ଏଥିରେ ତୁମେ ନିଶ୍ଚୟ ଆଘାତ ପାଇବ। ମାତ୍ର ମୁଁ ଯାହା କରିଛି ଖାଲି ତୁମ ପାଇଁ। ତା'ପରେ ସିପ୍ରା କହିଲା- ଶୁଣିଲ ତ! ଅସାଡ଼ ଶରୀରଟା ଯେମିତି ଛାତକୁ ଅଣେଇ ରହିଥିଲା। ଅଭ୍ରାଂଶୁକୁ ହରାଇବାର ଦୁଃଖ ଅପେକ୍ଷା ବେଶି ବାଧୁଥିଲା ଅଭ୍ରାଂଶୁ ପ୍ରତି କରିଥିବା ବିଶ୍ୱାସଘାତକତା। କେତେବେଳୁ ପାଖରେ ବାପା ଆସି ଠିଆ ହୋଇଥିଲେ ସିଏ ଜାଣିପାରି ନ ଥିଲା। ବାପାଙ୍କୁ ଦେଖି କୋହ ସମ୍ଭାଳି ପାରିଲାନି। ପିଲାଙ୍କ ଭଳି କାନ୍ଦି ଉଠିଲା। କାନ୍ଦିଲାବେଳେ କେବଳ କହୁଥିଲା- ବାପା, ଅଭ୍ରାଂଶୁ ମତେ କ୍ଷମା କଲେନାହିଁ। ବହୁ ଦିନର ଅବରୁଦ୍ଧ କୋହ କାନ୍ଦଣାର ଲହରିରେ ରୂପାନ୍ତରିତ ହୋଇ ଏକ କରୁଣ ରାଗିଣୀ ତୋଳୁଥିଲା ବାପାଙ୍କ କାନ୍ଧରେ। ଠିକ୍ ସେତିକିବେଳେ ସଫେଦ୍ ଚାଦରଟେ ଅଭ୍ରାଂଶୁଙ୍କ ଆପାଦମସ୍ତକ ଘୋଡ଼େଇ ଦିଆଗଲା।



ମୋ: ୯୪୩୭୨୭୯୧୪୨

# ରୋହିତଙ୍କ ଉପରେ ନଜର

## ଆଜିଠୁ ସିଡ୍‌ନୀରେ ତୃତୀୟ ଟେଷ୍ଟ

**ସିଡ୍‌ନୀ, ୬।୧ (ପି.ଟି.)**

ଅଜିଙ୍କ୍ୟ ରାହାନେଙ୍କ ନେତୃତ୍ୱାଧୀନ ଭ୍ରମଣକାରୀ ଭାରତୀୟ ଦଳ ଗୁରୁବାରଠାରୁ ସ୍ଥାନୀୟ ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡରେ ଆରମ୍ଭ ହେବାକୁ ଥିବା ତୃତୀୟ ଟେଷ୍ଟ ମ୍ୟାଚରେ ଅଷ୍ଟ୍ରେଲିଆକୁ ଭେଟିବ। ବିଭିନ୍ନ ଦୃଷ୍ଟିକୋଣରୁ ଏହି ସିରିଜ ଉଭୟ ଦଳ ପାଇଁ ବେଶ୍ ଗୁରୁତ୍ୱ ବହନ କରୁଛି। ଆଡିଲେଡ୍‌ରେ ଲଜ୍ଜାଜନକ ପ୍ରଦର୍ଶନ କରି ପରାସ୍ତ ହୋଇଥିବା ଭାରତ ପ୍ରତ୍ୟାବର୍ତ୍ତନ କରି ମେଲବୋର୍ନରେ ଦ୍ୱିତୀୟ ଟେଷ୍ଟରେ ଦମ୍‌ଦାର ଖେଳି ବିଜୟୀ ହୋଇଥିଲା। ୧-୧ ସମାନସ୍ତରରେ ପହଞ୍ଚିଥିବାରୁ ସିରିଜ ଏବେ ମଜାଦାର ହୋଇଛି ଓ ସାରା ବିଶ୍ୱର ନଜର ତୃତୀୟ ଟେଷ୍ଟ ଉପରେ ରହିଛି।

ବିଗ୍ ହିଟିଂ ରୋହିତ ଶର୍ମା ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବାରୁ ମ୍ୟାଚର ରୂପରେଖ ଭିନ୍ନ ହୋଇଛି। ଓପନର ମୟଙ୍କ ଅଗ୍ରୱାଲଙ୍କ ସ୍ଥାନରେ ସେ ଖେଳିବା ନିଶ୍ଚିତ ହୋଇଛି। ରୋହିତଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡରେ ଗତ କିଛିବର୍ଷ ହେବ ଭାରତୀୟ ବ୍ୟାଟ୍ସମ୍ୟାନମାନେ ଅସାଧାରଣ ପ୍ରଦର୍ଶନ କରି ଆସିଛନ୍ତି। କିନ୍ତୁ ଏଠାରେ ଭାରତର ଦଳଗତ ପ୍ରଦର୍ଶନ ଆଶାନୁରୂପ ହୋଇପାରି ନାହିଁ। ଭାରତ ଏଠାରେ ୬ଥର ପରାଜୟ ବରଣ କରିଛି। ତେବେ ୪୨ ବର୍ଷ ପୂର୍ବେ ଭାରତ ଏଠାରେ ଏକମାତ୍ର ଟେଷ୍ଟରେ ବିଜୟ ହାସଲ କରିଥିଲା। ଏହା ଏବେ ଇତିହାସ ହୋଇଛି। ଏହି ମ୍ୟାଚରେ ବିଜୟୀ ହୋଇ ଯଦି ଭାରତ ୨-୧ରେ ସିରିଜ ଅଗ୍ରଣୀ ହାସଲ କରେ ତା'ହେଲେ ବର୍ଡର-ଗାଭାସ୍କର ଟ୍ରଫି ବଜାୟ ରଖିବ ଓ ଏହା ଭାରତୀୟ କ୍ରିକେଟ ଇତିହାସରେ ଏକ ଉଲ୍ଲେଖନୀୟ ସଫଳତା ବିବେଚିତ ହେବ। ଭାରତୀୟ ଦଳରେ ଦୁଇଜଣ ବିଶ୍ୱସ୍ତରୀୟ ଖେଳାଳି ନାହାନ୍ତି। ଅନ୍ୟପଟେ ଅଷ୍ଟ୍ରେଲିଆ ଏକ ଫୁଲ୍ ଷ୍ଟ୍ରେଙ୍ଗ୍ଥ ଦଳ ସହ ପଡିଆକୁ ଓହ୍ଲାଇବ। ଫଳରେ ଏହି ମ୍ୟାଚର ସ୍ୱତନ୍ତ୍ରତା ଆହୁରି ବଢିଯାଇଛି।



ବୁଧବାର ସିଡ୍‌ନୀରେ ଅଭ୍ୟାସ ଅବସରରେ ରୋହିତ ଶର୍ମା।

ଅଷ୍ଟ୍ରେଲୀୟ ବ୍ୟାଟିଂ ସୁପରଷ୍ଟାର ଷ୍ଟିଭ୍ ସ୍ମିଥ୍ ଗତ ଦୁଇଟି ମ୍ୟାଚରେ ଆଶାନୁରୂପ ପ୍ରଦର୍ଶନ କରିପାରି ନାହାନ୍ତି। ଭାରତୀୟ ସ୍ପିନ୍ ଓ ପେସ୍ ବୋଲିଂକୁ ସେ ବୁଝିବାରେ ସଫଳ ହୋଇପାରି ନାହାନ୍ତି। ସ୍ମିଥ୍ ତାଙ୍କ କ୍ୟାରିୟରରେ କ୍ୱଚିତ୍ ଏଭଳି ବିଫଳତାର ସାମ୍ନା କରିଛନ୍ତି କହିଲେ ଭୁଲ୍ ହେବନାହିଁ। ଭାରତୀୟ ଯୁବ ଦ୍ରୁତ ବୋଲର ନବଦୀପ ସଇନି ଏଠାରେ ତାଙ୍କର ଟେଷ୍ଟ ପଦାର୍ପଣ କରିବେ। ଆହତ ଉମେଶ ଯାଦବଙ୍କ ବଦଳରେ ସେ ଦଳରେ ସାମିଲ ହୋଇଛନ୍ତି।

୭୦ ପତିଶତ ଫିଟ୍ ଥିବା ଡେଭିଡ୍ ୱାର୍ନରଙ୍କୁ ଦଳରେ ସାମିଲ କରାଯାଇଛି। ଫଳରେ ଅଷ୍ଟ୍ରେଲିଆ କେତେ ଚାପରେ ରହିଛି ତାହା ସହଜରେ ଅନୁମାନ କରାଯାଇପାରେ। ୱାର୍ନର ପେସାଦାର ଓ ଦକ୍ଷ ଖେଳାଳି ହୋଇଥିବାରୁ ନିଶ୍ଚିତ ଭାବେ ଏହି ମ୍ୟାଚରେ ପ୍ରଭାବୀ ପ୍ରଦର୍ଶନ କରିବେ। ତାଙ୍କର ଆତ୍ମବିଶ୍ୱାସ ଦଳ ପାଇଁ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ଅଧିନାୟକ ଟିମ୍ ପେନ୍ କହିଛନ୍ତି। ସେହିପରି ଇଞ୍ଜୁରି କାରଣରୁ ରୋହିତ ପ୍ରଥମେ ଦଳରେ ନ ଥିଲେ। ଏହାପରେ ସେ ଦୁଇ ସପ୍ତାହ ସିଡ୍‌ନୀର ଏକ ଆପାର୍ଟମେଣ୍ଟରେ କ୍ୱାରାଣ୍ଟାଇନ୍‌ରେ ରହିଥିଲେ। ଏହାପରେ ସେ ଯେତେବେଳେ ଦଳରେ ସାମିଲ ହେଲେ ସେତେବେଳେ ଏକ ଇନ୍‌ଡୋର ରେଷ୍ଟୁରାଣ୍ଟରେ ଖାଇବା ନେଇ ବିବାଦରେ ଫସିଥିଲେ। ନେଟ୍ସରେ ରୋହିତ ବେଶ୍ ପରିଶ୍ରମ କରିଛନ୍ତି। ରୋହିତଙ୍କ ଉପସ୍ଥିତ ଦଳର ଆତ୍ମବିଶ୍ୱାସକୁ ଆହୁରି ବୃଦ୍ଧି କରିବ। ତାଙ୍କୁ ଉପଅଧିନାୟକ ଦାୟିତ୍ୱ ମଧ୍ୟ ପ୍ରଦାନ କରାଯାଇଛି। ସିଡ୍‌ନୀ ଟ୍ରାକ୍‌ରେ ପୂର୍ବରୁ ସୁନୀଲ ଗାଭାସ୍କର, ରବି ଶାସ୍ତ୍ରୀ, ସଚିନ ତେନ୍ଦୁଲକର ଏପରିକି ପୂଜାରା ଓ ଋଷଭ ପନ୍ତ ଦମ୍‌ଦାର ପ୍ରଦର୍ଶନ କରି ଶତକ ହାସ କରିଛନ୍ତି। ତେଣୁ ଏହି ବ୍ୟକ୍ତିଗତ ପ୍ରଦର୍ଶନରୁ ଭାରତ ପ୍ରେରଣା ପାଇପାରିବ। ରୋହିତ ଓ ଶୁବମନ ଦଳକୁ ଭଲ ଆରମ୍ଭ ପ୍ରଦାନ କଲେ ପୂଜାରା ଚାପ ମୁକ୍ତ ହୋଇ ଫର୍ମକୁ ଫେରିପାରିବେ। ଗତ ମ୍ୟାଚରେ ଶତକ ହାସଲ କରି ଦଳକୁ ଜିତାଇଥିବା ରାହାନେ ମଧ୍ୟ ଏହି ଟ୍ରାକ୍‌ରେ ଭଲ ପ୍ରର୍ଶନ କରିବେ ବୋଲି ଆଶା କରାଯାଉଛି। ଅଷ୍ଟ୍ରଲିଆର ତାରକା ଦ୍ରୁତ ବୋଲର ମିଚେଲ ଷ୍ଟାର୍କ, ଜୋଶ ହାଜେଲଉଡ, ପ୍ୟାଟ୍ କୁମିନ୍ସ ଓ ନାଥନ ଲିୟନଙ୍କୁ ସେ ଆତ୍ମବିଶ୍ୱାସର ସହ ସାମ୍ନା କରିବେ। ଲୋକେଶ ରାହୁଲ ଆହତ ହୋଇଥିବାରୁ ହନୁମା ବିହାରୀଙ୍କୁ ଆଉ ଏକ ସୁଯୋଗ ମିଳିଛି। ସିଡ୍‌ନୀରେ ପାରମ୍ପରିକ ଭାବେ ସ୍ପିନରମାନେ ସହାୟତା ପାଇଥାନ୍ତି। ତେଣୁ ସିରିଜରେ ଏପର୍ଯ୍ୟନ୍ତ ଦମ୍‌ଦାର ପ୍ରଦର୍ଶନ କରିଥିବା ରବିଚନ୍ଦ୍ରନ ଅଶ୍ୱିନ ଓ ରବୀନ୍ଦ୍ର ଜାଡେଜା ଘରୋଇ ବ୍ୟାଟ୍ସମ୍ୟାନଙ୍କୁ ସମସ୍ୟାରେ ପକାଇବେ ବୋଲି ଆଶା କରାଯାଉଛି। ଅଶ୍ୱିନ ସ୍ମିଥ୍ ଓ ମାର୍ନସ ଲାବୁସ୍କାନଙ୍କୁ ସିରିଜରେ ଏକାଧିକବାର ଆଉଟ କରିଛନ୍ତି। ସ୍ମିଥ୍ ଫର୍ମକୁ ଫେରିବା ନେଇ ଅଷ୍ଟ୍ରେଲିଆ ମ୍ୟାନେଜମେଣ୍ଟ ବେଶ୍ ଆଶାବାଦୀ ଅଛି। ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ଭାରତୀୟ ବୋଲିଂର ନେତୃତ୍ୱ ନେବେ ଓ ପୂର୍ବପରି ତାଙ୍କ ପ୍ରଦର୍ଶନ ଦୋହରାଇବେ ବୋଲି ଆଶା କରାଯାଉଛି। ଏହି ହାଇପ୍ରୋଫାଇଲ ମ୍ୟାଚ୍‌ର ସିନିୟର ଦ୍ରୁତ ବୋଲି ଈଶାନ୍ତ ଶର୍ମା ଓ ମହମ୍ମଦ ସାମିଙ୍କ ଅନୁପସ୍ଥିତିରେ ଦୁଇ ଯୁବ ଦ୍ରୁତ ବୋଲର ମହମ୍ମଦ ସିରାଜ ଓ ନବଦୀପ ସଇନି କିଭଳି ବୋଲିଂ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା। ଅଷ୍ଟ୍ରେଲିଆ ତରଫରୁ ୱିଲ ପୁକୋଭସ୍କି ପଦାର୍ପଣ କରିବା ସମ୍ଭାବନା ରହିଛି।

**ଭାରତୀୟ ଦଳ:** ଅଜିଙ୍କ୍ୟ ରାହାନେ (ଅଧିନାୟକ), ରୋହିତ ଶର୍ମା, ଶୁବମନ ଗିଲ୍, ଚେତେଶ୍ୱର ପୂଜାରା, ହନୁମା ବିହାରୀ, ଋଷଭ ପନ୍ତ (ଉଇକେଟ କିପର), ରବୀନ୍ଦ୍ର ଜାଡେଜା, ରବିଚନ୍ଦ୍ରନ ଅଶ୍ୱିନ, ମହମ୍ମଦ ସିରାଜ, ଯଶପ୍ରୀତ ବୁମ୍‌ରା ଓ ନବଦୀପ ସଇନି।

**ଅଷ୍ଟ୍ରେଲିଆ ଦଳ:** ଟିମ୍ ପେନ୍ (ଅଧିନାୟକ ଓ ଉଇକେଟକିପର), ଡେଭିଡ୍ ୱାର୍ନର, ମାଥ୍ୟୁ ୱେଡ୍, ୱିଲ୍ ପୁକୋଭସ୍କି, ମାର୍ନସ ଲାବୁସେନ, ଷ୍ଟିଭ୍ ସ୍ମିଥ୍, ଟ୍ରାଭିସ୍ ହେଡ, କାମେରନ ଗ୍ରୀନ୍, ନାଥନ ଲିୟନ, ପ୍ୟାଟ୍ କୁମିନ୍ସ, ମିଚେଲ ଷ୍ଟାର୍କ, ଜୋଶ ହାଜେଲଉଡ, ମାର୍କସ ହାରିସ, ମିଚେଲ ସ୍ୱେପସନ ଓ ମିଚେଲ ନେସେର।

**ମ୍ୟାଚ୍ ଆରମ୍ଭ: ସକାଳ ୫ଟା**
**ଭେନ୍ୟୁ: ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡ**
**ପ୍ରସାରଣ: ସୋନୀ ସ୍ପୋର୍ଟ୍ସ ନେଟ୍‌ୱର୍କ**

# ପୁରୁଷ ଟେଷ୍ଟ ମ୍ୟାଚ୍‌ରେ ପ୍ରଥମ ମହିଳା ଅଫିସିଆଲ

**ସିଡ୍‌ନୀ, ୬।୧ (ପି.ଟି.)**

ଗୁରୁବାରଠାରୁ ଏଠାରେ ଆରମ୍ଭ ହେବାକୁ ଯାଉଥିବା ତୃତୀୟ ଟେଷ୍ଟ ମ୍ୟାଚରେ ଏକ ନୂଆ କଥା ଦେଖିବାକୁ ମିଳିବ। ପ୍ରଥମଥର ପାଇଁ ଏକ ପୁରୁଷ ମ୍ୟାଚରେ ଜଣେ ମହିଳା ମ୍ୟାଚ ଅଫିସିଆଲ ଦାୟିତ୍ୱରେ ରହିବେ। ସେ ହେଉଛନ୍ତି ଅଷ୍ଟ୍ରେଲିଆର କ୍ଲେୟାର ପୋଲୋସାକ। ସେ ସିଡ୍‌ନୀ ଟେଷ୍ଟରେ ଚତୁର୍ଥ ଅମ୍ପାୟରର ଦାୟିତ୍ୱ ନିର୍ବହା କରିବେ।

ନ୍ୟୁ ସାଉଥ୍‌ୱେଲ୍ସର ୩୨ ବର୍ଷୀୟା କ୍ଲେୟାର ପୂର୍ବରୁ ପ୍ରଥମ ମହିଳା ଅନ୍ ଫିଲ୍ଡ ଅମ୍ପାୟର ଭାବ ପୁରୁଷ ଦିନିକିଆ ମ୍ୟାଚ ଆଇସିସିର ଡିଭିଜନ ୨ ଲିଗ୍‌ରେ ଦାୟିତ୍ୱ ନିର୍ବାହ କରିଛନ୍ତି। ୨୦୧୯ରେ ୱିଣ୍ଡହୋକ୍‌ରେ ନାମ୍ବିଆ ଏବଂ ଓମାନ ମଧ୍ୟରେ ଅନୁଷ୍ଠିତ ମ୍ୟାଚକୁ ସେ ପରିଚାଳନା କରିଥିଲେ। ଭାରତ-ଅଷ୍ଟ୍ରେଲିଆ ତୃତୀୟ ଟେଷ୍ଟରେ ଅନ୍ ଫିଲ୍ଡ ଅମ୍ପାୟର ଭାବେ ଦୁଇ ପୂର୍ବତନ ଦ୍ରୁତ ବୋଲର ପଲ ୱିଲସନ ଓ ପଲ ରିଫିଲ ମ୍ୟାଚ ପରିଚାଳନା କରିବେ। ସେହିପରି ଟିଭି ଅମ୍ପାୟର ଭାବେ ବ୍ରୁସ୍ ଓକ୍ସେନଫୋର୍ଡ ଦାୟିତ୍ୱରେ ରହିବେ। ଅଷ୍ଟ୍ରେଲିଆର ପୂର୍ବତନ କ୍ରିକେଟର ଡେଭିଡ ବୁନ୍ ମ୍ୟାଚ ରେଫରି ଭାବେ ଦାୟିତ୍ୱ ସମ୍ପାଦନ କରିବେ।

ଆଇସିସି ନିୟମ ଅନୁସାରେ ଘରୋଇ କ୍ରିକେଟ ବୋର୍ଡ ଚତୁର୍ଥ ଅମ୍ପାୟର ନିଯୁକ୍ତ କରିଥାନ୍ତି। କ୍ଲେୟାର ନ୍ୟୁ ସାଉଥ୍ ୱେଲ୍ସର ଗୋଲବର୍ନ ସହରରେ ରହୁଛନ୍ତି। ସେ ମଧ୍ୟ ପ୍ରଥମ ମହିଳା ମ୍ୟାଚ ଅଫିସିଆଲ ଭାବେ ଅଷ୍ଟ୍ରେଲିଆରେ ଲିଷ୍ଟ ଏ ଗେମ୍‌ରେ ମ୍ୟାଚ ପରିଚାଳନା କରି ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଥିଲେ।



କ୍ଲେୟାର ପୋଲୋସାକ

**ଚତୁର୍ଥ ଅମ୍ପାୟରଙ୍କ ଦାୟିତ୍ୱ**

ଅନ୍‌ଫିଲ୍ଡ ଅମ୍ପାୟରଙ୍କଠାରୁ ଚତୁର୍ଥ ଅମ୍ପାୟରଙ୍କ ଦାୟିତ୍ୱ ସମ୍ପୂର୍ଣ୍ଣ ଅଲଗା। ଚତୁର୍ଥ ଅମ୍ପାୟର ପଡିଆକୁ ନୂଆ ବଲ, ଫିଲ୍ଡ ଅମ୍ପାୟରଙ୍କ ପାଇଁ ପାନୀୟ ଆଣିଥାନ୍ତି। ସେ ଲାଇଟ୍ ମିଟରର ବ୍ୟାଟେରି ଚେକ୍ କରିଥାନ୍ତି। ଲଞ୍ଚ୍ ଓ ଚା' ପାନ ବିରତି ଅବସରରେ ସେ ପିଚ୍ ନିରୀକ୍ଷଣ କରିବା ସହ ଖେଳ ଆରମ୍ଭ ହେବା ନେଇ ସବୁଜ ସଙ୍କେତ ଦେଇଥାନ୍ତି। ଏଥିସହିତ ନୂଆ ବେଲ୍ ମଧ୍ୟ ସେ ଆଣିଥାନ୍ତି। ଆବଶ୍ୟକ ପଡିଲେ ଚତୁର୍ଥ ଅମ୍ପାୟର ତୃତୀୟ ଅମ୍ପାୟରଙ୍କ ଦାୟିତ୍ୱ ନିର୍ବାହ କରିଥାନ୍ତି। ଅନ୍‌ଫିଲ୍ଡ ଅମ୍ପାୟର କିଛି ସମସ୍ୟାରେ ପଡିଲେ ତୃତୀୟ ଅମ୍ପାୟର ତାଙ୍କ ଦାୟିତ୍ୱ ନେଇଥାନ୍ତି। ଏପରି ସ୍ଥଳେ ଚତୁର୍ଥ ଅମ୍ପାୟର ତୃତୀୟ ଅମ୍ପାୟରଙ୍କ ଦାୟିତ୍ୱ ସମ୍ଭାଳିଥାନ୍ତି।

# ସେହଗଲଙ୍କ କ୍ରିକେଟ କ୍ୟାମ୍ପ ଆରମ୍ଭ




କ୍ୟାମ୍ପ ଆରମ୍ଭ ଅବସରରେ ଅତିଥି ଓ କର୍ମକର୍ତ୍ତାମାନେ।

**ଭୁବନେଶ୍ୱର, ୬।୧ (କ୍ରୀଡ଼ା ପ୍ରତିନିଧି)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଲେଭଲ-୨ କୋଚ୍ ତଥା ପୂର୍ବତନ ରଣଜୀ ଟ୍ରଫି ଖେଳାଳି ସୌରଭ ସେହଗଲଙ୍କ ଦ୍ୱାରା ବୁଧବାର ସହିଦ ସ୍ପୋର୍ଟିଂ କ୍ଲବ ପଡ଼ିଆରେ ହାଇବ୍ରିଡ୍ କ୍ରିକେଟ କ୍ୟାମ୍ପ ଆରମ୍ଭ ହୋଇଛି। ଏକମାସଧରି ଚାଲିବାକୁଥିବା ଏହି କ୍ୟାମ୍ପକୁ 'ଜୟ ଓଡ଼ିଶା' ସଭାପତି ରୁଦ୍ରନାରାୟଣ ସାମନ୍ତରାୟ ଓ ସହିଦ ସ୍ପୋର୍ଟିଂ କ୍ଲବ ସମ୍ପାଦକ ପଙ୍କଜ ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ସେହଗଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କ୍ୟାମ୍ପ ପରିଚାଳିତ ହେବ। ଏହା ବ୍ୟତୀତ ବିଭିନ୍ନ ସମୟରେ ବିସିସିଆଇ ଲେଭଲ-୧ ଟ୍ରେନିଂ କୋଚ୍ ଦୀପକ ମଙ୍ଗରାଜ, ରାଜେଶ ମହାନ୍ତି ଓ କାଦମ୍ବିନୀ ମହାକୁଡ଼ ଏଠାରେ ଟ୍ରେନିଂ ଦେବାର କାର୍ଯ୍ୟକ୍ରମ ରହିଥିବା ସେହଗଲ ପ୍ରକାଶ କରିଛନ୍ତି। କ୍ରୀଡ଼ା ବିଜ୍ଞାନ ବିଶେଷଜ୍ଞ ଡ. ମୁକ୍ତିପ୍ରସାଦ ଦାଶ ବିଶେଷଭାବେ କ୍ରୀଡ଼ା ବିଜ୍ଞାନ ସମ୍ପର୍କରେ ପିଲାମାନଙ୍କୁ ଅବଗତ କରାଇବେ। କ୍ୟାମ୍ପରେ ୧୪ରୁ ୧୮ ବର୍ଷର ଖେଳାଳିମାନେ ଅଂଶଗ୍ରହଣ କରିଛନ୍ତି। କ୍ୟାମ୍ପ ଆରମ୍ଭ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସହିଦ ସ୍ପୋର୍ଟିଂର ବରିଷ୍ଠ ସଦସ୍ୟ ପ୍ରଦୋଷ ପଟ୍ଟନାୟକ, କୋଷାଧ୍ୟକ୍ଷ ନିକୁଞ୍ଜ ମହାନ୍ତି, ବବିନ୍ ମହାନ୍ତି, ସି.ପି. ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ବିଜୟିନୀ ରଣା ମଞ୍ଚ ପରିଚାଳନା କରିଥିଲେ।

## ଇଷ୍ଟ ବେଙ୍ଗଲ-ଗୋଆ ମ୍ୟାଚ୍ ଡ୍ର

**ଭାସ୍କୋ, ୬।୧**

ଇଣ୍ଡିଆନ ସୁପରଲିଗ୍ (ଆଇଏସ୍‌ଏଲ୍)ରେ ବୁଧବାର ଇଷ୍ଟ ବେଙ୍ଗଲ ଓ ଗୋଆ ମଧ୍ୟରେ ଖେଳାଯାଇଥିବା ମ୍ୟାଚ ୧-୧ ଗୋଲରେ ଅମୀମାଂସିତ ରହିଛି। କଡ଼ା ସଂଘର୍ଷପୂର୍ଣ୍ଣ ଏହି ମୁକାବିଲାର ପ୍ରଥମାର୍ଦ୍ଧ ଗୋଲ ଶୂନ୍ୟ ଭାବେ ଶେଷ ହୋଇଥିଲା। ଦ୍ୱିତୀୟାର୍ଦ୍ଧରେ ଇଷ୍ଟ ବେଙ୍ଗଲ ତରଫରୁ ୭୯ତମ ମିନିଟ୍‌ରେ ନାଇଜେରିଆନ ଫରୱାର୍ଡ ବ୍ରାଇଟ୍ ଇନୋବାଖରେ ଏକ ସୁନ୍ଦର ଫିଲ୍ଡ ଗୋଲ ସ୍କୋର କରିଥିଲେ। ଏହାର ଠିକ୍ ୨ ମିନିଟ୍ ପରେ ଗୋଆ ଏହି ଗୋଲ ପରିଶୋଧ କରିଥିଲା। ଗୋଆ ତରଫରୁ ଦେବେନ୍ଦ୍ର ମୁରଗାଓଁକର ୮୧ତମ ମିନିଟ୍‌ରେ ଗୋଲ ଦେଇ ମ୍ୟାଚ ୧-୧ ସମାନ ସ୍ଥିତିକୁ ଆଣିଥିଲେ। ସାରା ମ୍ୟାଚରେ ଗୋଆ ପ୍ରଭାବ ବିସ୍ତାର କରି ଖେଳିଥିଲା। ଏକାଧିକ ଗୋଲ ସୁଯୋଗ ପାଇଥିଲେ ମଧ୍ୟ ଗୋଆ ଗୋଲ ସ୍କୋର କରିପାରି ନ ଥିଲା। ଇଷ୍ଟ ବେଙ୍ଗଲ ଗୋଲକିପର ଦେବଜିତ୍ ମଜୁମ୍‌ଦାର ଗୋଆର ସବୁ ଆକ୍ରମଣକୁ ପଣ୍ଡ କରିଥିଲେ।

# କେରଳ ବିପକ୍ଷରେ ବିଜୟ ଆଶା

**ଭୁବନେଶ୍ୱର, ୬।୧ (କ୍ରୀଡ଼ା ପ୍ରତିନିଧି)**

## ଆଇଏସ୍‌ଏଲରେ ଓଡ଼ିଶା ଏଫ୍‌ସିର ୯ମ ମ୍ୟାଚ ଆଜି

ଗୋଆରେ ଚାଲିଥିବା ଚଳିତ ଇଣ୍ଡିଆନ ସୁପରଲିଗ୍ (ଆଇଏସ୍‌ଏଲ୍)ରେ ଓଡ଼ିଶା ଏଫ୍‌ସି ଗୁରୁବାର ଏହାର ୯ମ ମ୍ୟାଚ ଖେଳିବ। ଭୁବନେଶ୍ୱରଭିତ୍ତିକ ଦଳର ପରବର୍ତ୍ତୀ ପ୍ରତିଦ୍ୱନ୍ଦ୍ୱୀ ହେଉଛି କେରଳ ବ୍ଲାଷ୍ଟର୍ସ। ଷ୍ଟୁଆର୍ଟ ବକ୍ସଟରଙ୍କ ପ୍ରଶିକ୍ଷଣପ୍ରାପ୍ତ ଦଳ ବର୍ତ୍ତମାନ ସୁଦ୍ଧା ୮ଟି ମ୍ୟାଚ ଖେଳିସାରିଥିଲେ ହେଁ ବିଜୟ ସ୍ୱାଦ ଚାଖିନାହିଁ। କିବୁ ଭିକୁନାଙ୍କ କେରଳ ମଧ୍ୟ ସେପରି ପ୍ରଭାବୀ ପ୍ରଦର୍ଶନ କରି ପାରିନାହିଁ। ତେଣୁ ଏହି ଦଳ ବିପକ୍ଷରେ ବିଜୟ ହାସଲ ଆଶାରେ ରହିଛି ଓଡ଼ିଶା। କେରଳ ବ୍ଲାଷ୍ଟର୍ସ ଏପର୍ଯ୍ୟନ୍ତ ୮ଟି ମ୍ୟାଚ ଖେଳି ୧ ବିଜୟ, ୩ ଡ୍ର ଓ ୪ ପରାଜୟ ସହ ୬ ପଏଣ୍ଟ ପାଇଛି। ୨ ପଏଣ୍ଟ ପାଇଥିବା ଓଡ଼ିଶା ଟେବୁଲର ସର୍ବନିମ୍ନ ସ୍ଥାନରେ ପଡ଼ି ରହିଥିବାବେଳେ କେରଳ ୯ମ ସ୍ଥାନ ଅଧିକାର କରିଛି। ଓଡ଼ିଶା ଏଫ୍‌ସି ଏପର୍ଯ୍ୟନ୍ତ ୬ଟି ଗୋଲ ଦେଇଥିବାବେଳେ ୧୪ଟି ବରଣ କରିଛି। ଗୋଲ ବ୍ୟବଧାନ ରହିଛି -୮। ସେହିପରି କେରଳ ଦଳ ୮ ଗୋଲ ଦେଇ ୧୩ଟି ବରଣ କରିଛି। ଏହାର ଗୋଲ ବ୍ୟବଧାନ -୫ ରହିଛି। ବାମ୍ବୋଲିମ୍‌ର ଜିଏମ୍‌ସି ଷ୍ଟାଡିୟମରେ ଓଡ଼ିଶା-କେରଳ ମ୍ୟାଚ ଅନୁଷ୍ଠିତ ହେବ।

''ଆମେ ଅନେକ ସୁଯୋଗ ସୃଷ୍ଟି କରିଛୁ, ମାତ୍ର ତାହାକୁ ଗୋଲରେ ପରିଣତ କରି ପାରିନାହୁଁ। ପ୍ରତ୍ୟେକ ଗେମ୍ ଭିନ୍ନ। ଆମେ ଓଡ଼ିଶା ଦଳକୁ ସମ୍ମାନ ଜଣାଉଛୁ। ଏହି ଦଳରେ ବହୁ ଭଲ ଖେଳାଳି ଅଛନ୍ତି। ଆମେ ସୁଯୋଗର ସଦ୍‌ବ୍ୟବହାର କରିବା ଲକ୍ଷ୍ୟରେ ଅଛୁ'' ବୋଲି ଭିକୁନା କହିଛନ୍ତି। ଅନ୍ୟପକ୍ଷରେ ବକ୍ସଟର କହିଛନ୍ତି ଯେ, ''ଅଧିକାଂଶ ଗେମ୍‌ରେ ଆମେ ଭଲ ଖେଳିଥିଲେ ହେଁ ତାହାକୁ ଫଳାଫଳରେ ରୂପାନ୍ତରିତ କରି ପାରିନାହୁଁ। ତେବେ ଖେଳାଳିମାନେ ଆତ୍ମବିଶ୍ୱାସ ହରାଇ ନାହାନ୍ତି। ଆମେ ଏହା ହିଁ ଚାହୁଁ। ପ୍ରଦର୍ଶନରେ ନିଶ୍ଚିତ ଉନ୍ନତି ଘଟୁଛି।

## ଓଡ଼ିଶା ମହିଳା କ୍ରିକେଟ ଚୟନ କମିଟି ଗଠିତ



ଗୀତା ସାମନ୍ତରାୟ

**ଭୁବନେଶ୍ୱର, ୬।୧ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ମହିଳା କ୍ରିକେଟ ଚୟନ କମିଟି ବୁଧବାର ଗଠିତ ହୋଇଛି। ଓସିଏର କ୍ରିକେଟ ପରାମର୍ଶଦାତା କମିଟି ଗୀତା ସାମନ୍ତରାୟଙ୍କୁ ଚୟନ କମିଟି ଅଧ୍ୟକ୍ଷ ମନୋନୀତ କରିଛି। କମିଟିର ଅନ୍ୟ ୪ ସଦସ୍ୟା ହେଲେ ଟିଙ୍କିଲତା ପ୍ରଧାନ, ସସ୍ମିତା ପଟ୍ଟନାୟକ, ମଧୁସ୍ମିତା ମହାପାତ୍ର ଓ ସୁଧାଂଶୁବାଳା ସାହୁ। ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା ଓ ଅନ୍ୟ ସଦସ୍ୟମାନେ ଚୟନ କମିଟିର ନୂଆ ସଦସ୍ୟାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ବ୍ଲୁ ରକ୍ କ୍ଲବ୍ ସେମିଫାଇନାଲରେ

**ଭାପୁର, ୬।୧ (ଡି.ଏନ୍.ଏ.)**

ନୟାଗଡ଼ ଜିଲା ଭାପୁର ବ୍ଲକ୍ ଫତେଗଡ ଗ୍ରାମର ଯୁବକ ସଂଘ ତରଫରୁ ନାଲିସାଗର ଖେଳ ପଡିଆଠାରେ ଚାଲିଥିବା ଏକାଦଶ ସଦାଶିବ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟରେ ବୁଧବାର ଟିଏଫ୍‌ସି କ୍ରିକେଟ କ୍ଲବକୁ ହରାଇ ବ୍ଲୁ ରକ୍ ଷ୍ଟାର ମଞ୍ଚେଶ୍ୱର (ଭୁବନେଶ୍ୱର) ଦଳ ସେମି ଫାଇନାଲକୁ ପ୍ରବେଶ କରିଛି। ଟସ୍ ଜିତି ମଞ୍ଚେଶ୍ୱର ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ସମସ୍ତ ଉଇକେଟ ହରାଇ ୨୧୯ ରନ କରିଥିଲା। ଜବାବରେ ଟିଏଫ୍‌ସି ଦଳ ୧୯.୧ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୩୬ ରନ କରିଥିଲା। ୮୩ ରନରେ ବିଜୟୀ ହୋଇଥିବା ମଞ୍ଚେଶ୍ୱର ଦଳର ଉତ୍ତମ ମହାନ୍ତି ୩୧ ବଲରେ ୮୩ ରନ ସଂଗ୍ରହ କରିଥିଲେ। ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ଘୋଷଣା କରାଯାଇଥିଲା। ଖେଳ ପରିଚାଳନା କରିଥିଲେ ଦୁର୍ଗା ପ୍ରସାଦ ପଟ୍ଟନାୟକ ଓ ଦ୍ୱିଜେନ୍ଦୁ ଘୋଷ। ଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷ ଶିଶିର କୁମାର ସାହୁ ଓ ମନୋରଞ୍ଜନ ବେହେରା ଯୋଗଦେଇ ବିଜୟୀ ଦଳକୁ ସମ୍ମାନୀତ କରିଥିଲେ।

# ନ୍ୟୁଜିଲାଣ୍ଡର କ୍ଲିନ୍ ସୁଇପ୍

**ଖ୍ରୀଷ୍ଟଚର୍ଚ୍ଚ, ୬।୧ (ଏପି)**

ଯୁବ ଦ୍ରୁତ ବୋଲର କାଇଲ ଜେମିସନଙ୍କ ଅସାଧାରଣ ପ୍ରଦର୍ଶନ ବଳରେ ନ୍ୟୁଜିଲାଣ୍ଡ ସ୍ଥାନୀୟ ହାଗଲି ଓଭାଲ ଗ୍ରାଉଣ୍ଡରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟ ମ୍ୟାଚରେ ଭ୍ରମଣକାରୀ ପାକିସ୍ତାନକୁ ବୁଧବାର ଏକ ଇନିଂସ ଓ ୧୭୬ ରନରେ ପରାସ୍ତ କରିଛି। ଫଳରେ ଦୁଇ ମ୍ୟାଚବିଶିଷ୍ଟ ଏହି ସିରିଜରେ ନ୍ୟୁଜିଲାଣ୍ଡ କ୍ଲିନ୍ ସୁଇପ୍ କରିଛି। ନ୍ୟୁଜିଲାଣ୍ଡ ଏଥିସହିତ ଚଳିତ ଗ୍ରୀଷ୍ମରେ କ୍ରମାଗତ ଦୁଇଟି ଟେଷ୍ଟ ସିରିଜରେ କ୍ଲିନ୍ ସୁଇପ୍ କରିଛି ଓ ୪ଟି ଟେଷ୍ଟରେ ବିଜୟୀ ହୋଇଛି। ପ୍ରଥମ ଇନିଂସରେ ୫ ଓ ଦ୍ୱିତୀୟ ଇନିଂସରେ ୬ ଉଇକେଟ ହାସଲ କରିଥିବା ଜେମିସନ ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ସେହିପରି ସିରିଜରେ ଦମ୍‌ଦାର ବ୍ୟାଟିଂ ପ୍ରଦର୍ଶନ କରିଥିବା ନ୍ୟୁଜିଲାଣ୍ଡ ଅଧିନାୟକ କେନ୍ ୱିଲିୟମସନ ପ୍ଲେୟାର ଅଫ୍ ଦି ସିରିଜ ବିବେଚିତ ହୋଇଛନ୍ତି। ଗତ ୬ଟି ଟେଷ୍ଟରେ ଏହା ଜେମିସନଙ୍କ ଚତୁର୍ଥ ୫ ଉଇକେଟ ସଫଳତା ସାବ୍ୟସ୍ତ ହୋଇଛି।

ଟସ୍ ହାରି ପାକିସ୍ତାନ ପ୍ରଥମ ଇନିଂସରେ ଲଚ୍ଚୁଆ ପ୍ରଦର୍ଶନ କରି ୮୩.୫ ଓଭରରେ ୨୯୭ ରନ ସଂଗ୍ରହ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ୱିଲିୟମସନଙ୍କ ୨୩୮ ରନର ଦ୍ୱିଶତକୀୟ ଇନିଂସ, ହେନେରୀ ନିକୋଲ୍ସଙ୍କ ୧୫୭ ଓ ଡାରିଲ ମିଚେଲଙ୍କ ଅପରାଜିତ ୧୦୨ ରନର ଶତକୀୟ ପାଳି ବଳରେ ୧୫୮.୫ ଓଭରରେ ୬ ଉଇକେଟ ହରାଇ ୬୫୯ ରନ ସଂଗ୍ରହ କରିଥିଲା। ଫଳରେ ପାକିସ୍ତାନ ବୃହତ୍ ୩୬୨ ରନରେ ପଛରେ ପଡିଥିଲା। ଏହାପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ପାକିସ୍ତାନ ମାମୁଲି ବ୍ୟାଟିଂ ପ୍ରଦର୍ଶନ କରି ୮୧.୪ ଓଭରରେ ୧୮୬ ରନ କରି ଅଲ୍‌ଆଉଟ ହୋଇଥିଲା ଓ ଇନିଂସ ପରାଜୟ ବରଣ କରିଥିଲା।




ଟେଷ୍ଟ ସିରିଜ୍ ବିଜୟୀ ନ୍ୟୁଜିଲାଣ୍ଡ ଦଳ।

ତୃତୀୟ ଦିନର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୮/୧ରୁ ପାକିସ୍ତାନ ଖେଳ ଆରମ୍ଭ କରିଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ଆବିଦ ଅଲି ୭ରୁ ଖେଳ ଆରମ୍ଭ କରି ୨୬ ଓ ମହମ୍ମଦ ଆବାସ ୧ରୁ ଖେଳ ଆରମ୍ଭ କରି ମାତ୍ର ୩ ରନ କରି ପ୍ୟାଭିଲିୟନ ଫେରିଥିଲେ। ଏହା ପରେ ଘରୋଇ ଦ୍ରୁତ ବୋଲରଙ୍କ ସମ୍ମୁଖୀନ ହୋଇ ନ ପାରି ନିୟମିତ ବ୍ୟବଧାନରେ ଉଇକେଟ ହରାଇ ପାକିସ୍ତାନ ଅଲ୍‌ଆଉଟ ହୋଇଥିଲା। ନ୍ୟୁଜିଲାଣ୍ଡ ତରଫରୁ ଜେମିସନ ସର୍ବାଧିକ ୬, ଟ୍ରେଣ୍ଟ ବୋଲ୍ଟ ୩, କେନ୍ ୱିଲିୟମସନ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ପ୍ରଥମ ଇନିଂସ: ୮୩.୫ ଓଭରରେ ୨୯୭। ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ: ୧୫୮.୫ ଓଭରରେ ୬୫୯/୬ରେ ଇନିଂସ ଘୋଷଣା। ପାକିସ୍ତାନ ଦ୍ୱିତୀୟ ଇନିଂସ: ୮୧.୪ ଓଭରରେ ୧୮୬ ଅଲ୍‌ଆଉଟ। (ଆବିଦ ଅଲି-୨୬, ଆଝାର ଅଲି- ୩୭, ଫହିମ- ୨୮, ଜାଫର ଗୋହର- ୩୭, ଜେମିସନ-୬/୪୮, ବୋଲ୍ଟ-୩/୪୩, ୱିଲିୟମସନ- ୧/ ୧୬)।

## ପ୍ରଥମଥର ନମ୍ବରୱାନ

**ଦୁବାଇ, ୬।୧ (ପି.ଟି.)**

ନ୍ୟୁଜିଲାଣ୍ଡ ପ୍ରଥମଥରପାଇଁ ଆଇସିସି ଟେଷ୍ଟ ର୍ୟାଙ୍କିଙ୍ଗରେ ନମ୍ବରୱାନ ସ୍ଥାନ ହାସଲ କରିଛି। ଖ୍ରୀଷ୍ଟଚର୍ଚ୍ଚରେ ବୁଧବାର ଶେଷ ହୋଇଥିବା ଦ୍ୱିତୀୟ ଟେଷ୍ଟରେ ପାକିସ୍ତାନକୁ ଏକ ଇନିଂସ ୧୭୬ ରନରେ ହରାଇବାପରେ ନ୍ୟୁଜିଲାଣ୍ଡ ଏହାର ଟେଷ୍ଟ କ୍ରିକେଟ ଇତିହାସରେ ପ୍ରଥମଥର ଏହି ସଫଳତା ପାଇଛି। ପାକିସ୍ତାନ ବିପକ୍ଷରେ ବୃହତ୍ ବିଜୟ ଯୋଗୁ ଏହା ସମ୍ଭବ ହୋଇଛି। ଗତ ୧୦ ବର୍ଷ ମଧ୍ୟରେ ୬ଷ୍ଠ ଏବଂ ଓଭରଅଲ୍ ବିଶ୍ୱର ୭ମ ଦଳଭାବେ ନ୍ୟୁଜିଲାଣ୍ଡ ନମ୍ବରୱାନ ସ୍ଥାନ ଦଖଲ କରିଛି। ଗତ କିଛିବର୍ଷ ଧରି ଏହି ଦଳ ନମ୍ବରୱାନର ନିକଟତର ହୋଇଥିଲେ ହେଁ ସଫଳ ହୋଇପାରି ନ ଥିଲା। ନ୍ୟୁଜିଲାଣ୍ଡ ପଏଣ୍ଟ ସଂଖ୍ୟା ଏବେ ୧୧୮ରେ ପହଞ୍ଚିଛି। ଯାହାକି ଦ୍ୱିତୀୟ ସ୍ଥାନକୁ ଖସିଥିବା ଅଷ୍ଟ୍ରେଲିଆଠାରୁ ୨ ଏବଂ ତୃତୀୟ ସ୍ଥାନୀୟ ଦଳ ଭାରତଠାରୁ ୪ ପଏଣ୍ଟ ଅଧିକ। ଇଂଲଣ୍ଡ ୧୦୬ ଓ ଦକ୍ଷିଣ ଆଫ୍ରିକା ୯୬ ପଏଣ୍ଟ ସହିତ ଟପ୍-୫ରେ ରହିଛନ୍ତି। ବ୍ୟାଟିଂ ତାଲିକାରେ ଭାରତୀୟ ଅଧିନାୟକ ବିରାଟ କୋହଲି ଓ ଅଷ୍ଟ୍ରେଲିଆର ଷ୍ଟିଭ୍ ସ୍ମିଥ୍‌ଙ୍କୁ ପଛରେ ପକାଇ କେନ୍ ୱିଲିୟମସନ ନିଜର ପ୍ରଥମସ୍ଥାନକୁ ଦୃଢ଼ କରିଛନ୍ତି। ଶେଷ ୬ ଇନିଂସ ମଧ୍ୟରେ ସେ ୨ଥର ଦ୍ୱିଶତକ ହାସଲ କରି ସାରିଛନ୍ତି। ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିୟନ୍‌ଶିପ୍ ଷ୍ଟାଣ୍ଡିଂରେ ମଧ୍ୟ ନ୍ୟୁଜିଲାଣ୍ଡ ଟପ୍-୨ ସ୍ଥାନର ନିକଟତର ହୋଇଛି।

## ପାରା ଦେଲା ପ୍ରେମ ପ୍ରସ୍ତାବ

ନିଜ ପ୍ରେମ ପରିପ୍ରକାଶ କରିବା ପାଇଁ ଅଷ୍ଟ୍ରେଲିଆର ଜଣେ ପ୍ରେମିକ ପାରାର ସହାୟତା ନେଇଛନ୍ତି। ସେ ତାଙ୍କ ପ୍ରେମିକାକୁ ପାରା ଦ୍ୱାରା ବିବାହ ପ୍ରସ୍ତାବ ଦେଉଥିବାର ଏକ ଭିଡିଓ ସୋସିଆଲ ମିଡିଆରେ ଦେଖିବାକୁ ମିଳିଛି। ଜେସେ ଏକ ଷ୍ଟାଡିୟମରେ ପ୍ରେମିକା ଏରିନଙ୍କ ନିକଟକୁ ପାରା ମାଧ୍ୟମରେ ଏକ ଚିଠି ଦେଇ ଚର୍ଚ୍ଚାକୁ ଆସିଛନ୍ତି।



# ସମୁଦ୍ରକୁ ଖସିଲା ରହସ୍ୟମୟ ବସ୍ତୁ

**ୱାଶିଂଟନ:** ମହାକାଶରେ ଜୀବନ ତଥା ଏଲିୟନଙ୍କ ସତ୍ତାକୁ ନେଇ ଗବେଷଣା ଜାରି ରହିଛି। ଅନେକ ସମୟରେ ଏଲିୟନମାନେ ପୃଥିବୀକୁ ଆସୁଥିବାର ଚର୍ଚ୍ଚା ହୁଏ। ଏହା କେତେ ସତ କେତେ ମିଥ୍ୟା ସ୍ପଷ୍ଟ ହୋଇ ନ ଥିଲେ ହେଁ ବାରମ୍ବାର ଅଜଣା ଉଡନ୍ତା ବସ୍ତୁ ବା ଅନ୍‌ଆଇଡେଣ୍ଟିଫାଏଡ୍ ଅବ୍‌ଜେକ୍ଟ (ୟୁଏଫଓ)କୁ ଦେଖିବାକୁ ମିଳୁଥିବା ଦାବି ହୋଇଆସୁଛି। ଏଭଳି ଏକ ଘଟଣା ହାୱାଇରେ ଦେଖିବାକୁ ମିଳିଛି। ଜାନୁଆରୀ ୫ରେ ସେଠାକାର ଲୋକେ ପୁଣି ଥରେ ୟୁଏଫଓ ଦେଖିଥିବା କହିଛନ୍ତି। ରାତି ପ୍ରାୟ ୮.୩୦ରେ ଲୋକମାନେ ଆକାଶରେ ଏକ ନୀଳ ରଙ୍ଗର ଉଡୁଥିବା ବସ୍ତୁ ଦେଖିଥିଲେ। କିଛି ସମୟ ପରେ ତାହା ସମୁଦ୍ରରେ ପଡ଼ିଯାଇଥିଲା। ଅନେକ ଲୋକ ଏହି ଘଟଣାକୁ ନିଜ କ୍ୟାମେରାରେ ରେକର୍ଡ କରିଥିଲେ। ଏହା ୟୁଏଫଓ ଥିବା ଲୋକେ କହିବା ସହ ଆଶ୍ଚର୍ଯ୍ୟ ହୋଇ ପୋଲିସକୁ ଏ ବିଷୟରେ ସୂଚନା ଦେଇଥିଲେ। ଆକାଶରେ ନୀଳ ଉଡୁଥିବା ବସ୍ତୁର ଦୃଶ୍ୟ ବିଷୟରେ ସ୍ଥାନୀୟ ଲୋକମାନେ ଫେଡେରାଲ ଆଭିଏସନ ଆଡମିନିଷ୍ଟ୍ରେସନ (ଏଫଏଏ)କୁ ରିପୋର୍ଟ କରିଥିଲେ। ଏହାର ଫଟୋ ଏବଂ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଭିଡିଓରେ, ଏକ ନୀଳ ରଙ୍ଗର ଉଡୁଥିବା ବସ୍ତୁ ଆକାଶର ଗୋଟିଏ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ଗତି କରୁଥିବା ଦେଖାଯାଉଛି। ହାୱାଇ ନ୍ୟୁଜ ରିପୋର୍ଟ ଅନୁଯାୟୀ ଏଫଏଏ ମୁଖପାତ୍ର ଆୟାନ ଗ୍ରେଗୋର କହିଛନ୍ତି, ସେ ପୋଲିସ ଷ୍ଟେଶନରୁ ଏହି ରିପୋର୍ଟ ଗ୍ରହଣ କରିଛନ୍ତି। ଏହା ଏକ ବିମାନ ହୋଇଥାଇପାରେ। ହେଲେ ଏଜେନ୍ସି ରାଡାରରୁ କୌଣସି ବିମାନ ନିଖୋଜ ହୋଇ ନ ଥିବା କହିଛି।


୨୧ତମ ଜନ୍ମବାର୍ଷିକ ଶୁଭେଚ୍ଛା



ସାହିଲ ଶେଖର ଜେନା (ସୁନ୍ନୁ)
ଶୈଳଶ୍ରୀ ବିହାର, ଭୁବନେଶ୍ୱର
ଆଜି ତୋର ୨୧ତମ ଜନ୍ମବାର୍ଷିକୀ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତୋର ଉଜ୍ଜ୍ୱଳ ଓ ନିରାମୟ ଜୀବନ କାମନା କରୁଛୁ।
ଶୁଭେଚ୍ଛା ସହ: ବାପା, ମାମା, ଅଜା, ଆଈ, ଦାଦା, ଖୁଡ଼ୀ, ମାମୁ, ମାଈଁ, ଭାଇ ଓ ଭଉଣୀମାନେ
ଧ-୭୦୪୦୪


# ଟିକା ପଛରେ ମହିଳା

**ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି କରୋନା ବିରୋଧୀ ଲଢ଼େଇ। ଟିକା ମଞ୍ଜୁରୀ ସହ ସଞ୍ଚାର ହୋଇଛି ନୂତନ ଆଶା। ଭାରତରେ 'କୋଭାକ୍ସିନ' ଏବଂ 'କୋଭିଶିଲ୍ଡ'କୁ ମଞ୍ଜୁରୀ ଦିଆଯାଇଛି। ସାମୂହିକ ଟିକାକରଣ ଲାଗି ବ୍ୟାପକ ପ୍ରସ୍ତୁତି ଆରମ୍ଭ ହେଲାଣି। ହେଲେ ଏକଥା ହୁଏତ ଅନେକେ ଜାଣି ନ ଥିବେ ପ୍ରତି ଭ୍ୟାକ୍ସିନକୁ ବିକଶିତ କରିବା ପଛରେ ରହିଛି ଜଣେ ମହିଳା ବୈଜ୍ଞାନିକଙ୍କ ହାତ। ବିଶ୍ୱକୁ କରୋନାମୁକ୍ତ କରିବା ସ୍ୱପ୍ନ ଦେଖିଥିବା ଏଭଳି କେତେଜଣ ମହିଳା ବିଶେଷଜ୍ଞଙ୍କୁ ନେଇ ଏହି ଉପସ୍ଥାପନା...**


କେ. ସୁମତି


ସାରା ଗିଲ୍‌ବଟ


ନୀତା ପଟେଲ


କ୍ୟାଟଲିନ୍ କେରିକୋ


କ୍ୟାଥରିନ ଜନ୍‌ସନ୍

**କେ. ସୁମତି:** ଭାରତ ବାୟୋଟେକ୍ ଦ୍ୱାରା ପ୍ରସ୍ତୁତ 'କୋଭାକ୍ସିନ୍' କୋଟି କୋଟି ଭାରତୀୟଙ୍କ ପାଇଁ ଆଣିଛି ଆଶାର ସୌଧ। ଏହି ଭ୍ୟାକ୍ସିନ ବିକଶିତ କରିବାରେ ଶତାଧିକ ବିଶେଷଜ୍ଞ ଦିନରାତି ଏକାଠି କାମ କରିଛନ୍ତି। ସେମାନଙ୍କ ମଧ୍ୟରେ ଗୋଟିଏ ପାଦ ଆଗରେ ଅଛନ୍ତି କମ୍ପାନୀର ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ ବିଭାଗର ପ୍ରମୁଖ ଡ. ସୁମତି। ଜିକା ଏବଂ ଚିକୁନ୍‌ଗୁନିଆ ପ୍ରତିଷେଧକ ପ୍ରସ୍ତୁତିରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। କୋଭିଡ୍ ଭ୍ୟାକ୍ସିନ ଟିକା ପ୍ରସ୍ତୁତ କରିବାରେ ସେ ଏହି ହାଇଦ୍ରାବାଦ ବେସ୍‌ଡ କମ୍ପାନୀର କୋର୍ କମିଟିରେ ରହିଛନ୍ତି।

**ସାରା ଗିଲ୍‌ବର୍ଟ:** ବ୍ରିଟେନର ଭ୍ୟାକ୍ସିନ ବିଶେଷଜ୍ଞ ହେଉଛନ୍ତି ସାରା ଗିଲ୍‌ବର୍ଟ। ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ଏବଂ ଅଷ୍ଟ୍ରାଜେନିକା ଦ୍ୱାରା ବିକଶିତ 'କୋଭିଶିଲ୍ଡ' ପ୍ରତିଷେଧକ ଉତ୍ପାଦନ ପଛରେ ସାରାଙ୍କ ଭୂମିକା ଅନସ୍ୱୀକାର୍ଯ୍ୟ। ଭାରତରେ ଯଦି 'କୋଭିଶିଲ୍ଡ'କୁ ମଞ୍ଜୁରୀ ମିଳିଛି, ଏହାର ପଛରେ ମଧ୍ୟ ତାଙ୍କ ଅବଦାନ ରହିଛି। ଭେକ୍ସିଟେକ୍‌ର ସହପ୍ରତିଷ୍ଠାତା ସାରା ହେଉଛନ୍ତି ୩ ଯମଜ ସନ୍ତାନଙ୍କ ମା'। ତାଙ୍କର ୩ ଶିଶୁ ଟିକା ଟ୍ରାଏଲରେ ଅଂଶଗ୍ରହଣ କରିଛନ୍ତି। ଏହି ଟିକାର ବିକାଶ ଲାଗି ସାରାଙ୍କ ଟିମ୍‌କୁ ୨୨ ଲକ୍ଷ ୟୁରୋ ମଞ୍ଜୁର କରାଯାଇଥିଲା।

**ନୀତା ପଟେଲ:** ଆମେରିକୀୟ ଭ୍ୟାକ୍ସିନ ଡେଭଲପ୍‌ମେଣ୍ଟ କମ୍ପାନୀ 'ନୋଭାଭେକ୍ସ'ର ଅଗ୍ରଣୀ ମଲିକ୍ୟୁଲର ବୈଜ୍ଞାନିକ ହେଉଛନ୍ତି ନୀତା ପଟେଲ। ଟିକା ବିକାଶରେ ସାମିଲ ହୋଇଥିବା ତାଙ୍କ ଟିମ୍‌ର ସବୁ ସଦସ୍ୟ ମହିଳା। ଏହି ଟିକା ଟ୍ରାଏଲର ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ନୀତା ଗୁଜରାଟର ଏକ ନିପଟ ମଫସଲ ଗାଁର ଝିଅ। ତାଙ୍କ ବାପା ଯକ୍ଷ୍ମାର ଶିକାର ହୋଇଥିଲେ। ଏହାପରେ ଜଣେ ପ୍ରତିଷ୍ଠିତ ଡାକ୍ତର ହେବାକୁ ସ୍ୱପ୍ନ ଦେଖିଥିଲେ ନୀତା।

**କ୍ୟାଟଲିନ୍ କେରିକୋ:** ଫାଇଜର ଏବଂ ବାୟୋଏନ୍‌ଟେକ୍ ଭ୍ୟାକ୍ସିନ ପ୍ରସ୍ତୁତି ପଛରେ ଯେଉଁ ହଙ୍ଗେରୀ ମହିଳା ବୈଜ୍ଞାନିକଙ୍କ ହାତ ରହିଛି, ସେ ହେଲେ କ୍ୟାଟଲିନ୍ କେରିକୋ। କ୍ଲିନିକାଲ ପରୀକ୍ଷାରେ ଏହି ଭ୍ୟାକ୍ସିନ ୯୫% ଫଳପ୍ରଦ ବୋଲି ଜଣାପଡ଼ିଛି। ଏକଦା ଏହି ଭ୍ୟାକ୍ସିନ ବ୍ୟବହାର ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ତେବେ କ୍ୟାଟଲିନ୍ ନିଜର ବୃତ୍ତିଗତ ଜୀବନକୁ ବାଜି ଲଗାଇ ଏହା ସପକ୍ଷରେ ଯୁକ୍ତି ବାଢ଼ିଥିଲେ।

**କ୍ୟାଥରିନ ଜନ୍‌ସନ୍:** ବାୟୋଏନ୍‌ଟେକ୍ ଏବଂ ଫାଇଜର ଟିକା ବିକାଶରେ କାର୍ଯ୍ୟରତ ବିଶେଷଜ୍ଞ ଟିମ୍ ମଧ୍ୟରେ ପ୍ରମୁଖ ହେଉଛନ୍ତି ଜର୍ମାନୀର କ୍ୟାଥରିନ ଜନ୍‌ସନ୍। କରୋନା ପ୍ରତିଷେଧକ ପ୍ରସ୍ତୁତି ପୂର୍ବରୁ ସେ ଅନ୍ୟ ଭ୍ୟାକ୍ସିନ ଉପରେ ଗବେଷଣା କରୁଥିଲେ। ଜୁମ୍ ମିଟିଂରେ ୬୫୦ ସଦସ୍ୟଙ୍କ ସହିତ ଯୋଡ଼ିହୋଇ ସେ ଦିନରାତି କୋଭିଡ୍-୧୯ ଭ୍ୟାକ୍ସିନ ବିକାଶରେ କାର୍ଯ୍ୟରତ। ତାଙ୍କର ଏହି ପରିଶ୍ରମ ଅନେକାଂଶରେ ସଫଳ ହୋଇଛି। କ୍ୟାଟଲିନ୍ କେରିକୋଙ୍କ ସହ ମିଳିତ ଭାବେ ସେ ଏମ୍‌ଆର୍‌ଏନ୍‌ଏ ଉପରେ କାମ କରୁଛନ୍ତି।

# ପ୍ରଥମ ଦେଖାରେ ପ୍ରେମରେ ପଡ଼ିଥିଲେ ରେହମାନ୍



**ମୁମ୍ବାଇ:** ସଙ୍ଗୀତକାର ଏ.ଆର୍. ରେହମାନ ବୁଧବାର ୫୪ ବର୍ଷରେ ପାଦ ଦେଇଛନ୍ତି। ୧୯୬୭ ଜାନୁୟାରୀ ୬ରେ ଚେନ୍ନାଇଠାରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ପ୍ରକୃତ ନାମ ଏ.ଏସ୍. ଦିଲୀପ କୁମାର ମୁଦଲିଆର ଥିଲା। ୧୯୮୬ ଜଣେ ସୁଫି ସନ୍ଥଙ୍କ ସହିତ ତାଙ୍କର ସାକ୍ଷାତ୍ ହୋଇଥିଲା। ଏହାପରେ ସେ ୧୯୮୯ରେ ୨୩ ବର୍ଷ ବୟସରେ ଇସଲାମ୍ ଧର୍ମରେ ଦୀକ୍ଷିତ ହୋଇଥିଲେ। ଜୀବନରେ ବାରମ୍ବାର ଅସଫଳ ହେଉଥିବାରୁ ୨୫ ବର୍ଷ ବୟସ ପର୍ଯ୍ୟନ୍ତ ଆତ୍ମହତ୍ୟା କରିବା ଭାବନା ତାଙ୍କ ମନକୁ ଆସୁଥିଲା। କିନ୍ତୁ ପରେ ସାୟାରା ବାନୋଙ୍କ ସହିତ ପ୍ରଥମ ଦେଖାରେ ତାଙ୍କୁ ପ୍ରେମ ହୋଇଯାଇଥିଲା। ସେ ସାୟାରା ବାନୋଙ୍କୁ ବିବାହ କରିଥିଲେ। ସଙ୍ଗୀତ ପ୍ରତି ଦୁର୍ବଳତା ଥିବା ରେହମାନ ଥରେ ସାୟାରଙ୍କୁ କହିଥିଲେ, ଗୀତ ପାଇଁ ତାଙ୍କୁ ଖାଇବା ଥାଳିରୁ ମଧ୍ୟ ଉଠିବାକୁ ପଡ଼ିବ, ଏଥିରେ ରାଜି ତ? ସାୟାରା ଏଥିରେ ନିଜର ସମ୍ମତି ପ୍ରକାଶ କରିଥିଲେ। ଏବେ ସେ ନିଜର ୩ ସନ୍ତାନ ଖଦିଜା, ରହିମ୍ ଏବଂ ଅମନ୍‌ଙ୍କ ସହିତ ବେଶ୍ ଆନନ୍ଦିତ ରହିଥିବା କୁହନ୍ତି। ରୋଜା ଫିଲ୍ମରେ ରେହମାନ୍‌ଙ୍କ ସଙ୍ଗୀତର ଯାଦୁ ଲୋକଙ୍କୁ ପାଗଳ କରିଥିଲା। ଏହାପରେ ସେ ଅନେକ ଫିଲ୍ମରେ ନିଜର ପ୍ରତିଭା ଦେଖାଇଛନ୍ତି।

# ଗରମ ପାଣି କଡ଼େଇରେ ଗାଧୁଆ

**ନୂଆଦିଲ୍ଲୀ:** ଭାରତରେ ଅନେକ ସ୍ଥାନରେ ବରଫପାତ ଏବଂ ବର୍ଷା ତାପମାତ୍ରାକୁ ଆହୁରି କମ୍ କରିଛି। ଏଭଳି ପରିସ୍ଥିତିରେ ଗାଧୋଇବା ନାଁ ପଡ଼ିଲେ ଦେହ ଶୀତେଇ ଯାଉଛି। ହେଲେ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଏକ ଭିଡିଓ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଥଣ୍ଡାରୁ ରକ୍ଷା ପାଇଁ ଶିଶୁଟି ନିଆଁ ଉପରେ ରଖାଯାଇଥିବା ପାଣି ଭର୍ତ୍ତି କଡ଼େଇରେ ଆରାମରେ ବସି ଗାଧୋଉଥିବା ଭିଡିଓ କ୍ଲିପ୍‌ରେ ଦେଖିବାକୁ ମିଳିଛି। ପାଣି ଯେପରି ଅଧିକ ଗରମ ନ ହେବ, ସେଥିପାଇଁ ଶିଶୁଟି ଦେହରେ ଲଗାତର ପାଣି ଢାଳି ଚାଲିଥିବା ଦେଖାଯାଇଛି। ଭିଡିଓଟିକୁ ଆଇଏଫ୍‌ଏସ୍ ଅଫିସର ପ୍ରବୀଣ ଅଙ୍ଗୁସାମୀ ଟୁଇଟରରେ ପୋଷ୍ଟ କରିଛନ୍ତି। କ୍ୟାପ୍‌ଶନରେ ସେ ଲେଖିଛନ୍ତି, 'ଉଇଥ୍ ଇଣ୍ଡିଆନ୍ ଜୁଗାଡ୍, ନୋ ଏକ୍ସଟ୍ରିମ୍ ଉଇଣ୍ଟର ମର୍ନିଂ ଇଜ୍ ଏକ୍ସଟ୍ରିମ୍'।

# ଏମୁ ସହ ଦୁବାଇ ପ୍ରିନ୍ସଙ୍କ ରେସ୍



**ଦୁବାଇ:** ସୋସିଆଲ ମିଡିଆରେ ଭାଇରାଲ ହୋଇଛି ଦୁବାଇ କ୍ରାଉନ ପ୍ରିନ୍ସଙ୍କ ଏକ ଭିଡିଓ। ଏଥିରେ ପ୍ରିନ୍ସ ଶେଖ ହମଦାନ ବିନ ରସିଦ ଅଲ ମାକତୋମ ଅଷ୍ଟ୍ରିଚ ପକ୍ଷୀ ସହ ରେସ୍‌ରେ ଦୌଡୁଥିବା ଦେଖିବାକୁ ମିଳିଛି। ଭିଡିଓରେ କ୍ରାଉନ ପ୍ରିନ୍ସ ୨ଟି ଅଷ୍ଟ୍ରିଜ ବା ଏମୁ ପକ୍ଷୀଙ୍କ ସହ ରେସ ଲଗାଇଥିବା ଦେଖାଯାଇଛି। ସାଇକେଲରେ ସେ ରେସ୍‌ର ମଜା ଉଠାଉଛନ୍ତି। ଏହି ଭିଡିଓକୁ କ୍ରାଉନ ପ୍ରିନ୍ସ ନିଜେ ତାଙ୍କ ଇନଷ୍ଟାଗ୍ରାମରେ ଶେୟାର କରିଛନ୍ତି। ଯାହାକୁ ଏ ପର୍ଯ୍ୟନ୍ତ ୪ ଲକ୍ଷରୁ ଅଧିକ ଦର୍ଶକ ଦେଖିସାରିଲେଣି। ସୂଚନାଯୋଗ୍ୟ, ପୂର୍ବରୁ ଥରେ କ୍ରାଉନ ପ୍ରିନ୍ସ ଗୋଟିଏ ପକ୍ଷୀର ସଂରକ୍ଷଣ ପାଇଁ ନିଜର ଦାମୀ କାର୍‌କୁ ତ୍ୟାଗ କରିଥିଲେ।


ମନେ ପଡ଼ନ୍ତି

ଏକଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ସରଳା ମିଶ୍ର
(ଅବସର ପ୍ରାପ୍ତ ଶିକ୍ଷୟିତ୍ରୀ)
ଆବିର୍ଭାବ : ୧୯.୦୯.୧୯୫୮
ତିରୋଧାନ : ୨୮.୧୨.୨୦୨୦
ଦେଉଳ ସାହି, ଢେଙ୍କାନାଳ
ତୁମର ଅମର ଆତ୍ମାର ସଦଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା
-:ଶୋକସନ୍ତପ୍ତ:-
ଶାଶୂ, ସ୍ୱାମୀ, ପୁତ୍ର, ପୁତ୍ରବଧୂ, ନାତୁଣି, ଜା, ଦିଅର, ଭଣଜା, ଭାଣିଜୀ, ପୁତୁରା, ଝିଆରି ଏବଂ ମିଶ୍ର ପରିବାର ବର୍ଗ
ଧ-୭୦୩୦୫


# ଗତି ବଢ଼ାଉଛି ପୃଥିବୀ



**ୱାଶିଂଟନ:** ପୃଥିବୀର ଘୂରିବା ଗତି ବୃଦ୍ଧି ପାଉଛି। ୫୦ ବର୍ଷ ତଳର ଘୂରିବା ବେଗ ଏବଂ ବର୍ତ୍ତମାନ ବେଗ ମଧ୍ୟରେ ପାର୍ଥକ୍ୟ ରହିଛି। ଏବେ ପୃଥିବୀ ନିଜ ଅକ୍ଷ ଚାରିପଟେ ଘୂରିବା ପାଇଁ ୨୪ ଘଣ୍ଟାରୁ କମ୍ ସମୟ ନେଉଛି। କିଭଳି ପୃଥିବୀର ଆବର୍ତ୍ତନ ସମୟକୁ ନିୟନ୍ତ୍ରଣ କରାଯିବ ସେ ନେଇ ବୈଜ୍ଞାନିକଙ୍କ ଚିନ୍ତା ବଢ଼ିବାରେ ଲାଗିଛି। କିଛି ବର୍ଷ ଧରି ଏଭଳି ପ୍ରକ୍ରିୟା ଜାରି ରହିଥିଲା। ଗତ ବର୍ଷ ଜୁନ୍‌ରେ ଏନେଇ ଜଣାପଡ଼ିଥିଲା। ଏହାଯୋଗୁ ପୃଥିବୀର ସମସ୍ତ ଦେଶର ସମୟରେ ପରିବର୍ତ୍ତନ ଘଟିଛି। ଦିନ ଏବଂ ରାତିର ସମୟରେ ପରିବର୍ତ୍ତନ ଆସିଥିବା ବୈଜ୍ଞାନିକ କହିଛନ୍ତି। ଏବେ ଆଟମିକ୍ କ୍ଲକ୍‌କୁ ପରିବର୍ତ୍ତନ କରାଯାଇ ନେଗେଟିଭ୍ ଲିପ୍ ସେକେଣ୍ଡରେ ଯୋଡ଼ିବାକୁ ପଡ଼ିବ। ୧୯୭୦ରୁ ଇତିମଧ୍ୟରେ ୨୭ ଲିପ୍ ସେକେଣ୍ଡ୍ ଯୋଡ଼ାଯାଇ ସାରିଛି। ପୃଥିବୀର ଘୂରିବା ସମୟ ୨୪ ଘଣ୍ଟାରୁ ୦.୫ ମିଲିସେକେଣ୍ଡ ହ୍ରାସ ପାଇଛି। ୨୪ ଘଣ୍ଟାରେ ୮୬,୪୦୦ ସେକେଣ୍ଡ ଥାଏ। ୨୦୨୦ ଜୁଲାଇ ୧୯ରେ ୨୪ ଘଣ୍ଟାରୁ ୧.୪୬୦୨ ମିଲି ସେକେଣ୍ଡ କମ୍ ଥିଲା ବୋଲି ବୈଜ୍ଞାନିକ କହିଛନ୍ତି।

# ପରିଣୀତିଙ୍କ ଦେଶୀ ଷ୍ଟାଇଲ



**ନୂଆଦିଲ୍ଲୀ:** ବଲିଉଡ୍ ଅଭିନେତ୍ରୀ ପରିଣୀତି ଚୋପ୍ରା କିଛି ଦିନ ହେଲା ନିଜ ପରିବାର ସହ ସମୟ ବିତାଉଛନ୍ତି। ଏହାସହ ସୋସିଆଲ ମିଡିଆରେ ମଧ୍ୟ ବେଶ୍ ସକ୍ରିୟ ଅଛନ୍ତି। ସେ ତାଙ୍କର ସବୁ ଫଟୋ ଏବଂ ଭିଡିଓ ପୋଷ୍ଟ କରି ଫ୍ୟାନ୍‌ମାନଙ୍କ ସହ ଯୋଡ଼ି ହୋଇ ରହିଛନ୍ତି। ନିକଟରେ ପରିଣୀତିଙ୍କ ଏକ ଭିଡିଓ ଇନ୍‌ଷ୍ଟାରେ ଖୁବ୍ ଭାଇରାଲ ହୋଇଛି। ଯେଉଁଥିରେ ସେ ତାଙ୍କ ପିତାଙ୍କ ଠାରୁ ଦେଶୀ ଢଙ୍ଗରେ ଆଖୁ ଖାଇବା ଶିଖୁଛନ୍ତି। କିନ୍ତୁ ବାରମ୍ବାର ସେ ଏଥିରେ ଫେଲ୍ ହୋଇଛନ୍ତି। ସେ ଆଖୁ ବିଲ୍‌କୁଲ୍ ଛଡ଼ାଇପାରୁ ନାହାନ୍ତି। ଏହି ଭିଡିଓକୁ ସେ ନିଜ ଅଫିସିଆଲ ଇନ୍‌ଷ୍ଟା ଆକାଉଣ୍ଟରେ ଶେୟାର କରିଛନ୍ତି। ଏବଂ ଏହା କ୍ୟାପସନ୍‌ରେ ଲେଖିଛନ୍ତି ଯେ, ବାପାଙ୍କ ଠାରୁ ଆଖୁ ଛଡ଼ାଇବା ଶିଖିକି ମଜା ଲାଗିଲା। କିନ୍ତୁ ମୁଁ ବହୁତ ଗାଳି ଶୁଣିଲି। ସେ ଆଉ ମଧ୍ୟ କହିଛନ୍ତି। ମୋ ବାପାଙ୍କୁ ନେଇ ମୁଁ ଗର୍ବିତ। କାରଣ ସେ ସବୁ କାମରେ ଏକ୍‌ଦମ୍ ପର୍ଫେକ୍ଟ। ବର୍ତ୍ତମାନ ସୁଦ୍ଧା ଏହି ଭିଡିଓକୁ ୫ଲକ୍ଷରୁ ଅଧିକ ଲୋକ ଦେଖିସାରିଲେଣି। ଏଥିରେ ପରିଣୀତି ଏକ୍‌ଦମ୍ କ୍ୟୁଟ୍ ଲାଗୁଛନ୍ତି। ଏହି ଭିଡିଓକୁ ଦେଖି ବରିଷ୍ଠ ଅଭିନେତା ଅନୁପମ୍ ଖେର କମେଣ୍ଟ କରିଛନ୍ତି ଯେ, ବାପଝିଅ ଦୁହେଁ କମାଲ୍। ୱାର୍କ ଫ୍ରଣ୍ଟ କଥା କହିଲେ, ଆଗକୁ ସନ୍ଦୀପ ରେଡ୍ଡିଙ୍କ 'ଆନିମଲ' ମୁଭିରେ ପରିଣୀତି ନଜର୍ ଆସିବେ। ଏଥିରେ ତାଙ୍କ ଅପୋଜିଟ୍‌ରେ ରଣବୀର କପୁରଙ୍କୁ ଦେଖିବାକୁ ମିଳିବ। ଏହାବ୍ୟତୀତ ସେ ସାଇନା ନେହୱାଲଙ୍କ ବାୟୋପିକ୍‌ରେ ମଧ୍ୟ ମୁଖ୍ୟ ଭୂମିକାରେ ନଜର୍ ଆସିବେ।

# ଜଳଖିଆରେ ୪ କୁକୁଡ଼ା

**ଇସ୍‌ଲାମାବାଦ:** ଦୁନିଆର ସବୁଠାରୁ ଶକ୍ତିଶାଳୀ ବ୍ୟକ୍ତି କିଏ, ଆପଣ ଜାଣନ୍ତି କି ? ହୁଏତ ଏହାର ଉତ୍ତର ହୁଏତ ବ୍ରାୟନ ଶୋ, ଏଡି ହଲ ଅଥବା ହାଫଥୋର ଜନ୍‌ସନ ହୋଇପାରେ। କିନ୍ତୁ ପାକିସ୍ତାନର ଜଣେ ବ୍ୟକ୍ତି ଅଛନ୍ତି ଯିଏ ନିଜକୁ ସବୁଠାରୁ ଶକ୍ତିଶାଳୀ ବ୍ୟକ୍ତି ବୋଲି ଦାବି କରନ୍ତି। ସେ ହେଲେ ଅରବାବ ଖିଜର ହୟାତ ଓରଫ ଖାନ ବାବା। ତାଙ୍କୁ ଲୋକେ ପାକିସ୍ତାନୀ ହଲ୍କ ମଧ୍ୟ କହିଥାନ୍ତି। ଏବେ ଖାନ ବାବାଙ୍କୁ ୨୭ ବର୍ଷ ହୋଇଥିବା ବେଳେ ତାଙ୍କର ଲମ୍ବ ୬ ଫୁଟ ୩ ଇଞ୍ଚ ଏବଂ ଓଜନ ୪୩୬ କିଲୋଗ୍ରାମ ବୋଲି କୁହାଯାଉଛି। ଖାନ ବାବା ନିଜ ବିଷୟରେ ଅନେକ ଦାବି କରନ୍ତି, ଯଦିଓ ତାଙ୍କ ଦାବିର ସତ୍ୟତା ପରୀକ୍ଷା କରାଯାଇନାହିଁ। ସେ ପ୍ରାୟତଃ ନିଜର ଅଜବଗଜବ କାର୍ଯ୍ୟ ପାଇଁ ଖବର ଶିରୋନାମା ପାଲଟିଥାନ୍ତି। ଏକ ସାକ୍ଷାତକାରରେ ଖାନ ବାବା କହିଛନ୍ତି ଯେ ଯେତେବେଳେ ତାଙ୍କୁ ୧୮ ବର୍ଷ ହୋଇଥିଲା, ତାଙ୍କ ଶରୀର ହଠାତ୍ ବଢ଼ିବାକୁ ଲାଗିଥିଲା। ସେବେଠାରୁ ତାଙ୍କ ଶରୀର କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଖାନା ବାବା ଦିନକୁ ପାଖାପାଖି ୧୦ ହଜାର କ୍ୟାଲୋରୀର ଖାଦ୍ୟ ଖାଇଥାନ୍ତି। ସେ ଜଳଖିଆରେ ୩୬ ଟି ଅଣ୍ଡା, ୪ କୁକୁଡ଼ା, ୩ କିଲୋଗ୍ରାମ ଲାଲ ମାଂସ ଏବଂ ୫ ଲିଟର କ୍ଷୀର ପିଅନ୍ତି। ମର୍ଦାନର ସ୍ଥାନୀୟ ବାସିନ୍ଦା ଖାନ ବାବାଙ୍କୁ ହିରୋ ଭାବରେ ଦେଖନ୍ତି। ଏବେ ସେ ବିଶ୍ୱ ଭାରୋତ୍ତୋଳନ ଚାମ୍ପିୟନଶିପ ପାଇଁ ପ୍ରସ୍ତୁତ ହେଉଛନ୍ତି। କିଛି ସମୟ ପୂର୍ବରୁ ସୋସିଆଲ ମିଡିଆରେ ତାଙ୍କର ଟ୍ରାକ୍ଟର ଟାଣୁଥିବାର ବେଳର ଏକ ଭିଡିଓ ଭାଇରାଲ ହୋଇଥିଲା। ଏହି ଭିଡିଓ ସାମ୍ନାକୁ ଆସିବା ପରେ ସେ ପାକିସ୍ତାନର ଜଣେ ସେଲିବ୍ରିଟି ପାଲଟିଯାଇଛନ୍ତି। ତାଙ୍କର ଲୋକପ୍ରିୟତା ଅଚାନକ ବଢ଼ିଯାଇଛି। ଖାନ ବାବା ଆମେରିକାରେ ଡବ୍ଲୁଡବ୍ଲୁ ଚାମ୍ପିୟନଶିପ୍ରେ ଅଂଶଗ୍ରହଣ କରିଛନ୍ତି। ସେଠାରେ ୪୦୦ କିଲୋଗ୍ରାମ ଓଜନ ଉଠାଇ ବିଶ୍ୱ ରେକର୍ଡ ହାସଲ କରିଛନ୍ତି।




CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ନିଜର ଜମିକୁ ରୋଜଗାରର ମାଧ୍ୟମରେ ପରିଣତ କରନ୍ତୁ
HTL TOWER CO.
କମ୍ପାନୀ ଦ୍ୱାରା ଖାଲି ଜମି, ଛାତ, କ୍ଷେତ ଓ ପ୍ଲଟ୍‌ରେ ସିଧାସଳଖ କମ୍ପାନୀ ସିନିୟର ଅଧିକାରୀଙ୍କ ସହ କଥା ହୋଇ
4G/5G ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଅଗ୍ରିମ: 65 ଲକ୍ଷ
ଭଡ଼ା: 40 ହଜାର
+ ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
ଦ୍ରଷ୍ଟବ୍ୟ: ଟାୱାର ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି
କମ୍ପାନୀ ତରଫରୁ ଫ୍ରି ମୋବାଇଲ + ବାଇକ୍
ସିଧାସଳଖ କମ୍ପାନୀ ସହ ଯୋଗାଯୋଗ କରନ୍ତୁ
79826-37439
96253-73491

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ। ୨% ସୁଧ ୬୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894677450

GALLERY TOWER COMPANY
ଦ୍ୱାରା ନିଜର ଖାଲି
ଜମି / ଛାତ / କ୍ଷେତ / ପ୍ଲଟ୍
ରେ 4G/5G ମଲ୍ଟିମିଡିଆ ଟାୱାର ଲଗାନ୍ତୁ
ଅଗ୍ରିମ 60000 +
ଭଡ଼ା 45000
9485687401
8901064681

ତାନ୍ତ୍ରିକ ଶକ୍ତିର ବାଦ୍‌ଶାହା
ବାବା ମୟୁର ସାହା
ସ୍ୱତନ୍ତ୍ର ବଶୀକରଣ, ବ୍ୟବସାୟ, ପ୍ରେମ ବିବାହ, ସ୍ୱାମୀ-ସ୍ତ୍ରୀ ସମସ୍ୟା, ଶତ୍ରୁ ସମସ୍ୟା, ସ୍ୱପ୍ନରେ ଡରିବା ଇତ୍ୟାଦି ପାଇଁ ସମସ୍ତ ସ୍ଥାନରୁ ନିରାଶରେ ଫେରିଥିଲେ ଥରେ ମାତ୍ର ସାକ୍ଷାତ କରନ୍ତୁ। ସମସ୍ତ ପ୍ରକାର ସମସ୍ୟାରୁ ମୁକ୍ତିପାଇଁ ୧୦୦% ଫଳ ମିଳିବ।
SAHEED NAGAR, RUPALI SQUARE, BHUBANESWAR
Ph.: 8144114249

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



## ଲିଫଲେଟ୍ ବାଣ୍ଟୁଥିଲେ ବରୁଣ

ନିର୍ଦ୍ଦେଶକ ଡେଭିଡ୍ ଧାୱନଙ୍କ ପୁତ୍ର ବରୁଣ ଧାୱନ। ପାଠ ପଢ଼ିବା ସମୟରେ ସେ ପକେଟ ମନି ପାଇଁ କ'ଣ କରୁଥିଲେ ଜାଣନ୍ତି ? ଏକ ଲିଫଲେଟ୍ କମ୍ପାନୀରେ ଡିଷ୍ଟ୍ରିବ୍ୟୁଟର ଭାବରେ କିଛି ଦିନ କାମ କରିଥିଲେ। ଏପରି କି ଏହା ପାଇଁ ସେ ଲିଫଲେଟ୍ ମଧ୍ୟ ବାଣ୍ଟୁ ଥିଲେ। ବଲିଉଡ୍‌ରେ ଏଣ୍ଟ୍ରି କରିବା ପୂର୍ବରୁ ସେ ବେଶ୍ ଦୃଢ଼ମନା ଥିଲେ। ନିଜ ଗୋଡରେ ନିଜେ ଠିଆ ହେବାକୁ ଚେଷ୍ଟା କରି ଶେଷରେ ସେ ଏଥିରେ ସଫଳ ହୋଇଛନ୍ତି। କରନ୍ ଜୋହରଙ୍କ 'ଷ୍ଟୁଡେଣ୍ଟ ଅଫ ଦ ଇୟର'ରୁ ନିଜର ବଡ ପରଦା କ୍ୟାରିୟର ଆରମ୍ଭ କରିଥିଲେ। ଗୋବିନ୍ଦାଙ୍କର ସେ ଜଣେ ବଡ ପ୍ରଶଂସକ। ଏପରି କି ତାଙ୍କ ଅଭିନୀତ ସମସ୍ତ ସିନେମାକୁ ସେ ଦେଖିସାରିଛନ୍ତି। ଏ ସମ୍ପର୍କରେ ବରୁଣ କହନ୍ତି, 'ଗୋବିନ୍ଦାଙ୍କ ଅଭିନୟ ମୋତେ ବେଶ୍ ପ୍ରଭାବିତ କରିଛି। ତାଙ୍କ ଅଭିନୀତ ସମସ୍ତ ସିନେମା ମୁଁ ଦେଖିସାରିଛି। ବଲିଉଡ୍‌ରେ ମୁଁ ଡେଭିଡ୍‌ଙ୍କ ପୁଅର ପରିଚୟ ନେଇ ନୁହେଁ, ଜଣେ ଭଲ ଅଭିନେତା ଭାବରେ ଦର୍ଶକଙ୍କ ନିକଟରେ ରହିବାକୁ ଚାହେଁ।' ସୂଚନାଯୋଗ୍ୟ ଡେଭିଡ୍ ଧାୱନଙ୍କ ନିର୍ଦ୍ଦେଶିତ ବରୁଣ-ସାରା ଅଲ୍ଲୀ ଖାଁ ଅଭିନୀତ ରିମେକ୍ ଫିଲ୍ମ 'କୁଲି ନଂ ୧' ନିକଟରେ ଓଟିଟି ଫର୍ମାଟରେ ରିଲିଜ ହୋଇ ଭଲ ବିଜନେସ କରିଛି।

## ରେଡିଓ ଜକିରୁ ନାୟକ

ବଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଅଭିନେତା ହେଲେ ସୁନୀଲ ଦତ୍ତ। ବଡ ପରଦାରେ କ୍ୟାରିୟର ଆରମ୍ଭ କରିବା ପୂର୍ବରୁ ସେ ସିଲୋନ୍ ରେଡିଓରେ ଜଣେ ରେଡିଓ ଜକି ଭାବରେ କିଛି ଦିନ କାମ କରିଥିଲେ। ଭିନ୍ନ ଭିନ୍ନ ଚରିତ୍ରରେ ତାଙ୍କର ଅଭିନୟ ଦର୍ଶକଙ୍କୁ କେତେ ପ୍ରଭାବିତ କରିଥିଲା ତାହା କହିବା ବାହୁଲ୍ୟ। ହେଲେ ତାଙ୍କର ଡକାଏତ୍ ଗେଟଅପ ତାଙ୍କୁ ବେଶ୍ ମାଇଲେଜ ଦେଇଥିଲା। ଏପରି ଭୂମିକାରେ ସେ ସାଉଁଟିଥିଲେ ଅନେକ ପ୍ରଶଂସା। 'ପ୍ରାଣ ଜାଏ ପର୍ ବଚନ ନା ଯାଏ', 'ମଦର ଇଣ୍ଡିଆ', 'ମୁଝେ ଜିନେ ଦୋ' ଆଦି ୨୦ଟି ସିନେମାରେ ସେ ଡକାଏତ ଭୂମିକାରେ ଅଭିନୟ କରିଥିଲେ। ହିନ୍ଦୀ ସିନେମା 'ରେଲୱେ ପ୍ଲାଟଫର୍ମ'ରୁ ଆରମ୍ଭ ହୋଇଥିଲା ତାଙ୍କର ବଲିଉଡ୍ କ୍ୟାରିୟର। ୭୫ ବର୍ଷ ବୟସରେ ପରଲୋକ ଗମନ କରିଥିବା ଏହି ଅଭିନେତାଙ୍କ ଅଭିନୀତ ପ୍ରମୁଖ ଚଳଚ୍ଚିତ୍ରଗୁଡିକ ମଧ୍ୟରେ ରହିଛି- 'ସାଧନା', 'ସୁଜାତା', 'ମୁଝେ ଜିନେ ଦୋ', 'ଖାନଦାନ୍', 'ପଡୋଶନ୍', 'ୱକ୍ତ', 'ଗୁମରାହୋ', 'ରେଶମା ଔର ସେରା', 'ଜାନି ଦୁଷ୍ମନ', 'ମୁକାବିଲା' ଏବଂ 'ଶାନ୍'।


ସୁନୀଲ ଦତ୍ତ


ଶ୍ରଦ୍ଧା କପୁର

## ଲେଖାଲେଖିରେ ଧ୍ୟାନ

ଶକ୍ତି ତନୟା ଶ୍ରଦ୍ଧା କପୁର ଏବେ ଗୋଟିଏ କଥାରେ ମନୋନିବେଶ କରିଛନ୍ତି। ତାହା ହେଲା ଲେଖାଲେଖି। ତେବେ ସେ କ'ଣ ଲେଖୁଛନ୍ତି ଜାଣନ୍ତି ? ଏକ ମନଲାଖି କାହାଣୀଟିଏ ରଚନା କରିବାକୁ ସେ ଏବେ ଲାଗିପଡିଛନ୍ତି। କଥା କ'ଣ କି ନିକଟରେ ତାଙ୍କର ଅକ୍ଷୟ କୁମାରଙ୍କ ସହ ସାକ୍ଷାତ ହୋଇଥିଲା। ଏହି ସମୟରେ ସେ ନିଜର ମନ କଥା ଅକ୍ଷୟଙ୍କୁ କହିଥିଲେ। ସେପଟେ ଏକଥା ଜାଣିବା ପରେ ତାଙ୍କୁ କାହାଣୀ ଲେଖିବା ପାଇଁ ଆହୁରି ଉତ୍ସାହିତ କରିଥିଲେ ଖିଲାଡି ମାଷ୍ଟର। ଏ ସମ୍ପର୍କରେ ଶ୍ରଦ୍ଧା କହନ୍ତି, 'ମୁଁ କାହାଣୀ ଲେଖିବାକୁ ଆଗ୍ରହୀ ବୋଲି ଅକ୍ଷୟ ଜାଣିବା ପରେ ମୋର ଏପରି ଉତ୍ସାହକୁ ସେ ପ୍ରଶଂସା ନ କରି ରହିପାରି ନ ଥିଲେ। ତା'ସହ କାହାଣୀ ଲେଖିବାକୁ ସେ ମୋତେ କିଛି ଟିପ୍ସ ମଧ୍ୟ ଦେଇଛନ୍ତି, ଯାହାକୁ ପାଥେୟ କରି ମୋ ଲକ୍ଷ୍ୟ ପଥରେ ମୁଁ ଆଗେଇ ଚାଲିଛି।' ତେବେ ଶ୍ରଦ୍ଧାଙ୍କ କାହାଣୀ କେବେ ସିନେମାର ରୂପ ନେଉଛି ତାହା ଦେଖିବାକୁ ବାକି ରହିଲା।

## ଆନ୍ନା ଆସୁଛନ୍ତି

କିଛି ବର୍ଷ ପୂର୍ବରୁ ଏକ୍ସସେଲ ମୁଭିଜ ବ୍ୟାନରରେ ନିର୍ମିତ ହୋଇଥିଲା 'ଆଇନ୍ କାନୁନ୍'। ଏଥିରେ ଆନ୍ନା ଭୂମିକାରେ ଅଭିନୟ କରିଥିବା ରଫି ବେଶ୍ ଚର୍ଚ୍ଚାକୁ ଆସିଥିଲେ। ସଂଯୋଗ ବଶତଃ ପୁଣି ଥରେ ଏହି ବ୍ୟାନରରେ ନିର୍ମାଣାଧୀନ ଓଡ଼ିଆ ସିନେମା 'କିଏ ହେବ ମୋ ହିରୋଇନ'ରେ ତାଙ୍କୁ ସେହି ଏକା ଭୂମିକାରେ ଦେଖିବାକୁ ମିଳିବ। ଫରକ୍ ଏତିକି ଯେ ସେଥର ସେ ଗୋରା ଆନ୍ନା ଭାବରେ ଦର୍ଶକଙ୍କ ସାମନାକୁ ଆସିଥିଲେ, ହେଲେ ଏବେ ତାଙ୍କର ଚରିତ୍ରଟି ହେଲା କଳା ଆନ୍ନା। ଏ ସମ୍ପର୍କରେ ରଫି କହନ୍ତି, 'କଳା ଆନ୍ନାକୁ ଗୋଟିଏ ଜିନିଷରୁ ମଜା ମିଳିଥାଏ। ତାହା ହେଲା ଆଣ୍ଟିସୋସିଆଲ କାମ। ତାହାର ଫଳ ଯାହା ହେଉନା କାହିଁକି ଏପରି କାମରେ ନିଜକୁ ନିୟୋଜିତ ରଖିବାକୁ ସେ ପଛଘୁଞ୍ଚା ଦେଇନି। ତେବେ ଏହି ଭୂମିକାରେ କ'ଣ ସ୍ପେଶାଲ ରହିଛି ତାହା ସିନେମା ଦେଖିଲେ ହିଁ ଜାଣିପାରିବେ।' ରବୀନ୍ଦ୍ର ପଣ୍ଡାଙ୍କ ପ୍ରଯୋଜିତ ଏବଂ ପ୍ରଶାନ୍ତ ଲେଙ୍କାଙ୍କ ନିର୍ଦ୍ଦେଶିତ 'କିଏ ହେବ ମୋ ହିରୋଇନ୍'ର କାହାଣୀ ରଚନା କରିଛନ୍ତି ବିଜୟଲକ୍ଷ୍ମୀ ପଣ୍ଡା, ଯାହାକୁ ଆଧାର କରି ସଂଳାପ ଲେଖିଛନ୍ତି ଓଲିଉଡ୍‌ର ଆଗଧାଡିର ଅନ୍ୟତମ ସଂଳାପକାର ଡ. ରଜନୀ ରଞ୍ଜନ। ଏହାର ମେଲ୍ ଲିଡ୍‌ରେ ଅସିତ ଅଭିନୟ କରୁଥିବା ବେଳେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ନବାଗତା ମହିମା। ଏମାନଙ୍କ ବ୍ୟତୀତ ଶ୍ରୀତମ୍ ଦାସ, କେ.କେ. ପୁନମଙ୍କୁ ମଧ୍ୟ ଏହି ଫିଲ୍ମରେ ଦେଖିବାକୁ ମିଳିବ। ତେବେ ଏଥର ଆନ୍ନା ବଡ ପରଦାରେ କି କମାଲ କରୁଛି ତାହା ଫିଲ୍ମଟି ରିଲିଜ ହେଲେ ହିଁ ଜଣାପଡିବ।

## ଯଦି ହଁ ଭରିଥାଆନ୍ତି...


ସୈଫ

ସୈଫ ଅଲ୍ଲୀ ଖାଁ ଏବେ ମଧ୍ୟ ଗୋଟିଏ କଥାକୁ ମନେ ପକାଇ ଅନୁତାପ କରୁଛନ୍ତି। ଯଦି ସେତେବେଳେ ସେ ଟିକେ ଥଣ୍ଡା ମିଜାଜରେ ଚିନ୍ତା କରି ଅଫରଟିକୁ ଗ୍ରହଣ କରିଥାଆନ୍ତେ ତେବେ ତାହା ତାଙ୍କ ପାଇଁ ବେଶ୍ ଶୁଭପ୍ରଦ ସାବ୍ୟସ୍ତ ହୋଇଥାଆନ୍ତା। ହଁ, କଥାଟି ହେଉଛି ବଲିଉଡ୍‌ର ବ୍ଲକବଷ୍ଟର ଫିଲ୍ମ 'ଦିଲ୍‌ୱାଲେ ଦୁଲହନିୟାଁ ଲେ ଜାୟେଙ୍ଗେ'ର କାଷ୍ଟିଂ ସମୟର। ୧୯୯୫ରେ ପରଦା ଉପରକୁ ଆସିଥିବା ଏହି ଫିଲ୍ମର ନାୟକ ରାଜ ମାଲହୋତ୍ରା ଭୂମିକାରେ କିଏ ଅଭିନୟ କରିବ- ଏ ନେଇ ପ୍ରଥମେ ସୈଫଙ୍କ ବିଷୟରେ ଚିନ୍ତା କରିଥିଲେ ପ୍ରଯୋଜକ ଯଶ ଚୋପ୍ରା। ପିତାଙ୍କର ଏପରି ପ୍ରପୋଜାଲକୁ ମଧ୍ୟ ସମର୍ଥନ କରିଥିଲେ ଏହାର ନିର୍ଦ୍ଦେଶକ ଆଦିତ୍ୟ ଚୋପ୍ରା। ହେଲେ ଅଫରଟିକୁ ରେଡ୍ ସିଗନାଲ ଦେଖାଇଥିଲେ ସୈଫ। ତା'ପରେ ହଲିଉଡର ଅନ୍ୟତମ ଲୋକପ୍ରିୟ ଅଭିନେତା ଟମ୍ କ୍ରୁଜ୍‌ଙ୍କୁ ଯୋଗାଯୋଗ କରାଗଲା, ହେଲେ ସେ ମଧ୍ୟ ଅଭିନୟ କରିବାକୁ ରାଜି ହୋଇ ନ ଥିଲେ। ଶେଷରେ ଶାହରୁଖ ଖାଁଙ୍କୁ ଅଫର ଦିଆଗଲା ଏବଂ ସେ ହଁ ଭରିଥିଲେ। ଶାହରୁଖ-କାଜୋଲ ଯୋଡିକୁ ନେଇ ପ୍ରସ୍ତୁତ ଏହି ସିନେମା ଦର୍ଶକଙ୍କୁ କେତେ ପ୍ରଭାବିତ କରିଥିଲା ତାହା କହିବା ବାହୁଲ୍ୟ। ଯଦି ସେତେବେଳେ ସୈଫ ରାଜି ହୋଇଥାଆନ୍ତେ, ତେବେ ଏହି ଫିଲ୍ମଟି ତାଙ୍କ କ୍ୟାରିୟରର ଅନ୍ୟତମ ସୁପରହିଟ୍ ସିନେମା ଭାବରେ ପରିଗଣିତ ହୋଇଥାଆନ୍ତା

## ଅଡୁଆ କରିଛି ଲିପ୍‌ଲକ୍


ଦିଶା

ଦିଶା ପଟାନି ଦୋଛକିରେ ପଡିଯାଇଛନ୍ତି। ଏପରି ଶଟ୍‌କୁ ନେଇ ହଁ ଭରିବେ ନା ମନା କରିବେ କିଛି ଫାଇନାଲ କରିପାରୁନାହାନ୍ତି। କଥା କ'ଣ କି ନିକଟରେ ସେ ଏକ ନୂଆ ସିନେମା ସାଇନ୍ କରିଛନ୍ତି। ଏଥିରେ ତାଙ୍କ ଅପୋଜିଟ୍‌ରେ ଜଣେ ନବାଗତଙ୍କୁ ସୁଯୋଗ ମିଳିବ। ହେଲେ ଏହି ନବାଗତ କିଏ ତାହା ଫାଇନାଲ ହେବାକୁ ଆଉ ସପ୍ତାହେ ଲାଗିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ହେଲେ ଏପଟେ ଆଉ ଏକ କଥାକୁ ନେଇ ଦିଶା ଟେନସନରେ। ଅସଲ କଥା ହେଲା, ଏଥିରେ ତାଙ୍କୁ ଗରମା ଗରମ ୨-୩ଟି ଲିପଲକ ଶଟ୍ ଦେବାକୁ ପଡିବ। ଏକଥା ଶୁଣିବା ପରେ ଦିଶା କ'ଣ କରିବେ ଜାଣିପାରୁନାହାନ୍ତି। ''ଏକଥା ମୁଁ ଜାଣେ ଯେ ଏପରି ଶଟ୍‌ର କାହାଣୀ ସହ ସମ୍ପର୍କ ରହିଛି। ହେଲେ ଏ ନେଇ ମୁଁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିପାରୁନାହିଁ। ଏଥିପାଇଁ ପ୍ରଯୋଜକ ମୋତେ ଦୁଇ ସପ୍ତାହ ସମୟ ଦେଇଛନ୍ତି'' ବୋଲି କହନ୍ତି ଦିଶା। ତେବେ ଏ ନେଇ ଦିଶା କି ନିଷ୍ପତ୍ତି ନେଉଛନ୍ତି ତାହା ଖୁବ୍ ଶୀଘ୍ର ଜଣାପଡ଼ିଯିବ।

## ସଂଖ୍ୟାରେ ସୀମିତ ନ ହେଉ

''ନୂତନ ପିଢ଼ିମାନେ ଅଣ ଓଡ଼ିଆ ନାମକରଣ ଶୁଣି ଏପରି ବିଚିତ୍ର ଓଡ଼ିଆ ଚଳଚ୍ଚିତ୍ରକୁ କେତେ ଦୂର ଗ୍ରହଣ କରିବେ ତାହା ବିଚାର କରିବାର ସମୟ ଆସିଛି। ଦିନେ ଅଧେ ଚଳଚ୍ଚିତ୍ର ପ୍ରଯୋଜନା କରୁଥିବା ପ୍ରଯୋଜକଙ୍କର କିଛି ଯାଏ ଆସେ ନାହିଁ। ଆମେ କେବଳ ବର୍ଷକୁ ବର୍ଷ ସଂଖ୍ୟା ଗଣି ଓଡ଼ିଆ ଚଳଚ୍ଚିତ୍ରର ହିସାବ କରୁଛୁ। କିନ୍ତୁ ପାସ୍ ହାର ଦେଖିଲେ ଫେଲ ସଂଖ୍ୟା ଅଧିକ।''...

ଓଡ଼ିଆ ସିନେମାର ଅବସ୍ଥା ବର୍ତ୍ତମାନ କିପରି ଅଛି ତାହା କହିବା ବାହୁଲ୍ୟ। ଆମର ଅନ୍ୟତମ ପ୍ରମୁଖ ମନୋରଞ୍ଜନର ମାଧ୍ୟମ ଭାବରେ ପରିଚିତ ଏହି ଜଗତର ଅବସ୍ଥା ଏବେ ସଙ୍କଟାପନ୍ନ। ଓଡ଼ିଆ ଚଳଚ୍ଚିତ୍ରର ଟାଇଟଲ କେବଳ ଇଂଲିଶ ନୁହେଁ, ହିନ୍ଦୀ ଭାଷାରେ କରାଯିବାର କେତେ ଯଥାର୍ଥତା ରହିଛି ତାହା ବିଚାରଯୋଗ୍ୟ। ନୂତନ ପିଢ଼ିମାନେ ଅଣ ଓଡ଼ିଆ ନାମକରଣ ଶୁଣି ଏପରି ବିଚିତ୍ର ଓଡ଼ିଆ ଚଳଚ୍ଚିତ୍ରକୁ କେତେ ଦୂର ଗ୍ରହଣ କରିବେ ତାହା ବିଚାର କରିବାର ସମୟ ଆସିଛି। ଦିନେ ଅଧେ ଚଳଚ୍ଚିତ୍ର ପ୍ରଯୋଜନା କରୁଥିବା ପ୍ରଯୋଜକଙ୍କର କିଛି ଯାଏ ଆସେ ନାହିଁ। ଆମେ କେବଳ ବର୍ଷକୁ



ବର୍ଷ ସଂଖ୍ୟା ଗଣି ଓଡ଼ିଆ ଚଳଚ୍ଚିତ୍ରର ହିସାବ କରୁଛୁ। କିନ୍ତୁ ପାସ୍ ହାତ ଦେଖିଲେ ଫେଲ ସଂଖ୍ୟା ଅଧିକ।

ଓଡ଼ିଆ ଚଳଚ୍ଚିତ୍ରର ଅଣଓଡ଼ିଆ ନାମକରଣ ସଂକ୍ରାମକ ରୋଗ ପରି ମାଡ଼ି ଚାଲିଛି। ତୁରନ୍ତ ଏହା ଉପରେ ଅଙ୍କୁଶ ଲଗାଯିବା ଉଚିତ। ହୋମ ବ୍ୟାନରରେ ଓଡ଼ିଆ ସିନେମାଟିଏ ନିର୍ମାଣ କରି ନିଜ ପୁଅ ହେଉ କି ସମ୍ପର୍କୀୟଙ୍କୁ ଲିଡ୍ ରୋଲ୍‌ରେ ନେବା ମଧ୍ୟ ଏକ ଧାରାରେ ପରିଣତ ହେଲାଣି। ହେଲେ ଯେଉଁ ସିନେମାଟିଏ ନିର୍ମିତ ହେଉଛି ତାହା ଦେଖିବାଯୋଗ୍ୟ ନୁହେଁ। କେବଳ ଫୂର୍ତ୍ତି କରିବା ପାଇଁ କେତେକ ଓଡ଼ିଆ ସିନେମା ନିର୍ମାଣ କରୁଛନ୍ତି, ଯାହା ଧୀରେ ଧୀରେ ଅସହ୍ୟ ବୋଧ ହେଲାଣି। ଓଡ଼ିଆ ଚଳଚ୍ଚିତ୍ର ଭାଷାକୁ ବିକୃତ କରିବା ଦିଗରେ ଏବେଠାରୁ ସଚେତନ ହେବା ଜରୁରୀ। ନ ହେଲେ ଅଣଓଡିଆ ନାମକରଣ ସିଧା କପି ଚଳଚ୍ଚିତ୍ରକୁ ଦେଖି ଆତ୍ମତୃପ୍ତି ଲାଭ କରିବାକୁ ହେବ। କପି ଚଳଚ୍ଚିତ୍ର ହେଉ କିଛି ମନା ନାହିଁ, କିନ୍ତୁ ତାହା ଆମ ସାମାଜିକ ମୂଲ୍ୟବୋଧ ଉପରେ ପର୍ଯ୍ୟବସିତ ହେବା ଉଚିତ। ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଚଳଚ୍ଚିତ୍ର ହେଉଛି ମାତ୍ର ପ୍ରେକ୍ଷାଳୟରେ ତାହା କେତେ ଦିନ ପ୍ରଦର୍ଶିତ ହେଉଛି ତାହା ଆଉ ଅଛପା ହୋଇ ରହିନାହିଁ। ସିନେମାର ନିର୍ମାଣଶୈଳୀରେ ତ୍ରୁଟିକୁ ଲୁଚାଇବାକୁ ଯାଇ ଅଯଥା ବାହୁସ୍ଫୋଟ ମାରିବା ଆଦୌ ସମୀଚୀନ ନୁହେଁ। ଦିନ ଥିଲା ଭଲ ମୌଳିକ କାହାଣୀ, ଯେଉଁଥିରେ ଆମ ଓଡ଼ିଆ ମାଟିର ବାସ୍ନା ଭରି ରହିଥିଲା ସେପରି ସିନେମା ପ୍ରସ୍ତୁତ ହେଉଥିଲା, ଯାହାକୁ ଜଣେ ଦର୍ଶକ ବାରମ୍ବାର ଦେଖିବାକୁ ଆଗ୍ରହ ପ୍ରକାଶ କରୁଥିଲେ। ହେଲେ ଏବେ ଅଧିକାଂଶ ଦର୍ଶକ ଓଡ଼ିଆ ସିନେମା ଦେଖିବା କଥା ପଡ଼ିଲା ବେଳକୁ ନାକ ଟେକୁଛନ୍ତି। ପରିପକ୍ୱତା ଥିବା ଚଳଚ୍ଚିତ୍ରକୁ ଶିଳ୍ପର ମାନ୍ୟତା ମିଳିଛି ହେଲେ ଶିଳ୍ପ ସମ୍ବନ୍ଧୀୟ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍। ଶିଳ୍ପ ପାଇଁ କିଛି ଭିତ୍ତିଭୂମି ନାହିଁ କି ପ୍ରଯୋଜକମାନଙ୍କ ପାଇଁ ସ୍ୱତନ୍ତ୍ର ଧ୍ୟାନ ନାହିଁ। ଆମେ କେବଳ ବର୍ଷକୁ ବର୍ଷ ଓଡ଼ିଆ ଚଳଚ୍ଚିତ୍ରର ସଂଖ୍ୟା ବଢ଼ାଇ ଚାଲିଛୁ। ଭିଟାମିନ୍ ଅଭାବଗ୍ରସ୍ତ ଚଳଚ୍ଚିତ୍ର ଆଉ ବାର୍ଦ୍ଧକ୍ୟବସ୍ଥାରେ କେତେଦିନ ବଞ୍ଚିବ ତାହା ସମୟ ହିଁ କହିବ।

**-ଦିଲୀପ ହାଲି**

ଭୁବନେଶ୍ୱର, ମୋ : ୯୮୬୧୦୦୯୨୫୨

## ବଡ଼ ପରଦାକୁ ଆଖି


ମହେଶ

ପ୍ରଥମେ ଧାରାବାହିକ। ତା'ପରେ ଅପେରା ଜଗତ। ଆଉ ଏବେ ବଡ ପରଦା ପାଇଁ ସଜବାଜ ହେଉଛନ୍ତି ନିର୍ଦ୍ଦେଶକ ମହେଶ ହାଜରା। ହେଲେ ଏ କ୍ଷେତ୍ରରେ ଆଦୌ ତରତର ହୋଇ ପାଦ ରଖିବାକୁ ଚାହାନ୍ତି ନାହିଁ ସେ। କାରଣ ତାଙ୍କ ମତରେ 'ଧୀର ପାଣି ପଥର କାଟେ'କୁ ଅନୁସରଣ କରି ଆଗେଇଲେ ଅନେକ ଫାଇଦା ମିଳିଥାଏ। ବାସ୍ ସେଥିରେ ଭଲ ଭାବରେ ନିଜର ବୁଦ୍ଧି ଉପଯୋଗ କରିବାର ଅଛି। ଏ ସମ୍ପର୍କରେ ମହେଶ କହନ୍ତି, 'ସିନେମାଟିଏ ନିର୍ମାଣ କରିବା ପୂର୍ବରୁ କାହାଣୀ ପ୍ରତି ଯଥେଷ୍ଟ ଧ୍ୟାନ ଦିଆଯିବା ଉଚିତ୍। କାରଣ ଏହାକୁ ଆଧାର କରି ସିନେମାଟି ଗତିଶୀଳ ହୋଇଥାଏ। ଏହା ସହ କଳାକାର ଚୟନ, ସଙ୍ଗୀତ, ସଂଳାପ, ଉପସ୍ଥାପନା ପ୍ରତି ଯଥେଷ୍ଟ ଧ୍ୟାନ ଦେଲେ ତାହା ସିନେମାଟିକୁ ଆହୁରି ସୁନ୍ଦର ଭାବରେ ଗଢ଼ି ତୋଳିଥାଏ।' କେବଳ ବଡ ପରଦା ନୁହେଁ ପ୍ରାମାଣିକ ଚଳଚ୍ଚିତ୍ର ଦ୍ୱାରା ସମାଜକୁ ଅନେକ ବାର୍ତ୍ତା ଦେଇହେବ ବୋଲି କହନ୍ତି ସେ। ଧାରାବହିକ 'ଦୁର୍ଗା' ବ୍ୟତୀତ ଓଡ଼ିଆ ଯାତ୍ରା ଜଗତରେ ତାଙ୍କ ନିର୍ଦ୍ଦେଶିତ ଅପେରା ନାଟକ 'ମୃତ୍ୟୁଦଣ୍ଡ', 'ଗଙ୍ଗାଠୁ ପବିତ୍ର ଗଙ୍ଗଶିଉଳି' ଏବଂ 'ସୀତାର ଜଳୁଛି ଚିତା' ସାଉଁଟିଛି ବେଶ୍ ପ୍ରଶଂସା।

**ନୂଆ ସିନେମା**

## ଭସ୍ମାସୁର

ବେଳେବେଳେ ମନ ଯାହା ଖୋଜୁଥାଏ ତାହା ହାତପାଆନ୍ତାରେ ମିଳିଯାଇଥାଏ। ଦେଖୁନାହାନ୍ତି, ନିଜର ମନଲାଖି ଭୂମିକାଟିଏ ପାଇବା ପରେ ନବାଗତ ବିଶ୍ୱରୂପ କେମିତି ଖୁସିରେ ଉଛୁଳୁଛନ୍ତି। କଥା କ'ଣ କି ନର୍ମିତ ହେବାକୁ ଯାଉଥିବା ନୂଆ ଓଡ଼ିଆ ସିନେମା 'ଭସ୍ମାସୁର'ର ଟାଇଟଲ ଭୂମିକାରେ ସେ ଅଭିନୟ କରିବେ। ଏ.ବି. କ୍ରିଏସନରେ ଏହାର ପ୍ରାରମ୍ଭିକ କାମ ଚାଲୁ ରହିଛି। ଉକ୍ତ ଚଳଚ୍ଚିତ୍ର ସମ୍ପର୍କରେ ସୂଚନା ଦେଇ ବିଶ୍ୱରୂପ କହନ୍ତି, ' ମୋର ପ୍ରଥମ ସିନେମା 'ବିଶ୍ୱରୂପ-ବର୍ଣ୍ଣ ଟୁ ଫାଇଟ୍'ରେ ମୋତେ ଆକ୍ସନ ଭୂମିକା ମିଳିଥିଲା। ହେଲେ ଏଥର ଏକ ଭିନ୍ନ ଧରଣର ଚରିତ୍ରକୁ ତୁଲାଇବାକୁ ମୁଁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିସାରିଲେଣି।' ଏହି ନୂଆ ସିନେମାର ପ୍ରଯୋଜନା କରୁଛନ୍ତି ସୁଜାତା ପଶାୟତ। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଶାନ୍ତନୁ ନାୟକ-ସୋମେଶ ଶତପଥୀ। ଏଥିରେ କିଏ ନାୟିକା ଭୂମିକାରେ ଅଭିନୟ କରିବ ତାହା ଫାଇନାଲ ହୋଇନାହିଁ।


ବିଶ୍ୱରୂପ

# ପୁମାସ ୫ ଉଇକେଟରେ ବିଜୟୀ

**ଭୁବନେଶ୍ୱର, ୬।୧(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଏମ୍‌ଜିଏମ୍ ଟି୨୦ କ୍ରିକେଟ ଲିଗ୍‌ର ବୁଧବାର ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଓଡ଼ିଶା ପୁମାସ ୫ ଉଇକେଟରେ ଜାଗୁଆର୍ସକୁ ପରାସ୍ତ କରିଛି। ଜାଗୁଆର୍ସ ୨୦ ଓଭରରେ ୮ ଉଇକେଟ ହରାଇ ୧୧୩ ରନ କରିଥିବାବେଳେ ପୁମାସ ୧୮ ଓଭରରେ ୫ ଉଇକେଟ ହରାଇ ୧୧୭ ରନ ସଂଗ୍ରହ କରି ନେଇଥିଲା। ଚଳିତ

**ଓଡ଼ିଶା ଟି୨୦ ଲିଗ୍**

ଲିଗ୍‌ରେ ୭ ମ୍ୟାଚରୁ ପୁମାସର ଏହା ୫ମ ବିଜୟ। ଏଥିସହ ଦଳ ୨୦ ପଏଣ୍ଟ ସହିତ ଦ୍ୱିତୀୟ ସ୍ଥାନ ଅଧିକାର କରିଛି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଜାଗୁଆର୍ସ ପ୍ରତିପକ୍ଷ ବୋଲରଙ୍କୁ ସାମ୍ନା କରିପାରି ନ ଥିଲା। ନିୟମିତ ବ୍ୟବଧାନରେ ଉଇକେଟ ପତନ ମଧ୍ୟ ଦଳପାଇଁ ମହଙ୍ଗା ପଡ଼ିଥିଲା। ଫଳରେ ଦଳ ସମ୍ମାନଜନକ ସ୍କୋରରେ ପହଞ୍ଚିପାରି ନ ଥିଲା। ଦଳ ପକ୍ଷରୁ ଅଧିନାୟକ ଗିରିଜା ରାଉତ ସର୍ବାଧିକ ୨୬ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମ୍‌ସୁଲ ଖାଁ ୨୧ ଓ ନିର୍ବିଶଙ୍କର ବାରିକ ୧୯ ରନର ଅବଦାନ ରଖିଥିଲେ। ବିପକ୍ଷ ବୋଲରଙ୍କ ମଧ୍ୟରେ ଧିରାଜ ସିଂ ଓ ଟୁକୁନା ସାହୁ ୨ଟି ଲେଖାଏ ଏବଂ ପ୍ରଶାନ୍ତ ରଣା, ଜିତେନ୍ଦ୍ର ଥାପ୍ପା ଓ ପ୍ରୟାସ ସିଂ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୧୧୪ ରନର ବିଜୟ ଲକ୍ଷ୍ୟନେଇ ପଡ଼ିଆକୁ ଓହ୍ଲାଇଥିବା ପୁମାସର ଆରମ୍ଭ ମଧ୍ୟ ଭଲ ହୋଇ ନ ଥିଲା। ତେବେ ଅଧିନାୟକ ଅରବିନ୍ଦ ସିଂ ୨୮ ବଲରୁ ୩୫ (୨ ଚୌକା, ୧ ଛକା) ରନରେ ଅପରାଜିତ ରହି ୨ ଓଭର ପୂର୍ବରୁ ଦଳକୁ ବିଜୟୀ କରାଇଥିଲେ। ପୂର୍ଣ୍ଣଚନ୍ଦ୍ର ମାଝି ୨୭ ଓ ସନ୍ଦୀପ ପଟ୍ଟନାୟକ ୨୧ ରନ ସ୍କୋର କରିଥିଲେ। ପରାଜିତ ଦଳର ରଶ୍ମିରଞ୍ଜନ ସାହୁ ୨ଟି ଏବଂ ମନୋଜ କାଶ୍ୟପ, ରାହୁଲ ଚୌଧାରୀ ଓ ସନ୍ଦୀପ ଚୌହାନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଅରବିନ୍ଦ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଓସିଏ ସଦସ୍ୟ ତଥା ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ଜାହାଙ୍ଗୀର ଖାଁ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଅରବିନ୍ଦ ସିଂ ପୁରସ୍କାର ଗ୍ରହଣ କରୁଛନ୍ତି।

# ପାନ୍ଥର୍ସ ଜିତିଲା

**ଭୁବନେଶ୍ୱର,୬।୧(ସ୍ପୋର୍ଟ୍ସ ବ୍ୟୁରୋ)**

ଏମ୍‌ଜିଏମ୍ ଟି୨୦ କ୍ରିକେଟ ଲିଗ୍‌ରେ ମଙ୍ଗଳବାର ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚ୍‌ରେ ଓଡ଼ିଶା ପାନ୍ଥର୍ସ ୨ ଉଇକେଟରେ ଓଡ଼ିଶା ଲାୟନ୍ସକୁ ପରାସ୍ତ କରିଛି। ଟସ୍ ଜିତି ଲାୟନ୍ସ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୮ ଉଇକେଟ ହରାଇ ୧୧୮ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ସୁଜିତ ଲେଙ୍କା ସର୍ବାଧିକ ୩୯, ରାକେଶ ପଟ୍ଟନାୟକ ୨୬, ନୌତମ ଭଞ୍ଜ ୧୮ ରନକରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ପାନ୍ଥର୍ସ ତରଫରୁ ଆଲେକା ସାହୁ ୩, ଜୟନ୍ତ ବେହେରା ୨ ଓ ବସନ୍ତ ମହାନ୍ତି ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ପାନ୍ଥର୍ସ ୧୯.୪ ଓଭରରେ ୮ ଉଇକେଟ ବିନିମୟରେ ୧୧୯ ରନ କରି ବିଜୟୀ ହୋଇଥିଲା। ଦଳ ତରଫରୁ ବିନିତ ମହାନ୍ତି ସର୍ବାଧିକ ୨୫, ଅଭିଷେକ ଯାଦବ ୧୭, ରଞ୍ଜିତ ପାଇକରାୟ ୧୭, ଅଙ୍କିତ୍ ସିଂ ୧୧, ସିଦ୍ଧାନ୍ତ ଜେନା ୧୬ ରନ କରି ଆଉଟ ହୋଇଥିବା ବେଳେ ଆଲୋକ ସାହୁ ୧୮ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଲାୟନ୍ସ ତରଫରୁ ଦୀପକ ରଞ୍ଜନ ବେହେରା ସର୍ବାଧିକ ୪, ରାକେଶ ପଟ୍ଟନାୟକ ଓ ଶିବାଶିଷ ସାହୁ ୨ଟି ଲେଖାଏ, ଅଭିଷେକ ଗିରି ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ୩ ଉଇକେଟ ନେବା ସହ ଅପରାଜିତ ୧୮ ରନ ସଂଗ୍ରହ କରିଥିବା ପାନ୍ଥର୍ସ ଅଲରାଉଣ୍ଡର ଆଲୋକ ଚନ୍ଦ୍ର ସାହୁ ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

# ସୟଦ ମୁସ୍ତାକ ଅଲୀ ଟ୍ରଫିରେ ଓଡ଼ିଶା ମ୍ୟାଚ ଅଫିସିଆଲ

**ଭୁବନେଶ୍ୱର, ୬।୧(କ୍ରୀଡ଼ା ପ୍ରତିନିଧି)**

ଆସନ୍ତା ସୟଦ ମୁସ୍ତାକ ଅଲୀ ଟି୨୦ କ୍ରିକେଟ ଟୁର୍ନାମେଣ୍ଟରେ ଏକାଧିକ ଓଡ଼ିଆ ମ୍ୟାଚ ଅଫିସିଆଲ ଦାୟିତ୍ୱ ତୁଲାଉଥିବା ନଜରକୁ ଆସିବେ। ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ପୂର୍ବତନ ପ୍ରଥମଶ୍ରେଣୀ କ୍ରିକେଟର ସଞ୍ଜୟ ରାଉଳ ଓ ପ୍ରଶାନ୍ତ ମହାପାତ୍ରଙ୍କୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ମ୍ୟାଚ ରେଫରି ନିଯୁକ୍ତ କରାଯାଇଛି। ଚଳିତ ମାସ ୧୦ ତାରିଖରୁ ଇନ୍ଦୋରରେ ଆରମ୍ଭ ହେବାକୁ ଯାଉଥିବା ଟୁର୍ନାମେଣ୍ଟରେ ଏମାନେ ଦାୟିତ୍ୱରେ ରହିବେ। ସେହିପରି ଓସିଏର ସିନିୟର ବିସିସିଆଇ ପ୍ୟାନେଲ ଅମ୍ପାୟର ସୁବ୍ରତ ଦାସ ଚେନ୍ନାଇରେ ହେବାକୁଥିବା ଏହି ଟୁର୍ନାମେଣ୍ଟରେ ମ୍ୟାଚ ପରିଚାଳନା କରିବେ।


ସଞ୍ଜୟ ରାଉଳ


ପ୍ରଶାନ୍ତ ମହାପାତ୍ର


ସୁବ୍ରତ ଦାସ







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୭ ଜାନୁୟାରୀ, ୨୦୨୧



**୧୮ ଦିନ ପରେ ନୂଆଗୁଡ଼ା ମଣ୍ଡିରୁ ଉଠିଲା ଧାନ**

ଜୁନାଗଡ଼(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ନୂଆଗୁଡା ମଣ୍ଡିରେ ଗତ ୧୮ ଦିନ ହେବ ଟାର୍ଗେଟ ଅଭାବରୁ ଧାନ ଉଠୁ ନ ଥିଲା। ଫଳରେ ୪୦ଜଣ ଚାଷୀଙ୍କ ପ୍ରାୟ ୨୫ ଶହ କୁଇଣ୍ଟାଲ ଧାନ ମଣ୍ଡିରେ ପଡିରହିଥିଲା। ଚାଷୀ ଧାନ ବିକ୍ରି ଆଶାରେ ୧୮ ଦିନ ହେଲା ଶୀତ କାକରରେ ମଣ୍ଡିରେ ପଡିରହିଥିଲେ। ଧାନ ଅଭାବୀ ବିକ୍ରିକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଶେଷରେ ପ୍ରଶାସନ ପକ୍ଷରୁ ଟାର୍ଗେଟ ଦିଆଯିବା ପରେ ବୁଧବାର ମଣ୍ଡିରୁ ଧାନ ଉଠାଣ ଆରମ୍ଭ ହୋଇଛି। ଜୁନାଗଡ଼ ଆରଏମସି ସମ୍ପାଦକ ଟଙ୍କଧର ନାଏକ ମଣ୍ଡିରେ ଉପସ୍ଥିତି ରହି ଧାନ ଉଠାଣ କାର୍ଯ୍ୟ ତଦାରଖ କରିଥିଲେ। ବୁଧବାର ସନ୍ଧ୍ୟା ସୁଦ୍ଧା ୨୨ ଜଣ ଚାଷୀଙ୍କ ୧୧ଶହ ୮୨ କୁଇଣ୍ଟାଲ ଧାନ ଉଠାଣ ହୋଇଛି।

## ସଂକ୍ଷେପରେ

### ଜିଲା ମୁଖ୍ୟ ଚିକିତ୍ସାଳୟରେ କୋଭିଡ୍-୧୯ ଭାକ୍ସିନର ମକଡ୍ରିଲ

**ଭବାନୀପାଟଣା, ୬।୧ (ଡି.ଏନ.ଏ.):** ଜିଲା ମୁଖ୍ୟ ଚିକିତ୍ସାଳୟରେ କୋଭିଡ୍-୧୯ ଭାକ୍ସିନ୍‌ର ରିହର୍ସାଲ କରାଯାଇଛି। ଆଗାମୀ ଦିନରେ ଜିଲାରେ ପ୍ରାୟ ୧୦ ହଜାର ସ୍ୱାସ୍ଥ୍ୟ କର୍ମୀ, ଆଶା ଏବଂ ଯେଉଁମାନେ ସାର୍ବଜନୀନ ଟିକାକରଣ କାର୍ଯ୍ୟକ୍ରମରେ ଭାଗ ନେବେ ସେମାନଙ୍କୁ ପ୍ରାଥମିକ ପର୍ଯ୍ୟାୟରେ କେମିତି ଟିକାକରଣ କରାଯିବ ସେ ନେଇ ଅଭ୍ୟାସ କରାଯାଇଥିଲା। ଟିକାକରଣ ସମୟରେ କୋଭିଡ ନିୟମକୁ ଗୁରୁତ୍ୱ ଦେଇ ପରିଚାଳନା ମକ୍‌ଡ୍ରିଲ କରାଯାଇଥିଲା। ଶୃଙ୍ଖଳା ସହ ପାର୍ଶ୍ୱ ପ୍ରତିକ୍ରିୟାର ପରିଚାଳନା ଏବଂ ଟିକାରଣ ପ୍ରକ୍ରିୟାରେ ଅଭ୍ୟାସ କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ତତ୍ତ୍ୱାବଧାନରେ ହୋଇଥିବା କାର୍ଯ୍ୟକ୍ରମରେ ଆର୍‌ଆର୍‌ଟିର ଡା. ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଡିପିଏମ୍ ଅବନୀ ରଞ୍ଜନ ମହାପାତ୍ର, ଏଡିଏମ୍ଓ ମେଡିକାଲ, ଏଡିଏମ୍ଓ ଏଫ୍‌ଡବ୍ଲୁ, ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ସହ ଜିଲା ସ୍ୱାସ୍ଥ୍ୟ ବିଭାଗ ଅନ୍ୟ ଅଧିକାରୀ ଯୋଗଦେଇଥିଲେ।

### ଡେଙ୍ଗନାଡିହିରେ କୃଷକ ଉତ୍ସବ

**ପାଇକମାଲ, ୬।୧ (ଡି.ଏନ.ଏ.):** ୨୦୧୯ର ପ୍ରଧାନମନ୍ତ୍ରୀ ଫସଲ ବୀମା ଟଙ୍କା ଭେଙ୍ଗରାଜପୁର ଗ୍ରାମପଞ୍ଚାୟତ ଚାଷୀମାନେ ପାଇବା ପରେ ବୁଧବାର ଡେଙ୍ଗନାଡିହି ଗ୍ରାମରେ ଜୟ କିଷାନ କୃଷକ ସଙ୍ଗଠନ ପକ୍ଷରୁ କୃଷକ ଉତ୍ସବ ପାଳନ କରାଯାଇଥିଲା। କୃଷକ ଉତ୍ସବରେ ଭେଙ୍ଗରାଜପୁର, ମାଝିପାଲି, ରସମୁଣ୍ଡା, ପିପଲପାଲି, ଛତରବେହେରା, ନାଗଡିହି, ବନମାଲ, ଡେଙ୍ଗନାଡିହି, ମଲଦା ଆଦି ଗ୍ରାମରୁ ଶତାଧିକ କୃଷକ ସାମିଲ ହୋଇଥିଲେ।

### ଜିଲା ଫୁଡ ଇନ୍ସପେକ୍ଟରଙ୍କ ଦୋକାନ ପରିଦର୍ଶନ

**ଖଡିଆଳ, ୬।୧ (ଡି.ଏନ.ଏ.):** ନୂଆପଡା ଜିଲା ଫୁଡ ଇନ୍ସପେକ୍ଟର ଖଡିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦରେ ଥିବା ଦୋକାନ, ହୋଟେଲ ତଥା ଅନ୍ୟ ଖାଉଟି ସାମଗ୍ରୀ ବିକ୍ରି କରୁଥିବା ଦୋକାନଗୁଡିକୁ ଆସି ଫୁଡ ଲାଇସେନ୍ସ କରିବାକୁ ପ୍ରବର୍ତ୍ତାଇ ଥିଲେ ଓ ଦୋକାନୀମାନଙ୍କୁ ଗୋଟିଏ ଗୋଟିଏ ରସିଦ ଦେଇଥିଲେ। ଆଗାମୀ ଦିନରେ ଯଦି ଲାଇସେନ୍ସ ନ ଥିବା ତାହେଲେ ଜରିମାନା ଆଦାୟ କରାଯିବ ବୋଲି କହିଛନ୍ତି। ଏହା ସହିତ ରାସ୍ତା ପାର୍ଶ୍ୱରେ ବିଭିନ୍ନ ଖାଉଟି ସାମଗ୍ରୀ ବିକ୍ରି କରୁଥିବା ଠେଲାଗୁଡିକୁ ଚଢ଼ାଉ କରି ସେମାନଙ୍କୁ ଜରିମାନା ଆଦାୟ କରାଯିବ ଓ ଫୁଡ ଲାଇସେନ୍ସ କରିବାକୁ ବାଧ କରାଯିବ। ବିନା ଲାଇସେନ୍ସରେ କୌଣସି ଦୋକାନୀ ଖାଉଟି ସାମଗ୍ରୀ ବିକ୍ରି କରିପାରିବେ ନାହିଁ ବୋଲି ଜିଲା ଫୁଡ ଇନ୍ସପେକ୍ଟର ତପସ୍ୱିନୀ ବେହେରା ପ୍ରକାଶ କରିଥିଲେ।

### ମେଘୁଆ ପାଗ: ପନିପରିବାରେ ରୋଗପୋକଙ୍କ ପ୍ରାଦୁର୍ଭାବ

**ଅତାବିରା, ୬।୧ (ଡି.ଏନ.ଏ.):** ଅତାବିରା ଅଞ୍ଚଳରେ ମେଘୁଆ ପାଗ ଯୋଗୁ ପନିପରିବା ଫସଲରେ ରୋଗପୋକ ପ୍ରାଦୁର୍ଭାବକୁ ନେଇ ଚାଷୀମାନେ ଚିନ୍ତିତ ହୋଇପଡିଛନ୍ତି। ବାଇଗଣ, ଶିମ୍ବ, ଭେଣ୍ଡି, ଫୁଲକୋବି, ଡାଲି ଜାତୀୟ ଆଦି ଫସଲରେ ଜଉ ପୋକଙ୍କ ପ୍ରାଦୁର୍ଭାବ ଦେଖାଗଲାଣି। ଚାଷୀମାନେ ବୁଧବାର କାଦୋବାହାଲ ସାପ୍ତାହିକ ବଜାରରେ ଟମାଟୋ କିଲୋପ୍ରତି ୧୫, ବାଇଗଣ ୨୦, ଭେଣ୍ଡି ୨୦, ଫୁଲକୋବି ୨୦ ଟଙ୍କାରେ ବିକ୍ରି କରିଥିଲେ। ପୂର୍ବ ଅପେକ୍ଷା ୧୦ରୁ ୨୦ ଟଙ୍କା ପନିପରିବା ଦର ହ୍ରାସ ପାଇଛି।

### ଏସ୍‌ପି ଅଫିସ ଘେରାଉ, ବିକ୍ଷୋଭ

**ଭବାନୀପାଟଣା, ୬।୧ (ଡି.ଏନ.ଏ.):** କଟକ ଜିଲା ମାହାଙ୍ଗା ବ୍ଲକ ପୂର୍ବତନ ଅଧକ୍ଷ ତଥା ଭାଜପା ନେତା କୁଳମଣି ବରାଳ ଓ ସହଯୋଗୀ ଦିବ୍ୟସିଂ ବରାଳଙ୍କୁ ହତ୍ୟା ଘଟଣା ନେଇ ବୁଧବାର ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହିତ ଘେରାଉ କରାଯାଇଛି। ଜିଲା ଭାଜପା ସଭାପତି ଦେବେନ୍ଦ୍ର ମହାନ୍ତିଙ୍କ ନେତୃତ୍ୱରେ ଭାଜପା କାର୍ଯ୍ୟକର୍ତ୍ତାମାନେ ମନ୍ତ୍ରୀ ପ୍ରତାପ ଜେନାଙ୍କ ଗିରଫ ଓ ତାଙ୍କୁ ମନ୍ତ୍ରୀମଣ୍ଡଳରୁ ବହିଷ୍କାର ଦାବି କରିବା ସହ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଏହି ବିକ୍ଷୋଭରେ ପୂର୍ବତନ ମନ୍ତ୍ରୀ ହିମାଂଶୁ ମେହେର, ନଗର ସଭାପତି ସନ୍ତୋଷ ବିଶି, ନଗର ଯୁବମୋର୍ଚ୍ଚା ସଭାପତି ଚିତ୍ତରଞ୍ଜନ ପାତ୍ର, ଭବେନ୍ଦ୍ର ପଣ୍ଡା, ଭାନୁ ପ୍ରକାଶ ରଥ, ରମେଶ ମାଝି, ପୁଷ୍ପା ତାଣ୍ଡି, ସୋଭାଗିନୀ ପାତ୍ର, ନରହରି ପଟ୍ଟନାୟକ, ଭଣ୍ଡେଶ୍ୱର ମହାପାତ୍ର, ସୁଜିତ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।

# ୯ ମାସ ପରେ ଦର୍ଶନ କଲେ ଭକ୍ତ



ନୃସିଂହନାଥଙ୍କୁ ଦର୍ଶନ ପାଇଁ ଭକ୍ତମାନେ ଧାଡ଼ିରେ ଠିଆ ହୋଇଛନ୍ତି।

**ପାଇକମାଲ, ୬।୧ (ଡି.ଏନ.ଏ.)**

ଦୀର୍ଘ ୯ ମାସ ପରେ ବରଗଡ଼ ଜିଲାର ପ୍ରସିଦ୍ଧ ତୀର୍ଥକ୍ଷେତ୍ର ନୃସିଂହନାଥ ମହାପ୍ରଭୁଙ୍କ ଦର୍ଶନ କରିବା ସୁଯୋଗ ଭକ୍ତମାନଙ୍କୁ ମିଳିଛି। ବୁଧବାର କଡା ସୁରକ୍ଷା ବ୍ୟବସ୍ଥା ଭିତରେ ସମସ୍ତ ସତର୍କତା ଅବଲମ୍ବନ କରି ଭକ୍ତମାନଙ୍କ ଦର୍ଶନ ପାଇଁ ସକାଳ ୮ଟାରେ ମନ୍ଦିର ଖୋଲାଯାଇଥିଲା। ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନଙ୍କ ଉପସ୍ଥିତିରେ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମନ୍ଦିର ପରିଚାଳନା କମିଟି ସମସ୍ତ କର୍ମକର୍ତ୍ତା, ସେବାୟତ, ସ୍ୱେଚ୍ଛାସେବୀ, ନୃସିଂହନାଥ ମନ୍ଦିର ଟ୍ରଷ୍ଟ ବୋର୍ଡ ଟ୍ରଷ୍ଟି ସୁରେନ୍ଦ୍ର ମେହେର, ପାଇକମାଲ ତହସିଲଦାର ମନୋଜ କୁମାର ମେହେର, ଆଇଆଇସି ବିଶ୍ୱଜିତ ମନବୋଧ, ଡା. ଶ୍ରୀଧର ପ୍ରଧାନ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ସୁବୋଧ ପଣ୍ଡା ଓ ମନ୍ଦିର ସେବାୟତମାନଙ୍କ ସହଯୋଗରେ ମନ୍ଦିର ଖୋଲାଯାଇ ଭକ୍ତମାନଙ୍କୁ ଦର୍ଶନ ପାଇଁ ସହଯୋଗ କରିଥିଲେ। ସିଂହଦ୍ୱାର ଦେଇ ଗୋଟିଏ ରାସ୍ତା ଦେଇ ଭକ୍ତମାନେ ମନ୍ଦିର ସମ୍ମୁଖରେ ମହାପ୍ରଭୁଙ୍କୁ ଦର୍ଶନ କରି ଅନ୍ୟ ଏକ ରାସ୍ତାରେ ଫେରୁଛନ୍ତି। ୬ ତାରିଖଠାରୁ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ କେବଳ ବରଗଡ ଜିଲା ଶ୍ରଦ୍ଧାଳୁମାନଙ୍କ ଦର୍ଶନ ନିମନ୍ତେ ମନ୍ଦିର ଖୋଲା ଯାଇଛି। ପାଇକମାଲ ଚିକିତ୍ସାଳୟ ପକ୍ଷରୁ ନୃସିଂହନାଥର ସମସ୍ତ ସେବାୟତମାନଙ୍କ କୋଭିଡ୍ ପରୀକ୍ଷା କରାଯାଇଛି। ଶ୍ରଦ୍ଧାଳୁମାନେ ନିଜର ପରିଚୟପତ୍ର ଧରି ମହାପ୍ରଭୁଙ୍କୁ ଦର୍ଶନ କରୁଛନ୍ତି। ଏହା ସହିତ ମନ୍ଦିର ପରିସରରେ ଥର୍ମାଲ ସ୍କାନିଂ କରାଯାଇ ସାନିଟାଇଜର ଦିଆଯାଉଛି। ଶୃଙ୍ଖଳିତ ଦର୍ଶନ ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ବରଗଡ ଜିଲା ବାହାରୁ ଆସିଥିବା କିଛି ଭକ୍ତ ଦର୍ଶନ ନ ପାଇ ଫେରି ଯାଇଛନ୍ତି। ୧୩ ତାରିଖ ପରେ ଅନ୍ୟ ଜିଲାର ଭକ୍ତ କୋଭିଡ୍ ନେଗାଟିଭ୍ ରିପୋର୍ଟ ସାଙ୍ଗରେ ଆଣି ମହାପ୍ରଭୁଙ୍କ ଦର୍ଶନ କରିପାରିବେ ବୋଲି ଉପଜିଲାପାଳ ଦରୱାନ କହିଛନ୍ତି।

**ନୃସିଂହନାଥ, ମା' ମାଣିକେଶ୍ୱରୀଙ୍କ ମନ୍ଦିର ଖୋଲିଲା**

**ଭବାନୀପାଟଣା,୬।୧(ଡି.ଏନ.ଏ.):** ବୁଧବାର ଭବାନୀପାଟଣା ସହର ମା' ମାଣିକେଶ୍ୱରୀଙ୍କ ମନ୍ଦିର ଭକ୍ତଙ୍କ ଦର୍ଶନ ପାଇଁ ଖୋଲାଯାଇଛି। କରୋନା କଟକଣାରୁ ଦୀର୍ଘଦିନ ପରେ ବୁଧବାରଠାରୁ ମନ୍ଦିର ଖୋଲିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଏକ ନିର୍ଦ୍ଦେଶାବଳି ଜାରି ହୋଇଥିଲା। ମା' ମାଣିକେଶ୍ୱରୀଙ୍କ ମନ୍ଦିର ପ୍ରବେଶ ପାଇଁ ଏକାଥରକେ କେବଳ ୨୦ ଜଣ ଭକ୍ତ ଯାଇପାରିବେ। ସିଂହଦ୍ୱାର ବାହାରେ ଥିବା ଭକ୍ତମାନେ ଧାଡିରେ ଠିଆହୋଇ ରହିଥିଲେ। ଏଥିପାଇଁ ୪ ଜଣ ସ୍ୱେଚ୍ଛାସେବୀ, ପୋଲିସ କର୍ମଚାରୀ ସକାଳେ ଏବଂ ସନ୍ଧ୍ୟାରେ ସହଯୋଗ କରିଥିଲେ। କେବଳ ମନ୍ଦିର ସକାଳ ୮ଟାରୁ ୧୧ଟା ଏବଂ ସନ୍ଧ୍ୟା ୫ଟାରୁ ୭ଟା ପର୍ଯ୍ୟନ୍ତ ଭକ୍ତଙ୍କ ଦର୍ଶନ ପାଇଁ ଅନୁମତି ଦିଆଯାଇଛି। ମା' ମାଣିକେଶ୍ୱରୀ ମନ୍ଦିରରେ ଦର୍ଶନ ନିମନ୍ତେ ବୁଧବାର ସହରର ୱାର୍ଡ ନଂ. ୧ ଓ ୨, ଗୁରୁବାର ଜୱାର୍ଡ ନଂ. ୩ ଓ ୪ ଏହି କ୍ରମରେ ୧୦ ଦିନ ୬ରୁ ୧୫ ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ୨ଟି ୱାର୍ଡ ପର୍ଯ୍ୟାୟକ୍ରମେ କେବଳ ଭବାନୀପାଟଣା ସହରର ୨୦ଟି ୱାର୍ଡର ଭକ୍ତମାନଙ୍କୁ ଦର୍ଶନ ପାଇଁ ଅନୁମତି ଦିଆଯିବ। ଏଥିପାଇଁ ଭକ୍ତମାନେ ନିଜର ଭୋଟ ପରିଚୟପତ୍ର କିମ୍ବା ୱାର୍ଡ ନଂ ଲିଖିତ ଥିବା ଯେକୌଣସି ପ୍ରମାଣପତ୍ର ସାଙ୍ଗରେ ଆଣିବେ। ଏ ନେଇ ଭବାନୀପାଟଣା ମ୍ୟୁନିସିପାଲଟି କର୍ତ୍ତୃପକ୍ଷ ଡାକବାଜି ଯନ୍ତ୍ର ଦ୍ୱାରା ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଛନ୍ତି। ମାଣିକେଶ୍ୱରୀ ମନ୍ଦିରକୁ ଭକ୍ତ କୌଣସି ଭୋଗ ସାମଗ୍ରୀ, ଫୁଲ, ଧୂପକାଠି ଇତ୍ୟାଦି ନେଇପାରିବେ ନାହିଁ। ଆସନ୍ତା ୨୧ ପରେ କ୍ରମନ୍ୱୟରେ ଅନ୍ୟ ବ୍ଲକ ଓ ତହସିଲର ଭକ୍ତମାନେ ଦର୍ଶନ କରିପାରିବେ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି କରୋନା ଗାଇଲାଇନ ଅନୁଯାୟୀ ମାସ୍କ ପିନ୍ଧିବା, ସାମାଜିକ ଦୂରତ୍ୱ ବଜାଇ ରଖିବା ବାଧ୍ୟତାମୂଳକ କରାଯାଇଛି। ଜ୍ୱର, କାଶ କିମ୍ବା ଥଣ୍ଡା ରୋଗରେ ପୀଡିତ ଥିଲେ ସେମାନଙ୍କ ଦର୍ଶନ ପାଇଁ ବାରଣ କରାଯାଇଛି। ଜିଲାର ଅନ୍ୟ ଧର୍ମାନୁଷ୍ଠାନଗୁଡିକରେ ମଧ କୋଭିଡ ଗାଇଡଲାଇନ ଅନୁଯାୟୀ ଖୋଲିବ ବୋଲି ସୂଚନା ଦିଆଯାଇଛି।



ମା' ମାଣିକେଶ୍ୱରୀ ମନ୍ଦିର।

## ୨୦ ଦିନ ପରେ ଇନ୍ଦ୍ରାବତୀରୁ ବିଦ୍ୟୁତ୍ ଉତ୍ପାଦନ ସ୍ୱାଭାବିକ

**ଭବାନୀପାଟଣା, ୬।୧ (ଡି.ଏନ.ଏ.)**

ଇନ୍ଦ୍ରାବତୀ ପ୍ରକଳ୍ପରୁ ୨୦ ଦିନ ପରେ ମଙ୍ଗଳବାଠାରୁ ବିଦ୍ୟୁତ ଉତ୍ପାଦନ ସ୍ୱାଭାବିକ ହୋଇଛି। ଇନ୍ଦ୍ରାବତୀ ଜଳଭଣ୍ଡାରର ଜଳସ୍ତର ସ୍ୱାଭାବିକରୁ କମ୍ ଥିବା ଯୋଗୁ କୃଷି କ୍ଷେତ୍ରକୁ ଗୁରୁତ୍ୱ ଦେଇ ଜିଲା ପ୍ରଶାସନ ଏଭଳି ପଦକ୍ଷେପ ନେଇଥିବା ଜଣାପଡିଛି। ୬ ତାରିଖଠାରୁ ରବି ଜଳସେଚନ ଆରମ୍ଭ ହେବାକୁ ଥିବା ବେଳେ ୫ ତାରିଖ ସକାଳୁ ବିଦ୍ୟୁତ ଉତ୍ପାଦନକୁ ସ୍ୱାଭାବିକ କରାଯାଇଥିବା ଓଏଚ୍‌ପିସି ସୂତ୍ରରୁ ଜଣାପଡିଛି। ପ୍ରକାଶ ଯେ, ଚଳିତ ଖରିଫରେ ନଭେମ୍ବର ୧୨ ତାରିଖରୁ ଜଳସେଚନ ବନ୍ଦ କରାଯାଇଥିଲା। ପରବର୍ତ୍ତୀ ସମୟରେ ବିଦ୍ୟୁତ ଉତ୍ପାଦନ ସ୍ୱାଭାବିକ ଥିଲା। ବିଭିନ୍ନ ବର୍ଷରେ ରବି ଋତୁ ଜଳସେଚନକୁ ନେଇ ଆଶଙ୍କା ବଢୁଥିବା ବେଳେ ବିଭିନ୍ନ ସମୟରେ ବିଦ୍ୟୁତ ଉତ୍ପାଦନକୁ ନେଇ ଖବର ପ୍ରକାଶିତ ହୋଇଥିଲା। ଚଳିତବର୍ଷ ପ୍ରଥମ କରି ଓଏଚ୍‌ପିସି କର୍ତ୍ତୃପକ୍ଷ ଚଳିତବର୍ଷର ପ୍ରଶାସନିକ ସମନ୍ୱୟ ହେତୁ ଜଳଭଣ୍ଡାରର ଜଳସ୍ତରକୁ ସ୍ୱାଭାବିକ ରଖିବା ପାଇଁ ୧୬।୧୨ରୁ ୫।୧।୨୧ ସକାଳ ୬ଟା ପର୍ଯ୍ୟନ୍ତ ବିଦ୍ୟୁତ ଉତ୍ପାଦନ ସମ୍ପୂର୍ଣ୍ଣ ବନ୍ଦ ରଖାଯାଇଥିଲା। ଇନ୍ଦ୍ରାବତୀ ଜଳ ସମ୍ପଦ ବିଭାଗ ୬ ତାରିଖଠାରୁ ରବି ଋତୁ ପାଇଁ ଜଳସେଚନ ଆରମ୍ଭ କରୁଥିବା ବେଳେ ପ୍ରଥମ ଦିନରେ ପ୍ରକଳ୍ପରୁ ହାରାହାରି ୨୫୦ ମେଘାୱାଟ ବିଦ୍ୟୁତ ଉତ୍ପାଦନ କରାଯାଇଥିବା ଜଣାପଡିଛି।

## ବିଭିନ୍ନ ସ୍କୁଲ ତଦାରଖ କଲେ ଡେପୁଟି ଡାଇରେକ୍ଟର

**ତରବୋଡ, ୬।୧ (ଡି.ଏନ.ଏ.)**





କୋମନା ଜିତାମିତ୍ର ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରୁଛନ୍ତି ଶିକ୍ଷା ବିଭାଗ ଡେପୁଟି ଡାଇରେକ୍ଟର।

ଆସନ୍ତା ୮ ତାରିଖରେ ରାଜ୍ୟରେ ସ୍କୁଲ ଖୋଲୁଥିବା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ତତ୍ପର ହୋଇଥିବା ବେଳେ ନୂଆପଡା ଜିଲାର ବିଭିନ୍ନ ସ୍କୁଲ ବୁଲି ଦେଖିଲେ ଶିକ୍ଷା ବିଭାଗ ଡେପୁଟି ଡାଇରେକ୍ଟର ପ୍ରଶାନ୍ତ କୁମାର ସ୍ୱାଇଁ। ବୁଧବାର ସକାଳେ ପ୍ରଥମେ କୋମନା ଜିତାମିତ୍ର ଉଚ୍ଚ ବିଦ୍ୟାଳୟ ଦେଖିବା ପରେ ବିଘ୍ନରାଜ ଉଚ୍ଚ ବିଦ୍ୟାଳୟ ସାନମହେଶ୍ୱର, ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଲୋହରାପାଲି, ଗଣ୍ଡାବାହାଲି ଉଚ୍ଚ ବିଦ୍ୟାଳୟ, ମହଗାଁ ଉଚ୍ଚ ବିଦ୍ୟାଳୟ, ସିନାପାଲି ଉଚ୍ଚ ବିଦ୍ୟାଳୟ ବୁଲି ଦେଖିଥିଲେ। ପରେ ସିନାପାଲି ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ବୈଠକରେ ସାମିଲ ହୋଇ ଚଳିତଶିକ୍ଷା ବର୍ଷରେ କମ ଦିନର ପାଠପଢା ଭିତରେ କିଭଳି ସୁରୁଖୁରୁରେ ଶିକ୍ଷାଦାନ ହେବା ସହିତ ପରୀକ୍ଷା ପରିଚାଳନା କରାଯିବା ନେଇ ଆଲୋଚନା ହୋଇଥିଲା। କରୋନା ମହାମାରୀ ଯୋଗୁ ଛାତ୍ରୀଛାତ୍ରଙ୍କ ପାଠପଢାରେ ବ୍ୟାହତ ସୃଷ୍ଟି ହୋଇ ଅଧିକାଂଶ ପିଲା ଦାଦନ ଚାଲି ଗଲେଣି। କେତେ ପିଲା ପାଠପଢା ଛାଡି ବାପା ମା'ଙ୍କ ସହିତ କାର୍ଯ୍ୟରେ ସହଯୋଗ କରୁଛନ୍ତି ତ କେତେ ପିଲା ହାତରେ ବହି ବସ୍ତାନୀ ଧରିବା ପରିବର୍ତ୍ତେ ଟାଙ୍ଗିଆ, ବାଡି ଧରି ଛେଳି, ମେଣ୍ଢା, ଗାଈ, ମହିଷି ଇତ୍ୟାଦି ଚରାଇବା ପାଇଁ ଯାଉଛନ୍ତ। ଗରିବ ଚାଷୀ ମୁଲିଆ ଘର ପିଲାମାନେ ମହାଜନ/ସାହୁକାରଠାରେ ଗୋତି ଶ୍ରମିକ ଭାବେ କାର୍ଯ୍ୟ କରୁଛନ୍ତି। କରୋନା ମହାମାରୀ ଯୋଗୁ ସାରା ରାଜ୍ୟରେ ଲକଡାଉନ ହେବାରୁ କାମଧନ୍ଦା ଅଭାବରୁ ଗରିବ ଖଟିଖିଆ ପରିବାର ପିଲାକୁ ମହାଜନ ପାଖରେ ଦେଇ ଅଗ୍ରିମ ଟଙ୍କା ଆଣିଛନ୍ତି। ସ୍କୁଲ ଖୋଲିଲେ ପିଲା ସ୍କୁଲ ଯିବେ କି ମହାଜନର ଅଗ୍ରିମ ଟଙ୍କାର କାର୍ଯ୍ୟ କରିବ ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଆସନ୍ତା ୮ ତାରିଖରେ ରାଜ୍ୟରେ ସ୍କୁଲ ଖୋଲିବା ପାଇଁ ଯାଉଛି। ଏହାକୁ ଅଭିଭାବକ ମହଲରେ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କୁହାଯାଉଛି।

**୮ରୁ ଖୋଲିବ ସ୍କୁଲ**

- ସୁରୁଖୁରୁ ଶିକ୍ଷାଦାନ, ପରୀକ୍ଷା ପରିଚାଳନା ନେଇ ଆଲୋଚନା

## ଡକାୟତି ଉଦ୍ୟମ ଘଟଣା: ଜଣେ ଗିରଫ

**ତରବୋଡ, ୬।୧ (ଡି.ଏନ.ଏ.)**

ସଦର ଥାନା ସାରାବଙ୍ଗ ଗାଁର ଡକାୟତି ଉଦ୍ୟମ ଘଟଣାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ଛତିଶଗଡ ରାଜ୍ୟ ଗରିଆବନ୍ଦ ଜିଲା ସଦର ଗାଁର ମୁରାରୀ ନରକନ (୨୦)। ମଙ୍ଗଳବାର ସନ୍ଧ୍ୟାରେ ତାଙ୍କୁ କୋର୍ଟ ଚାଲଣ କରାଯାଇଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଏସଆଇ ବିନୟ କେର୍କେଟା ସୂଚନା ଦେଇଛନ୍ତି। ସାରାବଙ୍ଗ ଗାଁର ଘନଶ୍ୟାମ ଦିକ୍ଷୀତ ଜଣେ କପଡା ବ୍ୟାବସାୟୀ। ସାପ୍ତାହିକ ବଜାରକୁ ସେ କପଡା ବିକ୍ରି କରିବାକୁ ନେଇଥାନ୍ତି। ପ୍ରତି ଦିନ ଘର ବାହାରେ ଏକ ପିକ୍ ଅପଭ୍ୟାନରେ ନୂଆଁ କପଡା ଭର୍ତ୍ତି କରି ରଖିଥାନ୍ତି। ଗତ ୨୭ ତାରିଖ ରାତିରେ ପ୍ରାୟ ୩/୪ ଜଣ ଡକାୟତ କପଡା ଭର୍ତ୍ତି ପିକ୍‌ଅପ୍ ଭ୍ୟାନକୁ ନେଇଯିବାକୁ ଉଦ୍ୟମ କରିଥିଲେ। ଗାଡିକୁ ଠେଲି ଘରୁ ରାସ୍ତା ଉପରକୁ ଆଣିବା ବେଳେ ଗାଡିର ଶବ୍ଦ ଶୁଣି ପରିବାର ଲୋକେ ଉଠିଥିଲେ। ପରିବାର ଲୋକେ ଠେଙ୍ଗା ବାଡି ଧରି ଚିତ୍କାର କରିବାରୁ ଡକାୟତମାନେ ଫେରାର ହୋଇଯାଇଥିଲେ। ପରଦିନ ଘନଶ୍ୟାମ ସଦର ଥାନା ଲିଖିତ ଅଭିଯୋଗ କରିଥିଲେ। ଏହି ଘଟଣାର ପୋଲିସ ତଦନ୍ତ କରି ଗରିଆବନ୍ଧ ଗାଁର ମୁରାରୀଙ୍କୁ ଗିରଫ କରିଥିଲା। ଏହାର ଅଧିକ ତଦନ୍ତ ଚାଲିଛି, ଘଟଣାରେ ସମ୍ପୃକ୍ତି ୩/୪ ଜଣକୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଏସଆଇ ସୂଚନା ଦେଇଛନ୍ତି।

## ବ୍ଲକସ୍ତରୀୟ ପ୍ରଧାନ ଶିକ୍ଷକ ସମ୍ମିଳନୀ

**ଉଲୁଣ୍ଡା,୬।୧(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ହାଇସ୍କୁଲରେ ବ୍ଲକସ୍ତରୀୟ ପ୍ରଧାନଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଇଓ ରାଜେନ୍ଦ୍ର ମିଶ୍ରଙ୍କ ଅଧକ୍ଷତାରେ ହୋଇଥିବା ଏହି ସମ୍ମିଳନୀରେ ପ୍ରାୟ ୬୦ ଜଣ ପ୍ରଧାନଶିକ୍ଷକ, ପ୍ରଧାନ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ବିଶେଷକରି ସ୍କୁଲ ଖୋଲିବା ପରେ କିପରି ପରିଚାଳନା କରାଯିବ ଏବଂ ମୋ ସ୍କୁଲ ଅଭିଯାନକୁ କିପରି ସଫଳ କରାଯିବ ସେନେଇ ବିଇଓ ଉପସ୍ଥିତ ଶିକ୍ଷକମାନଙ୍କୁ ବୁଝାଇଥିଲେ। ଏବିଇଓ ସନ୍ତୋଷ ରଥ ଏହାକୁ ପରିଚାଳନା କରିଥିଲେ। ସିଆରସିସି ଗୌତମ ମେଣ୍ଡଲି, କ୍ଷେତ୍ରବାସୀ ସାହୁ, ଅଯତ୍ନ ଦାସ, ବେଣୁଧର ସୁରୁଜାଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏବିଇଓ ଗୋପାଲ ପଣ୍ଡା, ପ୍ରଧାନ ଶିକ୍ଷୟିତ୍ରୀ ନଳିନୀ କୁମ୍ଭାରଙ୍କ ସମେତ ବିଭିନ୍ନ ସ୍କୁଲର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ନନ୍ଦି କିଶୋର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।


**ପୂର୍ବ ତଟ ରେଳପଥ**

**ପୂର୍ବ ତଟ ରେଳପଥରେ 29 ଗୋଟି ଗୁଡ୍‌ସ ସେଡ୍‌ଠାରେ ବ୍ୟାପକ ଲଜିଷ୍ଟିକ୍ ସେବା (Logistic Service) ନିମନ୍ତେ ଇ-ଟେଣ୍ଡର**

ବିଜ୍ଞପ୍ତି ନଂ.: PCCM/HQ/Goods Shed/ ତା. 05.01.2021ରିଖ

ପୂର୍ବ ତଟ ରେଳପଥ 29 (ଅଣତିରିଶି) ଗୋଟି ଗୁଡ୍‌ସ ସେଡ୍‌ଠାରେ ମାଲ୍ (Cargo) ପରିଚାଳନା, ଘର-ଘର ବୁଲି ସେବା (Door to Door Service) ଇତ୍ୟାଦି ଭଳି ବ୍ୟାପକ ଲଜିଷ୍ଟିକ୍ ସେବା (Logistic Service) ପ୍ରଦାନ ନିମନ୍ତେ ଇଚ୍ଛୁକ ତଥା ଯୋଗ୍ୟ ବିଡ଼ରମାନଙ୍କୁ ଇ-ଟେଣ୍ଡର ଆହ୍ୱାନ କରୁଛି। ପ୍ରତ୍ୟେକ ଗୁଡ୍‌ସ ସେଡ୍ ନିମନ୍ତେ ପୃଥକ ଟେଣ୍ଡର ଜାରି କରାଯାଇଛି। ଯାହାର ସମ୍ପୂର୍ଣ୍ଣ ବିବରଣୀ https://www.ireps.gov.inରେ ଉପଲବ୍ଧ ଅଟେ।

ବନ୍ଦ ହେବା ତାରିଖ ଓ ସମୟ (ୱେବ୍‌ସାଇଟ୍ ଦ୍ୱାରା ପ୍ରସ୍ତାବ ଜମା କରିବା) : ତା.27.01.2021ରିଖ 15.00 ଘଟିକାରେ।



ପରବର୍ତ୍ତୀ ଯେକୌଣସି ପ୍ରକାର ସୂଚନା ପାଇଁ ଦୟାକରୀ ଯୋଗାଯୋଗ କରନ୍ତୁ : ମୁଖ୍ୟ ବାଣିଜ୍ୟ ପ୍ରବନ୍ଧକ (FS), ପୂର୍ବ ତଟ ରେଳପଥ, ଟେଲିଫୋନ ନଂ.0674-2301033

PR-473/L/20-21 ମୁଖ୍ୟ ବାଣିଜ୍ୟ ପ୍ରବନ୍ଧକ (FS), ଭୁବନେଶ୍ୱର

**ପୌରପାଳିକା କାର୍ଯ୍ୟାଳୟ, ଆନନ୍ଦପୁର**

ପତ୍ର ସଂଖ୍ୟା ୨୬ **ବିଜ୍ଞାପନ** ତା୫।୧।୨୦୨୧

ସରକାରଙ୍କ ରାଜ୍ୟ ସହରାଞ୍ଚଳ ଉନ୍ନୟନ ସଂସ୍ଥା (SUDA) ଭୁବନେଶ୍ୱର ବିଭାଗ ପତ୍ର ସଂଖ୍ୟା ୩୨୯୧ ତା୧୦।୧୨।୨୦୨୦ ଅନୁଯାୟୀ ଆନନ୍ଦପୁର ପୌରପାଳିକା ଅଧୀନସ୍ଥ ସମସ୍ତ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ଯେ କୌଣସି ସଭ୍ୟା ନିମ୍ନଲିଖିତ ଯୋଗ୍ୟତା ଅନୁଯାୟୀ ନିଜ ୱାର୍ଡରେ ଜଳ କର ଆଦାୟ ନିମନ୍ତେ ଜଳସାଥୀ ପଦବୀ ପାଇଁ ଆବେଦନ କରିପାରିବେ। ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଏକ ନିର୍ଦ୍ଧାରିତ ଫର୍ମରେ ଆନନ୍ଦପୁର ପୌରପାଳିକାରେ ଆବେଦନ କରିବେ। ଦରଖାସ୍ତଟି ତା୧୨।୦୧।୨୦୨୧ରିଖ ଅପରାହ୍ନ ୧ ଘଟିକା ସୁଦ୍ଧା ଆନନ୍ଦପୁର ପୌରପାଳିକା କାର୍ଯ୍ୟାଳୟ ବାକ୍ସରେ ପକାଇପାରିବେ। କୌଣସି ଦରଖାସ୍ତ ସିଧାସଳଖ ହାତରେ ଗ୍ରହଣ କରାଯିବ ନାହିଁ। ଜଳସାଥୀ ଚୟନ ନିମନ୍ତେ ଯୋଗ୍ୟତା: (୧) ଆବେଦନକାରୀଙ୍କ ବୟସ ୧୮ରୁ ୪୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ। (୨) ଆବେଦନକାରୀ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ହୋଇଥିବେ। (୩) ଆବେଦନକାରୀ ନ୍ୟୁନତମ ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ। (୪) ଆବେଦନକାରୀ ୨ ବର୍ଷ ଧରି ସ୍ୱୟଂ ସହାୟକ ଗୋଷ୍ଠୀର ସକ୍ରିୟ ସଦସ୍ୟା ହୋଇଥିବେ। (୫) ଆବେଦନକାରୀଙ୍କ ନାମରେ ବ୍ୟାଙ୍କ ଖାତା ଓ ଏ.ଟି.ଏମ୍. କାର୍ଡ (ATM) ଥିବା ଆବଶ୍ୟକ। (୬) ଆବେଦନକାରୀଙ୍କ ନାମରେ ବ୍ୟକ୍ତିଗତ ସ୍ମାର୍ଟ ଫୋନ୍ ଥିବା ଆବଶ୍ୟକ। (୭) ଆବେଦନକାରୀ କୌଣସି ସରକାରୀ ଯୋଜନାରେ କାର୍ଯ୍ୟ କରୁ ନ ଥିବେ। (୮) ଆବେଦନକାରୀଙ୍କ ନାମରେ କୌଣସି ଅପରାଧିକ ମାମଲା ବା ରାଜନୈତିକ ସମ୍ପୃକ୍ତି ନ ଥିବ।

ସ୍ୱା./- ନିର୍ବାହୀ ଅଧିକାରୀ, ଆନନ୍ଦପୁର ପୌରପାଳିକା

**OFFICE OF THE ASKA COOP. SUGAR INDUSTRIES LTD., NUAGAM (ASKA)**
PO- NUAGAM (ASKA)-761111, GANJAM DISTRICT, ODISHA
Phones: 06822-273464, email-askasugar@yahoo.co.in,
website- www.askasugar.com

Tender No.4640 Dt.05.01.2021

**Sealed Re-tender Call Notice**

The Aska Cooperative Sugar Industries Ltd., Aska invites sealed tenders from the interested Associations of Truck Owners (having their valid registration number)/ Truck Owners for engagement of 60 (Sixty) number of trucks of 10 MT capacity for transportation of sugarcane from cane field of growers to the Aska Cooperative Sugar Industries Ltd. premises within a radius of 80 Km. from the Sugar Industry during the Crushing Season 2020-21. The cane transportation will tentatively commence from 2nd week of January 2021 till end of the crushing operation of the Industry. The last date of filing of tender is 5 P.M. of Dt.09.01.2021 and tender will be opened on Dt.11.01.2021 at 12.30 P.M. Interested Associations/Truck owners can visit our website www.askasugar.com for details of the Tender Call Notice and Terms & Condition of engagement of trucks for the crushing season 2020-21.

Sd./- Managing Director

**ତହସିଲଦାରଙ୍କ କାର୍ଯ୍ୟାଳୟ, କନିଷି, ଗଞ୍ଜାମ**
ବିଜ୍ଞାପନ ସଂଖ୍ୟା ୭୯/ସୈରାତ ତା୦୬।୦୧।୨୦୨୧
**ନିଲାମ ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଗଞ୍ଜାମ ଜିଲା ଅନ୍ତର୍ଗତ କନିଷି ତହସିଲ ଇଲାକାରେ ଥିବା ୨ ଗୋଟି ପଥର ସୈରାତ ଉତ୍ସ (ନିମ୍ନରେ ପ୍ରଦତ୍ତ ବିବରଣୀ)ଗୁଡିକର ଆଗାମୀ ପାଞ୍ଚ ବର୍ଷ ନିମନ୍ତେ (ଦୀର୍ଘମିଆଦୀ) ଲିଜ୍ ପାଇଁ ଜଉମୁଦ ଦିଆ ଟେଣ୍ଡର ମାଧ୍ୟମରେ ସର୍ବସାଧାରଣରେ ନିଲାମ କରାଯିବ। ସୈରାତ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଆବେଦନର ବିବରଣୀ ଓ ନିୟମାବଳୀ ଗଞ୍ଜାମ ଜିଲା ୱେବ୍‌ସାଇଟ www.ganjam.nic.inରେ ଉପଲବ୍ଧ ଅଛି। ଆବେଦନ ପାଇଁ ଇଚ୍ଛୁକ ବ୍ୟକ୍ତି କନିଷି ତହସିଲଦାରଙ୍କ କାର୍ଯ୍ୟାଳୟରେ ନିର୍ଦ୍ଧାରିତ କାର୍ଯ୍ୟ ଦିବସରେ ଯୋଗାଯୋଗ କରିପାରନ୍ତି।

ଦରଖାସ୍ତକାରୀ ଜଉମୁଦ ଲଫାପାରେ ରେଜିଷ୍ଟ୍ରି/ସ୍ପିଡ୍ ପୋଷ୍ଟ ଜରିଆରେ କିମ୍ବା ତହସିଲଦାର, କନିଷି କାର୍ଯ୍ୟାଳୟରେ ଥିବା ଟେଣ୍ଡର ବାକ୍ସରେ ପକାଇପାରିବେ। ଦରଖାସ୍ତ ଗ୍ରହଣ ତାରିଖ ଆସନ୍ତା ତା୦୮।୦୧।୨୦୨୧ରିଖଠାରୁ ତା୦୬।୦୨।୨୦୨୧ରିଖ ଅପରାହ୍ନ ୦୫.୩୦ ଘଟିକା ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି। ଧାର୍ଯ୍ୟ ସମୟଗତେ ଦରଖାସ୍ତ ଗ୍ରହଣୀୟ ହେବନାହିଁ।

ତହସିଲଦାରଙ୍କ ଦ୍ୱାରା ସୈରାତ ଉତ୍ସର ନିଲାମ ଆବେଦନକାରୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିମାନଙ୍କ ଉପସ୍ଥିତିରେ ପ୍ରଥମ ଧାର୍ଯ୍ୟ ତା୦୮।୦୨।୨୦୨୧ରିଖ ୧୧.୦୦ ଘଟିକାରେ ତହସିଲଦାରଙ୍କ କାର୍ଯ୍ୟାଳୟରେ ଚୂଡାନ୍ତ କରାଯିବ। କୌଣସି କାରଣରୁ ନିଲାମ ନ ହେଇ ପାରିଲେ ଦ୍ୱିତୀୟ ତା୧୭।୦୨।୨୦୨୧ରିଖ ଏବଂ ଦ୍ୱିତୀୟ ତାରିଖରେ ନ ହୋଇ ପାରିଲେ ତୃତୀୟ ତା୨୫।୦୨।୨୦୨୧ରିଖରେ ନିଲାମ କରାଯିବ। କୌଣସି କାରଣ ନ ଦର୍ଶାଇ ନିଲାମକୁ ରଦ୍ଦ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀ ଏବଂ ଜିଲ୍ଲାପାଳ, ଗଞ୍ଜାମଙ୍କର କ୍ଷମତା ପରିସରଭୁକ୍ତ ଅଟେ।

**ସୈରାତ ଉତ୍ସର ବିବରଣୀ**

| କ୍ରମିକ ନଂ. | ସୈରାତ ଉତ୍ସ ନଂ. | ମୌଜା | ଖାତା | ପ୍ଲଟ | ଋକବା ଏକରରେ | କିସମ | ଧାର୍ଯ୍ୟ ରୟାଲିଟିର ମୂଲ୍ୟ(ପ୍ରତି ଘନ ମି.) (ଟଙ୍କାରେ) | ଅତିରିକ୍ତ ଦେୟ (ପ୍ରତି ଘନ ମି.) (ଟଙ୍କାରେ) | ମୋଟ ଦେୟ (ପ୍ରତି ଘନ ମି. (ଟଙ୍କାରେ) | M.G.Q. ଅନୁସାରେ ବାର୍ଷିକ ସୈରାତର ପରିମାଣ (ଘନ ମି.*) | ଅଗ୍ରିମ ଦାଖଲ କରିଥିବା ଅମାନତ ରାଶିର ପରିମାଣ (ଟଙ୍କାରେ) | ୫% ଅମାନତ ରାଶି ବାବଦକୁ ଦେୟ (ଟଙ୍କାରେ) |
|---|---|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧ | ପାଲୁର ହିଲ ପଥର | ପାଲୁର ହିଲ | ୪୨ | ୬୬ (A) | ୧.୦୦୦ | ପର୍ବତ | ୧୩୦.୦୦ | ୧୦୦.୦୦ | ୨୩୦.୦୦ | ୨୦୨୫* | ୧୦୦୦.୦୦ | ୨୩୨୮୮.୦୦ |
| ୨ | ପାଲୁର ହିଲ ପଥର | ପାଲୁର ହିଲ | ୪୨ | ୬୯ (A) | ୦.୫୦୦ | ପର୍ବତ | ୧୩୦.୦୦ | ୧୦୦.୦୦ | ୨୩୦.୦୦ | ୧୨୨୭* | ୧୦୦୦.୦୦ | ୧୪୧୧୧.୦୦ |

ବି.ଦ୍ର.: ତାରକା ଚିହ୍ନିତ ସଂଖ୍ୟାଗୁଡିକ ଆବଶ୍ୟକ ସ୍ଥଳେ ବୃଦ୍ଧି କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କ ରହିଛି।

ସ୍ୱା./- ତହସିଲଦାର, କନିଷି, ଗଞ୍ଜାମ

**ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ତରଭା**
**ଜିଲ୍ଲା- ସୁବର୍ଣ୍ଣପୁର, ଓଡ଼ିଶା - ୭୬୭୦୧୬**
**NOTIFIED AREA COUNCIL, TARBHA**
**Dist.-Subarnapur, Odisha- 767016**
nactarbha@gmail.com
No.40/ Date 06.01.2021

**TENDER CALL NOTICE**

The Executive Officer, NAC, Tarbha, Dist.- Subarnapur inviting sealed tenders in conformity with Detailed Tender Call Notice (DTCN) from the intending eligible Registered Contractors registered with PHEO/RWSS/RD/WR/PWD etc. Govt. of Odisha so as to be eventually drawn up in PWD F2 Contract Form, for executing following works under NAC, Tarbha for the following Development Projects. A set of tender document can be had from the Office of the Executive Officer, NAC, Tarbha on working days during office hours as mentioned below.

| | |
|---|---|
| Total Nos. of Civil works | 2 (Two) Nos. |
| Value of works | Rs.1.97 lakhs to 2.00 lakhs |
| Last date & time of sale of tender paper | Upto 01.00 P.M. of 18.01.2021 |
| Last date & time of receipt of BID | Upto 05 P.M. of 19.01.2021 |
| Date & time of opening bid | At 11.00 A.M. of 20.01.2021 |
| Period of completion | 15 (Thirty) days |

The Authority reserves the right to reject any or all tender against any reason thereof.

Sd./-Executive Officer
NAC, Tarbha

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୭ ଜାନୁୟାରୀ, ୨୦୨୧



## ରେଳ ଲାଇନରୁ ମୃତଦେହ ଜବତ

କଣ୍ଟାବାଞ୍ଜି(ଡି.ଏନ.ଏ.): କଣ୍ଟାବାଞ୍ଜି-ରାୟପୁର ସେକ୍ସନର ମହୁଲବାହାଲି ନିକଟ ରେଳ ଲାଇନରେ ବୁଧବାର ସକାଳେ ଜିଆର୍‌ପି ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଛି । ମୃତକଙ୍କ ପରିଚୟ ମିଳିପାରି ନାହିଁ । ଏ ନେଇ ଏକ ଅପମୃତ୍ୟୁ ମାମଲା(ନଂ.୧/୨୦) ରୁଜୁ କରି ଜିଆର୍‌ପି ଅଧିକ ଅନୁସନ୍ଧାନ ଜାରି ରଖିଛି । ମୃତଦେହକୁ ସ୍ଥାନୀୟ ସରକାରୀ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଯାଇଛି ।

# ୧୪ମାସ ପୁଅର ଚିକିତ୍ସା ଚିନ୍ତା

■ପୁଅ ଜନ୍ମ ପରେ ଘରକୁ ଫେରି ନାହାନ୍ତି ବାପା

■ଚିକିତ୍ସା ପାଇଁ ପ୍ରତିବନ୍ଧକ ସାଜିଛି ଅର୍ଥ

ବରଗଡ଼ ଅଫିସ୍,୬।୧

ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ଼ ନଂ-୧ ନିଗମାନନ୍ଦ ବିହାର ବାସିନ୍ଦା ପୂଜା ଓ କଲ୍ଲୁ ଯାଦବଙ୍କ ୧୪ମାସର ପୁଅ ସାଇ । ଏ ପର୍ଯ୍ୟନ୍ତ ଚାଲି ପାରୁନାହିଁ କି ମୁଣ୍ଡ ସଳଖି ପାରୁନାହିଁ। ସବୁବେଳେ ଶେଜରେ ପଡି ରହିଛି। ପୁଅ ଜନ୍ମ ପରେ ବାପା କଲ୍ଲୁ ରାଜ୍ୟ ବାହାରକୁ କାମ କରିବାକୁ ଯାଇଛନ୍ତି ଯେ, ଆଉ ଫେରି ନାହାନ୍ତି। ତାଙ୍କ ସହିତ ଆଉ କୌଣସି ଯୋଗାଯୋଗ ହୋଇପାରୁ ନାହିଁ। ଏପରି ପରିସ୍ଥିତିରେ ସାଇର ଚିକିତ୍ସା ପାଇଁ ମା'ପୂଜାଙ୍କ ଚିନ୍ତା ବଢ଼ିଛି।

ସୂଚନା ଅନୁଯାୟୀ, ବରଗଡ଼ ନିଗମାନନ୍ଦ ବିହାରସ୍ଥିତ ଜଗନ୍ନାଥ ଓ କିଶୋରୀ ବନଛୋରଙ୍କ ଝିଅ ପୂଜା ମଧ୍ୟପ୍ରଦେଶର ଦମୋ ନିବାସୀ କଲ୍ଲୁ ଯାଦବଙ୍କୁ ବିବାହ କରିଥିଲେ। ପ୍ରଥମ ସନ୍ତାନ ଭାବେ ସାଇ ବରଗଡ଼ର ଏକ ଘରୋଇ ନର୍ସିଂହୋମରେ ଜନ୍ମ ନେଇଥିଲେ। ଏବେ ପୂଜା ପୁଅକୁ ଧରି ବାପଘରେ ଆଶ୍ରୟ ନେଇଛନ୍ତି । ବାପାଙ୍କ ଆର୍ଥିକ ସମ୍ବଳ ସେଭଳି ଭଲ ନାହିଁ । ଜମିବାଡ଼ି ନ ଥିବାରୁ ବାପା ଜଗନ୍ନାଥ ମିସ୍ତ୍ରୀ କାମ କରନ୍ତି । ମାଆ କିଶୋରୀ କୁଲି ମଜୁରୀ କରନ୍ତି।



ମା'ପୂଜା କୋଳରେ ସାଇ।

ପୂଜାଙ୍କ ଭାଇ ରାଜା କଲେଜରେ ପଢୁଛନ୍ତି। ଏକ ଭଡ଼ାଘରେ ସେମାନେ ରହୁଛନ୍ତି। ଏହି ଦମ୍ପତିଙ୍କ ରୋଜଗାରରେ ତାଙ୍କ ପରିବାର ଚଳେ । ସରକାରୀ ସହାୟତା କହିଲେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ(ଏନଏଫଏସଏ)ରେ ସେମାନଙ୍କୁ ମାସିକ ମାତ୍ର ୧୫ କେଜି ଚାଉଳ ମିଳେ ବୋଲି କହିଛନ୍ତି କିଶୋରୀ। ଏଭଳି ଦୁର୍ବିସହ ଜୀବନ ଅତିବାହିତ କରୁଥିବା ପରିବାର ସାଇଙ୍କ ଚିକିତ୍ସା କରାଇ ପାରୁ ନାହାନ୍ତି। ତଥାପି କିଛିମାସ ତଳେ ଧାରକରଜ କରି ବରଗଡ଼ର ଏକ ଘରୋଇ ଡାକ୍ତରଖାନାରେ ସାଇଙ୍କ ଚିକିତ୍ସା କରିଥିଲେ ଜଗନ୍ନାଥ। ମାତ୍ର କିଛି ସୁଫଳ ମିଳି ନାହିଁ। ସାଇ ଅସୁସ୍ଥ ଥିବାରୁ ପୂଜା ତାକୁ ଜଗି ରହିଛନ୍ତି। ଉଚ୍ଚତର ଚିକିତ୍ସା କରାଗଲେ ସାଇ ସୁସ୍ଥ ହେବ ବୋଲି ପରିବାର ଲୋକେ ଆଶା ବାନ୍ଧିଛନ୍ତି। ମାତ୍ର ଚିକିତ୍ସା ପାଇଁ ସେମାନଙ୍କୁ ଅର୍ଥ ପ୍ରତିବନ୍ଧକ ସାଜିଛି। ଏହି ପରିସ୍ଥିତିରେ କୌଣସି ସହୃଦୟ ବ୍ୟକ୍ତି କିମ୍ବା ସରକାର ସହଯୋଗର ହାତ ବଢ଼ାଇଲେ ସାଇ ଆରୋଗ୍ୟ ଲାଭ କରି ପାରିବ ବୋଲି ପରିବାର ଲୋକେ କହିଛନ୍ତି।

## ସଂକ୍ଷେପରେ

### ଧାନମଣ୍ଡି ପରିଦର୍ଶନ କଲେ ବିଧାୟକ

ଖପ୍ରାଖୋଲ, ୬।୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ଥିବା ବିଭିନ୍ନ ଧାନମଣ୍ଡିକୁ ପାଟଣାଗଡ ବିଧାୟକ ସରୋଜ ମେହେର ମଙ୍ଗଳବାର ବୁଲି ଦେଖିଛନ୍ତି। ଏହି ଅବସରରେ ଧଣ୍ଡାମୁଣ୍ଡା ଧାନମଣ୍ଡିରେ କଟନୀଛଟନୀ ହେଉଥିବା ନେଇ ନେଇ ବିଧାୟକଙ୍କୁ ଚାଷୀମାନେ ଫେରାଦ ହୋଇଥିଲେ। ବିଧାୟକ ପ୍ରଥମେ ଲୁହାସିଂହା କୃଷି ସମବାୟ ସମିତି, ଯୁରିଆ ଧାନ ମଣ୍ଡିରେ ପହଞ୍ଚି ଚାଷୀଙ୍କୁ ଧାନ କିଣାବିକା ଉପରେ ପଚାରି ବିଝିଥିଲେ । ପରେ ଭାନପୁର, ଧଣ୍ଡାମୁଣ୍ଡା, ତେଲେନପାଲି, ମହରାପଦର, ଖପ୍ରାଖୋଲ ଧାନ ମଣ୍ଡିକୁ ଯାଇଥିଲେ। ଏହି ପରିଦର୍ଶନ ସମୟରେ ନିଜେ ବିଧାୟକ ମିଲର୍ସମାନଙ୍କ ମନମାନି ଓ କଟନୀ ଛଟନୀ ଉପରେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏ ଦିଗରେ ଉଚିତ ପଦକ୍ଷେପ ନିଆଯିବ ବୋଲି ଚାଷୀମାନଙ୍କୁ ଆସ୍ୱାଶନା ଦେଇଥିଲେ। ବିଧାୟକଙ୍କ ଗସ୍ତ ସମୟରେ ନରେନ୍ଦ୍ର ଭୋଇ, ସୁଶୀଲ ପଧାନ, ଗୋପାଳ ସାହୁ, ପରମାନନ୍ଦ ସୁନା, ପବିତ୍ର ପୁଟେଲ, ପଞ୍ଚୁଦେବ ସାହୁ ପ୍ରମୁଖ ପ୍ରମୁଖ ଉପସ୍ଥିତ ଥିଲେ ।

### ସମ୍ପନ୍ନ ହେଲା ଡମେନ ବାଈ ପୂଜା

ଲାଠୋର, ୬।୧(ଡି.ଏନ.ଏ.) : ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଲାନ୍ଥ ନଦୀ ନିକଟ ପାଢେଲ ଡୁଙ୍ଗୁରିଠାରେ ବୁଧବାର ଡମେନ ବାଈଙ୍କ ପୂଜା ସମ୍ପନ୍ନ ହୋଇଛି। ଚଳିତ ବର୍ଷ ବନ୍ଧପଡାର କିଶୋର ସେଠ, ହରି ବାରିକ, ମୁରଲୀ ଭଇଷାଲଙ୍କ ଆବାହକତ୍ୱରେ ପୂଜା ହୋଇଥିଲା। ଦେବୀଙ୍କ ନିକଟରେ ପ୍ରଥମେ ଗୋରୁ ଚମଡା ପୋଡି ଆହୁତି ଦେଲା ପରେ ଝାଙ୍କର ଅଲେଖ ଖର୍ସେଲ ପୂଜାରମ୍ଭ କରିଥିଲେ। ଦେହୁରୀ ମନୁ ଭଇଷାଲଙ୍କ ଶରୀରରେ ଦେବୀ ସବାର ହେବା ପରେ ପ୍ରଥମେ କାଳୀ ପେଣ୍ଡି ବଳି ଦିଆଯାଇଥିଲା। ପରେ ଶ୍ରଦ୍ଧାଳୁମାନେ ପଶୁପକ୍ଷୀ ବଳି ଦେଇଥିଲେ।

### ଶାଶ୍ୱତ ସଙ୍ଗୀତ ନାଟକ ଏକାଡେମୀର ସଭ୍ୟ

ସୋନପୁର,୬।୧(ନି.ପ୍ର.): ପଶ୍ଚିମ ଓଡିଶାର ଜଣାଶୁଣା କଣ୍ଠଶିଳ୍ପୀ, ସଙ୍ଗୀତଜ୍ଞ ଶାଶ୍ୱତ କୁମାର ତ୍ରିପାଠୀ ଓଡିଶା ସଙ୍ଗୀତ ନାଟକ ଏକାଡେମୀର ସଭ୍ୟ ଭାବେ ମନୋନୀତ ହୋଇଛନ୍ତି । ରାଜ୍ୟ ସରକାରଙ୍କ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବେସରକାରୀ ସଭ୍ୟ ଭାବେ ସୁବର୍ଣ୍ଣପୁର ଜିଲାରୁ ଶାଶ୍ୱତଙ୍କୁ ମନୋନୀତ କରାଯାଇଛି । ତାଙ୍କର କାର୍ଯ୍ୟକାଳ ୩ ବର୍ଷ ରହିବ। ଯୁବ ପ୍ରତିଭାବାନ କଣ୍ଠଶିଳ୍ପୀଙ୍କୁ ଏକାଡେମୀର ସଭ୍ୟ ଭାବେ ମନୋନୀତ କରାଯାଇ ଥିବାରୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି । ବିନିକା ବ୍ଲକ ସେଲେଡିର ଶାନ୍ତିଲତା ଓ ଲମ୍ବୋଦର ତ୍ରିପାଠୀଙ୍କ ପୁତ୍ର ଶାଶ୍ୱତ ଜଣେ କଳା ସାଧକ । ସେ ସଙ୍ଗୀତରେ ମଜ୍ଜି ରହିବା ସହ ବହୁ କୋଶଲି/ସମ୍ବଲପୁରୀ ଆଲବମ୍ ପ୍ରସ୍ତୁତ କରିଛନ୍ତି । ସେହିପରି ପାରମ୍ପରିକ ଲୋକନୃତ୍ୟ ଓ ଲୋକସଙ୍ଗୀତର ପ୍ରଚାର ପ୍ରସାର ପାଇଁ ରୁମ୍‌କୁଝୁମାନା ନାମକ ଅନୁଷ୍ଠାନ ଗଢି ରାଜ୍ୟ ଓ ରାଜ୍ୟ ବାହାରେ ଏହାକୁ ପରିବେଷଣ କରି ସୁନାମ ଆଣିଛନ୍ତି।

### ମୁଖ୍ୟ କେନାଲ ରାସ୍ତା ସଫେଇ କଲା ମିନିଟ୍ରକ୍ ସଂଘ

ଡୁଙ୍ଗୁରିପାଲି,୬।୧(ଡି.ଏନ.ଏ): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଦେଇ ଯାଇଥିବା ୨୬ ନଂ ଜାତୀୟ ରାଜପଥଠାରୁ ଡୁଙ୍ଗୁରିପାଲି ସହରର ମୁଖ୍ୟ କେନାଲ କଲେଜ ରୋଡ ପର୍ଯ୍ୟନ୍ତ ଯାଇଥିବା ରାସ୍ତାକୁ ବୁଧବାର ସ୍ଥାନୀୟ ମିନିଟ୍ରକ ସଂଘ କର୍ମକର୍ତ୍ତା ସଫେଇ କରିଛନ୍ତି। ରାସ୍ତା ସଫା କରିବାକୁ ସ୍ଥାନୀୟ ସରପଞ୍ଚଙ୍କଠାରୁ ଆରମ୍ଭ କରି ବିଡିଓଙ୍କ ପର୍ଯ୍ୟନ୍ତ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କୌଣସି ସୁଫଳ ମିଳି ନ ଥିଲା। ବ୍ୟସ୍ତବହୁଳ ଏହି ରାସ୍ତାର ଉଭୟପାର୍ଶ୍ୱରେ କୁଢ କୁଢ ଅଳିଆ ଆବର୍ଜନା ଗଦା ହୋଇ ରହିଥିଲା। ଅନାବନା ଗଛ ଉଠି ପରିବେଶ ଅସ୍ୱାସ୍ଥ୍ୟକର ହୋଇ ପଡିଥିଲା। ପ୍ରଶାସନ କୌଣସି ପଦକ୍ଷେପ ନ ନେବାରୁ ଶେଷରେ ଜୟ ମିନିଟ୍ରକ ସଂଘ ସମ୍ପାଦକ ଚିନ୍ତାମଣୀ ମେହେରଙ୍କ ନେତୃତ୍ୱରେ ସଭାପତି ବେହେରା, କୁବେର ସାହୁ, ମାର୍କା ମେହେର, ମଣି ସାହୁ, ବିପିନ ଭୋଇ, ଶିବ ସରାଫ, ଦାମୋଦର କର୍ଣ୍ଣଙ୍କ ସମେତ ସଂଘ ସମସ୍ତ କର୍ମକର୍ତ୍ତା ଏକାଠି ହୋଇ ରାସ୍ତାର ଦୁଇପାର୍ଶ୍ୱ ସଫେଇ କରିଥିଲେ ।

# ସମଲେଇ ମନ୍ଦିର କାର୍ଯ୍ୟର ଅନୁଧ୍ୟାନ କଲେ ଜିଲାପାଳ

ବିନିକା,୬।୧(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲାପାଳ ମୋନିଷା ବାନାର୍ଜୀ ବୁଧବାର ବିନିକା ବ୍ଲକ ସିଂଘିଯୁବା ଗସ୍ତ କରିଥିଲେ। ଏହି ଅବସରରେ ସେ ଗ୍ରାମ ବଡବନ୍ଧ କୂଳରେ ନବନିର୍ମିତ ସମଲେଶ୍ୱରୀ ମନ୍ଦିର ଓ ସିଂଘିଯୁବା ହାଇସ୍କୁଲ ପଛପଟେ ଚାଲିଥିବା ନୂତନ ଖେଳପଡିଆ ନିର୍ମାଣ କାର୍ଯ୍ୟ ଅନୁଧ୍ୟାନ କରିଥିଲେ । ମନ୍ଦିର ତଥା ଏହାର ପାର୍ଶ୍ୱବର୍ତ୍ତୀ ସ୍ଥାନରେ ଲୋକଙ୍କ ପାଇଁ ନିର୍ମିତ ଉନ୍ନୟନ କାମ ମଧ୍ୟ ଦେଖିଥିଲେ । ୧୫ ଏକର ପରିମିତ ସିଂଘିଯୁବା ବଡବନ୍ଧରେ ଗାର୍ଡୱାଲ ଓ ଗାଧୁଆ ଘାଟ ନିର୍ମାଣ କାର୍ଯ୍ୟ ଅନୁଧ୍ୟାନ କରିଥିଲେ । ସେହିପରି ଖେଳପଡିଆ କିପରି ଅଧିକ ଭଲ ହେବ ସେ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ବିଡିଓ ନିରଞ୍ଜନ ନାୟକ ଓ ବ୍ଲକ ଅଧ୍ୟକ୍ଷ ଅଶୋକ ନନ୍ଦଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ। ଗସ୍ତରେ ମହେଶ୍ୱର ମହାକୁର, ସରପଞ୍ଚ ମହାବୀର ବରିହା, ବିଜେଡି ନେତା ମନୋଜ ସାହୁ, ଆଶିଷ ରଞ୍ଜନ ଦାଶ, ପ୍ରତାପ ଚାନ୍ଦ, ଏସ. ତ୍ରିପାଠୀ, ପବିତ୍ର ଶର୍ମା, ଭଗବାନ ସେଠୀ, କ୍ଷୀରସାଗର ବିଭାର ପ୍ରମୁଖ ସାମିଲ ଥିଲେ।

## ଅଟଳ ଟିଙ୍କେରିଙ୍ଗ ଲାବ୍ ଉଦ୍‌ଘାଟିତ

ଖପ୍ରାଖୋଲ, ୬।୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଯୁରିଆ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଭାରତ ସରକାରଙ୍କ ନୀତି ଆୟୋଗ ସହାୟତାରେ ଅଟଳ ଟିଙ୍କେରିଙ୍ଗ ଲ୍ୟାବ୍ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଅତିଥିଭାବେ ବିଇଓ ଷଷ୍ଠିପ୍ରସାଦ ଝାଙ୍କର, ବ୍ଲକ ସହଶିକ୍ଷା ଅଧିକାରୀ ବୀରେନ୍ଦ୍ର କୁମାର ସାହୁ, ବିଜ୍ଞାନ ଶିକ୍ଷକ ଶିବ ପ୍ରସାଦ ମେହେର ଯୋଗଦେଇ ଲ୍ୟାବ୍‌କୁ ଉଦ୍‌ଘାଟନ କରିଥିଲେ। ୧୨ଲକ୍ଷ ଟଙ୍କା ବ୍ୟୟବରାଦରେ ନିର୍ମିତ ଲ୍ୟାବ୍ ଛାତ୍ରୀଛାତ୍ରଙ୍କ ବିଜ୍ଞାନ ସମ୍ବନ୍ଧିତ ଜ୍ଞାନ ବୃଦ୍ଧି ସହ ବିଜ୍ଞାନଭିତ୍ତିକ ଅଭ୍ୟାସ ଏବଂ ପ୍ରୟୋଗରେ ଉପଯୋଗୀ ହୋଇପାରିବ ବୋଲି ଅତିଥିମାନେ କହିଥିଲେ । କାର୍ଯ୍ୟକ୍ରମରେ ଅନୁଷ୍ଠାନ ସଭାପତି କୁଶଳ କୁମାର ମେହେର ଅଧ୍ୟକ୍ଷତା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ପରମାନନ୍ଦ ଖମାରୀ, ଜୟନ୍ତପାଲ ମେହେର, ପ୍ରେମାନନ୍ଦ ମେହେର, ହୃଷିକେଶ ମେହେର, ଅନ୍ତର୍ଯ୍ୟାମୀ ଦାଶ, ନରେନ୍ଦ୍ର ମେହେର ପ୍ରମୁଖ ଉପସ୍ଥିତ ଥିଲେ।

# ଅଭିଯୁକ୍ତଙ୍କ ଗିରଫ ଦାବି କଲେ ଗ୍ରାମବାସୀ

**ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକ ଗୁରୁତର ଘଟଣା**

■ଏଚ୍‌ଆରପିସିରେ ମାମଲା ରୁଜୁ ପରେ ବି କାର୍ଯ୍ୟାନୁଷ୍ଠାନ ହେଉନି

ଲୋଇସିଂହା, ୬।୧(ଡି.ଏନ.ଏ.)

ବାର୍‌ହା ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ହରଭଙ୍ଗା ଗାଁର ବେଣୁଧର ସିଂ(୨୫) ଗୁରୁତର ହୋଇଥିଲେ। ଇତିମଧ୍ୟରେ ଘଟଣାକୁ ଏକ ମାସ ବିତଛି। ହେଲେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିପାରିନାହିଁ। ଅଭିଯୁକ୍ତଙ୍କୁ ଗିରଫ ଦାବିରେ ବୁଧବାର ହରଭଙ୍ଗା ଗ୍ରାମବାସୀ ସାଲେଭଟା ଫାଣ୍ଡିର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ସେମାନେ ଦାବି କରିଥିଲେ। ଅପରପକ୍ଷରେ ଏହି ଘଟଣାରେ ଗ୍ରାମର ଜଗନ୍ନାଥ ସିଂ ନାମକ ଜଣେ ଯୁବକ ବଙ୍ଗାବହାଲ ଗାଁର ଦୁଇ ଜଣ ଯୁବକଙ୍କ ନାମରେ ବଲାଙ୍ଗୀର ଏଚଆରପିସିରେ ଲିଖିତ ଫେରାଦ ହୋଇଥିଲେ। ଏ ନେଇ ଏଚ୍‌ଆରପିସିରେ ଏକ ମାମଲା(ନଂ.୩୬୬/୨୦)ରୁଜୁ ହୋଇଛି। ବିଭାଗୀୟ ଡିଏସ୍‌ପି ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଗତ ଡିସେମ୍ବର ୨୩ ତାରିଖରେ ସାଲେଭଟା ଫାଣ୍ଡି ଅଧିକାରୀଙ୍କୁ ଜଣାଇଥିଲେ ହେଁ ଏ ଯାଏ କୌଣସି ପଦକ୍ଷେପ ନିଆଯାଇ ନାହିଁ।

ସୂଚନା ଅନୁଯାୟୀ ଗତ ଡିସେମ୍ବର ୧୮ତାରିଖ ସନ୍ଧ୍ୟାରେ ବେଣୁଧରଙ୍କ ସହ ଅନ୍ୟ କେତେକ ଶ୍ରମିକ ବିଶାଳପାଲିକୁ ଯାଉଥିଲେ । ବାଟରେ ବେଣୁଧର ମୁଷୁଣ୍ଡି-ବଙ୍ଗାବାହାଲ ଗାଁ ମଝିରେ ଥିବା ଏକ ପୋଖରୀ ବନ୍ଧକୁ ଶୌଚ ପାଇଁ ଯାଇଥିଲେ। ଏହି ସମୟରେ ବାର୍‌ହା ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ସେ ଗୁରୁତର ହୋଇଥିଲେ । ସାଥୀରେ ଥିବା ଶ୍ରମିକମାନେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଏହି ଘଟଣାକୁ ନେଇ ସେତେବେଳେ ଗାଁରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା।

## କୋଭିଡ୍ କଟକଣାରେ ହେବ ସାଧାରଣତନ୍ତ୍ର ଦିବସ

ବରଗଡ଼ ଅଫିସ୍,୬।୧

ବରଗଡ଼ ଜିଲାରେ ଆସନ୍ତା ୨୬ତାରିଖରେ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ଅଧ୍ୟକ୍ଷତା କରିଥିଲେ। କୋଭିଡ୍ କଟକଣା ପାଳନ ପୂର୍ବକ କେବଳ ପୋଲିସ ପରେଡ୍ ଦଳକୁ ନେଇ ଏହି ଜାତୀୟ ଉତ୍ସବ ପାଳନ ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା। ପରେଡ ଉତ୍ସବରେ ସୀମିତ ଦର୍ଶକ, ମାସ୍କ ପରିଧାନ, ସାମାଜିକ ଦୂରତା ଆଦି ନିୟମକୁ କଡ଼ାକଡ଼ି ଭାବେ ପାଳନ କରାଯିବ। ସକାଳ ୭ଟାରୁ ସାଢ଼େ ୭ଟା ମଧ୍ୟରେ ଆନୁଷ୍ଠାନିକ ପତାକା ଉତ୍ତୋଳନ, ୮ଟା ୧୫ମିନିଟ୍‌ରେ ଗାନ୍ଧୀଛକ ସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସାଢ଼େ ୮ଟାରେ ଜର୍ଜ ହାଇସ୍କୁଲ ପଡିଆରେ ଜାତୀୟ ପତାକା ଉତ୍ତୋଳନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କୃତ୍ତିବାସ ରାଉତ, ଉପଜିଲାପାଳ ପ୍ରଭାସ ଦଣ୍ଡସନାଙ୍କ ସମେତ ଜିଲାସ୍ତରୀୟ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

# ଅନୈତିକ ସମ୍ପର୍କରେ ବାଧାଦେବାରୁ ହତ୍ୟା

**ଅଗସ୍ତି ହତ୍ୟା ମାମଲାର ପର୍ଦ୍ଦାଫାଶ**

■ଖବରଦାତା ସମ୍ମିଳନୀରେ ପୋଲିସର ସୂଚନା

■ମହିଳା ସମେତ ୩ ଗିରଫ

ବୌଦ୍ଧ,୬।୧(ସ୍ୱ.ପ୍ର.)

ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦର ପୂର୍ବତନ କାଉନସିଲର ତଥା ରାଜନପାଲିର ଅଗସ୍ତି ମହାକୁଡ(୫୬) ହତ୍ୟା ମାମଲାର ପର୍ଦ୍ଦାଫାଶ ହୋଇଛି । ଜଣେ ବିଧବା ମହିଳାଙ୍କ ସହ ଅଭିଯୁକ୍ତ ସମ୍ପର୍କ ରଖିବା ଘଟଣାରେ ବାଧା ସୃଷ୍ଟି କରିବାରୁ ଏହି ହତ୍ୟାକାଣ୍ଡ ଘଟିଥିବା ବୌଦ୍ଧ ପୋଲିସ ପକ୍ଷରୁ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

ବୌଦ୍ଧ ଆରକ୍ଷୀ ଅଧୀକ୍ଷକ ଭି.ରଘୁନାଥ ରାଓଙ୍କ ଅଧ୍ୟକ୍ଷତାରେ ଏହି ଖବରଦାତା ସମ୍ମିଳନୀ ହୋଇଥିଲା। ପୋଲିସ ସୂଚନା ଅନୁଯାୟୀ ରାଜନପାଲି ଗ୍ରାମର ଜଣେ ମହିଳା (୩୫) ଓ ସାନବାଗବର ଗ୍ରାମର ବିନୋଦ ବେହେରା (୨୫)ଙ୍କ ମଧ୍ୟରେ ଅନୈତିକ ସଂପର୍କ ଗଢି ଉଠିଥିଲା । ଏହା ଜାଣିବା ପରେ ୧୧ ନଂ ୱାର୍ଡର ପୂର୍ବତନ କାଉନସିଲର ଅଗସ୍ତି ବିରୋଧ କରିଥିଲେ। ଏହାକୁ ନେଇ ବିନୋଦଙ୍କ ସହ ତାଙ୍କର ଶତ୍ରୁତା ଥିଲା । ଗତ ୩୦ ତାରିଖ ଅପରାହ୍ନରେ ଅଗସ୍ତି ଘରୁ ବାହାରକୁ ଯାଇ ଆଉ ଫେରି ନ ଥିଲେ। ଏ ନେଇ ତାଙ୍କ ସ୍ତ୍ରୀ ଶାନ୍ତିଲତା ବୌଦ୍ଧ ଥାନାରେ ଅଭିଯୋଗ କରିଥିଲେ। ଗତ ୩ ତାରିଖ ଦିନ ଜିଲାପାଳଙ୍କ ପୁରୁଣାକୋଠା ଠାରୁ ଅଳ୍ପ ଦୂର ଏକ ବିଲରୁ ଅଗସ୍ତିଙ୍କ ମୃତଦେହ ଉଦ୍ଧାର ହୋଇଥିଲା।



ବୌଦ୍ଧ ପୋଲିସ ପକ୍ଷରୁ ଖବରଦାତା ସମ୍ମିଳନୀ।

ପୋଲିସ ଏହି ଘଟଣାର ଖୋଳତାଡ କରିବା ପରେ ଜାଣିବାକୁ ପାଇଥିଲା ଯେ, ସେଦିନ ମୁଖ୍ୟ ଅଭିଯୁକ୍ତ ବିନୋଦ ଓ କଣ୍ଟୁଆଣି ଗ୍ରାମର ଅନ୍ୟ ଅଭିଯୁକ୍ତ ବେଲାରସନ ମହାକୁଡ (୪୯) ଙ୍କ ସହ ଅଗସ୍ତି ବୁଲାବୁଲି କରୁଥିଲେ। ପୋଲିସ ଉଭୟଙ୍କୁ ଥାନାକୁ ଆଣି ପଚାରାଉଚରା କରିଥିଲା। ବିନୋଦ ପୋଲିସ ଆଗରେ ଅଗସ୍ତିଙ୍କ ତଣ୍ଟି ଚିପି ହତ୍ୟା କରାଯାଇଥିବା ଓ ତାଙ୍କ ମୁଣ୍ଡକୁ ମାଡ ମରାଯାଇଥିବା ସ୍ୱୀକାର କରିଥିଲେ। ଅନ୍ୟ ଅଭିଯୁକ୍ତ ବେଲାରସନ ସହଯୋଗ କରିଥିଲେ। ସମ୍ପୃକ୍ତ ମହିଳା ଜଣକ ଉକ୍ତ ଦିନ ମଦ ପିଇବାକୁ ଟଙ୍କା ଦେବା ସହ ସେମାନଙ୍କ ସହ ଫୋନରେ କଥାବାର୍ତ୍ତା କରିଥିବା ତଦନ୍ତରୁ ଜଣାପଡିଥିଲା। ଏନେଇ ବୌଦ୍ଧ ଆଦର୍ଶ ଥାନାରେ ଏକ ହତ୍ୟା ମାମଲା(କେଶ ନଂ- ୫ / ୨୦୨୧ ) ରୁଜୁ କରାଯାଇ ବିନୋଦ, ବେଲାରସନ ମହାକୁଡ ଓ ସମ୍ପୃକ୍ତ ମହିଳାଙ୍କୁ ଗିରଫ କରାଯାଇ ବୁଧବାର କୋର୍ଟ ଚାଲାଣ କରାଯାଇଛି। ଏଥିସହିତ ହତ୍ୟାକାରୀମାନେ ବ୍ୟବହାର କରିଥିବା ଏକ ବୁଲେଟକୁ ପୋଲିସ ଜବତ କରିଛି। ଏହି ଖବରଦାତା ସମ୍ମିଳନୀରେ ଏସଡିପିଓ ସାଲେଷ୍ଟିନ ଟିଗା ଓ ବୌଦ୍ଧ ଥାନା ଅଧିକାରୀ ତପସ୍ୱିନୀ କହଁର ଉପସ୍ଥିତ ଥିଲେ।

# ଫୁଟ୍‌ବଲ: ସେମିରେ ନକଟାସର

ଲୋଇସିଂହା, ୬।୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କୁଶମେଲରେ ୪୨ତମ ବାର୍ଷିକ ଫୁଟବଲ ପ୍ରତିଯୋଗିତା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଦିବସରେ ଏ ଗ୍ରୁପର ୩ଟି ଯାକ ମ୍ୟାଚ ଖେଳାଯାଇଥିଲା। ପ୍ରଥମ ମ୍ୟାଚରେ ଗେର୍ଡିକୁ ହରାଇ ଖଲିଆପାଲି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ ମାଗୁରବେଡାକୁ ହରାଇ ନକଟାସର ବିଜୟୀ ହୋଇଥିଲା। ଏହା କ୍ୱାର୍ଟର ଫାଇନାଲ ମ୍ୟାଚରେ ଖଲିଆପାଲିକୁ ହରାଇ ନକଟାସର ସେମିଫାଇନାଲରେ ପ୍ରବେଶ କରିଛି। ଗ୍ରାମର ଜୟଦୁର୍ଗା ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ୫ଦିନ ଧରି ଏହି ପ୍ରତିଯୋଗିତା ଆୟୋଜିତ ହେବ । ସୁରେଶ ନାଏକ, ଉମେଶ ଭୋଇ ଓ ସଞ୍ଜୀବ ମହାରଣା ଖେଳ ପରିଚାଳନା କରିଥିଲେ । ଅମରଜିତ ପଟେଲ, କିଶୋର ପଟେଲ ଓ ପ୍ରଭୁଦତ୍ତ ମିଶ୍ର ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ ।

## ଯୋଗ୍ୟବ୍ୟକ୍ତିଙ୍କୁ ପ୍ରଧାନମନ୍ତ୍ରୀ ଆବାସ ବଣ୍ଟନ ଦାବିରେ ଅନଶନ

ବଲାଙ୍ଗୀର ଅଫିସ, ୬।୧

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ତଲିଉଡାର ପଞ୍ଚାୟତର ବିଭିନ୍ନ ଗାଁର ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଦିଆଯାଉନାହିଁ । ୨୦୧୧ ସାମାଜିକ ଆର୍ଥିକ ଜାତିଗଣନା ଆଧାରରେ ଯୋଗ୍ୟ ହିତାଧିକାରୀଙ୍କୁ ଘର ଯୋଗାଇ ଦେବାକୁ ବାରମ୍ବାର ଦାବି ସତ୍ତ୍ୱେ ପ୍ରଶାସନ କୌଣସି ପଦକ୍ଷେପ ନେଉନାହିଁ। ପ୍ରତିବାଦରେ ପଞ୍ଚାୟତର କେତେକ ଆବାସ ଆଶାୟୀ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିଛନ୍ତି। ଦାବି ପୂରଣ ନହେବା ପର୍ଯ୍ୟନ୍ତ ଅନଶନ ଜାରି ରହିବ ବୋଲି ଗାଁର କଳାକାହ୍ନୁ ପଟେଲ କହିଛନ୍ତି।



ପଦ୍ମଶ୍ରୀ ଡ. ଶ୍ରୀନିବାସ ଉଦ୍‌ଗାତାଙ୍କୁ ଜନ୍ମଦିନ ଅବସରରେ ବୁଧବାର ତାଙ୍କ ବଲାଙ୍ଗୀର ରାଧାରାଣୀପଡାସ୍ଥିତ ଘର କବିକୁଟୀରରେ ସମ୍ବର୍ଦ୍ଧିତ କରାଯାଉଛି ।

## କପାର ଶ୍ରେଣୀକରଣ, ବିକ୍ରିବଟା ତାଲିମ ଶିବିର

ସୋନପୁର,୬।୧(ନି.ପ୍ର.): ବୀରମହାରାଜପୁର କୃଷି ସୂଚନା ପରାମର୍ଶ କେନ୍ଦ୍ର ସଭାଗୃହରେ କପା ବୈଷୟିକ ମିଶନ ସହାୟତାରେ କପାର ଶ୍ରେଣୀ କରଣ ଓ ବିକ୍ରିବଟା ସମ୍ପର୍କିତ ଦୁଇଦିନିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରଶାନ୍ତ କୁମାର ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କପାର ଶ୍ରେଣୀକରଣ ଓ ବଜାର ସୁବିଧା ବିଷୟରେ ବୁଝାଇଥିଲେ। ଉପ ପ୍ରକଳ୍ପ ନିର୍ଦ୍ଦେଶକ ଆତ୍ମା ତୁଷାର ରଞ୍ଜନ ମିଶ୍ର, ମୃତ୍ତିକା ରସାୟନବିତ୍ ପ୍ରଦୀପ କୁମାର ସ୍ୱାଇଁ, ଯୋଜନା ଅଧିକାରୀ ଲଳିତ କୁମାର ସାହୁ, ସହକାରୀ ଯନ୍ତ୍ରୀ ଇଂ ପ୍ରିୟଙ୍କା ବେହେରା ପ୍ରମୁଖ ଯୋଗଦେଇ କପା ଫସଲର ଅମଳ ପରବର୍ତ୍ତୀ ଯତ୍ନ, ବିକ୍ରିବଟା ସମ୍ପର୍କରେ ୫୦ରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ବୈଷୟିକ ଜ୍ଞାନ କୌଶଳ ପ୍ରଦାନ କରିଥିଲେ। ସହକାରୀ ବୈଷୟିକ ପରିଚାଳକ ମୀନକେତନ ମହାକୁର ତାଲିମ ପରିଚାଳନା କରିଥିଲେ। ସହକାରୀ କୃଷି ଅଧିକାରୀ କାଳନ୍ଦୀ ପରିଡା ତାଲିମର ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସହକାରୀ କୃଷି ଅଧିକାରୀ ତୁଷାରକାନ୍ତ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ବିଟିଏମ୍(ବ୍ଲକ ଟେକ୍‌ନୋଲୋଜି ମ୍ୟାନେଜର) ଜିତେନ୍ଦ୍ର ମେହେର, ଏଟିଏମ (ଆସିଷ୍ଟାଣ୍ଟ ଟେକ୍‌ନୋଲୋଜି ମ୍ୟାନେଜର) ଚନ୍ଦ୍ରଶେଖର ନାୟକ, ସମସ୍ତ ଗ୍ରାମ୍ୟ କୃଷି କର୍ମଚାରୀ ଓ କୃଷକ ସାଥୀ ଉପସ୍ଥିତ ଥିଲେ।

# ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ

ସୋନପୁର,୬।୧(ନି.ପ୍ର.)

ସୁବର୍ଣ୍ଣପୁର କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ୧୭ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି)ର କୁଳପତି ଡ. ପବନ କୁମାର ଅଗ୍ରୱାଲା, ସମ୍ପ୍ରସାରଣ ନିର୍ଦ୍ଦେଶାଳୟର ଅଧ୍ୟକ୍ଷ ଡ. ଲଳିତ ମୋହନ ଗଡନାୟକ, ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ମୁଖ୍ୟ ବୈଜ୍ଞାନିକ ଡ. ଫିରୋଜ ରେହମାନ ଓ ଭାରତୀୟ ଜଳ ପରିଚାଳନା ସଂସ୍ଥାନର ବୈଜ୍ଞାନିକ ଡ. ପ୍ରଭାକର ନନ୍ଦ ପ୍ରମୁଖ ଗୁଗୁଲ ମିଟ୍ ମାଧ୍ୟମରେ ଅନଲାଇନ୍ ପ୍ଲାଟ୍‌ଫର୍ମରେ ଯୋଗଦାନ କରିଥିଲେ । ଡ. ଗଡନାୟକ କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ଉପଦେଷ୍ଟାମଣ୍ଡଳୀ ବୈଠକର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ ମୁଖ୍ୟଅତିଥି ଭାବେ ଯୋଗଦାନ କରି କୃଷି ବିଜ୍ଞାନ କେନ୍ଦ୍ର ଚାଷୀମାନଙ୍କର ସମସ୍ୟାକୁ ସମାଧାନ କରିବା ସହ ନୂତନ ଜ୍ଞାନ କୌଶଳ ଯୋଗାଇ ପାରୁଛି ବୋଲି କହିଥିଲେ । ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରଶାନ୍ତ ପଟ୍ଟନାୟକ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ବୀରବର ବେହେରା, ଜିଲା ମତ୍ସ୍ୟ ସମ୍ପଦ ଅଧିକାରୀ ପ୍ରସନ୍ନ କୁମାର ପଟ୍ଟନାୟକ, ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ନରେନ୍ଦ୍ର ସାହୁ, ସହକାରୀ ବନ ସଂରକ୍ଷକ ସୁଶିଲ କୁମାର ତ୍ରିପାଠୀ, ଜିଲା ସମାଜ ମଙ୍ଗଳ ଅଧିକାରୀ ଅସ୍ତ୍ରେରିଆ କେର୍କେଟା, ବୌଦ୍ଧ, ବଲାଙ୍ଗୀର ଓ ବରଗଡ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକଙ୍କ ସମେତ ଜିଲାର ଅଗ୍ରଣୀ ଚାଷୀମାନେ ଯୋଗ ଦେଇଥିଲେ । କୃଷି କ୍ଷେତ୍ରରେ କୃଷକମାନଙ୍କର ଆୟକୁ ଦ୍ୱିଗୁଣିତ କରିବା ନିମନ୍ତେ ଉଦ୍ୟାନ କୃଷି ଉପରେ ପ୍ରାଧାନ୍ୟ ଦେବା ସହିତ ଉଦ୍ୟୋଗୀକରଣ ଆଡକୁ ଚାଷୀଙ୍କୁ ଉତ୍ସାହିତ କରିବା ଉପରେ ଗୁରୁତ୍ୱ ଦିଆ ଯାଇଥିଲା । ସେହିପରି ସାର ଏବଂ କୀଟନାଶକର ଅଦରକାରୀ ଖର୍ଚ୍ଚ କାଟ, ଚାଷୀର ଆୟ ବୃଦ୍ଧି ଓ ଜୈବିକ କୃଷିକୁ ବଢାଇବା ନିମନ୍ତେ ଆବଶ୍ୟକ ଜ୍ଞାନକୌଶଳର ପ୍ରଚାର ଓ ପ୍ରସାର ନିମନ୍ତେ ଜିଲା ମୁଖ୍ୟ କୃଷି ଅଧିକାରୀ ପଟ୍ଟନାୟକ ଆହ୍ୱାନ ଦେଇଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଗୀତାଞ୍ଜଳି ପ୍ରଧାନ, ସୁପ୍ରଭା ସେଠୀ ତଥା କାର୍ଯ୍ୟକ୍ରମ ସହାୟିକା ପ୍ରିୟମ୍ବଦା ଲୋପାମୁଦ୍ରା ରାୟ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ କେନ୍ଦ୍ରର ବୈଜ୍ଞାନିକ ସୁରଜ୍ୟୋତି ପ୍ରଧାନ ସଂଯୋଜନା କରିଥିଲେ । ଏହିଅବସରରେ କେଭିକେର ତ୍ରୈମାସିକ ସମାଚାର ପତ୍ର ସୁବର୍ଣ୍ଣା ଓ ସେଓ ଚାଷ ସମ୍ପର୍କିତ ପୁସ୍ତିକାକୁ ଅତିଥିବୃନ୍ଦ ଉନ୍ମୋଚନ କରିଥିଲେ।




ଅତିଥି ବୃନ୍ଦ ପୁସ୍ତିକାକୁ ଉନ୍ମୋଚନ କରୁଛନ୍ତି ।